

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17



Vol. 33 | ISSUE 329 ଭାଗ ୩୩ | ସଂଖ୍ୟା ୩୨୯ — Saturday 21 February 2026 | Page 8 Rs. 5.00 — ଭୁବନେଶ୍ୱର ଶନିବାର ୨୧ ଫେବୃଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

# ପ୍ରଗତି ଓ ସ୍ୱାଭିମାନକୁ ଅଗ୍ରାଧିକାର




| | |
|---|---|
| ପ୍ରଶାସନିକ ଖର୍ଚ୍ଚ | ୧.୧୪ଲକ୍ଷ କୋଟି |
| କାର୍ଯ୍ୟକ୍ରମ ଖର୍ଚ୍ଚ | ୧.୮୦ଲକ୍ଷ କୋଟି |
| ବିପର୍ଯ୍ୟୟ ପରିଚାଳନା | ୫,୩୭୫ କୋଟି |
| ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତର | ୧୦,୬୨୫କୋଟି |

## ୩ ଲକ୍ଷ ୧୦ ହଜାର କୋଟିର ବଜେଟ୍

ଭୁବନେଶ୍ୱର,୨୦।୨(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଡ଼ ବଜେଟ ଉପସ୍ଥାପନ କରିଛନ୍ତି। ଲୋକଙ୍କ ଉନ୍ନତିରେ ରାଜ୍ୟର ପ୍ରଗତି ଏହି ପ୍ରତିବଦ୍ଧତାକୁ ସାକାର କରିବା ପାଇଁ ୬ଟି ସ୍ତମ୍ଭ ଉପରେ ଏହି ବଜେଟରେ ଗୁରୁତ୍ୱ ଦିଆଯାଇଛି। ଏଥିରେ ସାଧାରଣ ଲୋକ, ପ୍ରଗତି ଓ ସ୍ୱାଭିମାନକୁ ଅଗ୍ରାଧିକାର ଦିଆଯାଇଛି। ରାଜ୍ୟ ବଜେଟ ନାଗରିକଙ୍କୁ ପ୍ରାଥମିକତା, ଗ୍ରାମୀଣ ସଶକ୍ତିକରଣ, ସମସ୍ତଙ୍କର ସମୃଦ୍ଧି, ଆମ ପରମ୍ପରା ଆମ ସ୍ୱାଭିମାନ, ପଥ ପ୍ରଦର୍ଶନକାରୀ ପ୍ରଯୁକ୍ତି ଓ ଲୋକକୈନ୍ଦ୍ରିକ ଶାସନ ଏହି ୬ଟି ସ୍ତମ୍ଭ ଉପରେ ଆଧାରିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରମାଣ ଜଣାଇ ବଜେଟ ଅଭିଭାଷଣ ରଖିଥିଲେ ମୁଖ୍ୟମନ୍ତ୍ରୀ। ସେ କହିଥିଲେ ଯେ ମହାପ୍ରଭୁଙ୍କ ମହିମାର ସଂରକ୍ଷଣ ଓ ସଂବର୍ଧନ ଆମର ପ୍ରଥମ କର୍ତ୍ତବ୍ୟ। ଏହି ପ୍ରତିବଦ୍ଧତା ସହ ସରକାର ପୁରୀରେ ପ୍ରାୟ ୧ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଏବଂ ଲାଇବ୍ରେରୀ କେନ୍ଦ୍ର ପ୍ରତିଷ୍ଠା କରିବା ସହ ଗୁଣ୍ଡିଚା ମନ୍ଦିର, ଏମାର ମଠ, ପ୍ରମୋଦ ଉଦ୍ୟାନ ଓ ଐତିହାସିକ ରଘୁନନ୍ଦନ ପାଠାଗାରର ଆଧ୍ୟାତ୍ମିକ ଗୌରବକୁ ପୁନରୁଦ୍ଧାର କରିବାକୁ ଯୋଜନା କରିଛନ୍ତି। ନିର୍ବାଚନ ପ୍ରତିଶ୍ରୁତି ରକ୍ଷା କରିବାକୁ ଯାଇ ଶ୍ରୀଜଗନ୍ନାଥଙ୍କ ରତ୍ନ ଭଣ୍ଡାରର ସମସ୍ତ ଅଳଙ୍କାରର ଏକ ବିସ୍ତୃତ ତାଲିକା ପ୍ରସ୍ତୁତ କରିବାକୁ ଶ୍ରୀମନ୍ଦିର ପ୍ରଶାସନ ପାଇଁ ୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି।

୩ ଲକ୍ଷ ୧୦ ହଜାର କୋଟିର ବଜେଟରେ ପ୍ରଶାସନିକ ଖର୍ଚ୍ଚ ୧ଲକ୍ଷ ୧୪ ହଜାର କୋଟି ହେବ ବୋଲି ଆକଳନ କରାଯାଇଥିବା ବେଳେ କାର୍ଯ୍ୟକ୍ରମ ବାବଦ ଖର୍ଚ୍ଚ ୧ଲକ୍ଷ ୮୦ ହଜାର କୋଟି, ବିପର୍ଯ୍ୟୟ ପରିଚାଳନା ପାଣ୍ଠି ବାବଦରେ ୫ହଜାର ୩୭୫ କୋଟି ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତର ବାବଦରେ ୧୦ ହଜାର ୬୨୫କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। କର୍ଯ୍ୟକ୍ରମ ବ୍ୟୟ ମୋଟ ବଜେଟ ଆକାରର ୫୮ ପ୍ରତିଶତ ପ୍ରତିଶତ। ପୁଞ୍ଜି ବ୍ୟୟ ଅଟକଳ ୭୨ହଜାର ୧୦୦ କୋଟି ଧାର୍ଯ୍ୟ କରାଯାଇଛି, ଯାହା ମୋଟ ଘରୋଇ ଉତ୍ପାଦ (ଜିଏସଡିପି)ର ୬.୫ ପ୍ରତିଶତ ଏବଂ ବଜେଟର ୨୩.୩ ପ୍ରତିଶତ। ରାଜ୍ୟର ପୁଞ୍ଜି ବ୍ୟୟର ଅନୁପାତ ଦେଶର ସମସ୍ତ ପ୍ରମୁଖ ରାଜ୍ୟ ମଧ୍ୟରେ ସର୍ବାଧିକ। ଆସନ୍ତା ଆର୍ଥିକ ବର୍ଷ ପାଇଁ ହୋଇଥିବା ବଜେଟରେ ରାଜସ୍ୱ ବଳକା ଜିଏସଡିପିର ୩ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି। ବର୍ଷ ଶେଷକୁ ଋଣ ଭାର ଜିଏସଡିପିର ୧୪.୧ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି।

ବଜେଟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପାଇଁ ୨୩ ହଜାର ୧୮୨ କୋଟିର ବ୍ୟୟବରାଦ କରାଯାଇଛି। ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ ପାଇଁ ୫୦୦୮ କୋଟି ଟଙ୍କା, ନିର୍ମଳ ଯୋଜନା ପାଇଁ ୯୮୬ କୋଟି, ଗୋପବନ୍ଧୁ ଜନ ଆରୋଗ୍ୟ ➪ପୃଷ୍ଠା-୬

**ଲୋକଙ୍କ ଉନ୍ନତିରେ ରାଜ୍ୟର ପ୍ରଗତି ନେଇ ପ୍ରତିବଦ୍ଧତା**

**୬ଟି ସ୍ତମ୍ଭ ଉପରେ ଆଧାରିତ ହୋଇଛି ରାଜ୍ୟ ବଜେଟ୍**

**କାର୍ଯ୍ୟକ୍ରମ ବାବଦରେ ସର୍ବାଧିକ ବ୍ୟୟବରାଦ**

**ପୁଞ୍ଜି ବ୍ୟୟରେ ଓଡ଼ିଶା ଏକ ନମ୍ବର ରାଜ୍ୟ**

## ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା

ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ ଏବଂ ବେସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ୪ ଶହ ୭୦ କୋଟି ଟଙ୍କାର ପ୍ରସ୍ତାବ ରଖିଛନ୍ତି ମୁଖ୍ୟମନ୍ତ୍ରୀ। ଏହା ବ୍ୟତୀତ ଗୁଣାତ୍ମକ ଶିକ୍ଷାର ଆଧୁନିକୀକରଣ ପାଇଁ ୫୦ କୋଟି ଟଙ୍କା ଏବଂ ସରକାରୀ ଏବଂ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ପରୀକ୍ଷାଗାର ପାଇଁ ୨୫ କୋଟି ଟଙ୍କା ପ୍ରସ୍ତାବ ଦେଇଛନ୍ତି ରାଜ୍ୟ ସରକାର। ବଜେଟରେ ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଘୋଷଣା କରିଛନ୍ତି। ଆର୍ଥିକ ଦୁର୍ବଳ ଝିଅଙ୍କୁ ସ୍ନାତକ ପାଇଁ ଏହି ଯୋଜନା କାର୍ଯ୍ୟ କରିବ। ଗରିବ ଝିଅଙ୍କ ନାଁରେ ୨୦ ହଜାର ଟଙ୍କାର ସଞ୍ଚୟ ଉପକରଣ ସୃଷ୍ଟି ହେବ। ସ୍ନାତକ ସମାପ୍ତ ପରେ ୧ ଲକ୍ଷ ୧ ଟଙ୍କା ପ୍ରଦାନ କରାଯିବ। ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା ବଞ୍ଚିତ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୨୦ ହଜାର ଟଙ୍କା ଏବଂ ବିଦେଶରେ ସ୍ନାତକୋତ୍ତର ଏବଂ ଡକ୍ଟରାଲ ଅଧ୍ୟୟନ ପାଇଁ ୫୦ ଲକ୍ଷ ଟଙ୍କାର ସୀମା ସହ ୫୦ ଜଣ ଅନୁସୂଚିତ ଜାତି, ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ବିଦେଶ ଶିକ୍ଷାବୃତ୍ତି ପ୍ରଦାନ କରାଯିବ।

## ଟଙ୍କାକର ଆୟ — ଟଙ୍କାକର ବ୍ୟୟ



| ଟଙ୍କାକର ଆୟ | |
|---|---|
| ନିଜସ୍ୱ ଅଣଟିକସ | ୨୨.୯୦% |
| ନିଜସ୍ୱ ଟିକସ | ୨୨.୫୮% |
| କେନ୍ଦ୍ରୀୟ ଅନୁଦାନ | ୧୨.୯୨% |
| କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶ | ୨୧.୭୬% |
| ପିଏଫ ଓ ଅନ୍ୟାନ୍ୟ ସୂତ୍ର | ୪.୧୯% |

| ଟଙ୍କାକର ବ୍ୟୟ | |
|---|---|
| ଦରମା | ୬୧.୭୧% |
| ପୁଞ୍ଜି ବ୍ୟୟ | ୨୩.୨୬% |
| ସୁଧ ପରିଶୋଧ | ୭.୧୦% |
| ବିପର୍ଯ୍ୟୟ ମୁକାବିଲା | ୧.୭୩% |
| ଋଣ ପରିଶୋଧ | ୦.୧୩% |
| ଅନ୍ୟାନ୍ୟ | ୩.୪% |

## ୧୬ ନୂଆ ପଦକ୍ଷେପ

| | |
|---|---|
| ବିକଶିତ ଭାରତ-ଜି ରାମ ଜି | ୫୫୫୭ କୋଟି |
| ସମୃଦ୍ଧ ଅଙ୍ଗନଓ୍ୱାଡି ଯୋଜନା | ୬୩୫ କୋଟି |
| ସ୍ମାର୍ଟ ଫାର୍ମ ବଜାର (ମଡେଲ ମଣ୍ଡି) | ୧୦୦ କୋଟି |
| ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା | ୧ ଲକ୍ଷ ୧ଟଙ୍କା |
| ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ | ୧୦୦ କୋଟି |
| ସର୍ବବୃହତ ଶସ୍ୟ ସଂରକ୍ଷଣ ଯୋଜନା | ୨୪୦ କୋଟି |
| ରେଆର ଆର୍ଥ କରିଡର | ୧୦ କୋଟି |
| ରାଜ୍ୟ ରୂପାନ୍ତରମୂଳକ ପ୍ରଦକ୍ଷେପ ପ୍ରତିଷ୍ଠାନ | |
| ସଂଯୋଗହୀନ ବାସସ୍ଥାନକୁ ସଂଯୋଗୀକରଣ | ୧୦୦୦ କୋଟି |
| ପୁରୀରେ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର | |
| ରାଜ୍ୟ ଏଆଇ ମିଶନ | ୨୩ କୋଟି |
| ପର୍ଯ୍ୟଟନ ଭୂମି ବ୍ୟାଙ୍କ ଯୋଜନା | ୧୫୦ କୋଟି |
| ଡାରଖାଇ ଯୋଜନା | ୨୨୦ କୋଟି |
| ଉଦ୍ୟମୀ | ୪୦ କୋଟି |
| ଫିଟ ଓଡିଶା ମିଶନ | ୧୦ କୋଟି |

## ବିକଶିତ ଓଡ଼ିଶା ପାଇଁ ଦୂରଦର୍ଶୀ ବଜେଟ୍: ଧର୍ମେନ୍ଦ୍ର



ଭୁବନେଶ୍ୱର,୨୦।୨(ସଂଚାର ବ୍ୟୁରୋ): ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଓଡ଼ିଶା ବିଧାନସଭାରେ ପ୍ରାୟ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପିତ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି ଯେ ଚଳିତ ବଜେଟ୍ 'ବିକଶିତ ଓଡ଼ିଶା' ପାଇଁ କଲ୍ୟାଣକାରୀ ଓ ଦୂରଦର୍ଶୀ ବଜେଟ୍। ଏହା ଓଡ଼ିଶାର ଶିକ୍ଷା, ଦକ୍ଷତା, ଶିଳ୍ପ, କୃଷି ଓ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ସହ ସବୁ ବର୍ଗର ଲୋକଙ୍କ ଆଶା ଓ ➪ପୃଷ୍ଠା-୬

## ମେନ୍ୟୁ ଫୁଲ୍, ରୋଷେଇଘର ଖାଲି

**ବଜେଟ୍‌କୁ ବୟକଟ୍ କଲା କଂଗ୍ରେସ**



ରାଜ୍ୟ ବଜେଟକୁ ସମାଲୋଚନା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ୨୦୨୬-୨୭ ବଜେଟକୁ କଟାକ୍ଷ କରି ସେ କହିଛନ୍ତି ଯେ ଏହି ବଜେଟଟି ଫୁଲ୍ ମେନ୍ୟୁ, କିନ୍ତୁ ରୋଷେଇ ଘର ଖାଲି ପରି ହୋଇଛି। ଅର୍ଥାତ ନବୀନ ପଟ୍ଟନାୟକ କହିଛନ୍ତି ଯେ ରାଜ୍ୟ ସରକାର ଲୋକଙ୍କ ପାଇଁ ଯୋଜନା ଭର୍ତ୍ତି କରିଦେଇଛନ୍ତି, ହେଲେ ତହବିଲରେ ଅର୍ଥର ପ୍ରାବଧାନ ନାହିଁ। ବିରୋଧୀ ଦଳ ନେତାଙ୍କ ସହ ସ୍ୱର ମିଳାଇ ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି ଯେ ସରକାରୀ ଦଳ ପାଇଁ ରାତି ବଡ଼, ଯେତେ ଦେଖିଲେ ବି ସ୍ୱପ୍ନ ସରିବ ନାହିଁ। ଋଣ କରି କରି ବଜେଟର ଆକାର ବଢ଼ାଇଛନ୍ତି। ଗତ ବର୍ଷର ବଜେଟ ଖର୍ଚ୍ଚ କରିପାରିଲେ ➪ପୃଷ୍ଠା-୬

## କୃଷି ପାଇଁ ୪୨ହଜାର ୪୯୨ କୋଟି



ଭୁବନେଶ୍ୱର,୨୦।୨(ସଂଚାର ବ୍ୟୁରୋ): ୨୦୨୬-୨୭ ଆର୍ଥିକ ବର୍ଷରେ କୃଷି ଓ ଆନୁସଙ୍ଗିକ କ୍ଷେତ୍ର ପାଇଁ ମୋଟ ୪୨ହଜାର ୪୯୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ପୂର୍ବବର୍ଷ ତୁଳନାରେ କୃଷି ପାଇଁ ୧୨.୩ ପ୍ରତିଶତ ଅଧିକ ବଜେଟ ବ୍ୟବସ୍ଥା କରାଯାଇଛି। ସମୃଦ୍ଧ କୃଷକ ଯୋଜନାରେ କ୍ୱିଣ୍ଟାଲ ପିଛା ୩୧ଶହ ମୂଲ୍ୟରେ ଧାନ କିଣିବାକୁ ୬ହଜାର ୮୮ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଚାଷୀଙ୍କୁ ସମୟୋଚିତ ପୈଠ ଓ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଭାଗ ଅଧିନରେ ୫ହଜାର କୋଟିର ଏକ ରିଭଲଭିଂ ପାଣ୍ଠି ଗଠନ କରାଯାଇଛି। ଆସନ୍ତା ୩ ବର୍ଷରେ ପ୍ରାୟ ୧ଲକ୍ଷ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ଆଧୁନିକ ଗୋଦାମ ଘର ନିର୍ମାଣ କରିବାକୁ ବଜେଟରେ ବ୍ୟବସ୍ଥା କରାଯାଇଛି।

ସେହିଭଳି ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଚାଷୀ, ଜମି ମାଲିକ, ଭୂମିହୀନ ପରିବାର ବିଶେଷ କରି ସମ୍ବେଦନଶୀଳ ଜନଜାତୀଙ୍କ ପାଖରେ ଅତିରିକ୍ତ ସହାୟତା ପାଇଁ ପ୍ରଧାନମନ୍ତ୍ରୀ କିଷାନ ଯୋଜନାକୁ ମୁଖ୍ୟମନ୍ତ୍ରୀ କିଷାନ ଯୋଜନା ଜରିଆରେ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ୨୦୩୦ କୋଟିର ବ୍ୟୟ ବରାଦ କରାଯାଇଛି। ଶ୍ରୀ ଅନ୍ନ ଅଭିଯାନ ପାଇଁ ୪ଶହ କୋଟିର ବ୍ୟବସ୍ଥା କରାଯାଇଛି। ଛଅଟି ଜିଲ୍ଲାରେ କଫି ଚାଷ ପାଇଁ ୧୫୦ କୋଟି ଟଙ୍କା ପ୍ରସ୍ତାବ ରହିଛି। କୃଷି ଯାନ୍ତ୍ରିକୀକରଣ ପାଇଁ ୪ଶହ କୋଟି ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ହେବାକୁ ଥିବା ଫୁଲ ଓ ଛତୁ ➪ପୃଷ୍ଠା-୬

## ୧୫ ଶହ ଏକରରେ ହେବ ଶାମୁକା ପ୍ରକଳ୍ପ

ମୋହନ ଚରଣ ମାଝୀ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଅନେକ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପର୍ଯ୍ୟଟନ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ସହିତ ସମନ୍ୱୟ ଆଣିବା ପାଇଁ, ପୁରୀରେ ଶାମୁକା ପ୍ରକଳ୍ପ ଏବଂ ହୀରାକୁଦକୁ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଭାବେ ଚିହ୍ନଟ କରାଯାଇଛି। ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଐତିହ୍ୟକୁ ନୈସର୍ଗିକ ବେଳାଭୂମିର ଅନୁଭୂତି ଓ ଅତ୍ୟାଧୁନିକ ଭିତ୍ତିଭୂମି ସହିତ ଏକ ବିଶ୍ୱ ମାନର ଉପକୂଳ ପର୍ଯ୍ୟଟନ ➪ପୃଷ୍ଠା-୬

## ପ୍ରମୁଖ ବିଭାଗ ପାଇଁ ବ୍ୟୟ ବରାଦ

| | |
|---|---|
| ଗୃହ ବିଭାଗ | ୧୧,୦୨୮ କୋଟି |
| ଅର୍ଥ ବିଭାଗ | ୬୫,୨୯୨ କୋଟି |
| ନିର୍ମାଣ ବିଭାଗ | ୧୩,୪୫୧ କୋଟି |
| ବିଦ୍ୟାଳୟ ଓ ଗଣଶିକ୍ଷା | ୩୧,୯୯୭ କୋଟି |
| ଗୃହ ଓ ନଗର ଉନ୍ନୟନ | ୧୦,୫୬୭ କୋଟି |
| ପଞ୍ଚାୟତିରାଜ ଓ ପାନୀୟ ଜଳ | ୩୪,୧୬୬ କୋଟି |
| ଗ୍ରାମ୍ୟ ଉନ୍ନୟନ ବିଭାଗ | ୧୦,୨୦୪ କୋଟି |
| ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ | ୯୬୧୦ କୋଟି |
| ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | ୫୫୫୮ କୋଟି |
| ଶକ୍ତି ବିଭାଗ | ୪୫୯୬ କୋଟି |

## ୪ ନୂଆ ବିଶ୍ୱବିଦ୍ୟାଳୟ

ରାଜ୍ୟ ଶିକ୍ଷା ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହ ଯୁବପିଢ଼ିଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିରେ କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଓ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟାଳୟରେ ୪ଟି ନୂଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଛୁ। ଏହାଦ୍ୱାରା ବିଶ୍ୱବିଦ୍ୟାଳୟ ସଂଖ୍ୟା ୨୧ରେ ପହଞ୍ଚିବ। ପାରାଦୀପ ଓ ବଲାଙ୍ଗିରରେ ଦୁଇଟି ନୂତନ ସରକାରୀ ଇଞ୍ଜିନିୟରିଂ କଲେଜ ସ୍ଥାପନ ପାଇଁ ପ୍ରସ୍ତାବ ରହିଛି। ଗୁଣାତ୍ମକ ଚିକିତ୍ସା ଶିକ୍ଷାର ସମ୍ପ୍ରସାରଣ ଏବଂ ଆୟୁଷ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଗଜପତି, ମାଲକାନଗିରି ଏବଂ ରାୟଗଡ଼ାରେ ତିନୋଟି ନୂତନ ଆୟୁର୍ବେଦିକ ମେଡିକାଲ କଲେଜ ଏବଂ ନୟାଗଡ଼ ଏବଂ ନୂଆପଡ଼ାରେ ଦୁଇଟି ନୂତନ ହୋମିଓପାଥି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରଖିଛି। ଏହା ବ୍ୟତୀତ ଚିପଲିମାରେ ଏକ ପଶୁଚିକିତ୍ସା ବିଜ୍ଞାନ ମହାବିଦ୍ୟାଳୟ, ବଲାଙ୍ଗିରରେ କୃଷି ମହାବିଦ୍ୟାଳୟ ଏବଂ ସୋନପୁରରେ ଏକ ମତ୍ସ୍ୟବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ମୁଣ୍ଡପିଛା ଋଣ ଭାର ୨୭,୬୨୫

୨୦୨୬-୨୭ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୪୭ ହଜାର ୮୦୦ କୋଟି ଟଙ୍କାର ଋଣ କରିବେ। ମଧ୍ୟରୁ କେବଳ ଖୋଲା ବଜାରରୁ ୨୪,୪୬୫ କୋଟି ଟଙ୍କା ଋଣ ଉଠାଇବାକୁ ଲକ୍ଷ୍ୟ ରଖିଛନ୍ତି। ବଳକା ଅର୍ଥ କେନ୍ଦ୍ର ସରକାର, ଜାତୀୟ କ୍ଷୁଦ୍ର ସଞ୍ଚୟ ପାଣ୍ଠି, ଏଲଆଇସି ଓ ନାବାର୍ଡରୁ ଋଣ ଆକାରରେ ଗ୍ରହଣ କରିବେ। ରାଜ୍ୟ ସରକାରଙ୍କ ଆକଳନ ଅନୁଯାୟୀ ୨୦୨୬-୨୭ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟର ମୋଟ ଋଣ ଭାର ୧ଲକ୍ଷ ୫୫ ହଜାର ୭୧୦ କୋଟିରେ ପହଞ୍ଚିବ। ଏହା ଅର୍ଥ ରାଜ୍ୟର ପ୍ରତ୍ୟେକ ଲୋକଙ୍କ ମୁଣ୍ଡରେ ୨୭ହଜାର ୬୨୫ ଟଙ୍କାର ଋଣ ବୋଝ ରହିବ ବୋଲି ଆକଳନ କରାଯାଇଛି। ରାଜ୍ୟ ସରକାର ଆସନ୍ତା ଆର୍ଥିକ ବର୍ଷରେ ସୁଧ ଦେୟ ବାବଦରେ କେବଳ ୮୨୦୦ କୋଟି ଟଙ୍କା ବୋଝ ବୋହିବେ। ୨୦୨୫-୨୬ ଆର୍ଥିକ ବର୍ଷରେ ସରକାର ୩୨ ହଜାର ୪୦୦ କୋଟି ଋଣ କରିଥିଲେ। ସେମଧ୍ୟରେ ଖୋଲା ➪ପୃଷ୍ଠା-୬

## ସ୍ୱର୍ଣ୍ଣିମ ସଫଳତାର ପଡ଼ିବ ମୂଳଦୁଆ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୨୦।୨(ସଂଚାର ବ୍ୟୁରୋ): ୨୦୨୬-୨୭ ବଜାରେ ସବୁ ବର୍ଗର ଜନସାଧାରଣଙ୍କ ସ୍ୱପ୍ନ, ଆଶା ଓ ଆକାଂକ୍ଷା ପୂରଣ କରିବା ସହ ରାଜ୍ୟକୁ ବିକାଶର ଗତିପଥରେ ତ୍ୱରିତ ବେଗରେ ଅଗ୍ରସର କରାଇବା ଦିଗରେ ସହାୟକ ହେବ। ସରକାର ସମୃଦ୍ଧ ଓଡ଼ିଶା- ୨୦୩୬ର ମହାଯାତ୍ରା ଆରମ୍ଭ କରିଛନ୍ତି। ଏଥିସହିତ ରାଜ୍ୟ ପାଇଁ ସ୍ୱର୍ଣ୍ଣିମ ସଫଳତାର ମୂଳଦୁଆ ପଡ଼ିବ ବୋଲି ଆଜି ବିଧାନସଭାରେ ବଜେଟ ଉପସ୍ଥାପନା ପରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହା କହିଛନ୍ତି। ସେ କହିଛନ୍ତି, ଏହି ବଜେଟ୍ କେବଳ ଆଗାମୀ ବର୍ଷର ଆୟ- ବ୍ୟୟର ହିସାବ ନୁହେଁ। ଏହା ଏକ ସମୃଦ୍ଧ, ସଶକ୍ତ ଏବଂ ସମାବେଶୀ ଓଡ଼ିଶା ଗଠନ ଦିଗରେ ଏକ ସୁଦୃଢ଼ ଓ ନିର୍ଣ୍ଣାୟକ ପଦକ୍ଷେପ ଅଟେ। ଗତବର୍ଷ ଜୁନ ମାସରେ ଭାରତର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ଭିଜନ-୨୦୩୬ ଓ ୨୦୪୭ ଆମ ପାଇଁ ଏକ ପଥପ୍ରଦର୍ଶକ ➪ପୃଷ୍ଠା-୬

SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

## ସୁମନ୍ତଙ୍କୁ ଡେରାବିଶ ପଛୁଆବର୍ଗ ସଭାପତି ଦାୟିତ୍ୱ



**ଡେରାବିଶ, ୨୦।୨ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ପଛୁଆବର୍ଗ କଂଗ୍ରେସ ସଭାପତି ଭାବେ ଏଞ୍ଜର ପଞ୍ଚାୟତ ର ସୁମନ୍ତ କୁମାର ସେଠୀ ସଭାପତି ଭାବେ ଚୟନ ହୋଇଛନ୍ତି। ସେଠୀଙ୍କ ନେତୃତ୍ୱରେ ଡେରାବିଶ ବ୍ଲକ ପଛୁଆବର୍ଗ ଶ୍ରେଣୀ ମଜବୁତ୍ ହେବା ସହ ଶକ୍ତିଶାଳୀ ହେବ ବୋଲି ଆଶା ରଖି ଦଳ ପକ୍ଷରୁ ଏହି ପଦବୀ ପ୍ରଦାନ କରାଯାଇଛି। ନବ ନିଯୁକ୍ତ ପଛୁଆବର୍ଗ ସଭାପତି ଶ୍ରୀ ସେଠୀ ଏହି ପଦ ପାଇବା ପରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ, ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନଗୋ, ରାଜ୍ୟ ଦଳିତ କଂଗ୍ରେସ ସଭାପତି ମାନସ ମଲ୍ଲିକ, କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଡ଼କ୍ଟର ଦେବସ୍ମିତା ଶର୍ମା ଓ ରାଜ୍ୟ କଂଗ୍ରେସ ସମ୍ପାଦିକା ସସ୍ମିତା ପଣ୍ଡା ଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶ୍ରୀ ସେଠୀ କହିଛନ୍ତି ମୋତେ ଦଳ ଯେଉଁ ଭରସା ଦେଇଛନ୍ତି ମୁଁ ଦଳର ସମ୍ମାନ ରଖିବା ସହ ପ୍ରତ୍ୟେକ କାର୍ଯ୍ୟକ୍ରମ ସୁଚାରୁ ରୂପେ ପାଳନ କରିବି। ଏହି ଖବର ପାଇବା ପରେ ବ୍ଲକର କଂଗ୍ରେସ ନେତା ଓ କର୍ମୀ ମାନେ ଶ୍ରୀ ସେଠୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଠିକା କାମକୁ ନେଇ ସ୍କୁଲରେ ଝୁଲିଲା ତାଲା

- ହୋଇପାରିଲାନି ପାଠ ପଢ଼ା
- ଖରାରେ ସିଝିସିଝି ଘରକୁ ଫେରିଲେ ପିଲା

**ଆଳି, ୨୦।୨ (ସଂଚାର ବ୍ୟୁରୋ):** ଠିକା କାମକୁ କେନ୍ଦ୍ରକରି ବିଦ୍ୟାଳୟରେ ଝୁଲିଲା ତାଲା। ସ୍କୁଲରେ ତାଲା ଝୁଲିବା ପରେ ପିଲାମାନେ ସ୍କୁଲ ପରିସରରେ ଖରାରେ ସିଝୁଥିବା ବେଳେ ପାଠ ପଢ଼ା ସମ୍ପୂର୍ଣ୍ଣ ଭାବେ ଠପ ହୋଇଯାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ମାଳପାଟଣା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଆଳି ବ୍ଲକ ପକ୍ଷରୁ ସ୍କୁଲ ମରାମତି କାର୍ଯ୍ୟ ନିମନ୍ତେ ଅର୍ଥ ଅନୁମୋଦନ ହୋଇଥିଲା। ଏହି କାମକୁ ନେଇ ବିବାଦ ଦେଖା ଦେଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ଅଗୋଚରରେ କାମ ହେଉଥିବାରୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିକଟରୁ ଶ୍ରେଣୀ ଗୃହ ଚାବି ନେଇ ସ୍କୁଲ କମିଟି ତାଲା ପକାଯାଇଥିଲା। କିନ୍ତୁ ଅନ୍ୟ ଏକ ଗୋଷ୍ଠୀ ଗତ ରାତିରେ ବିଦ୍ୟାଳୟ ଅଫିସ ଘରେ ତାଲା ପକାଇ ଦେଇଥିଲେ। ଆଜି ଦିନ ୧୦ଟା ବେଳେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ପିଲାମାନେ ସ୍କୁଲକୁ ଆସିବା ପରେ ସ୍କୁଲ ଅଫିସରେ ଦୁଇଟି ତାଲା ପଡ଼ିଥିବା ଦେଖିଥିଲେ। ଅଫିସରେ ତାଲା ପଡ଼ିଥିବାରୁ ସ୍କୁଲରେ ପାଠ ପଢ଼ା ସମ୍ପୂର୍ଣ୍ଣ ବନ୍ଦ ଥିବା ବେଳେ ଅଫିସ କାର୍ଯ୍ୟ ମଧ୍ୟ ବନ୍ଦ ହୋଇଯାଇଛି।



ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ପରିସରରେ ଖରାରେ ସିଝୁଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀ ଅଫିସ ଦୁଆରେ ବସିଥିଲେ। ଖବର ପାଇ ଆଳି ବ୍ଲକ ଏବିଇଓ ପହଞ୍ଚିବା ପରେ ଘଟଣା ଅନୁସନ୍ଧାନ କରିଥିଲେ। ଆଳି ପୋଲିସ ଓ ଆରଆଇ ପହଞ୍ଚି ଘଟଣା ଅନୁସନ୍ଧାନ କରିବା ପରେ ଅଫିସ ଗୃହରେ ତାଲା କଟା ଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଏ ନେଇ ଆଳି ଥାନାରେ ଲିଖିତ ଅଭିଯୋଗ କରିବା ସହ ସ୍କୁଲ କମିଟି ପକ୍ଷରୁ ମଧ୍ୟ ଅଭିଯୋଗ ହୋଇଛି ।

## ଲାଞ୍ଜୁଡ଼ା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ

# ଲୋକଙ୍କ ବଦଳରେ କାମ କରୁଛି ମେସିନ



**କେନ୍ଦ୍ରାପଡା, ୨୦।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଲାଞ୍ଜୁଡ଼ା ପଞ୍ଚାୟତରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବ୍ୟାପକ ହରିଲୁଟ ହୋଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଗ୍ରାମବାସୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ କେନ୍ଦ୍ର ସରକାରଙ୍କ ମନରେଗା ଯୋଜନାରେ ପ୍ରତେକ କାର୍ଡଧାରୀ ମଜୁରିଆ ଲୋକଙ୍କୁ କାମ ଦେବା ପାଇଁ ନିୟମ ରହିଛି। କିନ୍ତୁ ଲାଞ୍ଜୁଡା ପଞ୍ଚାୟତରେ ଲୋକଙ୍କ ବଦଳରେ ମେସିନ କାମ କରୁଛି। ଫଳରେ ଲୋକମାନେ କାମ ନପାଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। କିନ୍ତୁ ପଞ୍ଚାୟତରେ କୋଟି କୋଟି ଟଙ୍କାର କାମ ହେଉଥିବା ବେଳେ ଜବ କାର୍ଡଧାରୀଙ୍କୁ କାମ ମିଳୁନାହିଁ। ଗରିବ ମଜୁରିଆଙ୍କ ପ୍ରାପ୍ୟକୁ ହରିଲୁଟ କରାଯାଉଛି। ପ୍ରତେକ ଜବକାର୍ଡଧାରୀ କାମ କରୁଥିବା ଦର୍ଶାଯାଇ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଇସା ପଞ୍ଚାୟତ ତରଫରୁ ପଠାଯାଉଛି। ପ୍ରରବର୍ତ୍ତୀ ମୁହୂର୍ତ୍ତରେ ସେହି ଆକାଉଣ୍ଟଧାରୀ ନିଜ ଖର୍ଚ୍ଚ ପାଇଁ ୧୦୦/୨୦୦ଟଙ୍କା ରଖି ଅବଶିଷ୍ଟ ପଇସା ଫେରାଉଛନ୍ତି। ସବୁଠାରୁ ବଡ଼କଥା ହେଲା ଯେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଜାଣତରେ ହେଉଛି। ସରକାରୀ ନିୟମର ଉଲଂଘନ କରାଯାଉଛି।

# ୯ ପରୀକ୍ଷା କେନ୍ଦ୍ରରେ ୧୮୫୭ ମାଟ୍ରିକ ପରୀକ୍ଷାର୍ଥୀ

**ଡେରାବିଶ, ୨୦।୨ (ସଂଚାର ବ୍ୟୁରୋ):** ରାଜ୍ୟରେ ଗୁରୁବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ଡେରାବିଶ ବ୍ଲକରେ ମୋଟ ୧୮୮୨ ମାଟ୍ରିକ ପରୀକ୍ଷାର୍ଥୀ ଥିବାବେଳେ ପ୍ରଥମ ଦିନ ପରୀକ୍ଷାରେ ୨୫ଜଣ ଅନୁପସ୍ଥିତ ଥିଲେ। ଫଳରେ ୯ଟି କେନ୍ଦ୍ରରେ ୧୮୫୭ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଗୁରୁବାର ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା ଥିବାବେଳେ ଶୃଙ୍ଖଳିତ ଭାବେ ପରୀକ୍ଷା ସମ୍ପନ୍ନ ହୋଇଛି। ସକାଳ ୯ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ଏହାକୁ ଶୃଙ୍ଖଳିତ କରିବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲ ଯାଇଥିଲା। ଦୋହଳୀ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ବିଦ୍ୟାଳୟରେ ୨୪୪ ବିଦ୍ୟାର୍ଥୀଙ୍କ ମଧ୍ୟରୁ ୩ ଅନୁପସ୍ଥିତ ଥିବା ଥିବାବେଳେ ବଳଭଳଭଦ୍ରପୁର ଠରେ ୨୨୬ ପରିକ୍ଷ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠ ରିକ୍ଷାର୍ଥୀଙ୍କ ମଧ୍ୟରୁ ୨ ଅନୁପସ୍ଥିତ, ବେଲାରପୁର ଭଗବତୀ ହାଇସ୍କୁଲରେ ୨୫୧ ପରିକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ, ଡେରାବିଶ ହାଇସ୍କୁଲରେ ୨୦୨ ରେଗୁଲାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩ ଓ ମଧ୍ୟମାରେ ୧୫ ବିଦ୍ୟାର୍ଥୀଙ୍କ ମଧ୍ୟରୁ ୧୩ ଅନୁପସ୍ଥିତ, ମଲ୍ଲିକେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ୭ ଜଣ ମଧ୍ୟମା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ, ଠାକୁର ହାଟ ସୁଦର୍ଶନ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୮୫ ବିଦ୍ୟାର୍ଥୀଙ୍କ ମଧ୍ୟରୁ ୨ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାଯାଇଛି। ସେହିପରି ସତ୍ୟବିହାର ଲାଲ ବାହାଦୁର ଶାସ୍ତ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୧୨ ଜଣ, ମଲ୍ଲିକେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୮ ଜଣ, ଫକିରାବାଦ ରାମଚନ୍ଦ୍ର ହାଇସ୍କୁଲରେ ୨୨୮ ଜଣ ଓ ଛକନା ସାରଦା ଏକାଡେମୀରେ ୨୧୪ ଜଣ ଛାତ୍ରଛାତ୍ରୀ ପ୍ରଥମ ଦିନରେ ପରୀକ୍ଷା ଦେଇଛନ୍ତି।

## ବାଇକ୍ ଧକ୍କାରେ ଯୁବକ ମୃତ

**କେନ୍ଦ୍ରାପଡ଼ା, ୨୦।୨ (ସଂଚାର ବ୍ୟୁରୋ):** ୫୩ନମ୍ବର ଜାତୀୟ ରାଜପଥର ଦୁହୁରିଆ ନିକଟରେ ଆଜି ଦୁଇଟି ବାଇକ ମଧ୍ୟରେ ଧକ୍କା ହେବାରୁ ଜଣେ ଯୁବକଙ୍କର ମୃତ୍ୟୁ ହୋଇଯାଇଛି। ଘଟଣାରୁ ପ୍ରକାଶ ଯେ ଡେରାବିଶ ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମର ଯୋଗେନ୍ଦ୍ର ନାୟକଙ୍କ ସାନପୁଅ ଚିପ୍ରକାଶ ନାୟକ(୨୫) ଏକ ବାଇକରେ ଆଜି ସକାଳ ପ୍ରାୟ ସାଢେ ୮ଟା ବେଳେ ଦୁହୁରିଆ-ପାଣ୍ଡିରୀ ରାସ୍ତାରୁ ୫୩ନମ୍ବର ଜାତୀୟ ରାଜପଥ ଉପରକୁ ଉଠୁଥିବା ବେଳେ ଚଣ୍ଡିଖୋଲ ପାର୍ଶ୍ୱରୁ ଆସୁଥିବା ଅନ୍ୟ ଏକ ବାଇକ ସହ ଧକ୍କା ହୋଇଥିଲା। ଫଳରେ ଚିପ୍ରକାଶ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ଗୁରୁର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ରେଫର କରାଯାଇଥିଲା। କିନ୍ତୁ କଟକ ବଡ ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚିପ୍ରକାଶ ଜଣେ ରଙ୍ଗମିସ୍ତ୍ରୀ ଭାବେ କାମ କରୁଥିଲେ।

# ଚାଷୀଙ୍କ ସମସ୍ୟା ବୁଝିଲେ କଂଗ୍ରେସ ନେତା



**ଡେରାବିଶ, ୨୦।୨ (ସଂଚାର ବ୍ୟୁରୋ):** ପାଟକୁରା ନିର୍ବାଚନ ମଣ୍ଡଳୀ ଡେରାବିଶ ବ୍ଲକ ଅଞ୍ଚଳର ନହଙ୍ଗ, ରଘୁଦେଇପୁର, କାଉପଡ଼ା, ଗୋଲରାହାଟ, ପଲେଇ ଓ ଦାନପୁର ସମେତ ଅନେକ ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ ଓ ଧାନ ମଣ୍ଡି ବୁଲି ଚାଷୀମାନଙ୍କର ସରକାର ଙ୍କୁ ଧାନ ବିକ୍ରି ପ୍ରକ୍ରିୟା କେଉଁଭଳି ଭାବରେ ଚାଲିଛି ସେ ବିଷୟରେ ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନଗୋ ବୁଲି ଦେଖିଛନ୍ତି। ଏଥି ସହ ଧାନ ବିକ୍ରି ରେ ଚାଷୀ ମାନଙ୍କ ପାଇଁ ହେଉଥିବା ଅସୁବିଧା ବିଷୟରେ ପଚାରି ବୁଝି ସମବାୟ ସମିତି ର ସମ୍ପାଦକ ମାନଙ୍କ ସହ ବସି ଆଲୋଚନା କରିଛନ୍ତି। ଡେରାବିଶ ବ୍ଲକ ଅଞ୍ଚଳର ଏକାଧିକ ସମବାୟ ସମିତି ରେ ଚାଷୀ ମାନଙ୍କ ଧାନ ମାସ ମାସ ଧରି ପଡ଼ିରହିଥିବା ବେଳେ ଚାଷୀ ନିଜର ଧାନ ଦେବାପାଇଁ ଟୋକନ୍ ପାଇଲେ ମଧ୍ୟ ମିଲର ଧାନ ନେବାରେ ବିଳମ୍ବ କରୁଛି, ସରକାର ଟାର୍ଗେଟ ଦେଉନାହାନ୍ତି। ପ୍ରତି କୁଇଣ୍ଟାଲ ପିଛା ୭ ରୁ ୮ କିଲୋ କଟନୀ ଛଟନି ହେଉଥିବା ଚାଷୀ ମାନେ ଅଭିଯୋଗ କରିଥିଲେ। କେଉଁଠାରେ ମିଲ ର ମଲିକ ମାନେ ସମବାୟ ସମିତି ର ସମ୍ପାଦକ ମାନଙ୍କୁ ଝୋଟ ଅଖା ଦେଉନାହାନ୍ତି ତ କେଉଁଠାରେ ଧାନ ମଣ୍ଡିରୁ ନ ଉଠାଇ ଆଜି କାଲି କହି ସମୟ ଗଡ଼ାଇ ଚାଲିଛନ୍ତି। ଏଥିସହ ସମବାୟ ସମିତି ରେ ଝୋଟ ଅଖା ଉପଯୁକ୍ତ ପରିମାଣ ର ନ ଥିବାରୁ ସମବାୟ ସମିତି ରୁ ମିଲର ଧାନ ନ ଉଠାଇବା ଯୋଗୁଁ ଧାନ ପଡ଼ି ରହି ନଷ୍ଟ ହେଉଥିବା ଫଳରେ ଚାଷୀ ସମସ୍ତ ଦିଗରୁ ଶୋଷଣ ହୋଇ ହତାଶ ହେଉଥିବା ଶ୍ରୀ କାନୁନଗୋ ଙ୍କ ନିକଟରେ କହିଛନ୍ତି ସ୍ଥାନୀୟ ଅଞ୍ଚଳର ଚାଷୀ। ଏ ସମସ୍ତ ବିଷୟରେ ଶ୍ରୀ କାନୁନଗୋ ଜିଲ୍ଲା ଯୋଗାଣ ଅଧିକାରୀ ଙ୍କୁ ଯୋଗାଯୋଗ କରି ଚାଷୀଙ୍କ ସମସ୍ୟା ବିଷୟରେ ଜଣାଇବା ସହ ସମସ୍ତ ସମସ୍ୟା ର ସମାଧାନ ଶୀଘ୍ର କରିବା ପାଇଁ କହିଥିଲେ।

## ଦିବଂଗତ ଦିବାକର ବିଶ୍ୱାଳଙ୍କ ଜନ୍ମ ଜୟନ୍ତୀ

**ପଟ୍ଟାମୁଣ୍ଡାଇ, ୨୦।୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ମାଟିର ପୁଅ ତଥା ବିଶିଷ୍ଟ ସାହିତ୍ୟିକ, ସାମ୍ବାଦିକ, ବ୍ୟଙ୍ଗ କବି, ନାଟ୍ୟକାର, ନିର୍ଦ୍ଦେଶକ ଓ ସଂସ୍କୃତି ପୁରୁଷ ଓ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ଦିବଂଗତ ଦିବାକର ବିଶ୍ୱାଳଙ୍କ ୯୬ ତମ ଜନ୍ମ ଜୟନ୍ତୀ ସ୍ଥାନୀୟ କସ୍ତୁରୀ କଳା ନିକେତନ ପରିସରରେ ପାଳିତ ହୋଇଯାଇଛି। ଏହି ଜନ୍ମ ଉତ୍ସବରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ କୁମାର ସାହୁ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ ଏବଂ ପରେ ଅବସର କର୍ମଚାରୀ ସଂଘ ପକ୍ଷରୁ ଶିକ୍ଷକନେତା ବିଜୟ କୁମାର ସାହୁ, କବି ସଚିତ୍ର ବେହୁରା, କସ୍ତୁରୀ କଳା ନିକେତନ ସଭାପତି ଶିକ୍ଷାବିତ ସୁରେଶ ଚନ୍ଦ୍ର ଜେନା, ଉପସଭାପତି ଆଡଭୋକେଟ ପ୍ରମୋଦ କୁମାର ସାହୁ, ସଂପାଦକ ତଥା ସଂଗୀତକାର କୃପାସିନ୍ଧୁ ନାୟକ, ସାମ୍ବାଦିକ ଡ. ଅଲେଖ ନାଥଶର୍ମା, ଅନୀଲ ଚୌଧୁରୀ, ଆମ୍ବେଦକର ସ୍ମୃତି ସଂସଦର ବରିଷ୍ଠ ସଦସ୍ୟ ପୂର୍ବତନ କାଉନସିଲର ଗୋବିନ୍ଦ ସେଠୀ, ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି ତଥା କାଉନସିଲର ଗୋପିବଲ୍ଲଭ ନାୟକ, ବରିଷ୍ଠ ସଦସ୍ୟ ନବକିଶୋର ପଣ୍ଡା, ଶରତ ବିଶ୍ୱାଳ, ଚନ୍ଦନ ପାତ୍ର, ନରେଶ ଜେନା, ବରିଷ୍ଠ ନାଗରିକ ମଚଂ ତରଫରୁ ଇଂ. ତପନ କୁମାର ପାତ୍ର, ବିଦ୍ୟୁତ ଉପଭୋକ୍ତା ମଚଂ ସଂପାଦକ ଆଡଭୋକେଟ ଗୋପିନାଥ ତ୍ରିପାଠୀ, ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ଆଲୁମ୍ନି ଆସୋସିଏସନ ଉପସଭାପତି ତଥା ଚିତ୍ରଶିଳ୍ପୀ ରାଜେନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ରହି ଦିବଂଗତ ଆତ୍ମାର ସଦଗତି ପ୍ରାପ୍ତ ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରିବା ସହିତ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ।

## ଚଳିତ ଗ୍ରୀଷ୍ମ ପ୍ରବାହ ପରିଚାଳନା ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ



**କେନ୍ଦ୍ରାପଡା, ୨୦।୨ (ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଗ୍ରୀଷ୍ମପ୍ରବାହ ପରିଚାଳନା ସମ୍ପର୍କିତ ପ୍ରାକ-ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଜିଲ୍ଲା ଜରୁରୀ କାଳୀନ ଆଧିକାରୀ ନିତ୍ୟନନ୍ଦ ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼.ମନୋରଞ୍ଜନ ରାଉତ, ସମେତ ସମସ୍ତ ବିଡ଼ିଓ, ଏବଂ ଲାଇନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ବୈଠକରେ ପାନୀୟଜଳ ସମସ୍ୟାକୁ ପ୍ରାଥମିକତା ଦିଆଯାଇଛି ସେହିପରି ବ୍ୟାପକ ସୁବ୍ୟବସ୍ଥିତ ଜଳଛତ୍ର, ପଶୁପକ୍ଷୀଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା, ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ଅଂଶୁଘାତ ମୁକାବିଲା ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥା, ଛାତ୍ରଛାତ୍ରୀ ମାନଙ୍କୁ ନିୟମିତ ବ୍ୟବଧାନରେ ପାନୀୟ ଜଳ ପିଇବାକୁ ପରାମର୍ଶ, ଶିକ୍ଷାନୁଷ୍ଠାନ ମାନଙ୍କରେ ପାଣି ପିଇବା ପାଇଁ ସ୍ୱତନ୍ତ୍ର ପାଣି ବେଲ, ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ଓଆରଏସ ଯୋଗାଣ ବ୍ୟବସ୍ଥା, ସରକାରୀ ସମୟ ସାରଣୀ ଅନୁଯାୟୀ ଶ୍ରମିକ ମାନଙ୍କ କାର୍ଯ୍ୟ ସୁନିଶ୍ଚିତ କରିବା, ଅଙ୍ଗନବାଡି ମାନଙ୍କରେ ପଙ୍ଖା, ପାନୀୟଜଳ, ସମସ୍ତ ଯାତ୍ରୀବାହୀ ବସ ମାନଙ୍କରେ ପାନୀୟଜଳ, ଓଆରଏସ ମହଜୁଦ ରଖିବା, ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରିବା ସହିତ ବ୍ୟାପକ ସଚେତନତା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ନିଜ ନିଜ କାର୍ଯ୍ୟାଳୟର ପୁରୁଣା ପାଣି ଟାଙ୍କି ସଫେଇ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି।

## ମହାବିଦ୍ୟାଳୟରେ ହସ୍ତଶିଳ୍ପ ଓ ବିଜ୍ଞାନ ପ୍ରଦର୍ଶନୀ



**କେନ୍ଦ୍ରାପଡା, ୨୦।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ତୁଳସୀ ମହିଳା ମହା ବିଦ୍ୟାଳୟ ରେ ଛାତ୍ରୀ ମାନଙ୍କ ଉତ୍ସାହ ଏବଂ ଆଗ୍ରହରେ ହସ୍ତଶିଳ୍ପ ଓ ବିଜ୍ଞାନ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଏହି ପ୍ରଦର୍ଶନୀର ଲକ୍ଷ୍ୟ ଥିଲା ଛାତ୍ରୀ ମାନଙ୍କ ମଧ୍ୟରେ ସୃଜନଶୀଳତା, ବୈଜ୍ଞାନିକ ଚିନ୍ତାଧାରା ଏବଂ ନବ ସୃଜନଙ୍କୁ ପ୍ରୋତ୍ସାହିତ କରିବା। କଲେଜ ଅଧ୍ୟକ୍ଷ ପ୍ରଫେସର ତପନ କୁମାର ଦାସ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍ ଘାଟନ କରିଥିବା ବେଳେ ମାର୍ଶଘାଇ ମହା ବିଦ୍ୟାଳୟ ର ଭୌତିକ ବିଜ୍ଞାନର ମୁଖ୍ୟ ପ୍ରାଧ୍ୟାପକ ପ୍ରଭାତ କୁମାର ଲେଙ୍କା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦର୍ଶନୀର ମୂଲ୍ୟାଙ୍କନ କରିଥିଲେ। ଏହି ପ୍ରଦର୍ଶନୀ ରେ ନବ ସୃଜନଶୀଳ ବିଜ୍ଞାନ ମଡେଲ, ପରିବେଶ ଅନୁକୂଳ ପ୍ରକଳ୍ପ, ହସ୍ତଶିଳ୍ପ, ଚିତ୍ରକଳା ଉପରେ ବିଭିନ୍ନ ମଡେଲ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମ ରେ ବିଭିନ୍ନ ବିଭାଗର ଛାତ୍ରୀମାନେ ସକ୍ରୀୟ ଭାବେ ଅଂଶ ଗ୍ରହଣ କରି ପରିଦର୍ଶକ ମାନଙ୍କୁ ସେମାନଙ୍କର ପ୍ରକଳ୍ପ ଗୁଡିକୁ ଆତ୍ମ ବିଶ୍ୱାସର ସହିତ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ଅଧ୍ୟାପକ, ଅଧ୍ୟାପିକା ମାନେ ମଡେଲ ପ୍ରସ୍ତୁତ କରିବାରେ ଛାତ୍ରୀ ମାନଙ୍କୁ ସହ ଯୋଗ କରିଥିଲେ। ପ୍ରଶାସନିକ ଅଧିକାରୀ ଶ୍ରୀମତୀ ସବିତା ଦାସଙ୍କ ତତ୍ୱବଧାନ ରେ କାର୍ଯ୍ୟକ୍ରମଟି ପରିଚାଳନା କରା ଯାଇଥିଲା।

# ଓଡ଼ିଶାରେ ୪,୦୦୦ ବର୍ଷର ମାନବ ବସତି ଠାବ କଲା ଏଏସଆଇ



**ଭୁବନେଶ୍ୱର, ୨୦।୨ (ସଂଚାର ବ୍ୟୁରୋ):** ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତ୍ନତାତ୍ତ୍ୱିକ ଆବିଷ୍କାରରୁ ଜଣାପଡିଛି ଯେ ପ୍ରାୟ ୩,୫୦୦ ରୁ ୪,୦୦୦ ବର୍ଷ ପୂର୍ବେ ଓଡ଼ିଶାରେ ଏକ ସଂଗଠିତ ଗ୍ରାମ ଥିଲା। କଟକ ଜିଲ୍ଲାର ଜଲାରପୁର ଗ୍ରାମର ଭାରତୀ ହୁଡାରେ ଖନନ ପରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସଆଇ) ପକ୍ଷରୁ ଶୁକ୍ରବାର ଜଣାପଡ଼ିଛି। ଖନନ କାର୍ଯ୍ୟରେ ଏକ ସୁସଂଗଠିତ ଗ୍ରାମୀଣ ବସତିର ଅବଶେଷ ଆବିଷ୍କାର ହୋଇଛି, ଯେଉଁଥିରେ ବୃତ୍ତାକାର କାଦୁଅା ଗଠନ, ପାରମ୍ପରିକ ମାଟିପାତ୍ର, ପଥର ଏବଂ ହାଡ଼ ଉପକରଣ ଏବଂ ଧାତବ ବସ୍ତୁର ଚିହ୍ନ ଅନ୍ତର୍ଭୁକ୍ତ। ପ୍ରତ୍ନତତ୍ତ୍ୱବିତମାନେ ପଶୁ ଏବଂ ମାଛର ଅବଶେଷ ସହିତ ଧାନ ଏବଂ କଞ୍ଚା ଚଣା ଚାଷର ପ୍ରମାଣ ମଧ୍ୟ ପାଇଛନ୍ତି। ଅଧିକ ବିଶ୍ଳେଷଣରୁ ଜଣାପଡ଼େ ଯେ ବସତି କୃଷି, ପଶୁପାଳନ, ଶିକାର ଏବଂ ମାଛ ଧରିବା ଉପରେ ଆଧାରିତ ଏକ ସମୃଦ୍ଧ ଅର୍ଥନୀତି ଥିଲା। ଏହି ସନ୍ଧାନଗୁଡ଼ିକ ପ୍ରାଗତିହାସିକ ଉପକୂଳ ଓଡ଼ିଶାରେ ପ୍ରାରମ୍ଭିକ ବାସସ୍ଥାନ ପ୍ରଣାଳୀ ଏବଂ ଦୈନନ୍ଦିନ ଜୀବନଶୈଳୀ ବିଷୟରେ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ପ୍ରଦାନ କରେ। ଏହି ଆବିଷ୍କାର ହଜାର ହଜାର ବର୍ଷ ପୂର୍ବେ ଏହି ଅଞ୍ଚଳରେ ରହିଥିବା ସଂଗଠିତ ସମ୍ପ୍ରଦାୟ ଜୀବନ ଏବଂ ସାମାଜିକ-ଅର୍ଥନୈତିକ ଅଭ୍ୟାସ ଉପରେ ଆଲୋକପାତ କରେ। ଆବିଷ୍କାରରେ ବୃତ୍ତାକାର କାଦୁଅ ଗଠନ, ବିବିଧ ମାଟି ପରମ୍ପରା, ପଥର ଏବଂ ହାଡ଼ ଉପକରଣ, ଧାତୁ ବସ୍ତୁ ଏବଂ ବ୍ୟାପକ ପ୍ରାଣୀ ଅବଶେଷ ଅନ୍ତର୍ଭୁକ୍ତ। ଚାଷ କରାଯାଇଥିବା ଧାନ ଏବଂ ମୁଗ, ପଶୁ ଏବଂ ମାଛ ଅବଶେଷ ସହିତ, ଚାଷ, ପଶୁପାଳନ, ଶିକାର ଏବଂ ମାଛ ଧରିବା ଉପରେ ଆଧାରିତ ଏକ ଜୀବନଜୀବିକା ଅର୍ଥନୀତିକୁ ସୂଚିତ କରେ, ଯାହା ଉପକୂଳ ଓଡ଼ିଶାର ପ୍ରାରମ୍ଭିକ-ଐତିହାସିକ ସମୟର ପ୍ରାରମ୍ଭିକ ବସତି ପଦ୍ଧତି ଏବଂ ଦୈନନ୍ଦିନ ଜୀବନଶୈଳୀ ବିଷୟରେ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ପ୍ରଦାନ କରେ।

## ଓଡିଶାର ପ୍ରଥମ ନାବାଳକ ପରିବର୍ତ୍ତନ ନିଶାମୁକ୍ତି କେନ୍ଦ୍ରର ଅନ୍ତେବାସୀଙ୍କୁ ମାଟ୍ରିକ ପରୀକ୍ଷାର ଶୁଭେଚ୍ଛା



**କଟକ, , ୨୦।୨ (ସଂଚାର ବ୍ୟୁରୋ) :** କଟକ ଚୌଦ୍ୱାର ରେ ଥିବା ଓଡିଶା ର ସର୍ବ ପ୍ରଥମ ନାବାଳକ ପାଇ ଉଦିଷ୍ଟ ପରିବର୍ତ୍ତନ ନିଶାମୁକ୍ତି କେନ୍ଦ୍ର ର ଅନ୍ତେବାସୀ ଶ୍ରୀ ଶିବମ ବେହେରା ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ୨୦୨୬ ଦେଇଛନ୍ତି। ଏହି ଅନ୍ତେବାସୀଙ୍କ ଘର ମୟୁରଭଞ୍ଜ ଜିଲ୍ଲା ଉଦଳା ଆଜକୁ ଏକ ବର୍ଷ ହେବ ଚୌଦ୍ୱାର ସ୍ଥିତ କଳିଙ୍ଗ ପବ୍ଲିକ ସରକାରୀ ବିଦ୍ୟାଳୟ ଶିକ୍ଷା ଗ୍ରହଣ କରୁଥିଲେ। ଆଜି ଆଗ୍ରାହାଟ ହାଇ ସ୍କୁଲ ରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଛନ୍ତି ତା ପୂର୍ବରୁ ରୁ ଅନୁଷ୍ଠାନ ତରଫରୁ ଅଧକ୍ଷ ଶ୍ରୀଯୁକ୍ତ ନରୋତ୍ତମ ଦାସ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦେବା ସହ ମିଷ୍ଟାନ ଖୁଆଇ ଦେଇଥିଲେ। ଏହା ମାଧ୍ୟମ ଶିବମ ବେହେରା ଙ୍କୁ ଉତ୍ସହିତ କରାଯାଇଥିଲା। ଶିବମ ବେହେରା ଘରେ ଥିବା ସମୟ ରେ ୨ବର୍ଷ ହେବ ବିଦ୍ୟାଳୟ ନଯାଇ ପାଠ ଛାଡି ଦେଇ ଅସାମାଜିକ କାର୍ଯ୍ୟ ରେ ଲିପ୍ତ ଥିଲେ। ଆମ ଅନୁଷ୍ଠାନ ତରଫରୁ ଆମ ପାଖରେ ଥିବା ଡ୍ରପ ଆଉଟ ଅନ୍ତେବାସୀ ମାନ କୁ କିପରି ପୁଣିଥରେ ବାଧ୍ୟତାମୂଳକ ଶିକ୍ଷା ବିବସ୍ଥା ରେ ସାମିଲ କରାଇବା ମୂଳ ଲକ୍ଷ୍ୟ।

## +୨ ପରୀକ୍ଷାରେ ଅନୁପସ୍ଥିତ ରହୁଛନ୍ତି ନିରୀକ୍ଷକ ଓ ରିଲିଭର

# କେନ୍ଦ୍ରାପଡା କଲେଜ ପରୀକ୍ଷା ଡ୍ୟୁଟିରେ ଅବହେଳା

**କେନ୍ଦ୍ରାପଡ଼ା, ୨୦।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚାଲିଥିବା +୨ ପରୀକ୍ଷା କେନ୍ଦ୍ରରେ ନିରୀକ୍ଷକ ଓ ରିଲିଭର ଅନୁପସ୍ଥିତ ରହୁଥିବା ନେଇ ଅଭିଯୋଗ ହୋଇଛି।

ଆଜି ମାତୃଭାଷା ବିଷୟରେ ପରୀକ୍ଷା ଥିବା ବେଳେ ନିରୀକ୍ଷକ କମ୍ପ୍ୟୁଟର ସାଇନ୍ସ ବିଭାଗର ଜଣେ ଅଧ୍ୟାପକ ଓ ସମାଜବିଜ୍ଞାନ ବିଭାଗର ଜଣେ ଅଧ୍ୟାପିକା ଅନୁପସ୍ଥିତ ଥିବା ଦେଖାଯାଇଥିଲା। ସେହିପରି ରିଲିଭର ଦାୟୀତ୍ୱରେ ଥିବା ଇଂରାଜୀ ବିଭାଗର ଜଣେ ଅଧ୍ୟାପକ ମଧ୍ୟ ଅନୁପସ୍ଥିତ ଥିବା ଦେଖାଯାଇଥିଲା।

ଏସମ୍ପର୍କରେ ସେମାନଙ୍କୁ ପୂର୍ବରୁ ପରୀକ୍ଷା ପରିଚାଳନା ଦାୟୀତ୍ୱରେ ଥିବା ଭାରପ୍ରାପ୍ତ ଅଧିକାରୀଙ୍କ ପକ୍ଷରୁ ଅବଗତ କରାଯାଇଥିଲେବି ଉପରୋକ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନେ ବିନା ଅନୁମତିରେ ଅନୁପସ୍ଥିତ ରହିଥିଲେ।

+୨ ପରୀକ୍ଷା ଭଳି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଅବହେଳା କରିବା ଘଟଣା ସେମାନଙ୍କ ଦାୟୀତ୍ୱବୋଧତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ଘଟଣା ସମ୍ପର୍କରେ କଲେଜ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନାଙ୍କୁ ପଚାରିବାରେ ସେ କହିଲେ ଏହି ଘଟଣାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

# ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ



**କେନ୍ଦ୍ରାପଡା, ୨୦।୨ (ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ -୨୦୨୬ଜିଲ୍ଲା ମିଶନଶକ୍ତି ଭବନ, କେନ୍ଦ୍ରାପଡା ସଭାଗୃହରେ ଅନୁଷ୍ଠିତ ହୋଇଯାଇଅଛି ।ପ୍ରଥମେ ମୁଖ୍ୟ ଅତିଥି ତଥା ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟର ଶୁଭ ଉଦ୍ଘାଟନ କରାଯାଇଥିଲା ।ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସଂଗ୍ରାମ କେଶରୀ ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ),ଶ୍ରୀ ରବୀନ୍ଦ୍ର କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କେନ୍ଦ୍ରାପଡ଼ା ସମ୍ପାଦକ ଶ୍ରୀ ସନ୍ତୋଷ କୁମାର ମହାପାତ୍ର, ଜିଲ୍ଲା ଉପ ଆରକ୍ଷୀ ଅଧିକ୍ଷକ, କେନ୍ଦ୍ରାପଡା ଶ୍ରୀମତୀ ସସ୍ମିତା ସାହୁ,ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ (ଜନସ୍ୱାସ୍ଥ୍ୟ), ଡ଼ା ଗୌରାଙ୍ଗ ଚରଣ ଗିରି,ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ, କେନ୍ଦ୍ରାପଡ଼ା ଶ୍ରୀ ଅମରେଶ ସାମଲ,ଜିଲ୍ଲା ମିଶନ ଶକ୍ତି ସଂଯୋଜିକା ସୁଶ୍ରୀ ଆରତୀ ସାହୁ, ଜ୍ଞାନରଞ୍ଜନ ସେଠୀ, ଆର୍ଥିକ ସାକ୍ଷରତା ପରାମର୍ଶ ଦାତା (ଭାରତୀୟ ଷ୍ଟେଟ ବ୍ୟାଙ୍କ) ଶ୍ରୀ ହରିନାଥ ପଣ୍ଡାଆଦି ଯୋଗ ଦେଇ କହିଥିଲେ ଯେ ବରିଷ୍ଠ ନାଗରିକ ମାନେ ସମାଜର ମାର୍ଗଦର୍ଶକ ଅଟନ୍ତି। ଏମାନଙ୍କର ଧନ, ଜୀବନ, ସ୍ୱାସ୍ଥ୍ୟ, ସୁରକ୍ଷା ପାଇଁ ସରକାର ବହୁବିଧ ଯୋଜନା ପ୍ରଣୟନ କରିଛନ୍ତି । ସେମାନଙ୍କୁ ପରିଚୟ ପତ୍ର ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଉଛି ।ସେମାନେ କିପରି ସାଇବର ଠକେଇ ଓ ଅନ୍ୟାନ୍ୟ ଡିଜିଟାଲ ଠକେଇର ଶିକାର ନହେବେ ସେଥିପାଇଁ ବିଭିନ୍ନ ଉଦାହରଣ ଦେଇ ସଚେତନ କରାଯାଇଥିଲା । ନିର୍ଯ୍ୟତନାର ଶିକାର ହେଉଥିବା ବରିଷ୍ଠ ନାଗରିକମାନେ କିପରି ମାଗଣାରେ ଆଇନର ଦ୍ୱାରସ୍ଥ ହୋଇପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା ।ସରକାରୀ ସୁବିଧା ସହିତ ସମସ୍ତଙ୍କ ସହଯୋଗ ମିଳିଲେ ସେମାନେ ସମ୍ମାନର ସହିତ ବଞ୍ଚିପାରିବେ ।ନିମାଇଁ ଚରଣ ମାନସିକ ଅନଗ୍ରସର ବିଦ୍ୟାଳୟର ଅଧ୍ୟକ୍ଷ, ଶ୍ରୀ ସ୍ୱପ୍ନାଂଶୁ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସଂଗ୍ରାମ କେଶରୀ ବେଉରା ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଓ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ଥିବା ବିଭିନ୍ନ ସରକାରୀ ସୁବିଧାସୁଯୋଗ ବିଷୟରେ ଅବଗତ କରେଇଥିଲେ । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲା କ୍ରିଡା ଅଧିକାରୀ, ଶ୍ରୀ ଲୋକନାଥ ପାଣିଗ୍ରାହୀ ଓ ଯୋଗଗୁରୁ ସଞ୍ଜୟ ମଥାନଙ୍କ ଦ୍ୱାରା ବରିଷ୍ଠ ନାଗରିକମାନଙ୍କୁ ଯୋଗ ଶିକ୍ଷା ପ୍ରଦାନ କରାଯାଇଥିଲା ।

## କେନ୍ଦ୍ରାପଡାରେ ହେବ ବିଶ୍ୱବିଦ୍ୟାଳୟ ଏବଂ ଜାହାଜ ତିଆରି କ୍ଲଷ୍ଟର

# ମୋହନ ସରକାରଙ୍କ ନିଷ୍ପତ୍ତିକୁ ବ୍ୟାପକ ସ୍ୱାଗତ

**କେନ୍ଦ୍ରାପଡା, ୨୦।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ନୂତନ ବିଶ୍ୱବିଦ୍ୟାଳୟ, ଜାହାଜ ତିଆରି କ୍ଲଷ୍ଟର ଓ ଶ୍ରୀ ବଳଦେବଜୀଉ ପରିକ୍ରମା ପ୍ରକଳ୍ପ ନିର୍ମାଣ କରାଯିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାର ଆଜି ଘୋଷଣା କରିଛନ୍ତି। ଏହି ଖବର ଜଣାପଡ଼ିବା ପରେ କେନ୍ଦ୍ରାପଡା ରେ ବିଭିନ୍ନ ସ୍ତରରୁ ସରକାରଙ୍କ ନିଷ୍ପତିକୁ ସ୍ୱାଗତ କରାଯାଇଛି। ବହୁଦିନ ରୁ କେନ୍ଦ୍ରାପଡା ରେ ସରକାରୀ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଦାବି କରା ଯାଉଥିବା ବେଳେ ଏହା ହେବ ବୋଲି ରାଜ୍ୟ ସରକାର ଘୋଷଣା କରିବା ସହ ମହାକାଳପଡା ରେ ମହାନଦୀ ଭିତିକ ଏକ ଜାହାଜ ତିଆରି କ୍ଲଷ୍ଟର ପାଇଁ ପାରାଦ୍ୱୀପ ବନ୍ଦର ଓ ଓଡିଶା ମେରିଟାଇନ ବୋର୍ଡ ମଧ୍ୟରେ ଏକ ୨୨ ହଜାର ୭୦୦ କୋଟି ଟଙ୍କାର ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି।
ଏହି ଘୋଷଣା ଜିଲ୍ଲାର ବିକାଶକୁ ତ୍ୱରାନିତ୍ୱ କରିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି, ସାଂସଦ ବୈଜୟନ୍ତ ପଣ୍ଡା ଓ ମହାକାଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ ପ୍ରମୁଖଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ବିଜେପି ନେତ୍ରୀ ଗୀତାଞ୍ଜଳୀ ସେଠୀ, ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ପୂର୍ବତନ ସଭାପତି କିଶୋର କୁମାର ପଣ୍ଡା, ସାଧାରଣ ସଂପାଦକ ଅମିତାବ ସୁଆର, ଅଭିମନ୍ୟୁ ଗୋଛାୟତ, ଉପୀନ କୁମାର ରାଉତ, ପ୍ରତାପ ଦାସ, ନେହେରୁ ସାହୁ, ପ୍ରଶାନ୍ତ ସେଠୀ, ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ବଜେଟ୍ ପ୍ରତିକ୍ରିୟା

### ବଜେଟ୍‌ରେ 'ସମୃଦ୍ଧ ଓଡ଼ିଶା' ପାଇଁ ପ୍ରତିବଦ୍ଧତା



**ଭୁବନେଶ୍ୱର,୨୦।୨(ସଂଚାର ବ୍ୟୁରୋ):** ସମୁଦାୟ ବଜେଟରେ 'ସମୃଦ୍ଧ ଓଡ଼ିଶା, ବିକଶିତ ଓଡ଼ିଶା'କୁ ଗୁରୁତ୍ୱ ଦିଆଯାଇଛି। ବଜେଟରେ 'ସମୃଦ୍ଧ ଓଡ଼ିଶା' ଗଠନ ପାଇଁ ବିଜେପିର ପ୍ରତିବଦ୍ଧତା ସ୍ପଷ୍ଟ ପ୍ରତିଫଳିତ। କୃଷି, ପର୍ଯ୍ୟଟନ, ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ, ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ, କ୍ରୀଡ଼ା, ଦକ୍ଷତା ବିକାଶ, ଖାଦ୍ୟ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଛି। ଏଥିସହ ଓଡ଼ିଆ ଅସ୍ମିତାର ପ୍ରଚାର ପ୍ରସାର ସହ ସମାଜର ସବୁ ବର୍ଗ ଓ ଅଞ୍ଚଳବାସୀଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ନିମନ୍ତେ ବଜେଟ୍‌ରେ ଆର୍ଥିକ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାଜ୍ୟ ସଭାପତି ମନମୋହନ ସାମଲ ଧନ୍ୟବାଦ ଦେଇଛନ୍ତି। ସେ କହିଛନ୍ତି ଯେ ଚଳିତ ବଜେଟରେ ୧୬ଟି ନୂତନ ଜନକଲ୍ୟାଣକାରୀ ଯୋଜନା ସହ ପରିମାଣ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ହୋଇଛି, ଯାହାକି ସର୍ବକାଳିନ ସର୍ବାଧିକ। ଏହି ବଜେଟରେ ରାଜ୍ୟର ସାମଗ୍ରିକ ବିକାଶ ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶ ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସରେ ଅନୁପ୍ରାଣିତ ହୋଇ ବିଜେପି ସରକାର ୪ ବର୍ଗ ଗରିବ, ମହିଳା, କୃଷକ ଓ ଯୁବପିଢ଼ିଙ୍କ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଏହା ସମୃଦ୍ଧ ଓଡ଼ିଶା ଗଠନ ପାଇଁ 'ଐତିହାସିକ, ଦୂରଦୃଷ୍ଟିସମ୍ପନ୍ନ ବଜେଟ' ବୋଲି ଶ୍ରୀ ସାମଲ କହିଛନ୍ତି।

### ଓଡ଼ିଶା ପାଇଁ ବଡ଼ ଉପଲବ୍ଧି: ଆନନ୍ଦ ମହାପାତ୍ର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ଆସନ୍ତା ବର୍ଷ ପାଇଁ ୩ ଲକ୍ଷ ୧୦ ହଜାର କୋଟି ଟଙ୍କା ବଜେଟ ଆକଳନ କରି ଉପସ୍ଥାପନ କରିଛନ୍ତି। ପୁଞ୍ଜିନିବେଶ ପରିମାଣ ୭୨୧୦୦ କୋଟି ଟଙ୍କା ସ୍ଥିର ହୋଇଥିବା ବେଳେ ଋଣ ପରିମାଣକୁ ୪୮୫୦୦ କୋଟି ଟଙ୍କାରେ ସୀମିତ ରଖିବା ଓଡ଼ିଶା ପାଇଁ ଖୁବ୍ ବଡ଼ ଉପଲବ୍ଧି। ସେହିପରି ରାଜ୍ୟର ଅଣ-ଟିକସ ରାଜସ୍ୱ ୭୧୧୦୦ କୋଟି ଟଙ୍କା ଆକଳନ କରାଯାଇଥିବା ବେଳେ ରାଜ୍ୟ ଟିକସ ରାଜସ୍ୱ ପରିମାଣ ୭୦ ହଜାର କୋଟି ଟଙ୍କା ସ୍ଥିର ହେବା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଅଣ-ଟିକସ ରାଜସ୍ୱ ମୁଖ୍ୟତଃ ଖଣି ରୟାଲ୍‌ଟିରୁ ୫୩ ହଜାର କୋଟି ଟଙ୍କା ଆଦାୟ କରିବା ପାଇଁ ମୋହନ ସରକାର ଲକ୍ଷ୍ୟ ରଖିଛନ୍ତି। ଏହା ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ କହିଛନ୍ତି ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର।

**ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଘୋଷଣା**

### ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଟଙ୍କଧର



**ଭୁବନେଶ୍ୱର,୨୦।୨(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ବଜେଟ୍ ଉପସ୍ଥାପନ ସମୟରେ ରାଜ୍ୟରେ ଯେଉଁ ୪ଟି ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ଘୋଷଣା କରିଛନ୍ତି, ସେଥିରେ ଝାରସୁଗୁଡା ସ୍ଥାନ ପାଇଥିବାରୁ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଘୋଷଣା ଜିଲ୍ଲାରେ ଉଚ୍ଚଶିକ୍ଷାର ବିକାଶ ସହିତ ଯୁବ ପ୍ରତିଭାଙ୍କ ଆଶା ଆକାଂକ୍ଷା ପୂରଣ କରିବ ବୋଲି ସେ କହିଛନ୍ତି। ଉଲ୍ଲେଖନୀୟ ଯେ ମୁଖ୍ୟମନ୍ତ୍ରୀ ଆଜି ବିଧାନସଭାରେ ଝାରସୁଗୁଡା ସମେତ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ଭଦ୍ରକରେ ଗୋଟିଏ ଲେଖାଏଁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ଘୋଷଣା କରିବା ସହ ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ସେଠାରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ହେବ ବୋଲି କହିଛନ୍ତି।

# ଓପିଏସସି ଓ ଓସିଏସ୍ ଫର୍ମରେ 'ତୃତୀୟ ଲିଙ୍ଗ' ସ୍ଥାନିତ

- **ବଢ଼ିଲା ଆବେଦନର ଶେଷ ତାରିଖ**
- **ସୋନି ସିଲ୍‌ଙ୍କ ଅଭିଯୋଗ ପରେ ପଦକ୍ଷେପ**



**କଟକ,୨୦।୨(ସଂଚାର ବ୍ୟୁରୋ):** ସମାବେଶୀ ନିଯୁକ୍ତି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଆଜି ରାଜ୍ୟ ସରକାର ଓଡ଼ିଶା ସିଭିଲ୍ ସର୍ଭିସେସ୍ (ଓସିଏସ) ପରୀକ୍ଷା-୨୦୨୫ ପାଇଁ ଉଦ୍ଦିଷ୍ଟ ଆବେଦନ ଫର୍ମରେ 'ତୃତୀୟ ଲିଙ୍ଗ' ବର୍ଗଙ୍କୁ ସାମିଲ କରାଯାଇଛି। ଏହି ପଦକ୍ଷେପ ଓଡ଼ିଶା ମାନବାଧିକାର କମିଶନ (ଓଏଚଆରସି) ଦ୍ୱାରା ଜାରି ନିର୍ଦ୍ଦେଶର ପରିପାଳନ ପରିପ୍ରେକ୍ଷୀରେ ନିଆଯାଇଛି। 'ତୃତୀୟ ଲିଙ୍ଗ' ପ୍ରାର୍ଥୀଙ୍କ ପାଇଁ ସମାନ ସୁଯୋଗ ସୁନିଶ୍ଚିତ କରି ଓଡ଼ିଶା ଲୋକସେବା କମିଶନ (ଓପିଏସସି) ଦ୍ୱାରା ପରିଚାଳିତ ଓସିଏସ-୨୦୨୫ ପରୀକ୍ଷା ପାଇଁ ସଂଶୋଧିତ ବିଜ୍ଞପ୍ତିରେ ଏହି ବ୍ୟବସ୍ଥାକୁ ସାମିଲ୍ କରାଯାଇଛି। ସେହିପରି ନୂତନ ବର୍ଗର ଅନ୍ତର୍ଭୁକ୍ତିକୁ ଦୃଷ୍ଟିରେ ରଖି କର୍ତ୍ତୃପକ୍ଷ ପଞ୍ଜୀକରଣ ଓ ଆବେଦନର ଶେଷ ତାରିଖ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ଯୋଗ୍ୟ ପ୍ରାର୍ଥୀମାନେ ଅପଡେଟ୍ ଫର୍ମାଟ୍ ଅନୁଯାୟୀ ଆବେଦନ କରିପାରିବେ। ଏ ସଂକ୍ରାନ୍ତରେ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି ଯେ 'ତୃତୀୟ ଲିଙ୍ଗ' ବ୍ୟକ୍ତି ଭାବେ ସରକାରୀ ମାନ୍ୟତା ପାଇବା ପରେ ଯେଉଁ ପ୍ରାର୍ଥୀଙ୍କ ନାମ ପରିବର୍ତ୍ତନ ହୋଇଛି, ସେମାନଙ୍କୁ ଆବେଦନ ସମୟରେ ପ୍ରାସଙ୍ଗିକ ସହାୟକ ଡକ୍ୟୁମେଣ୍ଟ ଦାଖଲ କରିବାକୁ ପଡ଼ିବ। 'ତୃତୀୟ ଲିଙ୍ଗ' ପ୍ରାର୍ଥୀ ସୋନି ସିଲ୍ ନାମକ ଜନୈକ ପ୍ରାର୍ଥୀଙ୍କ ଦ୍ୱାରା ଏକ ଆବେଦନ ଦାଖଲ କରାଯିବା ପରେ ଏହି ନିୟମ ଆସିଛି। ସେ ଓସିଏସ ପରୀକ୍ଷା ଫର୍ମରେ ଉପଯୁକ୍ତ ଲିଙ୍ଗ ବିକଳ୍ପ ନ ଥିବା ଯୋଗୁଁ ପକ୍ଷପାତିତା ଅଭିଯୋଗ ଆଣିଥିଲେ। ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଓଏଚଆରସି ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ଆବେଦନ ପ୍ରକ୍ରିୟାରେ ଆବଶ୍ୟକ ସଂଶୋଧନ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। କମିଶନ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସଶକ୍ତୀକରଣ ବିଭାଗକୁ ମଧ୍ୟ ସମସ୍ତ ସରକାରୀ ବିଭାଗ ଓ ରାଜ୍ୟ ପରିଚାଳିତ ନିଗମଗୁଡ଼ିକ ସେମାନଙ୍କର ନିଯୁକ୍ତି ପ୍ରକ୍ରିୟାରେ ତୃତୀୟ ଲିଙ୍ଗ ବିକଳ୍ପକୁ ଅନ୍ତର୍ଭୁକ୍ତ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଓଏଚଆରସି ମଧ୍ୟ ରାଜ୍ୟ ସରକାରଙ୍କୁ ତାଙ୍କ ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ କରିବା ପାଇଁ ୬୦ ଦିନ ମଧ୍ୟରେ ଏକ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ମଧ୍ୟ ନିବେଦନ କରିଛନ୍ତି।

## ଭିଜିଲାନ୍ସ ଜାଲରେ ଫରେଷ୍ଟର୍



**ଭବାନୀପାଟଣା, ୨୦।୨ (ସଂଚାର ବ୍ୟୁରୋ) :** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଆଉ ଜଣେ ସରକାରୀ ବାବୁ। କଳାହାଣ୍ଡି ଜିଲା ଭବାନୀପାଟଣା ରେଞ୍ଜର ଫରେଷ୍ଟର ଭାଗବତ ଭୂଷଣ ବେହେରାଙ୍କ ଘରେ ଶୁକ୍ରବାର ସକାଳୁ ଚଢ଼ାଉ କରିଛି ଭିଜିଲାନ୍ସ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସକାଳ ପ୍ରାୟ ୬ଟାରୁ ଭିଜିଲାନ୍ସର ୩ଟି ଟିମ୍ ଭବାନୀପାଟଣା ଓ ଆଖପାଖ ଅଞ୍ଚଳରେ ଏକକାଳୀନ ଚଢ଼ାଉ ଜାରି ରଖିଛନ୍ତି। ଭବାନୀପାଟଣା ସ୍ପେଶାଲ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ଆଧାରରେ ଏହି ରେଡ୍ କରାଯାଉଛି। ସୂଚନା ଅନୁସାରେ ଭବାନୀପାଟଣା ହିଲ୍ ଟାଉନ୍‌ରେ ଥିବା ଫରେଷ୍ଟରଙ୍କ ତିନି ମହଲା ବାସଭବନ, ଜୁନାଗଡ଼ ଥାନା ଅନ୍ତର୍ଗତ ଦେଉଣ୍ଡି ଗାଁରେ ଥିବା ପୈତୃକ ବାସଭବନ ଏବଂ ଭଟାଙ୍ଗପଦର ସେକ୍ସନ ସ୍ଥିତ ଫରେଷ୍ଟରଙ୍କ ସରକାରୀ କାର୍ଯ୍ୟାଳୟରେ ଚଢ଼ାଉ ଜାରି ରହିଛି। ଏହି ଚଢ଼ାଉରେ ୪ ଜଣ ଡିଏସପି, ୭ ଜଣ ଇନ୍ସପେକ୍ଟର, ୪ ଜଣ ଏଏସଆଇ ଏବଂ ଅନ୍ୟ କର୍ମଚାରୀମାନେ ସାମିଲ ଅଛନ୍ତି। ଫରେଷ୍ଟର ଭାଗବତ ଭୂଷଣ ବେହେରାଙ୍କ ସମସ୍ତ ବ୍ୟାଙ୍କ୍ ଆକାଉଣ୍ଟ, ସୁନା ଗହଣା ଏବଂ ଜମିବାଡ଼ି ସମ୍ପର୍କିତ କାଗଜପତ୍ରର ଯାଞ୍ଚ ଚାଲିଛି। ବର୍ତ୍ତମାନ ସୁଦ୍ଧା କେତେ ପରିମାଣର ସମ୍ପତ୍ତି ଜବତ ହୋଇଛି, ସେ ନେଇ ଭିଜିଲାନ୍ସ ପକ୍ଷରୁ ସ୍ପଷ୍ଟ ସୂଚନା ମିଳିନାହିଁ।



## ଅପରେସନ୍ ବ୍ଲାକ୍ ଫରେଷ୍ଟ-୨ : ୫ ନକ୍ସଲ ନିପାତ

**ମାଲକାନଗିରି,୨୦।୨ (ସଂଚାର ବ୍ୟୁରୋ):** ମାଓବାଦୀଙ୍କ ବିରୋଧରେ ଆଜି ସୁରକ୍ଷା ବଳକୁ ଏକ ବଡ଼ ସଫଳତା। 'ଅପରେସନ୍ ବ୍ଲାକ୍ ଫରେଷ୍ଟ-୨'ରେ ୫ ଜଣ ଦୁର୍ଦ୍ଧାନ୍ତ ମାଓବାଦୀ ନିପାତ ହୋଇଛନ୍ତି। ଫଳତଃ ଛତିଶଗଡ଼ ଓ ତେଲଙ୍ଗାନା ସୀମାନ୍ତ ଜଙ୍ଗଲରେ ଯବାନଙ୍କ ଗୁଳିରେ ନକ୍ସଲ ମୂଳପୋଛ ଅଭିଯାନ ଆହୁରି ଜୋରଦାର ହୋଇଛି। ଛତିଶଗଡ଼ ଓ ତେଲଙ୍ଗାନାର ସୀମାନ୍ତବର୍ତ୍ତୀ କାରେଗୁଟ୍ଟା ଜଙ୍ଗଲରେ ମାଓବାଦୀମାନେ ମେଳି କରୁଥିବା ନେଇ ଖବର ମିଳିବା ପରେ ସେଠାରେ ଯବାନମାନେ ଅତର୍କିତ ଚଢ଼ାଉ କରିଥିଲେ। ଫଳତଃ ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ହୋଇଥିଲା, ଯେଉଁଥିରେ ୫ ଜଣ ନକ୍ସଲ ପ୍ରାଣ ହରାଇଛନ୍ତି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସେମାନଙ୍କ ପରିଚୟ ମିଳିପାରିନାହିଁ। ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ନକ୍ସଲମୁକ୍ତ କରିବା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଲକ୍ଷ ଧାର୍ଯ୍ୟ କରିଥିବା ବେଳେ ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ପ୍ରାୟ ୨ ହଜାର ଯବାନ ସାମିଲ ହୋଇଛନ୍ତି। ଘଟଣାସ୍ଥଳରୁ ବିପୁଳ ପରିମାଣର ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ କରିଥିବା ଜଣାପଡ଼ିଛି।

**● 'ଏଆଇ ସମ୍ମିଟ୍'ରେ କଂଗ୍ରେସର ଅପମାନଜନକ ପ୍ରଦର୍ଶନକୁ ବିରୋଧ**

## ବିୱାଇଏମ୍‌ର ବିକ୍ଷୋଭ, ରାହୁଲ୍‌ଙ୍କ କୁଶପୁତ୍ତଳିକା ଦାହ

**ଭୁବନେଶ୍ୱର,୨୦।୨(ସଂଚାର ବ୍ୟୁରୋ):** ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ରାଜନୀତି ଅତି ନୀଚ୍ଚ ସ୍ତରକୁ ଚାଲିଯାଇଥିବା ବେଳେ ନିକଟରେ ଦିଲ୍ଲୀଠାରେ ଚାଲୁଥିବା ବିଶ୍ୱର ସର୍ବବୃହତ ଏଆଇ ଇମ୍ପାକ୍ଟ ସମ୍ମିଟ୍‌ରେ କଂଗ୍ରେସ କର୍ମୀମାନେ ଯେପରି ଆଚରଣ ପ୍ରଦର୍ଶନ କରିଛନ୍ତି, ତାକୁ ଭାଷାରେ ସମାଲୋଚନା କରାଯିବା ସହ ବିଜେପି ଯୁବମୋର୍ଚ୍ଚା (ବିୱାଇଏମ୍) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। 'ଏଆଇ ସମ୍ମିଟ୍'ରେ ରାହୁଲଙ୍କ ଇଙ୍ଗିତରେ କଂଗ୍ରେସ କର୍ମୀମାନେ ରାଜନୈତିକ ପୋଷ୍ଟର ଧରି ଅଭଦ୍ରାମୀ ପ୍ରଦର୍ଶନ କରି ସମ୍ମିଳନୀକୁ କଳଙ୍କିତ କରିବାକୁ ଚେଷ୍ଟା କରିଛନ୍ତି। ଭାରତକୁ ଅପମାନିତ କରିବା ପାଇଁ ଯୋଜନାବଦ୍ଧ ଭାବେ ଷଡ଼ଯନ୍ତ୍ର କରିଛନ୍ତି। ଏଭଳି କାର୍ଯ୍ୟ କରି କଂଗ୍ରେସ ଦିନକୁ ଦିନ ପତନ ଆଡ଼କୁ ଗତି କରୁଛି ବୋଲି ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା କହିଥିବା ବେଳେ ଏପରି ଏକ ଉଦ୍ୟମକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି। କଂଗ୍ରେସ କର୍ମୀମାନେ ସମ୍ମିଟ୍‌କୁ ବିରୋଧ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଭାବମୂର୍ତ୍ତିକୁ ମଳିନ କରିବାକୁ ବି ପ୍ରୟାସ କରିଛନ୍ତି। ଗଣତନ୍ତ୍ରରେ ବିରୋଧ ସ୍ୱାଗତଯୋଗ୍ୟ। କିନ୍ତୁ ଅନ୍ତର୍ଜାତୀୟ ପ୍ଲାଟ୍‌ଫର୍ମରେ ବିରୋଧ ଦେଶର ଭାବମୂର୍ତ୍ତିକୁ ପ୍ରଭାବିତ କରିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି। ଯୁବମୋର୍ଚ୍ଚାର କର୍ମୀମାନେ ସ୍ଥାନୀୟ ମାଷ୍ଟର



କ୍ୟାଣ୍ଟିନ୍‌ଠାରେ ରାହୁଲଙ୍କ କୁଶପୁତ୍ତଳିକା ଦାହ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛି। ଏଭଳି ନିମ୍ନମାନର କାର୍ଯ୍ୟ ପାଇଁ ରାହୁଲ ଦେଶବାସୀଙ୍କ ସମ୍ମୁଖରେ କ୍ଷମା ପ୍ରାର୍ଥନା କରିବାକୁ ମଧ୍ୟ ଶ୍ରୀ ପଣ୍ଡା ଦାବି କରିଛନ୍ତି। ଏହି ବିକ୍ଷୋଭରେ ବିଜେପି ଯୁବମୋର୍ଚ୍ଚାର ସୁବ୍ରତ ବିଶ୍ୱାଳ, ମାନସ କୁମାର ସାହୁ, ଆଶୁତୋଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ଆଇପିଏସ୍‌ଙ୍କ ବିୟୋଗରେ ଶୋକ



**ଭୁବନେଶ୍ୱର,୨୦।୨(ସଂଚାର ବ୍ୟୁରୋ):** ପୂର୍ବତନ ଆଇପିଏସ୍ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ଦାସଙ୍କ ବିୟୋଗରେ ଆଜି ରାଜ୍ୟ ଆଇପିଏସ୍ ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ଏହି ଉପଲକ୍ଷେ ଆଜି ଅପରାହ୍ନରେ ସ୍ଥାନୀୟ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ ସ୍ୱର୍ଗତଃ ଦାସଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଛି। ରାଜ୍ୟ ଆଇପିଏସ୍ ସଂଘ ପକ୍ଷରୁ ସ୍ୱର୍ଗତଃ ଦାସଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରାଯାଇଛି। ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି ଯେ ଶ୍ରୀ ଦାଶ ଜଣେ ଦକ୍ଷ, କର୍ମଠ ଓ ସମର୍ପିତ ଆଇପିଏସ୍ ଅଧିକାରୀ ଭାବେ ସୁନାମ ଅର୍ଜନ କରିଥିଲେ। ନିଜର ଦୀର୍ଘ ଚାକିରି ଜୀବନରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ସେ ଦକ୍ଷତାର ସହ କାର୍ଯ୍ୟ ନିର୍ବାହ କରି ଓଡ଼ିଶା ପୁଲିସର ମର୍ଯ୍ୟାଦା ତଥା ସୁନାମ ବଢ଼ାଇଥିଲେ। ତାଙ୍କ ବିୟୋଗ ସମାଜ ଓ ପୁଲିସ ବିଭାଗ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଶ୍ରୀ ଖୁରାନିଆ କହିଛନ୍ତି। ପ୍ରାରମ୍ଭରେ ସଂଘ ସମ୍ପାଦକ ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ ଶ୍ରୀ ଦାଶଙ୍କ ଚାକିରି ଜୀବନ ଉପରେ ଆଲୋକପାତ କରିଥିଲେ। ଏଥିସହ ସଙ୍ଗୀତ ଓ ଚଳଚ୍ଚିତ୍ର ଜଗତ ନିମନ୍ତେ ତାଙ୍କର ଅବଦାନ ସମ୍ପର୍କରେ ମଧ୍ୟ ସେ ଉଲ୍ଲେଖ କରିଥିଲେ। ଏହି ଶୋକସଭାରେ ଆଇ.ଜି.ପି. (କାର୍ମିକ) ଏସ୍. ପ୍ରବୀଣ କୁମାର, ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ, ବିପିଏସପିଏ (ଟ୍ରେନିଂ) ଅନୁପ କୁମାର ସାହୁ, ଆଇଜିପି (କ୍ରାଇମବ୍ରାଞ୍ଚ) ଡ. ସାର୍ଥକ ଷଡ଼ଙ୍ଗୀ ଉପସ୍ଥିତ ଥିବା ବେଳେ ଆଭାସୀରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଡିଆଇଜି (ପ୍ରୋଭିଜନିଂ) ଚରଣ ସିଂ ମୀନା, ଡିଆଇଜି (କାର୍ମିକ) ବି. ଯୁଗଳ କିଶୋର ଯୋଗଦେଇଥିଲେ। ଶୋକସଭାକୁ ଶ୍ରୀ ପ୍ରିୟଦର୍ଶୀ ପରିଚାଳନା କରିଥିଲେ।

**ବିଜୁ ମହିଳା ଜନତା ଦଳର ନୂତନ କର୍ମକର୍ତ୍ତାଙ୍କୁ ଭେଟିଲେ ନବୀନ**

## ଅନ୍ୟାୟ ବିରୋଧରେ ଲଢ଼େଇକୁ ମଜବୁତ କରିବାକୁ ଆହ୍ୱାନ

**ଭୁବନେଶ୍ୱର,୨୦।୨(ସଂଚାର ବ୍ୟୁରୋ):** ଆଜି ଶଙ୍ଖ ଭବନଠାରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଆଜି ଦଳର ନୂତନ କର୍ମକର୍ତ୍ତାମାନଙ୍କୁ ଭେଟିଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବିଜେଡି ହେଉଛି ଓଡ଼ିଶାର କୋଟି କୋଟି ମା'ଙ୍କ ନିଜ ଦଳ। ଗତ ୨୭ ବର୍ଷର ଯାତ୍ରା ଭିତରେ ବିଜେଡି ମା'ମାନଙ୍କ ସଶକ୍ତିକରଣ ଉପରେ ସବୁବେଳେ ପ୍ରାଥମିକତା ଦେଇ ଆସିଛି। ଶ୍ରୀ ପଟ୍ଟନାୟକ କହିଥିଲେ ଯେ ମା'ମାନଙ୍କ ସଶକ୍ତୀକରଣ ହିଁ ଓଡ଼ିଶାର ପ୍ରକୃତ ସଶକ୍ତିକରଣ। ବିଜୁ ମହିଳା ଜନତା ଦଳ ମିଶନ ଶକ୍ତି କାର୍ଯ୍ୟକ୍ରମକୁ ଏକ ଆଦର୍ଶ ସଶକ୍ତୀକରଣ କାର୍ଯ୍ୟକ୍ରମ ଭାବେ ଗ୍ରହଣ କରି ଗାଁଗାଁରେ ମା'ମାନଙ୍କ ଆର୍ଥିକ ବିକାଶ ଦିଗରେ ସବୁବେଳେ ମା'ମାନଙ୍କ ସାଥିରେ ରହିଛି। ମା'ମାନଙ୍କ ରୋଜଗାର ବୃଦ୍ଧି ସହ ସେମାନଙ୍କ ଅଧିକାର ପାଇଁ ଲଢ଼େଇ ଜାରି ରଖିବା ହେଉଛି ଦଳର ଆଦର୍ଶ। ମା'ମାନଙ୍କର ସଶକ୍ତୀକରଣକୁ ଏକ ସାମାଜିକ ଆନ୍ଦୋଳନ ଭାବେ ଗଢ଼ି ତୋଳିବାରେ ବିଜେଡିର ଭୂମିକା ଉଲ୍ଲେଖନୀୟ। ମହିଳାଙ୍କ ଉପରେ ବଢ଼ି ଚାଲିଥିବା ଅତ୍ୟାଚାର ନେଇ କ୍ଷୋଭ ପ୍ରକାଶ କରିବା ସହ ଲଢ଼େଇକୁ ଆହୁରି ଜୋରଦାର କରିବା ପାଇଁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ବିଜୁ ମହିଳା ଜନତା ଦଳ ସଭାପତି ସ୍ନେହାଙ୍ଗିନୀ ଛୁରିଆ ସ୍ୱାଗତ ଭାଷଣ ଦେଇଥିଲେ।



## ରକ୍ତଦାନ କରି ଜନ୍ମଦିନ ପାଳିଲେ ସମାଜସେବୀ



**ଧର୍ମଶାଳା,୨୦।୨(ସଂଚାର ବ୍ୟୁରୋ):** ଆଜିକାଲିର ଯୁବ ସମାଜ ପ୍ରାୟତଃ ନିଜ ଜନ୍ମଦିନକୁ ବେଶ୍ ଯାକଜମକରେ ପାଳନ କରିଥାନ୍ତି। କିନ୍ତୁ ସମାଜସେବୀ ସବ୍ୟସାଚୀ ସାହୁ ସେମାନଙ୍କଠାରୁ ଭିନ୍ନ ଢଙ୍ଗରେ ନିଜ ଜନ୍ମଦିନ ପାଳନ କରିଛନ୍ତି। ସେ ରକ୍ତଦାନ କରି ନିଜର ଜନ୍ମଦିନ ପାଳନ କରିବା ସହ ସବ୍ୟସାଚୀ ସମାଜକୁ ଏକ ସୁବାର୍ତ୍ତା ଦେଇଛନ୍ତି। ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ବଡ଼କାଏମା ପଞ୍ଚାୟତ ଗୋଗଳ ଗ୍ରାମର ଲୋକନାଥ ସାହୁଙ୍କ ପୁଅ ସବ୍ୟସାଚୀ ନିଜର ୨୯ତମ ଜନ୍ମଦିନରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ରକ୍ତଭଣ୍ଡାରରେ ସ୍ୱେଚ୍ଛାକୃତ ରକ୍ତଦାନ କରିଛନ୍ତି। ତାଙ୍କ ସହ ଉପସ୍ଥିତ ଥିଲେ 'ମିଶନ୍ ଜ୍ୟୋତି ଟ୍ରଷ୍ଟ, ଓଡ଼ିଶା'ର ପ୍ରତିଷ୍ଠାତା ରଶ୍ମିଲତା ବଳ, ସମାଜସେବୀ ମେଘନାଦ ଜୀନା, ଅଶୋକ ଦାସ। ଶ୍ରୀ ସାହୁ ରୋଗୀମାନଙ୍କ ଜରୁରୀ ଆବଶ୍ୟକ ସମୟରେ ରକ୍ତଦାନ କରିବା ସହ ବିଭିନ୍ନ ସମୟରେ ରକ୍ତଦାନ କରିବା ପାଇଁ ଅନ୍ୟମାନଙ୍କୁ ଉତ୍ସାହ କରିଆସିଛନ୍ତି। ଇତିମଧ୍ୟରେ ସେ ନିଜେ ୨୦ ଥର ରକ୍ତଦାନ କରିସାରିଲେଣି। ଅଧିକନ୍ତୁ ତାଙ୍କ ଜୀବନରେ ସେ ୧୦୦ରୁ ଉର୍ଦ୍ଧ୍ୱ ଥର ରକ୍ତଦାନ କରିବା ପାଇଁ ଲକ୍ଷ୍ୟ ବି ରଖିଛନ୍ତି। ରକ୍ତ ପାଇଁ ରୋଗୀମାନେ ହଇରାଣ ହରକତ ହେଉଥିବା ଦେଖି ସେ ରକ୍ତଦାନ ପାଇଁ ଆଗେଇ ଆସିଥିଲେ। ସେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ସାମାଜିକ କାର୍ଯ୍ୟରେ ସଦାସର୍ବଦା ନିଜକୁ ନିୟୋଜିତ କରିଆସିଛନ୍ତି। ତାଙ୍କ ଉଦ୍ୟମରୁ ଅନ୍ୟମାନେ ପ୍ରେରଣା ନେଇ ରକ୍ତଦାନ ପାଇଁ ଆଗେଇ ଆସିବାକୁ ସବ୍ୟସାଚୀ ନିବେଦନ କରିଛନ୍ତି।

## ବିଧାନସଭା ଖବର

### ସରକାରୀ କଲେଜରେ ୧୭୫୩ ଅତିଥି ଅଧ୍ୟାପକ

**ଭୁବନେଶ୍ୱର,୨୦।୨(ସଂଚାର ବ୍ୟୁରୋ):** ପାଠପଢ଼ାକୁ ଶୃଙ୍ଖଳିତ ଓ ସୁଚାରୁ ରୂପେ ପରିଚାଳନା କରିବା ସକାଶେ ସରକାରୀ ଡିଗ୍ରୀ ମହାବିଦ୍ୟାଳୟରେ ୧୭୫୩ ଜଣ ଅତିଥି ଅଧ୍ୟାପକ ନିୟୋଜିତ ହୋଇଛନ୍ତି। ଏମାନେ ମାସକୁ ସର୍ବାଧିକ ୩୫ ହଜାର ଟଙ୍କାର ପାଉଣା ପାଇବେ। ରାଜ୍ୟର ମହାବିଦ୍ୟାଳୟଗୁଡ଼ିକରେ ଅତିଥି ଅଧ୍ୟାପକ ନିଯୁକ୍ତି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପରୋକ୍ତ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଏବ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ଚାଲିଥିବା ବେଳେ ପାଠପଢ଼ା କାର୍ଯ୍ୟ ବ୍ୟାହତ ନ ହେବା ସକାଶେ ଓ ପାଠପଢ଼ାକୁ ଶୃଙ୍ଖଳିତ ଓ ସୁଚାରୁ ରଖିବା ପାଇଁ ସରକାରୀ ଡିଗ୍ରୀ ମହାବିଦ୍ୟାଳୟରେ ୧୭୫୩ ଜଣ ଅତିଥି ଅଧ୍ୟାପକ ନିୟୋଜନ କରାଯାଇଛି। ଏହି ଅତିଥି ଅଧ୍ୟାପକମାନଙ୍କୁ କ୍ଲାସ ପିଛା ୭୦୦ ଟଙ୍କା ହିସାବରେ ମାସିକ ସର୍ବାଧିକ ୫୦ଟି କ୍ଲାସ ପାଇଁ ୩୫ ହଜାର ଟଙ୍କା ପ୍ରଦାନ କରାଯାଉଛି। ସେହିଭଳି ମନ୍ତ୍ରୀ କହିଛନ୍ତି ଯେ ଉଚ୍ଚଶିକ୍ଷା ବିଭାଗ ଅଧିନରେ ଚାଲୁଥିବା ସମସ୍ତ ସରକାରୀ ଡିଗ୍ରୀ ମହାବିଦ୍ୟାଳୟଗୁଡିକରେ ପାଠ ପଢ଼ାଇବା ପାଇଁ ବର୍ତ୍ତମାନ ସମୟରେ କୌଣସି ଠିକା ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଯେହେତୁ କୌଣସି ଠିକା ଅଧ୍ୟାପକ ନିଯୁକ୍ତ ହୋଇନାହାନ୍ତି ତେଣୁ ସେମାନଙ୍କ ପାଇଁ ଅଲଗା କୌଣସି ନିଯୁକ୍ତି ସର୍ତ୍ତ ନାହିଁ। ସରକାରୀ ମହାବିଦ୍ୟାଳୟ ସଂକ୍ରାନ୍ତରେ ବିଧାୟକ ଶ୍ରୀ ତ୍ରିପାଠୀ ପଚାରିଥିବା ଅନ୍ୟଏକ ପ୍ରଶ୍ନର ଉତ୍ତରରେ ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେବର୍ତ୍ତମାନ ସୁଦ୍ଧା ୬୬ଟିସରକାରୀ ଡିଗ୍ରୀ କଲେଜ ଓ ୧୬ଟି ଶିକ୍ଷକ ଶିକ୍ଷା କଲେଜ ରହିଛି। ଝାରସୁଗୁଡା, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାରେ ସରକାରୀ ଡିଗ୍ରୀ କଲେଜ ନାହିଁ। ଯେଉଁଠାରେ ସରକାରୀ ମହାବିଦ୍ୟାଳୟ ନାହିଁ, ସେଠାରେ ନୂତନ ସରକାରୀ ମହାବିଦ୍ୟାଳୟ ପ୍ରତିଷ୍ଠା ପ୍ରସଙ୍ଗ ସରକାରଙ୍କର ବିଚାରାଧୀନ ରହିଛି।

### ସବୁ ବିଦ୍ୟାଳୟରେ ନାହିଁ ଶୌଚାଳୟ ଓ ବିଜୁଳି

ରାଜ୍ୟର ସମସ୍ତ ବିଦ୍ୟାଳୟରେ ଶୌଚାଳୟ ଓ ବିଦ୍ୟୁତ୍ ବ୍ୟବସ୍ଥା ନାହିଁ। କେବଳ ସମସ୍ତ ଶିକ୍ଷାନୁଷ୍ଠାନରେ ପାନୀୟ ଜଳ ଉପଲବ୍ଧ କରାଯାଇପାରିଛି। ରାଜ୍ୟର ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ପାଇଁ ମୌଳିକ ସୁବିଧା ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ୨୬ ହଜାର ୮୮୪ଟି ସରକାରୀ ପ୍ରାଥମିକ ବିଦ୍ୟାଳୟ, ୧୫ ହଜାର ୬୬୦ଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ୫୦୭୪ଟି ମାଧ୍ୟମିକ ବିଦ୍ୟାଳୟ ରହିଛି। ଏହିସବୁ ବିଦ୍ୟାଳୟ ମଧ୍ୟରୁ ୨୫ ହଜାର ୫୯୬ଟି ପ୍ରାଥମିକ ବିଦ୍ୟାଳୟ, ୧୫ ହଜାର ୩୭୦ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୫୦୬୪ଟି ମାଧ୍ୟମିକ ବିଦ୍ୟାଳୟରେ ବିଜୁଳି ବ୍ୟବସ୍ଥା ରହିଛି ଏବଂ ୨୬ ହଜାର ୬୮୯ଟି ସରକାରୀ ପ୍ରାଥମିକ, ୧୫ ହଜାର ୬୩୮ଟି ଉଚ୍ଚ ପ୍ରାଥମିକ ଓ ୫୦୭୨ଟି ମାଧ୍ୟମିକ ବିଦ୍ୟାଳୟରେ ଶୌଚାଳୟ ବ୍ୟବସ୍ଥା ରହିଛି। ସମସ୍ତ ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ ପାନୀୟ ଜଳ ବ୍ୟବସ୍ଥା ରହିଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

### ୩୦୩ ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମାନ୍ୟତା

୨୦୧୯-୨୦ରୁ ୨୦୨୫-୨୬ ଶିକ୍ଷାବର୍ଷ ମଧ୍ୟରେ ୩୦୩ଟି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ କରାଯାଇଛି। ବିଧାନସଭାରେ ଏହି ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ରାଜ୍ୟର ହାଇସ୍କୁଲଗୁଡିକରେ ଯୁକ୍ତ ଦୁଇ ଶ୍ରେଣୀ ଖୋଲିବା ନେଇ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ ଗତ ୨୦୧୭ରୁ ଯୁକ୍ତ ଦୁଇ ଶ୍ରେଣୀ ଉଚ୍ଚଶିକ୍ଷା ବିଭାଗ ଅଧିନରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନକୁ ଆସିଛି। ଏହି ବିଜ୍ଞପ୍ତି ଅନୁଯାୟୀ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିବା ନିମନ୍ତେ କୌଣସି ନିଷ୍ପତ୍ତି ନିଆଯାଇନଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ୨୦୧୯-୨୦ରୁ ୨୦୨୫-୨୬ ଶିକ୍ଷା ବର୍ଷ ମଧ୍ୟରେ ୩୦୩ଟି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ କରାଯାଇଛି।

### ୭୬୭ଟି ସହାୟକ ପ୍ରଫେସର ପଦବୀ ଖାଲି

ରାଜ୍ୟରେ ଖାଲି ପଡ଼ିଛି ୭୬୭ଟି ସହାୟକ ପ୍ରଫେସର ପଦବୀ। ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ରାଜ୍ୟରେ ଖାଲି ପଡ଼ିଥିବା ଅଧ୍ୟାପକ ପଦବୀ ସଂକ୍ରାନ୍ତରେ ବିଧାୟକ ଡକ୍ଟର ଦୁର୍ଗା ପ୍ରସନ୍ନ ନାୟକ ପଚାରିଥିବା ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ସୂରଜ କହିଛନ୍ତି ଯେ ରାଜ୍ୟରେ ମୋଟ୍ ୬୬ଟି ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ରହିଛି। ଏଥିରେ ମଞ୍ଜୁରୀପ୍ରାପ୍ତ ୨୪୦୭ଟି ସହାୟକ ପ୍ରଫେସର ପଦବୀ ଥିବା ବେଳେ ସେଥି ମଧ୍ୟରୁ ୭୬୭ଟି ପଦବୀ ଖାଲି ପଡ଼ିଛି। ଖାଲି ପଡ଼ିଥିବା ପଦବୀ ମଧ୍ୟରୁ ୩୮୫ଟି ସହାୟକ ପ୍ରଫେସର ପଦବୀ ପୂରଣ ପାଇଁ ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ପ୍ରକ୍ରିୟା ଜାରି ରହିଥିବା ବେଳେ ଆଉ ୩୦୪ଟି ସହାୟକ ପ୍ରଫେସର ପଦବୀ ପୂରଣ ପାଇଁ ଆୟୋଗଙ୍କୁ ଚଳିତ ଆର୍ଥିକ ବର୍ଷରେ ନିବେଦନ କରାଯାଇଛି। ସେହିଭଳି ୨୯୮ଟି ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ରହିଥିବା ବେଳେ ଏଗୁଡିକରେ ମୋଟ୍ ୭୨୧୬ଟି ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦବୀ ଖାଲି ରହିଛି।

### କାର୍ଯ୍ୟ କରୁଛି ୯୪ ଜରାଶ୍ରମ

ରାଜ୍ୟର ବିଭିନ୍ନ ସ୍ଥାନରେ ଏବେ ୯୪ଟି ଜରାଶ୍ରମ କାର୍ଯ୍ୟ କରୁଛି। ରାଜ୍ୟରେ ଜରାଶ୍ରମ, ଭିନ୍ନକ୍ଷମ ଆଶ୍ରୟସ୍ଥଳ ସଂକ୍ରାନ୍ତରେ ବିଜେପି ବିଧାୟକ ବିଜୟ କୁମାର ଦଳବେହେରା ବିଧାନସଭାରେ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପରୋକ୍ତ ସୂଚନା ଦେଇଛନ୍ତି। ଲିଖିତ ଉତ୍ତରରେ ଶ୍ରୀ ଗଣ୍ଡ ଦର୍ଶାଇଛନ୍ତି ଯେ ରାଜ୍ୟର ୩୦ଟି ଜିଲ୍ଲାରେ ସରକାରୀ ଅନୁଦାନପ୍ରାପ୍ତ ୯୪ଟି ଜରାଶ୍ରମ ଓ ୧୦୯ଟି ମାନସିକ ଅନଗ୍ରସର ଲୋକଙ୍କ ପାଇଁ ବୌଦ୍ଧିକ ଭିନ୍ନକ୍ଷମ ଆଶ୍ରୟସ୍ଥଳ ତଥା ଚିକିତ୍ସା କେନ୍ଦ୍ରମାନ ରହିଛି। ଏହି କେନ୍ଦ୍ରଗୁଡିକ ବିଭିନ୍ନ ବେସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ ହେଉଛନ୍ତି। କେନ୍ଦ୍ର ସରକାରଙ୍କ ଅଧିନରେ ପରିଚାଳିତ ଜରାଶ୍ରମଗୁଡ଼ିକୁ ବୃଦ୍ଧବୃଦ୍ଧାଙ୍କ ସଂଖ୍ୟା ଅନୁସାରେ ଅନୁଦାନ ରାଶି ସମ୍ପୃକ୍ତ ବେସରକାରୀ ସଂସ୍ଥାକୁ ଯୋଗାଇଦେଇଥାନ୍ତି। ରାଜ୍ୟ ସରକାରଙ୍କ ଅନୁଦାନରେ ପରିଚାଳିତ ବୃଦ୍ଧାଶ୍ରମଗୁଡ଼ିକୁ ପରିଚାଳନା ବାବଦରେ ବାର୍ଷିକ ୧୫ ଲକ୍ଷ ୩୧ ହଜାର ୩୫୦ ଟଙ୍କା ଲେଖାଏଁ ମୋଟ୍ ୧ କୋଟି ୪ ଲକ୍ଷ ୫୮ ହଜାର ୭୮୦ ଟଙ୍କା ଖର୍ଚ୍ଚ କରାଯାଉଛି। ସେହିଭଳି ବୌଦ୍ଧିକ ଭିନ୍ନକ୍ଷମ ଆଶ୍ରୟସ୍ଥଳ ତଥା ଚିକିତ୍ସା କେନ୍ଦ୍ରଗୁଡ଼ିକର ପରିଚାଳନା ବାବଦରେ ରାଜ୍ୟ ସରକାର ବାର୍ଷିକ ୩୯ କୋଟି ୬୮ ଲକ୍ଷ ୧୬ ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି।

# ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଛି ୬୮% ଅଧ୍ୟାପକ ପଦବୀ

**ଭୁବନେଶ୍ୱର,୨୦।୨:** ଉଚ୍ଚଶିକ୍ଷା ବିଭାଗ ନିୟନ୍ତ୍ରଣରେ ଥିବା ଓଡ଼ିଶାର ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ୬୮ ପ୍ରତିଶତରୁ ଅଧିକ ଅଧ୍ୟାପକ ପଦବୀ ଖାଲି ପଡ଼ିଥିବାବେଳେ ୭୫ ପ୍ରତିଶତରୁ ଅଧିକ ଅଣଅଧ୍ୟାପକ ପଦବୀରେ କର୍ମଚାରୀ ନାହାନ୍ତି। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକରୁ ଅନ୍ୟୁନ ୧୪ଟିରେ ଦୀର୍ଘଦିନ ଧରି ନିୟମିତ କୁଳପତି ନଥିବାରୁ ଭାରପ୍ରାପ୍ତ କୁଳପତିମାନଙ୍କ ଦ୍ୱାରା କାମ ଚଳାଯାଉଛି।

ଓଡ଼ିଶାରେ ଏବେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଯେଉଁ ୧୭ଟି ବିଶ୍ୱବିଦ୍ୟାଳୟ ରହିଛି ସେଗୁଡ଼ିକ ହେଲା ଉତ୍କଳ, ସମ୍ବଲପୁର, ବ୍ରହ୍ମପୁର, ଗଙ୍ଗାଧର ମେହେର, ରମାଦେବୀ ମହିଳା, ଶ୍ରୀଜଗନ୍ନାଥ ସଂସ୍କୃତ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ମା'ମାଣିକେଶ୍ୱରୀ, ମଧୁସୂଦନ ଆଇନ୍, ରେଭେନ୍ସା, ଧରଣୀଧର, ବିକ୍ରମଦେବ, ଫକୀରମୋହନ, ଖଲ୍ଲିକୋଟ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଓ ଓଡ଼ିଆ ବିଶ୍ୱବିଦ୍ୟାଳୟ।

ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ଲାଗି ୨୦୮୬ଟି ମଞ୍ଜୁରୀପ୍ରାପ୍ତ ପ୍ରଫେସର, ସହଯୋଗୀ ପ୍ରଫେସର ଓ ସହକାରୀ ପ୍ରଫେସର ପଦବୀ ଥିବାବେଳେ ମାତ୍ର ୬୬୯ ଜଣ ନିୟମିତ ଅଧ୍ୟାପକ କାମ କରୁଛନ୍ତି। ଅବଶିଷ୍ଟ ୧୪୨୭ ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ମୋଟାମୋଟି ଭାବେ ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦବୀଗୁଡ଼ିକ ଭିତରୁ ୬୮.୪୦ ପ୍ରତିଶତ ଖାଲି ଅଛି। ସେହିପରି ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ଲାଗି ୩୦୮୨ଟି ମଞ୍ଜୁରୀପ୍ରାପ୍ତ ଅଣଅଧ୍ୟାପକ ପଦବୀ ଥିବାବେଳେ ସେଥିରୁ ୨୩୨୫ଟି ଖାଲି ପଡଛି। ଅର୍ଥାତ୍ ମାତ୍ର ୭୫୭ଜଣ ଅଣଅଧ୍ୟାପକ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ମୋଟାମୋଟି ଭାବେ ୧୭ଟି ବିଶ୍ୱବିଦ୍ୟାଳୟରେ ୭୫.୪୩ ପ୍ରତିଶତ ଅଣଅଧ୍ୟାପକ ପଦବୀ ଖାଲି ପଡ଼ିଛି।

ଓଡ଼ିଆ ଅସ୍ମିତା କଥା କୁହାଯାଉଥିବାବେଳେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଲାଗିଥିବା ୯ଟି ମଞ୍ଜୁରୀପ୍ରାପ୍ତ ପ୍ରଫେସର, ୮ଟି ଆସୋସିଏଟ୍ ପ୍ରଫେସର, ୨୬ଟି ଆସିଷ୍ଟାଣ୍ଟ ପ୍ରଫେସର ଓ ୧୪ଟି ଅଣଅଧ୍ୟାପକ ପଦବୀରେ ଜଣେ ହେଲେ କେହି ନିୟମିତ ଅଧ୍ୟାପକ କି ଅଣଅଧ୍ୟାପକ ନାହାନ୍ତି। ସତ୍ୟବାଦୀରେ ଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟର ଅବସ୍ଥା ତଦ୍ରୂପ। ଏହି ବିଶ୍ୱବିଦ୍ୟାଳୟ ପାଇଁ ଥିବା ମଞ୍ଜୁରୀପ୍ରାପ୍ତ ୩ଟି ପ୍ରଫେସର, ୬ଟି ସହଯୋଗୀ ପ୍ରଫେସର, ୧୨ଟି ସହକାରୀ ପ୍ରଫେସର ଓ ୪ଟି ଅଣଅଧ୍ୟାପକ କର୍ମଚାରୀ ପଦବୀ ମଧ୍ୟରୁ ସବୁତକ ଖାଲି। କେବଳ ଅତିଥି ଅଧ୍ୟାପକ ଓ ଠିକା କର୍ମଚାରୀଙ୍କ ଭରସାରେ ଏହି ଦୁଇଟି ବିଶ୍ୱବିଦ୍ୟାଳୟ ଚାଲିଛି। ରାଜ୍ୟର ସର୍ବପୁରାତନ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ଥିତି ଦୟନୀୟ। ଏହି ବିଶ୍ୱବିଦ୍ୟାଳୟ ମାତ୍ର ୮ ଜଣ ପ୍ରଫେସର, ୨୬ ଜଣ ସହଯୋଗୀ ପ୍ରଫେସର ଓ ୭୩ଜଣ ସହକାରୀ ପ୍ରଫେସରଙ୍କୁ ନେଇ ଚାଲିଛି। ଏଠାରେ ୩୮ଟି ପ୍ରଫେସର, ୪୯ଟି ସହଯୋଗୀ ପ୍ରଫେସର ଓ ୫୦ଟି ସହକାରୀ ପ୍ରଫେସର ପଦବୀ ଖାଲି ପଡ଼ିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଲାଗି ୯୨୧ଟି ମଞ୍ଜୁରୀପ୍ରାପ୍ତ ଅଣଅଧ୍ୟାପକ ପଦବୀ ଥିବାବେଳେ ସେଥିରୁ ବି ୭୩୧ଟି ଖାଲି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ୬ଜଣ ପ୍ରଫେସର, ୧୭ଜଣ ସହଯୋଗୀ ପ୍ରଫେସର ଓ ୪୮ ଜଣ ସହକାରୀ ପ୍ରଫେସର ଓ ୧୩୬ ଜଣ କର୍ମଚାରୀଙ୍କୁ ନେଇ ଚାଲିଛି। ଏଠାରେ ୨୦ଟି ପ୍ରଫେସର, ୨୯ଟି ସହଯୋଗୀ ପ୍ରଫେସର ଓ ୩୩ଟି ସହକାରୀ ପ୍ରଫେସର ପଦବୀ ଖାଲି।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବି ଅନୁରୂପ ଅବସ୍ଥା। ଏଠାରେ ୧୯ଟି ପ୍ରଫେସର, ୩୮ଟି ସହଯୋଗୀ ପ୍ରଫେସର, ୩୭ଟି ସହକାରୀ ପ୍ରଫେସର ଓ ୩୪୫ଟି ଅଣଅଧ୍ୟାପକ ପଦବୀ ଖାଲି। ରାଜ୍ୟର ଗର୍ବ ଓ ଗୌରବ ବୋଲି କୁହାଯାଉଥିବା ରେଭେନ୍ସା ବିଶ୍ୱବିଦ୍ୟାଳୟ ପାଇଁ ଥିବା ୨୧୨ଟି ଅଣଅଧ୍ୟାପକ ପଦବୀରୁ ଖାଲି ପଡ଼ିଛି ୧୯୯ଟି। ଏହି ବିଶ୍ୱବିଦ୍ୟାଳୟରେ ୨୨ଟି ପ୍ରଫେସର, ୫୪ଟି ସହଯୋଗୀ ପ୍ରଫେସର ଓ ୮୯ଟି ସହକାରୀ ପ୍ରଫେସର ପଦବୀ ଖାଲି। ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପାଇଁ ଥିବା ସମସ୍ତ ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ଓ ଅଣଅଧ୍ୟାପକ ପଦବୀ ଖାଲି ପଡ଼ିଥିବା ବେଳେ ଧରଣୀଧର ବିଶ୍ୱବିଦ୍ୟାଳୟରେ ଜଣେ ହେଲେ ପ୍ରଫେସର ନାହାନ୍ତି। ଏଠାରେ ମାତ୍ର ୪ ଜଣ ସହକାରୀ ପ୍ରଫେସର ଓ ଜଣେ ସହଯୋଗୀ ପ୍ରଫେସର କାମ କରୁଛନ୍ତି। ରାଜ୍ୟର ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟ ରମାଦେବୀରେ ୧୦ଟି ପ୍ରଫେସର, ୨୩ଟି ସହଯୋଗୀ ପ୍ରଫେସର ଓ ୪୬ଟି ସହକାରୀ ପ୍ରଫେସର ପଦବୀ ସହ ୧୧୨ଟି ଅଣଅଧ୍ୟାପକ ପଦବୀ ଖାଲି ପଡ଼ିଛି। ଅନ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଏହି ସମସ୍ୟା ଅତି ଉତ୍କଟତର ଅବସ୍ଥାରେ ଥିବା ଶିକ୍ଷାବିତ୍‌ମାନେ କହୁଛନ୍ତି। (ତଥ୍ୟ)

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ଶନିବାର ୨୧ ଫେବୃଆରୀ ୨୦୨୬, ଭୁବନେଶ୍ୱର
Saturday 21 February 2026, Bhubaneswar

# ପ୍ରେମ ଓ ପ୍ରତାରଣା ଏକ ସାମାଜିକ ସମସ୍ୟା

ଆଜିର ଡିଜିଟାଲ୍ ଯୁଗରେ ପ୍ରେମ ନାମରେ ଠକେଇ ଓ ମିଛ ସମ୍ପର୍କର ଘଟଣା ଦିନକୁ ଦିନ ବୃଦ୍ଧି ପାଉଛି। ସୋସିଆଲ୍ ମିଡିଆ, ଡେଟିଂ ଆପ ଓ ମ୍ୟାଟ୍ରିମୋନିଆଲ୍ ୱେବସାଇଟ୍ ମାଧ୍ୟମରେ ଅଜଣା ବ୍ୟକ୍ତିମାନେ ଯୁବକ ଯୁବତୀଙ୍କୁ ଆକର୍ଷଣ କରି ଭାବପ୍ରବଣ କରିଦିଅନ୍ତି। ପ୍ରେମର ନାମରେ ସେମାନେ ଅର୍ଥ, ଶାରୀରିକ ସମ୍ପର୍କ କିମ୍ବା ଅନ୍ୟାନ୍ୟ ସୁବିଧା ହାସଲ କରନ୍ତି ଏବଂ ପରେ ଅଦୃଶ୍ୟ ହୋଇଯାଆନ୍ତି। ଏହି ମିଛ ପ୍ରେମର ଶିକାର ହୋଇ ଅନେକ ଯୁବକ-ଯୁବତୀ ମାନସିକ ଯନ୍ତ୍ରଣା, ଆର୍ଥିକ କ୍ଷତି ଏବଂ କେତେକ କ୍ଷେତ୍ରରେ ଆତ୍ମହତ୍ୟା ପର୍ଯ୍ୟନ୍ତ ପହଞ୍ଚିଛନ୍ତି। ଓଡ଼ିଶାରେ ମଧ ଏଭଳି ଘଟଣା ବଢ଼ିବାରେ ଲାଗିଛି, ଯେଉଁଠିରେ ମ୍ୟାଟ୍ରିମୋନିଆଲ୍ ସାଇଟ୍ ଓ ଅନଲାଇନ୍ ଚାଟ୍ ମାଧ୍ୟମରେ ଠକେଇ ହେଉଛି।



ଯୁବାବସ୍ଥା ହେଉଛି ଭାବନାର ସବୁଠାରୁ ସକ୍ରିୟ ସମୟ। ଏହି ବୟସରେ ହୃଦୟ ଅତି କୋମଳ ଓ ବିଶ୍ୱାସ ଅତ୍ୟଧିକ ହୁଏ। ସୋସିଆଲ୍ ମିଡିଆରେ ସୁନ୍ଦର ଫଟୋ, ମଧୁର କଥା ଓ ସମାନ ରୁଚିର କଥା ଦେଖି ଅନେକେ ସହଜରେ ପ୍ରେମରେ ପଡ଼ିଯାଆନ୍ତି କିନ୍ତୁ ଅଧିକାଂଶ କ୍ଷେତ୍ରରେ ଏହା ଏକ ଯଥାର୍ଥ ସମ୍ପର୍କ ନୁହେଁ, ବରଂ ଏକ ଯୋଜନାବଦ୍ଧ ଠକେଇ। କେତେକ ଲୋକ ବିଦେଶୀ ନାଗରିକ ଭାବରେ ପରିଚୟ ଦେଇ ବିବାହର ପ୍ରତିଶ୍ରୁତି ଦିଅନ୍ତି, କେତେକ ଡାକ୍ତର କିମ୍ବା ବ୍ୟବସାୟୀ ଭାବରେ ନିଜକୁ ଉପସ୍ଥାପନ କରନ୍ତି। ପରେ ବିଭିନ୍ନ ବାହାନାରେ ଟଙ୍କା ମାଗନ୍ତି-ଭିସା ଫିସ୍, ଚିକିତ୍ସା, ବ୍ୟବସାୟ ପାଇଁ ଋଣ ଆଦି। ଶେଷରେ ସମ୍ପର୍କ ଭାଙ୍ଗିଯାଏ ଏବଂ ଶିକାର ଏକାକୀ ହୋଇପଡ଼ନ୍ତି।

ଏହି ଘଟଣାର ବୃଦ୍ଧି ପାଇଁ ଅନେକ କାରଣ ରହିଛି। ପ୍ରଥମତଃ, ପରିବାରରେ ଖୋଲାଖୋଲି ଆଲୋଚନାର ଅଭାବ। ଯୁବକ-ଯୁବତୀମାନେ ପ୍ରେମ ସମ୍ପର୍କରେ ପଡ଼ିଲେ ମାତାପିତାଙ୍କୁ କହିବାକୁ ଭୟ କରନ୍ତି, ଫଳରେ ସେମାନେ ଏକାକୀରେ ନିଷ୍ପତ୍ତି ନିଅନ୍ତି। ଦ୍ୱିତୀୟତଃ, ଡିଜିଟାଲ୍ ଲିଟରେସିର ଅଭାବ। ଅନେକେ ଅଜଣା ଲିଙ୍କ କ୍ଲିକ୍ କରନ୍ତି କିମ୍ବା ଅତ୍ୟଧିକ ବ୍ୟକ୍ତିଗତ ତଥ୍ୟ ଶେୟାର କରନ୍ତି। ତୃତୀୟତଃ, ସମାଜରେ ପ୍ରେମକୁ ଅତ୍ୟଧିକ ରୋମାଣ୍ଟିକ ଭାବରେ ଦେଖାଯାଏ-ଫିଲ୍ମ, ଗୀତ ଓ ସିରିଆଲ୍ ମାଧ୍ୟମରେ ପ୍ରେମକୁ ଏକ ଅନନ୍ୟ ଅନୁଭୂତି ଭାବରେ ପ୍ରଚାର କରାଯାଏ, ଯାହା ଯୁବକମାନଙ୍କୁ ଅବାସ୍ତବ ଆଶା ଦେଇଥାଏ।

ଏହି ସମସ୍ୟାର ସମାଧାନ ପାଇଁ ବହୁମୁଖୀ ପଦକ୍ଷେପ ଆବଶ୍ୟକ। ପରିବାରରେ ଖୋଲା ଆଲୋଚନା ହେବା ଦରକାର-ପିଲାମାନଙ୍କୁ ସମ୍ପର୍କର ସତ୍ୟତା ବୁଝାଇବା ଓ ସନ୍ଦେହ ହେଲେ ପରାମର୍ଶ ନେବାକୁ ଶିଖାଇବା। ଶିକ୍ଷାନୁଷ୍ଠାନରେ ସାଇବର ସୁରକ୍ଷା ଓ ଭାବନାତ୍ମକ ଶିକ୍ଷା ଦିଆଯିବା ଉଚିତ। ଯୁବକମାନଙ୍କୁ ବୁଝାଇବା ଯେ ସତ୍ୟ ପ୍ରେମ ଧୀରେ ଧୀରେ ଗଢ଼ି ଉଠେ, ଏହାରେ ବିଶ୍ୱାସ, ସମ୍ମାନ ଓ ସମାନତା ଥାଏ-ଏହା ଏକ ରାତିରେ ହୁଏ ନାହିଁ। ପୋଲିସ ଓ ସାଇବର ସେଲ ଏଭଳି ଠକେଇକୁ କଡ଼ାକଡ଼ି ଭାବେ ନିୟନ୍ତ୍ରଣ କରିବା ସହ ସଚେତନତା କାର୍ଯ୍ୟକ୍ରମ ଚଳାଇବା ଦରକାର।

ଶେଷକଥା, ପ୍ରେମ ହେଉଛି ଜୀବନର ଏକ ସୁନ୍ଦର ଅନୁଭବ, କିନ୍ତୁ ଏହାକୁ ଅନ୍ଧାଧୁନ୍ଧ ଭାବରେ ଗ୍ରହଣ କରିବା ଉଚିତ୍ ନୁହେଁ। ବିଚାରଶୀଳତା, ସଚେତନତା ଓ ପରିବାରର ସହଯୋଗରେ ଏହି ମିଛ ପ୍ରେମର ଫାନ୍ଦରୁ ଯୁବ ପିଢ଼ିକୁ ରକ୍ଷା କରାଯାଇପାରିବ। ଆସନ୍ତୁ, ସମସ୍ତେ ମିଶି ଏକ ସୁସ୍ଥ ଓ ସଚେତନ ସମାଜ ଗଢ଼ିବାକୁ ପ୍ରୟାସ କରିବା।

# ନଦୀ ଫେରେ ସାଗରକୁ, ପକ୍ଷୀ ଫେରେ ନୀଡ଼େ

ନାଟ୍ୟସାରଥି ଅଭୟ କୁମାର ଦାସ



'ନଦୀ ଫେରେ ସାଗରକୁ, ପକ୍ଷୀ ଫେରେ ନୀଡ଼େ, ଫେରିବାର ବେଳ ହେଲେ ମୋର କିଆଁ ତୁମ କଥା ଏତେ ବେଶୀ ମନେ ପଡ଼େ...। ଓଡ଼ିଶା ସଙ୍ଗୀତର ଚିର ସବୁଜ ଗାୟକ ଅକ୍ଷୟ ମହାନ୍ତିଙ୍କ ସହ ପଦରେ ପଦ ମିଶାଇ ବେଶ ରୋମାଣ୍ଟିକ ଢ଼ଙ୍ଗରେ କଣ୍ଠଦାନ କରିଥିବା ଓଡ଼ିଆ ସଙ୍ଗୀତ ଦୁନିଆର ଜଣେ ଉଜ୍ଜ୍ୱଳତମ ତାରକା ଗୀତା ପଟ୍ଟନାୟକ ଚିରଦିନ ଲାଗି ଉଭେଇ ଯାଇଛନ୍ତି। କହିବାକୁଗଲେ ଥମି ଯାଇଛି ତାଙ୍କ ହୃଦୟ ଛୁଆଁ ଅନ୍ତର ଭିତର ଭାବପ୍ରବଣ ମିଠା ସ୍ୱର। ସବୁବେଳେ ଫିଟ ଓ ସଙ୍ଗୀତକୁ ନିଜ ସାଧନା ଭାବେ ବିଚାର କରିଥିବା ଗୀତା ପଟ୍ଟନାୟକଙ୍କ ଅବର୍ତ୍ତମାନରେ ତାଙ୍କ ଅଗଣିତ ପ୍ରଶଂସକ ମନ ଭିତରେ ଅତି ଭାବ ପ୍ରବଣତାର ସହିତ ରୁନ୍ଧି ହେବା କୋହରେ ଗୁଣୁ ଗୁଣଉଛନ୍ତି ସତରେ ନଦୀ ଯେମିତି ସାଗରକୁ, ପକ୍ଷୀ ଯେମିତି ନୀଡ଼କୁ ଆଉ ବାସ୍ତବିକ ସମସ୍ତଙ୍କର ଗୀତା ପଟ୍ଟନାୟକ ଆର ପାରିକୁ ଚାଲିଯାଇଛନ୍ତି। ଅଫେରା ବାଟକୁ ସଙ୍ଗୀତ ଦୁନିଆ ଏପରି ଏକ ବିଦାୟ ଦେଇଛି ସମ୍ଭବତଃ ଯାହା ଏ ସୃଷ୍ଟିର ଚିରାଚରିତ ନିୟମ ଭିତରେ ବନ୍ଧା।

୧୯୫୪ ମସିହା ଡିସେମ୍ବର ୧୦ ତାରିଖରେ ସୁରେନ୍ଦ୍ର ଚନ୍ଦ୍ର ପଟ୍ଟନାୟକ ଓ ହେମଲତା ପଟ୍ଟନାୟକଙ୍କ କୋଳ ମଣ୍ଡନ କରିଥିବା ସୁକଣ୍ଠୀ ଗାୟିକା ଗୀତା ପିଲାବେଳୁ ସଙ୍ଗୀତ ପ୍ରତି ତାଙ୍କ ଦୁର୍ବଳତା ରଖିଥିଲେ। ତାଙ୍କ ମାଆ ଓ ମାଉସୀ ସଙ୍ଗୀତ ସାଧନା ପ୍ରତି ରୁଚି ରଖିଥିବାରୁ ପିଲା ଦିନରୁ ଏକ ସଙ୍ଗୀତମୟ ପରିବେଶରେ ସେ ତାଙ୍କ ସାଧନା ଆରମ୍ଭ କରିଥିଲେ। ମାତ୍ର ଛଅ ବର୍ଷ ବୟସରୁ କଳାବିକାଶ କେନ୍ଦ୍ରରେ ଗୀତ ଶିଖିବା ସହ ସଙ୍ଗୀତ ଭୂଷଣ କୃତୀତ୍ୱରେ ସେ ଉତ୍ତୀର୍ଣ୍ଣ ହୋଇଥିଲେ। ପରବର୍ତ୍ତୀ ସମୟରେ ଶିଶୁ ସଂସାର ଓ କିଶୋର ଚକ୍ରରେ କଣ୍ଠଦାନ କରି ଆକାଶବାଣୀର ଜଣେ ଲୋକପ୍ରିୟ ଗାୟିକା ଭାବେ ସ୍ୱୀକୃତି ପାଇଥିଲେ। ୧୯୭୧ ମସିହାରେ ଆକାଶବାଣୀରେ କଣ୍ଠଦାନ କରିଥିବା ତାଙ୍କ ପ୍ରଥମ ଗୀତଟି ଥିଲା 'ଜଗବନ୍ଧୁ ପରି ଜଣେ ସାମନ୍ତ...'। ପରବର୍ତ୍ତୀ ସମୟରେ ସେ ତାଙ୍କ ସାଧନା ଆଗେଇ ନେଇଥିଲେ। ରାଜନୀତି ବିଜ୍ଞାନରେ ଏମ.ଏ. ପାସ କରିଥିବା ଗୀତାଙ୍କ ସଙ୍ଗୀତ ଯାତ୍ରା ବାସ୍ତବିକ ହୃଦୟ ଛୁଆଁ। ଅନେକ ମଞ୍ଚରେ ସେ କହିଛନ୍ତି ଯେ ଜୀବନର ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ମୁଁ ସଙ୍ଗୀତ ସାଧନାରେ ନିଜକୁ ନିୟୋଜିତ ରଖିଥିବି।

ତାଙ୍କ ସଙ୍ଗୀତ ସାଧନାମୟ ଜୀବନରେ ପ୍ରଥମେ ଗୁରୁଥିଲେ ଖୀତିଶ ଚନ୍ଦ୍ର ମୈତ୍ର। ପରବର୍ତ୍ତୀ ସମୟରେ ବାଳକୃଷ୍ଣ ଦାସ ଓ ରାଖାଲ ଚନ୍ଦ୍ର ମହାନ୍ତିଙ୍କ ଠାରୁ ବିଧିବଦ୍ଧ ଭାବେ ଗୀତ ଶିଖିଥିଲେ। ଅନେକ ହୁଏତ ଜାଣି ନଥିବେ ମାତ୍ର ପନ୍ଦର ବର୍ଷ ବୟସରେ ଓଡ଼ିଆ ଚଳଚ୍ଚିତ୍ର 'ଅଧୀନ ମେଘରେ' କଣ୍ଠଦାନ କରି ସେ ସମସ୍ତଙ୍କୁ ଚମକାଇ ଦେଇଥିଲେ। 'ସଂସାର', 'ନାଗଫାଶ', 'ଯାଜପୁର', 'ଆହୁତି', 'ତଅପୋଇ', 'ଅଶାନ୍ତ ଗ୍ରହ', 'ମାଂସର ବିଳାପ' ପରି ପନ୍ଦରରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ସେ ତାଙ୍କ ସୁମଧୁର କଣ୍ଠର ଛାପ ଛାଡ଼ି ଯାଇଛନ୍ତି। ତାଙ୍କ ସର୍ବକାଳୀନ ସୁପରହିଟ ଗୀତ ଗୁଡ଼ିକ ହେଉଛି 'ଫୁରକିନା ଉଡିଗଲା ବଣି', 'ଯାରେ ଭାସି ଭାସି ଯା', 'ନଦୀ ଫେରେ ସାଗରକୁ' ପ୍ରମୁଖ। ଅନେକ ହୁଏତ ଜାଣିନଥିବେ ଏକଦା ଟିସିରିଜ ବ୍ୟାନରରେ କଣ୍ଠଦାନ ପାଇଁ ଗୁଲସନ କୁମାର ଅଫର ଦେଇଥିଲେ କିନ୍ତୁ କିଛି ଜରୁରୀ କାର୍ଯ୍ୟକ୍ରମ ପାଇଁ ଏ ସୁଯୋଗକୁ ହାତ ଛଡ଼ା କରିଥିଲେ। ନିଜ କ୍ୟାରିୟରକୁ ଛାଡ଼ି ସୁଦୂର ଦିଲ୍ଲୀରୁ ସେ ଓଡ଼ିଶା ଆସି ଏହିଠାରେ ହିଁ ନିଜ ସଙ୍ଗୀତମୟ ଜୀବନ ଆଗେଇ ନେଇଥିଲେ। ୧୯୮୪ ମସିହାରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇବା ପୂର୍ବରୁ ସେ ଅକ୍ଷୟ ମହାନ୍ତି, ବାଳକୃଷ୍ଣ ଦାସ, ରାଖାଲ ଚନ୍ଦ୍ର ମହାନ୍ତିଙ୍କ ପରି ଖ୍ୟାତନାମା ସଙ୍ଗୀତ ନିର୍ଦ୍ଦେଶକଙ୍କ ସହିତ ସେ କାର୍ଯ୍ୟ କରିଥିଲେ। ୨୦୧୨ରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସମ୍ମାନ ପାଇବା ସହ ଓଡ଼ିଶା ଓ ଓଡ଼ିଶା ବାହାରର ଅନେକ ସଂଗଠନ ଠାରୁ ସେ ସମ୍ବର୍ଦ୍ଧିତ ହୋଇଥିଲେ।

ସଙ୍ଗୀତ ସାଧନାରେ ରୁଚି ରଖିଥିବା ଗୀତା ପଟ୍ଟନାୟକଙ୍କ ପରିବାରରେ କେବଳ ସଙ୍ଗୀତ ପ୍ରେରଣା ସେ ପାଇନଥିଲେ। ତାଙ୍କ ଜେଜେ ଜଣେ ପ୍ରଖ୍ୟାତ ଫୁଟବଲ ଖେଳାଳୀ ଥିଲେ ଯାହାଙ୍କ ନାମରେ ସତ୍ୟବ୍ରତ ଷ୍ଟାଡିୟମ ହୋଇଛି। ତାଙ୍କ ବାପା ମଧ ଜଣେ ଫୁଟବଲ ଖେଳାଳୀ ଯେ କି ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ସହପାଠୀ ଥିଲେ। ଅନେକ ଶ୍ରୋତା ଓ ସଙ୍ଗୀତରେ ରୁଚି ରଖିଥିବା ବ୍ୟକ୍ତିତ୍ୱଙ୍କ ପାଇଁ ଏକ ଅଜଣା କଥା ହୋଇପାରେ ଯେ ଖ୍ୟାତନାମା ସଙ୍ଗୀତ କିମ୍ବଦନ୍ତୀ ଖୋକା ଭାଇ ଗୀତା ପଟ୍ଟନାୟକଙ୍କ ବିବାହ ପ୍ରସ୍ତାବ ବୁଝିଥିଲେ। ଅକ୍ଷୟ ମହାନ୍ତିଙ୍କ ଭଉଣୀ ଦିଲ୍ଲୀରେ କାର୍ଯ୍ୟ କରୁଥିବାରୁ ଇଞ୍ଜିନିୟର କ୍ରୀଷ୍ଣଗୋପାଳଙ୍କ ସଂସ୍ପର୍ଶରେ ଆସିଥିଲେ। ତାଙ୍କରି ସହିତ ସମ୍ପର୍କ ଆଗେଇ ନେଇ ପ୍ରସ୍ତାବ ଓ ପରେ ବିବାହ ହୋଇଥିଲା ଗୀତା ପଟ୍ଟନାୟକଙ୍କର। ଗୀତା ପଟ୍ଟନାୟକଙ୍କର ପରଲୋକ କହିବାକୁଗଲେ ଓଡ଼ିଶା ସଙ୍ଗୀତ ଜଗତର ଏକ ଅପୂରଣୀୟ କ୍ଷତି। ଫକୀରମୋହନଙ୍କ ଗଳ୍ପ ଉପରେ ପ୍ରସ୍ତୁତ ଗୀତିନାଟ୍ୟ 'ଶ୍ରୀମତୀ ସମାର୍ଜନୀ' ପାଇଁ ମଧ ସେ କଣ୍ଠଦାନ କରିଥିଲେ। ଦିଲ୍ଲୀ ଦୂରଦର୍ଶନର ଜାତୀୟ କାର୍ଯ୍ୟକ୍ରମ ଠାରୁ ରାଜ୍ୟ ସରକାରଙ୍କ ଚଳଚ୍ଚିତ୍ର ଜୁରି କମିଟି, ଆକାଶବାଣୀ ଅଡ଼ିସନ ବୋର୍ଡ଼ ଠାରୁ ତରଙ୍ଗ ଚଳଚ୍ଚିତ୍ର ଜୁରି କମିଟି ସଦସ୍ୟା ପରି ଅନେକ ଗୁରୁତ୍ୱପୂର୍ଣ୍ଣ ସଙ୍ଗୀତ ସାଧନାମୟ କାର୍ଯ୍ୟରେ ସେ ସବୁବେଳେ ବ୍ୟସ୍ତ ରହୁଥିଲେ। ଓଡ଼ିଆ ସଙ୍ଗୀତ ଜଗତର ଗୋଟିଏ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି ହେଲା। ତାଙ୍କ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ସେ ଗାୟିଥିବା ଲୋକପ୍ରିୟ ସଙ୍ଗୀତ ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ ନିଶ୍ଚୟ। ତାଙ୍କ ଦିବଂଗତ ଆତ୍ମାର ସଦଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ କାମନା କରୁଛି।

**ଗୋତରା, ମାହାଙ୍ଗା, କଟକ**
**ମୋବାଇଲ୍: ୯୪୩୭୧୪୨୭୧୭**

# ସାହିତ୍ୟ ଓ ସଂଗ୍ରାମର ମହୀୟସୀ ମହିଳା-ସରଳା ଦେବୀ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଓଡ଼ିଶାରେ ଯେଉଁ କେତେଜଣ ମହୀୟସୀ ମହିଳା ସ୍ୱାଧୀନତା ସଂଗ୍ରାମ ଓ ସାହିତ୍ୟ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ଆମ ସମାଜକୁ ଦିଗ ଦର୍ଶନ ଦେବା ସହ ନାରୀସମାଜକୁ ଉପରକୁ ଉଠାଇବା ପାଇଁ ଅହରହ ଉଦ୍ୟମ କରୁଥିଲେ, ସେହି ମହୀୟସୀ ମହିଳା ମାନଙ୍କ ମଧ୍ୟରୁ ବିଶିଷ୍ଟ ସାହିତ୍ୟିକା ସରଳା ଦେବୀ ଅନ୍ୟତମ। ସରଳା ଦେବୀ ଜଣେ ଭାରତୀୟ ଓଡ଼ିଆ ସ୍ୱାଧୀନତା ସଂଗ୍ରାମୀ ଓ ଲେଖିକା ଥିଲେ। ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ବ୍ରିଟିଶ ସରକାର ଅଧୀନରେ ଥିବା ବେଳେ ଭାରତରେ ନାରୀମାନଙ୍କର ସାମାଜିକ ଓ ରାଜନୈତିକ ଅଧିକାର ପାଇଁ ଆନ୍ଦୋଳନ ଆରମ୍ଭ ହେବା ସହ ନାରୀ ଶିକ୍ଷାର ପ୍ରଚାର ପ୍ରସାର ହୋଇଥିଲା। ସେହି ସମୟରେ ଏହାର ପ୍ରଭାବରେ ଓଡ଼ିଶାର ନାରୀନେତ୍ରୀ ରମାଦେବୀ, ମାଳତୀ ଚୌଧୁରୀ, ଗୋଦାବରୀ ଦେବୀ ପ୍ରମୁଖଙ୍କ ସହ ସେ ଭାରତର ସ୍ୱାଧୀନତା ଓ ନାରୀ ସ୍ୱାଧୀନତା ପାଇଁ ଲଢ଼ିଥିଲେ। ସେ ସତ୍ୟାଗ୍ରହରେ ଭାଗନେଇଥିବା ପ୍ରଥମ ଓଡ଼ିଆ ମହିଳା। ଇଞ୍ଚୁଡ଼ିଠାରେସେ ଲବଣ ସତ୍ୟାଗ୍ରହରେ ଭାଗନେଇଥିଲେ। ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସେ ଜେଲଦଣ୍ଡ ଭୋଗ କରିଥିଲେ। ସରଳା ଦେବୀ ୧୯୦୪ ମସିହାରେ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ନରିଲୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପାଙ୍କ ନାମ ଶ୍ରୀ ବାସୁଦେବ କାନୁନଗୋ ଓ ମାଙ୍କ ନାମ ପଦ୍ମାବତୀ ଦେବୀ। ସେହି ସମୟରେ ତାଙ୍କ ମା ଅନେକ ଗୁଡ଼ିଏ ସନ୍ତାନ ହରାଇଥିଲେ। ତେଣୁ ସରଳା ଦେବୀ ଗର୍ଭରେ ଥିବା ବେଳେ ତାଙ୍କ ମା ପୁରୁଖା ଲୋକମାନଙ୍କର ଉପଦେଶ ମାନି ପର ଘରେ ଆସି ରହିଲେ। ସେଇଟା ଥିଲା ତାଙ୍କ ସାନ ଯାଆଙ୍କର ବାପ ଘର। ସ୍ଥାନ ବଦଳାଇଲେ କଲେ ଗର୍ଭସ୍ଥ ଶିଶୁଟି ବଞ୍ଚିଯିବ, ସେତିକି ତାଙ୍କର ଆଶା ଥିଲା। ସେଇଟି ଥିଲା କଟକ ସହରର ରାଜକିଶୋର ଦାସଙ୍କ ଘର। ୧୯୦୪ ମସିହା ଅଗଷ୍ଟ ମାସ ୯ ତାରିଖରେ ଝିଅଟିଏ ଭୂମିଷ୍ଠ ହେଲା। ସେଇ ମୁହୂର୍ତ୍ତରେ ପଦ୍ମାବତୀ ଦେଇ ସାନଯାଆ ହେମନ୍ତ କୁମାରୀଙ୍କ ହାତକୁ ଟେକିଦେଇଥିଲେ। ଫଳରେ ସେହି ଦିନଠାରୁ ସରଳା ହେଲେ ହେମନ୍ତ କୁମାରୀ ଓ ବାଳମୁକୁନ୍ଦ କାନୁନଗୋଙ୍କ ଝିଅ। ଜନ୍ମ ହେବା ପରେ ସେ ନିଜର ବାଲ୍ୟ ଜୀବନ ସେ ହେମନ୍ତ କୁମାରୀ ଓ ବାଳମୁକୁନ୍ଦଙ୍କ ତତ୍ତ୍ୱାବଧାନରେ କାଟିଥିଲେ। ସେତେବେଳେ ସେ ଥିଲେ ଗଡଜାତମାନଙ୍କର ସୁପରିଣ୍ଟେଣ୍ଡେଣ୍ଟ ସ୍ୱନାମଧାନ୍ୟ ନନ୍ଦକିଶୋର ଦାସଙ୍କ ନାତୁଣୀ। ସେ ସମୟରେ ସେ ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖି ପାସ୍ କରିଥିଲେ। ତାଙ୍କ ସମୟରେ ଓଡ଼ିଶା, ବଙ୍ଗଳା ଓ ବିହାର ଗୋଟିଏ ପ୍ରଦେଶ ଥିଲା। ପିତା ବାଳମୁକୁନ୍ଦ ଡେପୁଟି ମାଜିଷ୍ଟ୍ରେଟ ଚାକିରୀ କରିଥିବାରୁ ଏହି ତିନୋଟି ଯାକ ପ୍ରଦେଶ ତାଙ୍କର କର୍ମସ୍ଥଳ ଥିଲା। ଫଳରେ ମାତା ହେମନ୍ତ କୁମାରୀ ଏହି ତିନୋଟି ପ୍ରଦେଶରେ ରହିବାର ସୁଯୋଗ ପାଇଥିଲେ ଓ ତାଙ୍କର ଦୃଷ୍ଟିଭଙ୍ଗୀ ଉନ୍ନତ ହୋଇପାରିଥିଲା। ସେଥିପାଇଁ ସେ ସରଳାଙ୍କୁ ମାର୍ଜିତ ଓ ଶିକ୍ଷିତ କରିବା ପାଇଁ ସବୁ ଚେଷ୍ଟା କରୁଥିଲେ। ସରଳା ପିଲାବେଳୁ ସମାଜରେ ପ୍ରଚଳିତ କୁପ୍ରଥା ବିରୁଦ୍ଧରେ ସଂଗ୍ରାମ କରିଥିଲେ।

ସରଳା ଦେବୀ ପିଲାଟି ବେଳୁ ଶାନ୍ତ,ସରଳ,ଦୃଢ଼ମନା ଓ ସ୍ପଷ୍ଟବାଦିନୀ ଥିଲେ। ନିଜର ସାମାଜିକ ଚଳଣି, ଶିକ୍ଷା ଓ ସଂସ୍କାର ସହ କୌଣସି ପ୍ରକାର ଅବହେଳା କରୁନଥିଲେ। ଆଗରୁ ଚଳି ଆସୁଥିବା ପାରମ୍ପରିକ ଜୀବନ ଶୈଳୀ ଅପେକ୍ଷା ସେ ନିଜ ସହଜତାକୁ ନେଇ ଚଳିବା ବେଶୀ ପସନ୍ଦ କରୁଥିଲେ। ସେ ସମୟର ରୀତି ନୀତି ତାଙ୍କୁ ଭଲ ଲାଗୁନଥିଲା। ନାରୀ ମାନଙ୍କର ଅସହାୟ ଅବସ୍ଥାକୁ ସେ ଖୁବ୍ କମ୍ ବୟସରୁ ବୁଝିପାରିଥିଲେ। ପୁରୁଷମାନେ ସବୁ ପ୍ରକାର ସୁବିଧା ସୁଯୋଗ ଭୋଗ କରୁଥିବା ବେଳେ,ନାରୀମାନଙ୍କୁ କରାଯାଉଥିବା ଉପେକ୍ଷା ଓ ଅବହେଳା ତାଙ୍କୁ ଖୁବ୍ ବାଧୁଥିଲା। ସେସବୁର ପ୍ରତିକାର ପାଇଁ ସେ ପିଲାବେଳୁ ଚିନ୍ତିତ ଥିଲେ। ସେ ସମୟରେ ସେ ଦିଅଁ ଦେବତା,ପୂଜାପାଠ, ଧର୍ମଶାସ୍ତ୍ର ଓ ଉପବାସ ଆଦିରେ ବିଶ୍ୱାସ କରୁଥିଲେ। କିନ୍ତୁ ଥରେ କେଉଁ ଏକ ପୁରାଣରେ "ନାରୀ ନର୍କର ଦ୍ୱାର" ବୋଲି ଲେଖାଥିବା ଜାଣିବା ପରେ ସେହି ସମୟରୁ ସେ ଏହାକୁ ଘୃଣା କରୁଥିଲେ। ନାରୀ କବି କୁନ୍ତଳା କୁମାରୀ ସାବତଙ୍କ ଲିଖିତ ଉପନ୍ୟାସ, କବିତା ଓ ବକ୍ତୃତା ତାଙ୍କୁ ବେଶୀ ପ୍ରଭାବିତ କରିଥିଲା। ସେବେଠାରୁ ସେ ନାରୀ ମାନଙ୍କ ଭିତରେ ଥିବା ଅଜ୍ଞାନତା ଓ କୁସଂସ୍କାର ଦୂର କରିବା ପାଇଁ ମନେ ମନେ ସଂକଳ୍ପ ନେଇଥିଲେ। ବିବାହ ବୟସରେ ଭାଗୀରଥି ମହାପାତ୍ରଙ୍କ ସହିତ ସରଳା ଦେବୀଙ୍କର ବିବାହ ସମ୍ପାଦିତ ହୋଇଥିଲା। ବିବାହ ପରେ ପ୍ରତିଦିନ ଘର କାମ ସାଙ୍ଗକୁ ଖବରକାଗଜ ପଢ଼ିବା ତାଙ୍କର ନିୟମିତ ଅଭ୍ୟାସ ଥିଲା। ସେ ଉଚ୍ଚଶିକ୍ଷିତା ହୋଇନଥିଲେ ମଧ ଶିକ୍ଷା ପ୍ରତି ତାଙ୍କର ଆଗ୍ରହ ତାଙ୍କୁ ଦେଶର ସାମାଜିକ ଓ ରାଜନୈତିକ ଅବସ୍ଥା ସମ୍ପର୍କରେ ସଚେତନ କରିଦେଇଥିଲା। ନିଷ୍ଠୁର ଇଂରେଜ ଶାସନରୁ ନିଜ ମାତୃଭୂମିକୁ ସ୍ୱାଧୀନ କରିବା ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିବାଲାଗି



ସଂକଳ୍ପବଦ୍ଧ ହୋଇଥିଲେ। ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ପ୍ରତିବାଦରେ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା। ସେଥିରେ ସେ ଯୋଗଦେଇଥିଲେ। ୧୯୨୦ ମସିହା ଅଗଷ୍ଟ ପହିଲାରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଭାରତରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା। ୧୯୨୧ ମସିହା ମାର୍ଚ୍ଚ ମାସରେ ଗାନ୍ଧୀ କଟକ ଆସିଲେ। କଟକ ବାଲୁବଜାର ପାଖରେ ସେ ଗୋଟିଏ ମହିଳା ସଭାରେ ନାରୀ ମାନଙ୍କୁ ସୂତା କାଟି ଖଦି ପିନ୍ଧିବାକୁ, ପରଦା ଛାଡିବାକୁ, ଛୁଆଁ ଅଛୁଆଁ ନମାନିବାକୁ ଉଦ୍ବୋଧନ ଦେଲେ। ସେହି ସଭାରେ ସରଳା ଦେବୀ ମଧ ଉପସ୍ଥିତ ଥିଲେ।ସେହିଠାରୁ ସେ ପରଦା ପ୍ରଥାକୁ ବର୍ଜନ କଲେ ଓ ଗାନ୍ଧୀଙ୍କର ଅନ୍ୟ ସମସ୍ତ ନୀତିକୁ ମଧ ଅନୁସରଣ କଲେ। ତା ପରେ ସେ କଂଗ୍ରେସର ସଭ୍ୟା ହେଲେ।

୧୯୩୬ରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଘୋଷଣା ହେବାପରେ ପ୍ରାଦେଶିକ ସ୍ୱାୟତ୍ତ ଶାସନର ଚଳଣିରେ ଓଡ଼ିଶାରେ କଂଗ୍ରେସ ପକ୍ଷରୁ ବିଧାନ ସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଠିଆ କରାଯାଇଥିଲା ଏବଂ ସେ ସମୟରେ ସରଳା ଓଡ଼ିଶା ବିଧାନ ସଭା ନିର୍ବାଚନରେ ଭାଗ ନେଇ ବିଧାନ ସଭାକୁ ନିର୍ବାଚିତ ହେଇଥିଲେ। ସେ ଥିଲେ ଓଡ଼ିଶା ବିଧାନ ସଭାରେ ପ୍ରଥମ ମହିଳା ବିଧାୟିକା। ବିଧାନ ସଭାରେ ବାଲ୍ୟ ବିବାହ ଆଇନ୍‌ର ସଂଶୋଧନ ଓ ପୋଇଲି ପ୍ରଥାକୁ ଉଠାଇ ଦେବା ପାଇଁ ବିଭିନ୍ନ ଆଇନ୍ ପ୍ରଣୟନ କରିବାକୁ ବିଲ୍ ଆଗତ କରିଥିଲେ। ସେ ସମାଜରେ ପ୍ରଚଳିତ କୁପ୍ରଥା ବିରୋଧରେ ବିଧାନ ସଭାରେ ମଧ ସ୍ୱର ଉଠାଇଥିଲେ। ସେ ବିଧାନ ସଭାରେ ଗୋଟିଏ ଦିନ ବାଚସ୍ପତି ଦାୟିତ୍ୱ ତୁଲାଇଥିଲେ। ବ୍ରିଟିଶ୍ ଆମଳରେ ବିଧାନ ସଭାରେ ସମସ୍ତ କାର୍ଯ୍ୟ ଇଂରାଜୀ ଭାଷାରେ ହେଉଥିବା ବେଳେ, ସରଳା ବାଚସ୍ପତି ଆସନରେ ବସି ସେଦିନର ସମସ୍ତ କାର୍ଯ୍ୟ ଓଡ଼ିଆ ଭାଷାରେ ନିର୍ଧାରଣ କରିବାର ନିର୍ଦ୍ଦେଶ ଦେଇଥିଲେ।ଓଡ଼ିଆ ଭାଷାକୁ ସରକାରୀ ଭାଷା ରୂପେ ଗ୍ରହଣ କରିବାର ପ୍ରୟାସରେ ସେ ଥିଲେ ପ୍ରଥମ ଓ ଅଗ୍ରଗଣ୍ୟ ମହିଳା। ଓଡ଼ିଶାର ନାରୀମାନଙ୍କୁ ଏକାଠି କରିବାପାଇଁ ସରଳା ଦେବୀ "ଉତ୍କଳ ମହିଳା ସମ୍ମିଳନୀ" ନାମକ ସଂଗଠନ ଗଠନ କରିଥିଲେ। ଏହା ତାଙ୍କର ନାରୀଜାତିକୁ ଉନ୍ନତ କରିବାର ଆପ୍ରାଣ ଉଦ୍ୟମର ଏକ ଝଲକ ଥିଲା।ସେହି ଅଧିବେଶନରେ ହିଁ ଉତ୍କଳ ମହିଳା ସମ୍ମିଳନୀ," ନିଖିଳ ଭାରତୀୟ ମହିଳା ସଂଘ"ର ଶାଖା ରୂପେ କାର୍ଯ୍ୟ କରିବ ବୋଲି ସ୍ଥିର ହୋଇଥିଲା। ଏହାର ସଫଳତା ତାଙ୍କୁ ଅଧିକ ଗଠନମୂଳକ କାମ କରିବା ପାଇଁ ବିଶେଷ ଉତ୍ସାହିତ କରିଥିଲା। ସରଳା ଦେବୀ ଥିଲେ କାରାବରଣ କରିଥିବା ଓଡ଼ିଶାର ପ୍ରଥମ ନାରୀ। ସରଳା ଦେବୀ କଂଗ୍ରେସ ସାମ୍ୟବାଦୀ କର୍ମୀ ମାନଙ୍କ ସହ ମିଶି ଚାଷୀମାନଙ୍କୁ ସଂଗଠିତ କରୁଥିଲେ। ୧୯୩୭ ମସିହା ମେ ମାସରେ ଡେଲାଙ୍ଗଠାରେ ଏକ ଚାଷୀସଭା ହୋଇଥିଲା। ଏହି ସଭାରେ ସେ ତତ୍କାଳୀନ ଜମିଦାରଙ୍କ ଅତ୍ୟାଚାର ବିରୁଦ୍ଧରେ ଲଢେଇ କରିବାକୁ ଲୋକଙ୍କୁ ଆହ୍ୱାନ କରିଥିଲେ। ବିଧାନ ସଭା ମଧରେ ବନ୍ୟା କ୍ଷତିଗ୍ରସ୍ତ ଚାଷୀମାନଙ୍କଠାରୁ ଖଜଣା ଆଦାୟ ବନ୍ଦ କରିବାକୁ ସେ ସରକାରଙ୍କୁ ପରାମର୍ଶ ଦେଇଥିଲେ।

ସରଳା ଦେବୀ ଅଳ୍ପ ବୟସରୁ ସାହିତ୍ୟ ଚର୍ଚ୍ଚା ଆରମ୍ଭ କରିଥିଲେ। ସେ ଯୁଗରେ "ପରିଚାରିକା" ନାମକ ଗୋଟିଏ ମାସିକ ପତ୍ରିକା କିଛି ବର୍ଷ ପ୍ରକାଶିତ ହୋଇଥିଲା। ଶ୍ରୀମତୀ ବସନ୍ତ କୁମାରୀ ଦେବୀ ଏହି ପତ୍ରିକାର ସମ୍ପାଦିକା ଥିଲେ। ସରୋଜିନୀ ଦେବୀ, କୋକିଳ ଦେବୀ, ପ୍ରମିଳା ସୁନ୍ଦରୀ ଦେଇ, ରମା ସୁନ୍ଦରୀ ଦେଇ, କାଞ୍ଚନ ମଣି ଦେଇ ପ୍ରମୁଖ ବହୁ ମହିଳାଙ୍କ ରଚନା ସେହି ପତ୍ରିକାରେ ପ୍ରକାଶିତ ହୋଇଥିଲା। ପକ୍ଷ ୧୩୨୫ରୁ ୧୩୨୭ ମଧରେ ଛପା ହୋଇଥିବା "ପରିଚାରିକା"ରେ ସରଳା ଦେବୀଙ୍କର ମଧ ବହୁ ରଚନା ଦେଖିବାକୁ ମିଳେ। ସେଗୁଡିକ ଭିତରୁ "ଧୌର୍ଯ୍ୟଶାଳୀ ସାମ୍ରାଜ୍ଞି - ଶୈବ୍ୟା", "କଳ୍ପିତ ମୃତ୍ୟୁ" ଓ "ପ୍ରତୀକ୍ଷା" ଅନ୍ୟତମ। ୧୫ ବର୍ଷ ବୟସରୁ ତାଙ୍କର ଏଭଳି ରଚନାରୁ ତାଙ୍କର ସାହିତ୍ୟିକ ପ୍ରତିଭାର ପରିଚୟ ମିଳିଥିଲା।ତାଙ୍କ ଭିତରେ ସୃଜନଶୀଳ ସାହିତ୍ୟ ପ୍ରତିଭା ପୂରି ରହିଥିଲା। ଅଳକା ଆଶ୍ରମରୁ ପ୍ରକାଶିତ ହାତଲେଖା "ଅଳକା"ଠାରୁ ଆରମ୍ଭ କରି "ସରକାର", "ନବ ଭାରତ" ଇତ୍ୟାଦି ଓଡ଼ିଶାର ବିଶିଷ୍ଟ ପତ୍ର ପତ୍ରିକାରେ ତାଙ୍କର ଲେଖାମାନ ପ୍ରକାଶ ପାଉଥିଲା। ଲୋକଙ୍କୁ ସଚେତନ କରିବାର ଆବଶ୍ୟକତା ଉପଲବ୍ଧି କରି ଲୋକ ଶିକ୍ଷା ଉଦ୍ଦେଶ୍ୟରେ ଗାଁ ଲୋକଙ୍କ କଥା, ନାରୀର ଆଇନଗତ ଅଧିକାର ଆଦି ବିଷୟରେ ଛୋଟଛୋଟ ପୁସ୍ତକ ରଚନା କରି ତାହାର ପ୍ରଚାର ପ୍ରସାର କରିଥିଲେ। "ହିନ୍ଦୁସ୍ତାନ ଗ୍ରନ୍ଥମାଳା" ନାମକ ସଂସ୍ଥା ସ୍ଥାପନ କରି ସେ ତା'ର ସମ୍ପାଦିକା ହୋଇଥିଲେ। ସେ "ସବିତା" ନାମକ ଗୋଟିଏ ପତ୍ରିକାର ସମ୍ପାଦନା ସହ ସେଥିରେ ନିଜର ମତାମତ ମଧ ପ୍ରକାଶ କରୁଥିଲେ। ତାଙ୍କ ରଚନା ମଧ୍ୟରୁ ଉତ୍କଳର ନାରୀ ସମସ୍ୟା, ନାରୀର ଦାବି, ଭାରତୀୟ ମହିଳା ପ୍ରସଙ୍ଗ, ରବିନ୍ଦ୍ର ପୂଜା, ବୀର ରମଣୀ, ବିଶ୍ୱ ବିପ୍ଳବିଣୀ, ବାସନ୍ତୀ, ରାୟ ରାମାନନ୍ଦ, ଗାଁ କଥା ଇତ୍ୟାଦି ଇତ୍ୟାଦି। ସରଳା ଦେବୀ ପ୍ରାୟ ୯ ବର୍ଷ କାଳ ବିଧାନ ସଭାରେ ରହି ବିଭିନ୍ନ ପ୍ରଗତିଶୀଳ ଆଇନ୍ ପାସ୍ କରିବାରେ ସହାୟତା କରିଥିଲେ। କିଛିଦିନ ସେ ବିଧାନ ସଭାରେ କଂଗ୍ରେସ ଦଳର ମୁଖ୍ୟ ସଚେତକ ମଧ ଥିଲେ। ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ପଣ୍ଡିତ ଜବାହରଲାଲ ନେହେରୁଙ୍କଦ୍ୱାରା ଗଠିତ ନ୍ୟାସନାଲ ପ୍ଲାନିଙ୍ଗ କମିଟିର ସଦସ୍ୟା ରହି ଓଡ଼ିଶାର ମଙ୍ଗଳ ପାଇଁ ଅନେକ ଗୁଡ଼ିଏ ପ୍ରସ୍ତାବ କାର୍ଯ୍ୟକାରୀ କରିଥିଲେ। ୧୯୮୬ ମସିହା ଅକ୍ଟୋବର ୪ ତାରିଖ ଦିନ ୮୨ ବର୍ଷ ବୟସରେ ସରଳା ଦେବୀଙ୍କର ଦେହାନ୍ତ ହୋଇଥିଲା। ଓଡ଼ିଶାର ନାରୀ ଆନ୍ଦୋଳନର କର୍ଣ୍ଣଧାର, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ବରେଣ୍ୟ ଲେଖିକା ସରଳା ଦେବୀଙ୍କ ମୃତ୍ୟୁ ଓଡ଼ିଶା ଇତିହାସରେ ବିରାଟ ଦୁର୍ବିପାକ ସଦୃଶ ଲିପିବଦ୍ଧ ହୋଇ ରହିଯାଇଛି।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ: ୯୯୩୮୯୦୬୦୭୦**

# ପରୀକ୍ଷା ପାଇଁ ଲାଗିଥିବା ପିଲାର ଚାପକୁ ବୁଝନ୍ତୁ

ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ



ବାପା, ମା'ମାନେ ଥରେ ଧ୍ୟାନ ଦିଅନ୍ତୁ। ଆପଣଙ୍କ ପିଲା ଯଦି କହୁଛି, ମୋତେ ଭାରି ନର୍ଭସ୍ ଲାଗିଲାଣି ବା ଏଥର ପରୀକ୍ଷାରେ କଷ୍ଟ ପ୍ରଶ୍ନ ଆସିଲା ଭଳି ଲାଗୁଛି କିମ୍ବା ଆଉ ମାସ ଏତିକି ବେଳକୁ ମୁଁ ପରୀକ୍ଷା ହଲ୍‌ରେ ବସିଥିବି ବା ଏମିତି କିଛି, ତେବେ ଆପଣମାନେ ପିଲାର ପରିସ୍ଥିତିକୁ ଟିକିଏ ଗମ୍ଭୀରତାର ସହ ବିଚାର କରନ୍ତୁ। ପିଲାଟି ଉପରେ ପରୀକ୍ଷାର ଚାପ ମାଡ଼ି ବସିବା ଆରମ୍ଭ କଲାଣି ବୋଲି ଜାଣନ୍ତୁ। ପିଲା ଉପରେ ଯଦି ପରୀକ୍ଷାର ଚାପ ମାଡ଼ି ବସେ ତେବେ ତାର ପରୀକ୍ଷାର ଖରାପ ହେବାର ଆଶା ଅଧିକ। ଯଦିଓ, ଏମିତି ବି ପିଲା ଅଛନ୍ତି, ଯେଉଁମାନେ କି ଚାପରେ ରହିଲେ ପରୀକ୍ଷାରେ ଭଲ କରନ୍ତି। ମନୋବୈଜ୍ଞାନିକମାନଙ୍କ ମତରେ ପରୀକ୍ଷାର ଚାପ ସାଧାରଣତଃ ଦୁଇ ପ୍ରକାର ହୋଇଥାଏ। ଗୋଟିଏ ହେଲା ଦୀର୍ଘ କାଳୀନ ଚାପ। ପରୀକ୍ଷା ପାଇଁ ପ୍ରସ୍ତୁତ ହେଲା ବେଳକୁ ପିଲାଟି ଏହି ଚାପ ଭୋଗେ। ଆଉ ଏକ ଚାପ ପରୀକ୍ଷା ଦିନରୁ ହିଁ ଆରମ୍ଭ ହୁଏ। ଅନେକ ଡାକ୍ତରୀ ପରୀକ୍ଷା ଏହା ପ୍ରମାଣ କରିସାରିଲାଣି ଯେ ପରୀକ୍ଷା ଜନିତ ଚାପ ଯୋଗୁଁ ପିଲାଟିର ଶରୀରରେ ସାଲିଭାରି ଏସ୍ ଇମୁନୋଗ୍ଲୋବିନ୍‌ଏ ବା ଏସ୍‌ଏଲ୍‌ଜିଏ ନାମକ ଏକ 'ଆଣ୍ଟିବଡ଼ି' କମିଯାଏ। ଏହି ଆଣ୍ଟିବଡ଼ି ଶରୀରକୁ ବିଭିନ୍ନ ରୋଗ ସଂକ୍ରମଣରୁ ସୁରକ୍ଷା ପ୍ରଦାନ କରେ। ସେଥିପାଇଁ ଅନେକ ସ୍ଥଳରେ ଦେଖାଯାଏ ଯେ ପରୀକ୍ଷା ସମୟରେ ହିଁ ପିଲାମାନେ ରୋଗ ସଂକ୍ରମଣର ଅଧିକ ଶିକାର ହୋଇଥାନ୍ତି। ମନୋବିଜ୍ଞାନୀମାନେ କୁହନ୍ତି ଯେ ଛାତ୍ର ବା ଛାତ୍ରୀମାନଙ୍କୁ ଶୃଙ୍ଖଳିତ କରିବା ପାଇଁ ମଧ୍ୟମ ଧରଣର ଚାପ ନିତାନ୍ତ ଆବଶ୍ୟକ। କିନ୍ତୁ ପିଲାମାନଙ୍କ ଉପରେ ମାତ୍ରାଧିକ ଚାପ ଦିଆଯିବା ଉଚିତ ନୁହେଁ। ଅନେକ ବାପା ମା' ଯେଉଁ ଲକ୍ଷ୍ୟ ନିଜେ ସାଧନ କରିବାରେ ବିଫଳ ହୋଇଥାନ୍ତି, ସେମାନେ ନିଜ ପିଲାମାନଙ୍କ ଦ୍ୱାରା ତାହା ହାସଲ କରିବାକୁ ଚେଷ୍ଟା କରନ୍ତି। ଏଭଳି ବାପା ମା ପିଲାମାନଙ୍କ ଉପରେ ଅଧିକ ଚାପ ପ୍ରୟୋଗ କରନ୍ତି। ପିଲାଟି କେଉଁ କ୍ଷେତ୍ରରେ ପାରଦର୍ଶିତା ଦେଖାଇବାର ସମ୍ଭାବନା ରଖିଛି, ସେ ଦିଗରେ ଧ୍ୟାନ ନଦେଇ ସେମାନେ ନିଜ ଦ୍ୱାରା ନିର୍ବାଚିତ କ୍ଷେତ୍ରରେ ପିଲାଟି ଭଲ କରୁ ବୋଲି ଚାହାନ୍ତି। ତାହା ହିଁ ପିଲାଟି ପାଇଁ କାଳ ହୋଇପଡ଼େ।

**ପିଲାଦିନରୁ ଜାଣିହେବ:** ପିଲା ଦିନରୁ ଜାଣିହେବ ପିଲାଟି କେଉଁ ବିଷୟରେ ଭଲ କରିବ। ତୃତୀୟ ଶ୍ରେଣୀରେ ପଢ଼ିଲା ବେଳକୁ ସେମାନେ ବିଭିନ୍ନ ବିଷୟ ପ୍ରତି ଆଗ୍ରହ ବା ଅନାଗ୍ରହ ଦେଖାଇ ଥାନ୍ତି। ଜଣେ ସମ୍ବେଦନଶୀଳ ବାପା ମା ଏ ସମ୍ପର୍କରେ ଧାରଣା କରିପାରେ। ପିଲାଟି ପଞ୍ଚମ ଶ୍ରେଣୀ ପଢ଼ିଲା ବେଳକୁ ବାପା'ମା ମାନେ ପିଲାଟି କେଉଁ ବିଷୟରେ ଭଲ କରିବ ବା କେଉଁ କ୍ଷେତ୍ରରେ ପିଲାଟିର ପ୍ରତିଭା ରହିଛି, ତାହା ଜାଣିପାରିବେ।

**ପିଲା ଚାପରେ ନ ଆସିବା ପାଇଁ କ'ଣ କରିବେ ?:** ଏ ଦିଗରେ ବାପା ମା' ମାନଙ୍କର ଦାୟିତ୍ୱ ଅନେକ। ଅନେକ ବାପା ମା ପିଲାଟି ଦିନରୁ ଏ ଦାୟିତ୍ୱକୁ ଠିକ୍ ଭାବେ ତୁଲାଇ ଥାନ୍ତି। ସେମାନଙ୍କ ପିଲାମାନେ ପରୀକ୍ଷା ବେଳେ ହଇରାଣରେ ପଡ଼ନ୍ତି ନାହିଁ। ସାନବେଳୁ ପିଲାମାନେ ଯେମିତି ସେମାନଙ୍କ ଭିତରେ ଏକ ଭଲ ସଉକ ବା 'ହବି' ବିକାଶ କରନ୍ତି ତାହା ଦେଖିବା କଥା। ଗପ ବହି ପଢ଼ିବାକୁ ଉତ୍ସାହିତ କରିବା, ଖବର କାଗଜ ପଢ଼ିବାର ଅଭ୍ୟାସ କରାଇବା, କୌଣସି ଏକ ଭଲ ବାଦ୍ୟଯନ୍ତ୍ର ବଜାଇବାର ତାଲିମ ଦେବା ଏଭଳି ସଉକର ଅନ୍ତର୍ଭୁକ୍ତ। ଯେତେବେଳେ ପାଠରୁ ଫୁର୍ସତ ମିଳିବ ସେତିକି ବେଳେ ପିଲାଟିଏ ଯଦି ସେ ଭଲ ପାଉଥିବା ଏଭଳି କୌଣସି ଏକ କାମରେ ଲାଗିବ, ତେବେ ତାର ମନକୁ ହାଲୁକା ହେବ ଏବଂ ପରବର୍ତ୍ତୀ ସମୟରେ ଆଉ ଥରେ ପଢ଼ାପଢ଼ି ଆରମ୍ଭ କଲା ବେଳକୁ ସେ ସତେଜ ହୋଇପାରିଥିବ। ପିଲାଟି ଦିନରୁ ପ୍ରତି ଦିନ ତିନିରୁ ଚାରି ଘଣ୍ଟା ପଢ଼ାର ଅଭ୍ୟାସ କରାଇବା ଭଲ। ଜଣେ ଯଦି ବର୍ଷ ଆରମ୍ଭରୁ ତିନିରୁ ଚାରି ଘଣ୍ଟା ପଢ଼େ, ତେବେ ତାକୁ ପରୀକ୍ଷା ବେଳକୁ ଅତି ଅଧିକ ପରିଶ୍ରମ କରିବାକୁ ପଡ଼ିବ ନାହିଁ। କ୍ଲାନ୍ତି ମେଣ୍ଟାଇବା ପାଇଁ ପିଲା ଭଲ ଭାବେ ଶୋଇବା ଉଚିତ। ପିଲାଟି ଭଲ ଗୀତ ଶୁଣି ବି ମନକୁ ପ୍ରଫୁଲ୍ଲ କରିପାରେ। କିନ୍ତୁ ଟିଭି ଦେଖି ମନକୁ ଖସି କରିବାର ଅଭ୍ୟାସ ଯେମିତି ପିଲାର ନହୁଏ, ସେ ଦିଗରେ ବାପା ମା'ମାନେ ଧ୍ୟାନ ଦେବା ଉଚିତ।

**ମାନସିକ ସାହସ:** ପିଲାକୁ ମାନସିକ ସାହସ ବା ପ୍ରତ୍ୟୟ ଦେବା ପ୍ରତି ବାପାମାଙ୍କ ଦାୟିତ୍ୱ। ଏଇ ପରୀକ୍ଷାଟି ଗୁରୁତ୍ୱପୂର୍ଣ୍ଣ ମାତ୍ର ଖରାପ ହୋଇଗଲେ ସବୁ ବାଟ ବନ୍ଦ ହୋଇଯିବ ନାହିଁ ବୋଲି ପିଲାକୁ ବାପାମାମାନେ ବୁଝାଇବା ଦରକାର। ଏହା ମଧ ସତ ଯେ କୌଣସି ପରୀକ୍ଷା ଯେତେ ଗୁରୁତ୍ୱପୂର୍ଣ୍ଣ ହେଲେ ବି ଏହା ଏକମାତ୍ର କଥା ନୁହେଁ। ସବୁ ପରିସ୍ଥିତିର କିଛି ନା କିଛି ବିକଳ୍ପ ଅଛି।

**ଚାପର ପରିଣାମ:** ଚାପଗ୍ରସ୍ତ ପିଲାମାନଙ୍କ ଉପରେ ଏହାର ପ୍ରଭାବ ନକାରାତ୍ମକ ହୋଇଥାଏ। ଏହା ସେମାନଙ୍କ ଆତ୍ମପ୍ରତ୍ୟୟକୁ ଆକ୍ରାନ୍ତ କରେ। ବଡ଼ ହେଲା ପରେ ବି ଏହା ସେମାନଙ୍କ ବ୍ୟକ୍ତିତ୍ୱକୁ ପ୍ରଭାବିତ କରିଥାଏ। ଜଣାପଡ଼ିଛି ଯେ ଅତ୍ୟଧିକ ଚାପଗ୍ରସ୍ତ ପିଲାମାନଙ୍କ ଭିତରୁ ପଚାଶ ପ୍ରତିଶତ କୌଣସି ନା କୌଣସି ସମୟରେ ଆତ୍ମହତ୍ୟା କରିବା ସମ୍ପର୍କରେ ଗମ୍ଭୀରତାର ସହ ବିଚାର କରନ୍ତି। ସାଧାରଣତଃ ଏଭଳି ଆତ୍ମହତ୍ୟା କରୁଥିବା ପିଲାମାନଙ୍କ ଭିତରେ ପୁଅମାନଙ୍କ ସଂଖ୍ୟା ଝିଅମାନଙ୍କ ଠାରୁ ଅଧିକ। ଏହା ପଛରେ ଥିବା କାରଣଟି ହେଉଛି ପୁଅମାନଙ୍କ ଉପରେ କିଛି କରି ଦେଖାଇବାର ଚାପ ଅଧିକ ଥାଏ।

**ବାପାମାନେ କ'ଣ ଜାଣିବା ଉଚିତ :** ଆଜିକାଲି ସହରୀ ବାପା ମା'ମାନଙ୍କ ଭିତରୁ ଅଧିକାଂଶ ଉଚ୍ଚଶିକ୍ଷିତ। ମାତ୍ର, ସେମାନଙ୍କ ଭିତରୁ ବେଶି ଭାଗ ପିଲାର ସାମଗ୍ରିକ ବିକାଶକୁ ନେଇ ଚିନ୍ତିତ ନୁହନ୍ତି ବା ସଚେତନ ନୁହନ୍ତି। ଅଧିକାଂଶ ମନୋବୈଜ୍ଞାନିକଙ୍କ ମତାନୁସାରେ ଏହା ହିଁ ହେଉଛି ପିଲାମାନଙ୍କ ଉପରେ ଚାପର ପ୍ରଧାନ କାରଣ। ସେମାନେ କୁହନ୍ତି ଯେ ପିଲାର ପ୍ରତିଭାକୁ ଏବେ ଗ୍ରେଡ୍ ଅନୁସାରେ ମପାଯାଉଛି। ପିଲାର ଜୀବନ ଏବେ ହୋଇପଡ଼ୁଛି ଗ୍ରେଡ୍ ସର୍ବସ୍ୱ। କିନ୍ତୁ, କୌଣସି ବିଦ୍ୟାଳୟର ଶିକ୍ଷକ ବା ପିଲାମାନଙ୍କ ବାପାମା'ମାନେ ପିଲାର ସୃଜନଶୀଳ ପ୍ରତିଭାର ବିକାଶ ଦିଗରେ ନଜର ଦିଅନ୍ତି ନାହିଁ। ଏହା ହିଁ ହେଉଛି ପିଲା ଉପରେ ବଢ଼ୁଥିବା ଚାପର ପ୍ରଥମ କାରଣ। ପୂର୍ବେ ପିଲାଟି କେବଳ ପରୀକ୍ଷାରେ ଭଲ କରୁ ବୋଲି ବାପାମା ଏବଂ ଗୁରୁଜନମାନେ ଆଶା କରୁଥିଲେ, ମାତ୍ର ଏବେ ଯେଉଁ ପିଲାଟି ଭଲ ଖେଳୁଛି, ତା ଉପରେ ବି ଏତେ ଚାପ ପଡ଼ୁଚି, ସେ ତାର ମୁକାବିଲା କରିବାକୁ ଅସମର୍ଥ ହେଉଛି।

**ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ପିଲାମାନଙ୍କୁ କ'ଣ ଖାଇବାକୁ ଦେବେ?**
ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ପିଲାମାନଙ୍କ ଖାଦ୍ୟ ତାଲିକା ଚିକିତ୍ସା ବିଜ୍ଞାନରେ ସେପରି କିଛି ସ୍ୱତନ୍ତ୍ର ତାଲିକାରେ ନାହିଁ କିନ୍ତୁ ଏହି ସମୟରେ ଫାଷ୍ଟଫୁଡ୍, ଅତ୍ୟଧିକ ଗରିଷ୍ଠଖାଦ୍ୟ ଦିଅନ୍ତୁ ନାହିଁ। ଅଳ୍ପ ଅଳ୍ପ ଭାବରେ ବରଂ ଦିନକୁ ଚାରି ପାଞ୍ଚଥର ଖାଦ୍ୟ ଦେଲେ ଭଲ। ରାତିରେ ବିଶ୍ରାମ ବେଳେ ପିଲାକୁ କ୍ଷୀର ପିଇବା ପାଇଁ ଦିଅନ୍ତୁ। ବର୍ତ୍ତମାନ ସହଜେ ଗ୍ରୀଷ୍ମର ଉତ୍ତାପ ବଢ଼ୁଥିବାରୁ ପିଲାମାନଙ୍କୁ ଫଳଜୁସ୍, ପଇଡ଼ପାଣି ଦେବା ଭଲ। ଥଣ୍ଡାପାନୀୟ ବା ଥଣ୍ଡାଖାଦ୍ୟ ଦିଅନ୍ତୁ ନାହିଁ। ମିଠା, ଆଇସକ୍ରିମ ନଦେଲେ ଭଲ। ସୁଷମ ଖାଦ୍ୟ ଦିଅନ୍ତୁ, ତଟକା ପନିପରିବାରେ ଖାଦ୍ୟ ତିଆରି କରନ୍ତୁ। ପିଲାଟିର ଯେପରି ଖାଦ୍ୟଜନିତ କୋଷ୍ଠକାଠିନ୍ୟ ନ ହୁଏ ସେ ଦିଗକୁ ଭୁଲନ୍ତୁ ନାହିଁ। ପିଲାକୁ କୌଣସି ଖାଦ୍ୟ ପାଇଁ ଜବରଦସ୍ତ କରନ୍ତୁ ନାହିଁ ବା ବାଧ କରନ୍ତୁନାହିଁ।

**ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର**

# ମଧ୍ୟପ୍ରାଚ୍ୟରେ ବିଶାଳ ସାମରିକ ସଜା



ଇରାନ, ୨୦।୨: ମଧ୍ୟପ୍ରାଚ୍ୟରେ ଆଉ ଏକ ଯୁଦ୍ଧ ଆରମ୍ଭର ଆଶଙ୍କା ବଢ଼ିଯାଇଛି। ଇରାନକୁ କଡ଼ା ଚେତାବନୀ ଦେଇଛନ୍ତି ଆମେରିକା। ଆଣବିକ ଚୁକ୍ତି ନେଇ ରାଜି ନହେଲେ ପରିଣାମ ଭୟଙ୍କର ହେବ ବୋଲି ଧମକ ଦେଇଛନ୍ତି ଟ୍ରମ୍ପ। ଇରାନର ପରମାଣୁ ପ୍ରକଳ୍ପକୁ ଘୋର ବିରୋଧ କରୁଛି ଆମେରିକା। ଇରାନର ୟୁରାନିୟମ ବିଶୁଦ୍ଧୀକରଣ ପ୍ରକ୍ରିୟାକୁ ବିରୋଧ କରି ପୂର୍ବରୁ ଆମେରିକା ଏହା ପରମାଣୁ ଗୁପ୍ତ ସ୍ଥଳ ଉପରେ ଉପରେ ଆକ୍ରମଣ କରିଥିଲା।

ଇରାନ ଆଣିବକ ଅସ୍ତ୍ର ତିଆରି ପାଇଁ ଚେଷ୍ଟା କରୁଥିବା ଆମେରିକା ଓ ଇସ୍ରାଏଲ ଅଭିଯୋଗ କରିଆସୁଛନ୍ତି। ହେଲେ ଏହାକୁ ତେହେରାନ ଖଣ୍ଡନ କରିଆସୁଛି। ମଧ୍ୟପ୍ରାଚ୍ୟରେ ଏବେ ଆମେରିକା ବିରାଟ ସୈନ୍ୟ ସଜା କରିଛି। ୫୦ରୁ ଅଧିକ ଅତ୍ୟାଧୁନିକ ଯୁଦ୍ଧ ବିମାନ, ଏୟାରକ୍ରାଫ୍ଟ କ୍ୟାରିୟର ସହ କ୍ଷେପଣାସ୍ତ୍ର ପ୍ରତିରୋଧୀ ପ୍ରଣାଳୀ ମୁତୟନ କରିଛି। ଏପରି ସ୍ଥିତିରେ ଆମେରିକାର କ'ଣ ଆଭିମୁଖ୍ୟ ରହିବ, ତା ଉପରେ ସାରା ବିଶ୍ୱର ନଜର। ଟ୍ରମ୍ପଙ୍କ ଅନୁମତିକୁ ଅପେକ୍ଷା କରିଛି ଆମେରିକୀୟ ସେନା। ଅନ୍ୟପଟେ ଆମେରିକୀୟ ଅଧିକାରୀ ଓ ଇରାନ ଅଧିକାରୀଙ୍କ ମଧ୍ୟରେ ସୁଇଜରଲ୍ୟାଣ୍ଡରେ କୂଟନୈତିକ ବୈଠକ ଚାଲିଛି।

# ପାକ୍ସ-ସିଲିକା ଚୁକ୍ତି କଲା ଭାରତ

ନୂଆଦିଲ୍ଲୀ, ୨୦।୨: ଭାରତ ଶୁକ୍ରବାର ଆମେରିକା ନେତୃତ୍ୱାଧୀନ ପାକ୍ସ ସିଲିକାର ବିଧିବଦ୍ଧ ଭାବେ ସଦସ୍ୟ ହୋଇଛି। ବୈଶ୍ୱିକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଓ ସେମିକଣ୍ଡକ୍ଟର ଯୋଗାଣ ଶୃଙ୍ଖଳାକୁ ସୁରକ୍ଷିତ କରିବା ଓ ଅଣ-ସହଯୋଗୀ ଦେଶଙ୍କ ଉପରେ ନିର୍ଭରତା ହ୍ରାସ କରିବା ପାଇଁ ଗତ ବର୍ଷ ଆମେରିକା ଏହି ରଣନୈତିକ ମେଣ୍ଟ ଗଠନ କରିଥିଲା। ଏହା ବିରଳ ଖଣିଜ ଉତ୍ପାଦନ ଓ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଥିବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ମଜଭୁତ କରିବ।



ଭାରତ ଏବଂ ଆମେରିକା ନୂଆଦିଲ୍ଲୀରେ ପାକ୍ସ ସିଲିକା ଘୋଷଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ଆମେରିକାର ଅର୍ଥନୈତିକ ବ୍ୟାପାର ଉପ ସଚିବ, ଜ୍ୟାକବ ହେଲବର୍ଗ କହିଛନ୍ତି ଯେ ଏହା କେବଳ କାଗଜପତ୍ରରେ ଏକ ଚୁକ୍ତି ନୁହେଁ ବରଂ ଏକ ସହଭାଗୀ ଭବିଷ୍ୟତ ପାଇଁ ଏକ ରୋଡମ୍ୟାପ୍। ସେ ଆହୁରି କହିଛନ୍ତି ଯେ, ଆଜି ଯେତେବେଳେ ଆମେ ପାକ୍ସ ସିଲିକା ଘୋଷଣାପତ୍ରରେ ସ୍ୱାକ୍ଷର କରୁଛୁ, ଆମେ ଅସ୍ତ୍ର ନିର୍ଭରଶୀଳତା ଏବଂ ବ୍ଲାକମେଲ୍ କୁ ନା କହୁଛୁ। ଆମେ ଘୋଷଣା କରୁଛୁ ଯେ ଅର୍ଥନୈତିକ ସୁରକ୍ଷା ହେଉଛି ଜାତୀୟ ସୁରକ୍ଷା। ସେ କହିଛନ୍ତି ଯେ ଭାରତ ଏବଂ ଆମେରିକା ମିଳିତ ଭାବରେ ଏକ ଏପରି ଆଭିମୁଖ୍ୟ ଗ୍ରହଣ କରୁଛନ୍ତି ଯାହା ଏଆଇ ନବସୃଜନକୁ ପ୍ରୋତ୍ସାହିତ କରେ। ଆମେ ଏପରି ଏକ ଯୋଗାଣ ଶୃଙ୍ଖଳ କରୁଛୁ ଯାହା ସମୃଦ୍ଧିର ଏକ ଦୃଢ଼ ଭିତ୍ତିଭୂମି ହେବ। ଆମେ ଏକ ନୂଆ ଇକୋସିଷ୍ଟମ ସୃଷ୍ଟି କରୁଛୁ ଯାହା ଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାକୁ ବ୍ୟାପକ ଭାବରେ ଲୋକଙ୍କ ପାଖରେ ପହଞ୍ଚାଇବ ଓ ଏଆଇର ଅପାର ଶକ୍ତିକୁ ସାଧାରଣ ଲୋକଙ୍କ ହାତରେ ପହଞ୍ଚାଇବ। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ବିଶ୍ୱ ଭାରତକୁ ବିଶ୍ୱାସ କରେ। ଆମ ପାଖରେ ଅପାର ପ୍ରତିଭା ଅଛି। ଆମେ ଆମର ବୈଦେଶିକ ନୀତିରେ ଏପରି ଭାବରେ କାମ କରିଛୁ ଯେ ସାରା ବିଶ୍ୱ ଆମକୁ ବିଶ୍ୱାସ କରେ। ଏହି କାରଣରୁ ଆଜି ପାକ୍ସ ସିଲିକା ଘୋଷଣାନାମା ସ୍ୱାକ୍ଷରିତ ହୋଇଛି। ଏହା ଆମ ଦେଶରେ ସେମିକଣ୍ଡକ୍ଟର ଇକୋସିଷ୍ଟମ ସ୍ଥାପନ କରିବା ପାଇଁ ସେମିକଣ୍ଡକ୍ଟର ଯୋଗାଣ ଶୃଙ୍ଖଳା, ସେମିକଣ୍ଡକ୍ଟର ଉତ୍ପାଦନ, ଚିପ୍ସ ଡିଜାଇନ୍ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

# ରାହୁଲଙ୍କୁ ଧମକ ଦେଇଥିବା ଅଭିଯୁକ୍ତ ଗିରଫ



ନୂଆଦିଲ୍ଲୀ, ୨୦।୨: ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ କରଣୀ ସେନାର ଜଣେ କାର୍ଯ୍ୟକର୍ତ୍ତା ହତ୍ୟା ଧମକ ଦେଇଛନ୍ତି। କଂଗ୍ରେସ ମୁଖପାତ୍ର ପୱନ ଖେଡ଼ା ଗୁରୁବାର ଏହି ଦାବି କରିଛନ୍ତି। ସେ ଧମକପୂର୍ଣ୍ଣ ଭିଡିଓକୁ ସୋସିଆଲ୍ ମିଡିଆରେ ସେୟାର ମଧ କରିଛନ୍ତି। ସେଥିରେ ଅଭିଯୁକ୍ତ ରାଜ ସିଂହ କହିଛନ୍ତି ଯେ, ନିକଟରେ ବଜେଟ୍ ଅଧିବେଶନ ସମୟରେ ୨୫ ବିରୋଧୀ ସାଂସଦ ବାଚସ୍ପତି ଓମ୍ ବିର୍ଲାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହାକୁ ବରଦାସ୍ତ କରାଯିବ ନାହିଁ। ଏସବୁ ଲାଗି ରାହୁଲ ଗାନ୍ଧୀ ଦାୟୀ। ୨୪ ଘଣ୍ଟା ମଧରେ ଏହି ସାଂସଦଙ୍କ ବିରୋଧରେ କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍। ସେ ଆହୁରି କହିଛନ୍ତି ଯେ, ଯଦି ପୁଣି ଏଭଳି ଘଟଣା ଘଟେ ତେବେ ରାହୁଲଙ୍କ ଘରେ ପଶି ଗୁଳି କରିବୁ। ସେହି ୨୫ ସାଂସଦଙ୍କ ଘରେ ଭଙ୍ଗାରୁଜା କରାଯିବ। ଏଥିଲାଗି ପ୍ରଶାସନ ଦାୟୀ ରହିବ। ଭିଡିଓ ଭାଇରାଲ୍ ହେବାପରେ ଅଭିଯୁକ୍ତଙ୍କୁ ରାଜସ୍ଥାନର କୋଟାରୁ ଧରାଯାଇଛି।

## ଫୁଟବଲ୍ ଖେଳିବା ବେଳେ ଚାଲିଗଲା ସାଂସଦଙ୍କ ଜୀବନ



ନୂଆଦିଲ୍ଲୀ, ୨୦।୨: ମେଘାଳୟର ରାଜଧାନୀ ଶିଲଂର ଲୋକସଭା ସାଂସଦ ରିକି ଏଜେ ସିଙ୍ଗକନଙ୍କ ପରଲୋକ ହୋଇଛି। ତାଙ୍କର ମୃତ୍ୟୁରେ ରାଜନୈତିକ ଜଗତରେ ଶୋକର ଛାୟା ଖେଳିଯାଇଛି। ରିକି ଏଜେ ସିଙ୍ଗକନ୍ ଫୁଟବଲ୍ ଖେଳୁଥିବା ସମୟରେ ହଠାତ୍ ହୃଦଘାତର ଶିକାର ହୋଇ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତରଙ୍କ ପ୍ରୟାସ ସତ୍ତ୍ୱେ ତାଙ୍କ ଜୀବନ ବଞ୍ଚାଯାଇ ପାରିଲା ନାହିଁ।

ଖବର ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ଶିଲଂ ନିକଟସ୍ଥ ମାୱଲାଇ ମାୱିଓଙ୍ଗ ଅଞ୍ଚଳର ଏକ ପଡ଼ିଆରେ ରିକି ଏଜେ ସିଙ୍ଗକନ୍ ଫୁଟବଲ୍ ଖେଳୁଥିଲେ। ଖେଳ ସମୟରେ ସେ ହଠାତ୍ ଅଚେତ ହୋଇ ପଡ଼ିଗଲେ। ତୁରନ୍ତ ତାଙ୍କୁ ମାୱିଓଙ୍ଗ କମ୍ୟୁନିଟି ହେଲ୍ଥ ସେଣ୍ଟର (ସିଏଚସି)କୁ ନେଇଯାଇଥିଲେ, କିନ୍ତୁ ସେଠାରେ ଡାକ୍ତର ନ ଥିବାରୁ ତାଙ୍କୁ ତୁରନ୍ତ ଜୟାଉର ଡକ୍ଟର ଏଚ୍. ଗୋର୍ଡନ୍ ରବର୍ଟସ୍ ହସ୍ପିଟାଲକୁ ନିଆଯାଇଥିଲା। ହସ୍ପିଟାଲରେ ଭର୍ତ୍ତି ହେବାର କିଛି ସମୟ ପରେ ରାତି ପ୍ରାୟ ୮ଟା ୪୨ ମିନିଟରେ ତାଙ୍କର ମୃତ୍ୟୁ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାଂସଦଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିଛନ୍ତି। ସେ ଏକ୍ସରେ ଲେଖିଛନ୍ତି, "ଶିଲଂର ଲୋକସଭା ସାଂସଦ ଡକ୍ଟର ରିକି ଏ.ଜେ.ସିଙ୍ଗକନଙ୍କ ମୃତ୍ୟୁରେ ଗଭୀର ଦୁଃଖ ଅନୁଭବ କରୁଛି। ମେଘାଳୟର ଲୋକଙ୍କ ପ୍ରତି ତାଙ୍କର ଉତ୍ସର୍ଗୀକୃତ ସେବା ପାଇଁ ତାଙ୍କୁ ସର୍ବଦା ମନେ ରଖାଯିବ। ଏହି କଷ୍ଟକର ସମୟରେ ତାଙ୍କ ପରିବାର, ବନ୍ଧୁ ଏବଂ ସମର୍ଥକଙ୍କ ସହିତ ମୋର ସମବେଦନା। ତାଙ୍କ ଆତ୍ମାକୁ ଶାନ୍ତି ମିଳୁ।" ମେଘାଳୟ ମୁଖ୍ୟମନ୍ତ୍ରୀ କନରାଡ ସାଙ୍ଗମା ମଧ ସାଂସଦ ସିଙ୍ଗକନଙ୍କ ପରଲୋକ ଖବର ପାଇ ଶୋକ ପ୍ରକାଶ କରିଛନ୍ତି। ଡକ୍ଟର ରିକି ଆଣ୍ଡ୍ରୁ ଜେ. ସିଙ୍ଗକନ ୧୮ତମ ଲୋକସଭା (୨୦୨୪-୨୦୨୬) ରେ ଶିଲଂ ନିର୍ବାଚନମଣ୍ଡଳୀରୁ ସାଂସଦ ଥିଲେ। ଭଏସ୍ ଅଫ୍ ଦି ପିପୁଲ୍ସ ପାର୍ଟି (ଭିପିପି)ର ସାଧାରଣ ସମ୍ପାଦକ ୨୦୨୪ ନିର୍ବାଚନରେ କଂଗ୍ରେସ ଦଳର ତିନିଥର ସାଂସଦଙ୍କୁ ପରାସ୍ତ କରିଥିଲେ।

# ଏପ୍ଷ୍ଟିନ୍ ମାନସିକ ରୋଗୀ ଥିଲା: ପୀଡ଼ିତା

ଫ୍ଲୋରିଡା, ୨୦।୨: ଆମେରିକାର ଯୌନ ଅପରାଧୀ ଜେଫ୍ରି ଏପ୍ଷ୍ଟିନ୍‌କୁ ନେଇ ସାରା ବିଶ୍ୱରେ ଚହଳ ସୃଷ୍ଟି ହୋଇଛି । ଏପ୍ଷ୍ଟିନ୍‌ର ଯୌନ ଅପରାଧର କଳା ସାମ୍ରାଜ୍ୟ କେବଳ ଆମେରିକାରେ ସୀମିତ ନଥିଲା। ବିଶ୍ୱର ବହୁ ବିତ୍ତଶାଳୀ, ପ୍ରଭାବଶାଳୀ ବ୍ୟକ୍ତିଙ୍କ ତା' ସହିତ ସମ୍ପର୍କରେ ଥିଲେ। ଏପ୍ଷ୍ଟିନ୍ ଯୌନ ଅପରାଧ ନେଟୱର୍କରେ ଝିଅମାନଙ୍କୁ ସାମିଲ କରିବାକୁ ବହୁ ପ୍ରକାରର କାରସାଦି କରୁଥିଲା। 'ଇଣ୍ଡିଆ ଟୁଡେ' ସହିତ ସ୍ୱତନ୍ତ୍ର ଭାବେ କଥାବାର୍ତ୍ତାରେ ରୀନା ଓହ ନାମକ ଜଣେ ପୀଡ଼ିତା ତାଙ୍କ ସହିତ ଘଟିଥିବା ନିର୍ଯାତନାର କାହାଣୀ ବଖାଣିଛନ୍ତି ।



ଏପ୍ଷ୍ଟିନକୁ ସେ ଜଣେ ଉଗ୍ର ସ୍ୱଭାବର ମାନସିକ ରୋଗୀ ଦର୍ଶାଇବା ସହିତ ସେ କିପରି ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ ସେ ନେଇ ଲୋମ ଟାଙ୍କୁରା ଘଟଣାଗୁଡ଼ିକୁ ମନେପକାଇଛନ୍ତି। ରୀନା ଓହ କହିଥିଲେ, ୯୦ ଦଶକ ବେଳେ ସେ ଜଣେ ଛାତ୍ରୀ ଥିଲେ। ଲଳିତ କଳାରେ ସ୍ନାତକ କରିବାକୁ ଏପ୍ଷ୍ଟିନ୍ ତାଙ୍କୁ ମେଧାବୃତ୍ତି ଦେବାକୁ ପ୍ରସ୍ତାବ ଦେଇଥିଲେ। ମେଧାବୃତ୍ତି ପାଇବା ଖୁସିରେ ସେ ଫସି ଯାଇଥିଲେ। ଏପ୍ଷ୍ଟିନ୍ ତାଙ୍କୁ ବିନା ସର୍ତ୍ତରେ ମେଧାବୃତ୍ତି ଦେବାକୁ କହିଥିଲା, ତା' ସହିତ ଆଉ କେବେ ଦେଖା ହେବନି ବୋଲି କହିଥିଲା। କିନ୍ତୁ ବାରମ୍ବାର ତାକୁ ଦେଖା କରିବାକୁ ଡାକୁଥିଲା । ତା' କଥା ନ ମାନିଲେ ମେଧାବୃତ୍ତି ଫେରାଇ ନେବାକୁ କହିଥିଲା। ତାଙ୍କ ପାଖରେ ଯିବାଆସିବା ପାଇଁ ଟଙ୍କା ନଥିଲା, ସେ ଯଦି ଏ ବିଷୟରେ କାହାକୁ କହିବେ ତାଙ୍କୁ ଅଧିକ ଶାରୀରିକ କ୍ଷତି ପହଞ୍ଚାଇବାକୁ ଏପ୍ଷ୍ଟିନ୍ ଧମକ ଦେଉଥିଲା ବୋଲି ରୀନା କହିଛନ୍ତି। ରୀନାଙ୍କୁ ଏବେ ୪୦ ବର୍ଷରୁ ଅଧିକ ହୋଇଥିବାବେଳେ ୯୦ ଦଶକର ଶେଷ ଆଡ଼କୁ ତାଙ୍କୁ ମାତ୍ର ୨୧ ବର୍ଷ ହୋଇଥିଲା। ସେ ସେତେବେଳେ ସଂଘର୍ଷରତ ଜଣେ କଳା ଛାତ୍ରୀ ଥିବାବେଳେ ଏପ୍ଷ୍ଟିନ୍ ଜାଲରେ ପଡ଼ି ଯାଇଥିବା କହିଥିଲେ। ତାଙ୍କ ଉପରେ ହୋଇଥିବା ନିର୍ଯାତନା ନେଇ ସେ ଦଶନ୍ଧି ଧରି ନିରବ ରହିଥିଲେ ମଧ୍ୟ ଏବେ ଆଉ କେହି ତାଙ୍କୁ ଅଣଦେଖା କରିପାରିବେନି ବୋଲି କହିଛନ୍ତି।

'ଇଣ୍ଡିଆ ଟୁଡେ'କୁ ରୀନା କହିଥିଲେ ଯେ, ଫ୍ଲୋରିଡା ଟ୍ରିପ୍ ତାଙ୍କ ପାଇଁ ସବୁଠୁ ଭୟଙ୍କର ରହିଥିଲା। ସେ ପୂର୍ବରୁ କେବେ ସେଠାକୁ ଯାଇ ନଥିଲେ। ଏପ୍ଷ୍ଟିନ ମାମଲା ସହିତ କଥିତ ଲିଙ୍କ୍ ପାଇଁ ଆଣ୍ଡ୍ରୁ ମାଉଣ୍ଟବ୍ୟାଟେନ-ୱିଣ୍ଡସରଙ୍କ ଗିରଫଦାରୀ ଉପରେ ସେ ପ୍ରତିକ୍ରିୟା ପ୍ରକାଶ କରି କହିଥିଲେ, ଏହା କେବଳ ଆରମ୍ଭ ମାତ୍ର। ଆମେରିକା ସରକାର ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଏପ୍ଷ୍ଟିନ୍ ଫାଇଲରେ ଯାହା ଯାହା ନାଁ ରହିଛି ସମସ୍ତଙ୍କୁ ପଚରାଉଚରା କରାଯିବ କଥା। ଏଥିରେ ବିଶ୍ୱର ପ୍ରମୁଖ ଧନୀ ଓ ଶକ୍ତିଶାଳୀ ଲୋକ ଅଛନ୍ତି। ଏପରିକି ରାଜନେତା ମଧ୍ୟ ଅଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବି ଏଥିରେ ସାମିଲ କରିବାକୁ ସେ କହିଥିଲେ। ଏପ୍ଷ୍ଟିନ୍ କେବଳ ଶାରୀରିକ ନିର୍ଯାତନା ଦେଉନଥିଲା, ମାନସିକ ତଥା ଭାବନାତ୍ମକ ଭାବେ ନିର୍ଯାତନା ଦେଉଥିଲା। ଏଥିରୁ ମୁକ୍ତି ପାଇବାକୁ ତାଙ୍କୁ ଦଶନ୍ଧି ଲାଗିଥିଲା। ଏପ୍ଷ୍ଟିନ୍ ଫାଇଲ୍ସରେ ଯେଉଁମାନଙ୍କ ନାଁ ରହିଛି ସମସ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ରୀନା କହିଥିଲେ।

## ଗାଈକୁ ଇସଲାମ୍ ଟୋପି ପିନ୍ଧାଇ ଅଡୁଆରେ ଦୁଇ ନାବାଳକ

ଭୋପାଳ, ୨୦।୨: ଗାଈକୁ ଧରି ଇସଲିମ ଟୋପି ପିନ୍ଧାଇ ଅଡୁଆରେ ଦୁଇ ନାବାଳକ। ଏପରି ଘଟଣା ସାମ୍ନାକୁ ଆସିଛି ମଧ୍ୟପ୍ରଦେଶର ଗୁନା ଅଞ୍ଚଳରୁ। ଏଠାରେ କିଛି ନାବାଳକ ଏକ ଗାଈକୁ ମୁସଲିମ ସମ୍ପ୍ରଦାୟର ଧାର୍ମିକ ଟୋପି ପିନ୍ଧାଇଛନ୍ତି। ଏପରିକି ଏସବୁରୁ ଭିଡିଓ ମଧ୍ୟ ଭାଇରାଲ କରିଛନ୍ତି। ଯାହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି।



ଭିଡିଓ ଇରାଲ ହେଲା ପରେ ଗୋସେବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି। ପୋଲିସ ମଧ୍ୟ ଦୁଇ ମୁସଲିମ ନାବାଳକଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେମାନଙ୍କ ବିରୋଧରେ ଧର୍ମୀୟ ଭାବନାକୁ ଆଘାତ ଦେଉଥିବା ଦଫା ଲାଗିଛି। ଅନ୍ୟ ଦିଗରେ ଜଣେ ନାବାଳକଙ୍କ ମାଆ ଥାନାରେ ପହଁଚି କ୍ଷମା ମାଗିଥିବା ସୂଚନା ମିଳିଛି।

ଜଣେ ଅଭିଯୁକ୍ତଙ୍କ ମାଆ ଥାନାରେ କହିଛନ୍ତି ଯେ, ଏବେ ତାଙ୍କ ପୁଅ ପାଠ ପଢ଼ୁଛି। ମାମଲା ହେଲେ କ୍ୟାରିଅର ଖରାପ ହୋଇଯିବ। ତଥାପି ଗୋସେବକମାନେ ଏହାକୁ ଗ୍ରହଣ କରିନାହାଁନ୍ତି। ଏହା ସାଧାରଣ କଥା ନୁହେଁ ବୋଲି ସେମାନେ କହିଛନ୍ତି। ଗୋରକ୍ଷକ ବାହିନୀର କହିବାନୁସାରେ, ଗାଈକୁ ହିନ୍ଦୁ ଧର୍ମରେ ମାଆ ରୂପେ ପୂଜା କରାଯାଏ। ଏହା ପବିତ୍ର ପଶୁ। କେବେହେଲେ ଇସଲାମ୍ ଟୋପି ପିନ୍ଧାଇ ମଜା ନିଆଯାଇପାରିବ ନାହିଁ। ଏହି ଘଟଣା ନିନ୍ଦନୀୟ ଏବଂ ଖରାପ। ଘଟଣାକୁ ନେଇ ଭିଡିଓ ଭାଇରାଲ ହୋଇଛି। ଯାହା ହିନ୍ଦୁଙ୍କ ଧର୍ମୀୟ ଭବନାକୁ ଆଘାତ ପହଁଚାଇଛି। ମାମଲାକୁ ନେଇ ଆରକ୍ଷୀ ଅଧିକ୍ଷକ ଅଙ୍କିତ ସୋନୀ କହିଛନ୍ତି ଯେ, ଭିଡିଓ ଆଧାରରେ ତଦନ୍ତ ଚାଲିଛି। ଏଫଆଇଆର ରୁଜୁ ହୋଇଛି। କୌଣସି ପ୍ରକାର ସାମ୍ପ୍ରଦାୟିକ ମାମଲା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ସୂଚନାଯୋଗ୍ୟ ଭୋପାଳର କଂଗ୍ରେସ ବିଧାୟକ ଆତିଫ୍ ଅକିଲ ଗାଈକୁ ରାଷ୍ଟ୍ରୀୟ ପଶୁ ମାନ୍ୟତା ମିଳୁ ବୋଲି ଦାବି କରୁଛନ୍ତି। ଅନ୍ୟ ଦିଗରେ ଗୁନ୍ନାର ମୁସଲିମ ନାବାଳକ ଗାଈକୁ ଇସଲାମିକ ଟୋପି ପିନ୍ଧାଇ ଧର୍ମୀୟ ଭାବନାକୁ କ୍ଷୁର୍ଣ୍ଣ କରୁଥିବା ଦେଖାଯାଇଛି।

## ଲିଭ୍-ଇନ୍ ସାଥୀଙ୍କ ଆକ୍ରମଣ, ଯୁବତୀ ଗୁରୁତର

ଗୁରୁଗ୍ରାମ, ୨୦।୨: ଗୁରୁଗ୍ରାମରେ ଜଣେ ଯୁବତୀ ଲିଭ୍-ଇନ୍ ସାଥୀଙ୍କ ଆକ୍ରମଣରେ ଗୁରୁତର ଭାବେ ଆହତ ହୋଇ ଦିଲ୍ଲୀର ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପୁଲିସ ଅଭିଯୁକ୍ତ ୧୯-ବର୍ଷୀୟ ଶିବମ୍‌ଙ୍କୁ ଗିରଫ କରି ଘଟଣାର ତଦନ୍ତ କରୁଛି। ଅଭିଯୁକ୍ତ ଶିବମ୍‌ଙ୍କ ଘର ଦିଲ୍ଲୀରେ ବୋଲି ଜଣାପଡ଼ିଛି। ଗୁରୁତର ଆହତ ୧୯- ବର୍ଷୀୟା ମହିଳା ଗୁରୁଗ୍ରାମର ଜିଡି ଗୋଏଙ୍କା ୟୁନିଭର୍ସିଟିରେ ବାୟୋ ଟେକ୍ନୋଲଜିରେ ଅଧ୍ୟୟନ କରୁଥିଲେ। ସେପ୍ଟେମ୍ବର ୨୦୨୫ରେ ସେ ଶିବମ୍‌ଙ୍କୁ ଭେଟିବା ପରେ ଉଭୟ ସେକ୍ଟର ୬୯ରେ ଏକାଠି ରହୁଥିଲେ। ଦୁହେଁ ବିବାହ କରିବାକୁ ଯୋଜନା କରି ପରିବାର ଲୋକଙ୍କ ସହିତ ଏ ବିଷୟରେ



ଆଲୋଚନା ମଧ୍ୟ କରିଥିଲେ। ନିକଟରେ ପୀଡ଼ିତାଙ୍କ ମା' ପୁଲିସକୁ ଫୋନ୍ କରି ତାଙ୍କ ଝିଅର ଚରିତ୍ରକୁ ସନ୍ଦେହ କରି ଲିଭ୍-ଇନ୍ ସାଥୀ ନିଷ୍ଠୁର ଭାବେ ମାଡ଼ ମାରିଥିବା କହିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଗିରଫ କରିଥିଲା। ପୀଡ଼ିତାଙ୍କୁ ପ୍ରଥମେ ଗୁରୁଗ୍ରାମର ଏକ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କ ଅବସ୍ଥା ଅତି ଜଟିଳ ଥିବାରୁ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ବିଳମ୍ବିତ ରାତିରେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା ବୋଲି ଜଣାପଡ଼ିଛି। ପାଟିତୁଣ୍ଡ ଭୟଙ୍କର ରୂପଧାରଣ କରିଥିଲା ଓ ଶିବମ୍ ପୀଡ଼ିତାଙ୍କୁ ନିସ୍ତୁକ ମାଡ଼ ମାରିଥିଲା।

# ୧୫ ଲକ୍ଷର ସୁନା ଫେରାଇଲା କବାଡିବାଲା

ଫରିଦାବାଦ, ୨୦।୨: ଆଜିର ଦିନରେ ଯେଉଁଠି ଚୋରି, ଠକେଇ ଓ ଲୋଭ ମଣିଷକୁ ଅଟକାଇ ପାରୁନାହିଁ। ସେଠି ଫରିଦାବାଦରୁ ଆସିଛି ମଣିଷପଣିଆର କାହାଣୀ। ଅଳିଆ କିଣୁଥିବା ମଣିଷ ହାଜି ଅଖତର ହିରୋ ପାଲଟିଛନ୍ତି। ଗୋଟିଏ ପରିବାର ଅଜାଣତରେ ୧୫ ଲକ୍ଷର ସୁନା ଗହଣାକୁ ଅଳିଆ ଭାବି କବାଡ଼ି ୱାଲାକୁ ବିକି ଦେଇଥିଲେ। କିନ୍ତୁ ୪ ମାସ ପରେ କବାଡ଼ି ୱାଲା ଯାହା କଲେ, ତାହା ସମସ୍ତଙ୍କ ହୃଦୟ ଜିତିନେଲା। ଆଜିର ଦିନରେ ଯେଉଁଠି ଚୋରି, ଠକେଇ ଓ ଲୋଭ ମଣିଷକୁ ଅଟକାଇ ପାରୁନାହିଁ ସେଠି ଫରିଦାବାଦରୁ ଆସିଛି ମଣିଷପଣିଆର କାହାଣୀ। ଯାହା ଭରସାକୁ ପୁଣି ଜୀବିତ କରିଛି। ଅଳିଆ କିଣୁଥିବା ମଣିଷ ହାଜି ଅଖତର ହିରୋ ପାଲଟିଛନ୍ତି। ଅଳିଆ ଅଖାରେ ସୁନା ରଖି କବାଡ଼ି ୱାଲାକୁ ବିକ୍ରି କରିଥିବା ଅଶୋକ ଶର୍ମା କହିଛନ୍ତି, "ଗତବର୍ଷ ଜାନୁଆରୀରେ ତାଙ୍କ ପରିବାର କୁମ୍ଭ ସ୍ନାନ ପାଇଁ ଯାଇଥିଲେ। ଚୋରି ଡରରେ ଘର ଲୋକ ସମସ୍ତ ଗହଣାକୁ ସୁରକ୍ଷିତ ରଖିବା ଲାଗି ଏକ ଡବାରେ ଭର୍ତ୍ତି କରି ଅଖା ଭିତରେ ରଖି ଦେଇଥିଲେ।"



ସେତେବେଳେ ସମସ୍ତେ ଭାବିଥିଲେ ଅଖା ଭିତରେ ଗହଣା ସୁରକ୍ଷିତ ରହିବ। କାହାକୁ କୌଣସି ସନ୍ଦେହ ହେବ ନାହିଁ। କିନ୍ତୁ ଅଶୋକଙ୍କ ପରିବାରର ଭାଗ୍ୟରେ ଅନ୍ୟ କିଛି ଥିଲା। ସମୟ ଗଡ଼ି ଚାଲିଲା, କୁମ୍ଭ ସ୍ନାନ ସାରି ପରିବାର ଫେରିଲେ, ସବୁକିଛି ସ୍ୱାଭାବିକ ଥିଲା। ପୁଣି ଆସିଲା ଦୀପାବଳି। ଦୀପାବଳିରେ ଘର ସଫା କରିବା ବେଳେ ପୁରୁଣା ଅବ୍ୟବହୃତ ସାମଗ୍ରୀକୁ ଘର ଲୋକ ଅଲଗା କରିଥିଲେ। ସେହି ସମୟରେ ଡବାରେ ସୁନା ରଖିଥିବା ଅଖାଟିକୁ ଅଳିଆ ଭାବି ନେଇଥିଲେ ଘର ଲୋକ। ଅଖା ଭିତରେ କ'ଣ ଅଛି ନଦେଖି ଅଦରକାରୀ ଭାବି କବାଡ଼ି ୱାଲାକୁ ଦେଇ ଦେଇଥିଲେ। କେହି ବି ମନେ ରଖି ନଥିଲେ ଉକ୍ତ ଅଖାରେ ୧୦୦ ଗ୍ରାମ୍ ସୁନା ଗହଣା ଅଛି, ଯାହାର ମୂଲ୍ୟ ପ୍ରାୟ ୧୫ ଲକ୍ଷ ଟଙ୍କା।

ଦୀପାବଳି ପୂଜା ସମୟରେ ପରିବାର ଲୋକଙ୍କ ମନେ ପଡ଼ିଥିଲା ସୁନା ଗହଣା କଥା। ଏହାପରେ ସମସ୍ତଙ୍କ ପାଦ ତଳୁ ମାଟି ଖସି ଯାଇଥିଲା। ଅଶୋକ ଶର୍ମା ସଙ୍ଗେ ସଙ୍ଗେ କୱାଡ଼ି ୱାଲା ପାଖକୁ ଯାଇ ଖୋଜାଖୋଜି କରିଥିଲେ। କିନ୍ତୁ ସେତେବେଳେ ସୁନା ମିଳି ନଥିଲା। ଅଶୋକ ଭାରି ମନରେ ନିରାଶ ହୋଇ ଘରକୁ ଫେରିଥିଲେ। ସମସ୍ତ ଆଶା ମଳିନ ପଡ଼ି ଯାଇଥିଲା। ଏହା ପରେ ୪ ମାସ ବିତଗଲା। ସମସ୍ତେ ସୁନା କଥା ଭୁଲି ଯାଇଥିବା ବେଳେ ପୁଣି ଗୋଟିଏ ଦିନ କବାଡ଼ି ୱାଲା ହାଜି ଅଖତର ଖାନ ତାଙ୍କ ଗୋଦାମରେ ଏକ ପ୍ୟାକେଟ୍ ଦେଖନ୍ତି। ଆଉ ପ୍ଲାକେଟ୍ ଖୋଲିଲା ବେଳକୁ ସୁନା ଗହଣା ମିଳେ, ଯାହାକୁ ମାସାଧିକ ଆଗରୁ ଅଶୋକ ବିକ୍ରି କରିଥିଲେ।

ଏତେ ପରିମାଣର ସୁନା ପାଇବା ପରେ କବାଡ଼ି ୱାଲା ହାଜି ଅଖତରଙ୍କ ମନରେ ଲୋଭ ଆସି ନଥିଲା। ମଣିଷପଣିଆ ଦେଖାଇ ସେ ପୋଲିସକୁ ସମ୍ପର୍କ କରି ଏସ୍‌ପି ଅଫିସ୍‌ରେ ପହଞ୍ଚିଥିଲେ। ସେଠାକୁ ଅଶୋକ ଶର୍ମାଙ୍କ ପରିବାରକୁ ଡାକି ସୁନା ଗହଣା ଫେରାଇଥିଲେ। ଅଜାଣତରେ ବିକିଥିବା ସୁନା ଫେରି ପାଇ ଖୁସିରେ ଝୁମି ଉଠିଥିଲେ ଅଶୋକଙ୍କ ପରିବାର।

# ତାରିକ ରହମାନଙ୍କ ସରକାରରେ ସୁଧୁରୁଛି ସମ୍ପର୍କ

ନୂଆଦିଲ୍ଲୀ, ୨୦।୨: ଭାରତ-ବାଂଲାଦେଶ ସମ୍ପର୍କ ପୁଣିଥରେ ଟ୍ରାକକୁ ଫେରିଥିବା ପରି ମନେ ହେଉଛି। ବାଂଲାଦେଶରେ ଜଣେ ଶୀର୍ଷ ଭାରତୀୟ କୂଟନୀତିଜ୍ଞ କହିଛନ୍ତି ଯେ ଭାରତ ଖୁବ୍ ଶୀଘ୍ର ବାଂଲାଦେଶରେ ସମସ୍ତ ଭିସା ସେବା ପୁନଃସ୍ଥାପିତ କରିବ। ଏହା ଦୁଇ ଦେଶ ମଧ୍ୟରେ ସମ୍ପର୍କର ସବୁଠାରୁ ଖରାପ ପର୍ଯ୍ୟାୟର ଅନ୍ତ କରିବ ବୋଲି ଆଶା କରାଯାଉଛି। ଭାରତୀୟ ମିଶନ ପ୍ରତି ବିପଦ ଯୋଗୁଁ ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଗଠିତ ମଧ୍ୟବର୍ତ୍ତୀକାଳୀନ ସରକାର ସମୟରେ ଭାରତ ଭିସା ସେବା ସ୍ଥଗିତ କରିଥିଲା। ମହମ୍ମଦ ୟୁନୁସ ବର୍ତ୍ତମାନ ବାଂଲାଦେଶରେ କ୍ଷମତା ଛାଡିଛନ୍ତି, ଏବଂ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟିର ମୁଖ୍ୟ ତାରିକ ରହମାନ ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି।



ମିଳିଥିବା ସୂଚନା ଅନୁଯାୟୀ, ସିଲହଟରେ ଭାରତର ବରିଷ୍ଠ କନସୁଲାର ଅଧିକାରୀ ଅନିରୁଦ୍ଧ ଦାସ କହିଛନ୍ତି ଯେ ସମସ୍ତ ଭିସା ସେବାକୁ ସମ୍ପୂର୍ଣ୍ଣ ପୁନଃସ୍ଥାପିତ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଦାସଙ୍କ କହିବା ଅନୁଯାୟୀ, "ଚିକିତ୍ସା ଏବଂ ଡବଲ୍-ଏଣ୍ଟ୍ରି ଭିସା ଏବେ ପ୍ରଦାନ କରାଯାଉଛି, ଏବଂ ଯାତ୍ରା ଭିସା ସମେତ ଅନ୍ୟାନ୍ୟ ବର୍ଗଗୁଡ଼ିକୁ ପୁନଃ ଆରମ୍ଭ କରିବା ପାଇଁ ପଦକ୍ଷେପ ନିଆଯାଉଛି।" ଭାରତୀୟ କୂଟନୀତିଜ୍ଞ ଗୁରୁବାର ସିଲହଟ ଜିଲ୍ଲା ପ୍ରେସ୍ କ୍ଲବରେ ଭାଷଣ ଦେଉଥିଲେ। ସେ ଏହା ମଧ୍ୟ କହିଥିଲେ, "ଭାରତ-ବାଂଲାଦେଶ ସମ୍ପର୍କ ପାରସ୍ପରିକ ସମ୍ମାନ ଏବଂ ମର୍ଯ୍ୟାଦା ଉପରେ ଆଧାରିତ।"

ଭାରତ ଗତବର୍ଷ ଡିସେମ୍ବର ୧୭ରୁ ବାଂଲାଦେଶରେ ଭିସା ସେବା ସ୍ଥଗିତ କରିବା ଆରମ୍ଭ କରିଥିଲା, ଯାହାର ଆରମ୍ଭ ଢାକାରେ ଭାରତୀୟ ଭିସା ଆବେଦନ କେନ୍ଦ୍ର ବନ୍ଦ ହେବା ସହିତ ହୋଇଥିଲା। ଫେବୃଆରୀ ୧୨ ନିର୍ବାଚନ ପରେ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନପି) ମୁଖ୍ୟ ତାରିକ ରହମାନ ପ୍ରଧାନମନ୍ତ୍ରୀ ହେବା ସହିତ, ଉଭୟ ପକ୍ଷ ସମ୍ପର୍କ ଉନ୍ନତ କରିବା ପାଇଁ କାମ କରିବେ ବୋଲି ଦୃଢ଼ ସୂଚନା ମିଳିଛି। ଭାରତ ମଧ୍ୟ ବାଂଲାଦେଶକୁ ବନ୍ଧୁତାର ହାତ ବଢ଼ାଉଛି।

ଶେଖ୍ ହସିନା ସରକାରଙ୍କ ପତନ ପରଠାରୁ ଭାରତ-ବାଂଲାଦେଶ ସମ୍ପର୍କ ଖରାପ ପର୍ଯ୍ୟାୟ ଦେଇ ଗତି କରୁଛି। ତାଙ୍କ ପରେ ଅନ୍ତରୀଣ ସରକାରଙ୍କ ମୁଖ୍ୟ ଭାବରେ ଦାୟିତ୍ୱ ନେଇଥିବା ମହମ୍ମଦ ୟୁନୁସ୍ ଭାରତ ବିରୁଦ୍ଧରେ କାର୍ଯ୍ୟ କରିଥିଲେ। ତାଙ୍କ ସରକାର ପାକିସ୍ତାନ ସହିତ ସମ୍ପର୍କକୁ ମଜବୁତ କରିଥିଲା, ଯାହା ଭାରତର ସୁରକ୍ଷା ପାଇଁ ବିପଦ ସୃଷ୍ଟି କରିଥିଲା। ଏହା ବ୍ୟତୀତ, ୟୁନୁସ୍ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ବିରୁଦ୍ଧରେ ବୟାନ ଦେଇ ଭାରତର ସାର୍ବଭୌମତ୍ୱକୁ ଚ୍ୟାଲେଞ୍ଜ କରିବାକୁ ବାରମ୍ବାର ଚେଷ୍ଟା କରିଛନ୍ତି।

# ମେୟର-ବିଧାୟିକା ତୁତୁ ମେଁମେଁ



**କଟକ, ୨୦।୨ (ସଂଚାର ବ୍ୟୁରୋ) :** ପୁଣି କଟକରେ ମେୟର-ବିଧାୟିକା ତୁତୁ ମେଁମେଁ। ଜଣ୍ଡିସକୁ ନେଇ କଟକ ମେୟରଙ୍କୁ ସିଧା ନିଶାନା କରିଛନ୍ତି ବାରବାଟୀ ବିଧାୟକା ସୋଫିଆ ଫିର୍ଦୋସ। ଅପାରଗ ମେୟର କହିବା ସହ ନିଜ ସ୍ୱାର୍ଥ ପାଇଁ ଗୋଟିଏ ଏଜେନସୀକୁ ବାରମ୍ବାର ଟେଣ୍ଡର ଦେଇ ଦୁର୍ନୀତିରେ ଲିପ୍ତ ରହୁଥିବା କହିଥିଲେ ସୋଫିଆ। ତାଙ୍କ ଅଭିଯୋଗ ଉପରେ ଜବାବ ଦେଇ ସୋଫିଆଙ୍କୁ ଅଯୋଗ୍ୟ ବିଧାୟିକା କହିଛନ୍ତି ସିଏମସି ମେୟର ସୁବାସ ସିଂ। ତାଙ୍କ ପରିବାରର ଦୁର୍ନୀତି ଗୋହି ବି ଖୋଲିଛନ୍ତି। ଯାହାକୁ ନେଇ କଟକ ରାଜନୀତି ଆହୁରି ତାତିଛି।

କିଏ ଅପାରଗ, କିଏ ଅଯୋଗ୍ୟ ? ଦୁର୍ନୀତିଗ୍ରସ୍ତ କିଏ, ଆଉ କିଏ ସଚ୍ଚୋଟ ? କଟକ ମେୟର-ବିଧାୟିକା ଗୋହି ଖୋଲାଖୋଲି। ଜଣ୍ଡିସ ପରେ ଅପାରଗ-ଅଯୋଗ୍ୟ ବାକ୍ୟଯୁଦ୍ଧକୁ ନେଇ କଟକରେ ବଢ଼ିଛି ରାଜନୈତିକ ଉଷ୍ମତା। ପୁଣି ଥରେ ମୁହାଁମୁହିଁ ହୋଇଛନ୍ତି ବାରବାଟୀ କଟକ ବିଧାୟିକା ଓ ସିଏମ୍ସି ମେୟର।

ଜଣ୍ଡିସ ପାଇଁ ସିଧା ମେୟରଙ୍କୁ ଦାୟୀ କରି ଗତକାଲି ବର୍ଷିଥିଲେ ବିଧାୟିକା ସୋଫିଆ ଫିର୍ଦୋଷ୍। କହିଥିଲେ, ନିଜ ଦାୟିତ୍ୱ ତୁଲାଉନାହାନ୍ତି ମେୟର। ଦୁର୍ନୀତିରେ ଲିପ୍ତ ରହୁଛନ୍ତି। ନିଜ ସ୍ୱାର୍ଥକୁ ଚରିତାର୍ଥ କରିବା ପାଇଁ ଗୋଟିଏ ଏଜେନସୀକୁ ବାରମ୍ବାର ଦେଉଛନ୍ତି ଟେଣ୍ଡର। ନାଳନର୍ଦ୍ଦମା ସଫା ହେଉନି, ପାନୀୟ ଜଳରେ ମିଶୁଛି ଡ୍ରେନ ପାଣି। ସିଏମସି ଓ ଅପାରଗ ମେୟରଙ୍କ ପାଇଁ କଟକ ବାସୀ ଦଶା ଭୋଗୁଛନ୍ତି କହି ସୁବାସଙ୍କ ବିରୋଧରେ ବିଷୋଦଗାର କରିଥିଲେ ସୋଫିଆ।

ସୋଫିଆଙ୍କ ଅଭିଯୋଗକୁ ହଜମ କରି ପାରି ନାହାନ୍ତି ସୁବାସ ସିଂ। ଅପାରଗ ମନ୍ତବ୍ୟର ଜବାବ ଅଯୋଗ୍ୟରେ ଦେଇଛନ୍ତି କଟକ ମେୟର। ସୁବାସ କହିଛନ୍ତି, ସୋଫିଆ ଜଣେ ଅଯୋଗ୍ୟ ବିଧାୟିକା। ଦୁର୍ନୀତିରେ ସେ ଓ ତାଙ୍କ ବାପା ବୁଡ଼ି ରହିଛନ୍ତି। ବାପାଙ୍କ ଭଳି ସେ ଆକ୍ସିଡେଣ୍ଟାଲ୍ ବିଧାୟିକା।

ଏଥିସହ ସୁବାସ ପ୍ରଶ୍ନ କରିଛନ୍ତି, ଜଣ୍ଡିସ ବେଳେ ମ୍ୟାଡମ କେଉଁଠି ଥିଲେ ? ହଠାତ୍ ଗଣମାଧ୍ୟମ ସାମ୍ନାକୁ ଆସି କହୁଛନ୍ତି ଜଣ୍ଡିସ ବ୍ୟାପିବା ପାଇଁ ମେୟର ଓ ସିଏମସି ଦାୟୀ। ଆମେ ପ୍ରଭାବିତ ଅଞ୍ଚଳ ବୁଲି ପଦକ୍ଷେପ ନେଇଛୁ। ସେ ବିଧାୟିକା ଭାବରେ କ'ଣ ଦାୟିତ୍ୱ ତୁଲାଇଛନ୍ତି ? ବିଧାୟିକା ପାଇଁ ସୋଫିଆ ଅଯୋଗ୍ୟ ବୋଲି ରୋକ୍ ଠୋକ୍ ଜବାବ ଦେଇଛନ୍ତି ସୁବାସ ସିଂ।

ପୂର୍ବରୁ କଟକ ସହରର ବିଭିନ୍ନ ସମସ୍ୟାକୁ ନେଇ ଦେଖିବାକୁ ମିଳିଥାଏ ସୋଫିଆ-ସୁବାସ ତୁତୁ ମେଁମେଁ। ଏବେ ଜଣ୍ଡିସକୁ ନେଇ ପଲିଟିକ୍ସ ଓ ପୁଣି ଥରେ ତୀବ୍ର ହୋଇଛି ବିଧାୟିକା-ମେୟର ଆରୋପ ପ୍ରତ୍ୟାରୋପ।

# ମାଟି ଅତଡ଼ା ଖସି ଶ୍ରମିକଙ୍କ ମୃତ୍ୟୁ

**ଆନନ୍ଦପୁର, ୨୦।୨ (ସଂଚାର ବ୍ୟୁରୋ) :** କେନ୍ଦୁଝର ଜିଲା ଆନନ୍ଦପୁର ଥାନା ବୁଢ଼ୀକୁଦ ଗାଁ ନିକଟରେ ଚାଲିଥିବା ଜମିକୁ ଜଳ ସିଞ୍ଚନ ପ୍ରକଳ୍ପ କର୍ଯ୍ୟରେ ଶୁକ୍ରବାର ଅଘଟଣ



ଘଟିଛି। ୧୫ ଫୁଟ୍ ଗାତରେ ପାଇପ୍ ଖଞ୍ଜା କାମ ସମୟରେ ମାଟି ଅତଡ଼ା ଖସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ସ୍ଥାନୀୟ ସନ୍ତୋଷପୁର ଗାଁର ସୁଦର୍ଶନ ନାଏକ। ଗୁରୁତର ଶ୍ରମିକ ହେଲେ କୁନା ନାଏକ। ମୃତକଙ୍କ ବାପା ସୁଶାନ୍ତ ନାଏକ ଠିକାସଂସ୍ଥାକୁ ଦାୟୀକରି ଥାନାରେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ବୁଢ଼ୀକୁଦ ଗାଁ ନିକଟରେ ଠିକାସଂସ୍ଥା ପକ୍ଷରୁ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ଶୁକ୍ରବାର ୧୫ଫୁଟ୍ ଗଭୀର ଗାତରେ ପାଇପ୍‌ଲାଇନ ଖଞ୍ଜା କାମ ଚାଲିଥିଲା। ଏହି ସମୟରେ ମାଟି ଅତଡ଼ା ଖସି ସୁଦର୍ଶନ ଓ କୁନାଙ୍କ ଉପରେ ପଡ଼ିଥିଲା। ଉଭୟଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସୁଦର୍ଶନଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ପରିବାର ଲୋକେ ଠିକାସଂସ୍ଥାକୁ ଦାୟୀ କରିଛନ୍ତି। ବିନା ସୁରକ୍ଷାରେ ଶ୍ରମିକମାନେ ଗର୍ତ୍ତରେ ପଶି ନିଜ ଜୀବନକୁ ବିପଦରେ ପକାଇ ପାଇପ୍‌ଲାଇନ ଖଞ୍ଜୁଥିଲେ। କାର୍ଯ୍ୟସ୍ଥଳରେ ମାଟି ଅତଡ଼ା ପ୍ରତିରୋଧକ ଉପକରଣ ମହଜୁଦ ଥିଲେ ହେଁ କାମରେ ଲଗାଯାଉନାହିଁ। ଏପରିକି ଶ୍ରମିକ କାମ କରିବା ସମୟରେ ସେଠାରେ ସାଇଡ୍ ସୁପରଭାଇଜର ଓ ସୁରକ୍ଷା ଅଧିକାରୀ ମଧ୍ୟ ଅନୁପସ୍ଥିତ ଥିଲେ। ଫଳରେ ଏଭଳି ଅଘଟଣ ଘଟିଲା ବୋଲି ଅଭିଯୋଗ ହୋଇଛି। କମ୍ପାନୀର ଏଭଳି ଖାମଖିଆଲି ମନୋଭାବ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।

# ଭାରତ ଓ ପାକ୍‌କୁ ୨୦୦% ଶୁଳ୍କ ଧମକ ଦେଇଥିଲେ ଟ୍ରମ୍ପ



**ୱାସିଂଟନ, ୨୦।୨:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଭାରତ-ପାକିସ୍ତାନ ମଧ୍ୟରେ ଗତବର୍ଷ ହୋଇଥିବା ଯୁଦ୍ଧ ବନ୍ଦ କରିବାରେ ମଧ୍ୟସ୍ଥତା କରିଥିବା ନେଇ ଦାବି କରିଛନ୍ତି। ସେ ଉଭୟ ଦେଶକୁ କଡ଼ା ବାଣିଜ୍ୟିକ ଦଣ୍ଡ ଦେବାକୁ ଧମକ ଦେଇ ଏହି ଯୁଦ୍ଧ ବନ୍ଦ କରାଇଥିଲେ ବୋଲି ଟ୍ରମ୍ପ କହିଛନ୍ତି। ଯୁଦ୍ଧବେଳେ ପ୍ରାୟ ୧୧ଟି ଦାମୀ ଲଢ଼ୁଆ ବିମାନ ଖସାଇ ଦିଆଯାଇଥିଲା ବୋଲି ଟ୍ରମ୍ପ ନୂଆକରି ଦାବି କରିଛନ୍ତି। ୱାସିଂଟନଠାରେ ଆମେରିକା ନେତୃତ୍ୱରେ ଗାଜା ଶାନ୍ତି ବୋର୍ଡ଼ ଆଲୋଚନା ବେଳେ ଟ୍ରମ୍ପ କହିଥିଲେ ଯେ, ଯଦି ଭାରତ ଓ ପାକିସ୍ତାନ ଯୁଦ୍ଧ କରନ୍ତି ତେବେ ସେ ଉଭୟ ଦେଶ ଉପରେ ୨୦୦ ପ୍ରତିଶତ ଶୁଳ୍କ ଲଗାଇବେ। ଉଭୟ ଦେଶ ଯୁଦ୍ଧ କରିବାକୁ ଚାହୁଁଥିଲେ। କିନ୍ତୁ ଶୁଳ୍କ ଲଗାଇବା କଥା ଶୁଣିବା ପରେ ଯୁଦ୍ଧ ବନ୍ଦ କରିବାକୁ ରାଜି ହୋଇଯାଇଥିଲେ ବୋଲି ଟ୍ରମ୍ପ କହିଛନ୍ତି।

ଗତବର୍ଷ ମେ' ମାସରେ ଭାରତ- ପାକିସ୍ତାନ ମଧ୍ୟରେ ଯୁଦ୍ଧ ହୋଇଥିବାବେଳେ ସେବେଠାରୁ ଟ୍ରମ୍ପ ଅନେକ ଥର ଯୁଦ୍ଧବିରତିରେ ମଧ୍ୟସ୍ଥତା କରିଥିବା ନେଇ ଦାବି କରିଛନ୍ତି। ଗତବର୍ଷ ଏପ୍ରିଲରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ଭାରତର ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ପରେ ଭାରତ 'ଅପରେସନ ସିନ୍ଦୂର' ନାଁରେ ପାକିସ୍ତାନରେ ଥିବା ଆତଙ୍କବାଦୀ ଭିତ୍ତିଭୂମି ଉପରେ ଆକ୍ରମଣ କରିଥିଲା। ଟ୍ରମ୍ପ ଶାନ୍ତି ବୋର୍ଡ ଆଲୋଚନା ଅବସରରେ ଦାବି କରିଥିଲେ ଯେ, ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ଏକ ଭୟଙ୍କର ପର୍ଯ୍ୟାୟକୁ ଚାଲି ଯାଇଥିଲା। ଆକାଶ ମାର୍ଗରେ ଦୁଇଦେଶ ମୁହାଁମୁହିଁ ହୋଇଥିଲେ। ଅନେକ ବିମାନ ନଷ୍ଟ ହୋଇଥିଲା।

ଏହି ଯୁଦ୍ଧ ସମୟରେ ୧୧ଟି ଲଢ଼ୁଆ ବିମାନକୁ ଗୁଳି କରି ଖସାଇ ଦିଆଯାଇଥିଲା, ସେଗୁଡ଼ିକୁ ଖୁବ୍ ଦାମୀ ଜେଟ୍ ଥିଲା ବୋଲି ଟ୍ରମ୍ପ କହିଛନ୍ତି। ମୁଁ ଉଭୟ ଦେଶର ପ୍ରଧାନମନ୍ତ୍ରୀଙ୍କୁ ଫୋନରେ ଯୋଗାଯୋଗ କରିଥିଲି। ମୁଁ ସେମାନଙ୍କୁ ଜାଣିଥିଲି। ମୁଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭଲ ଭାବରେ ଜାଣିଥିଲି। ମୁଁ ସେମାନଙ୍କୁ କହିଥିଲି ତୁମେ ଯୁଦ୍ଧ ବନ୍ଦ ନକଲେ ମୁଁ ତୁମମାନଙ୍କ ସହିତ ବାଣିଜ୍ୟ ଚୁକ୍ତି କରିବି ନାହିଁ ଓ ଦୁଇ ଦେଶ ଯୁଦ୍ଧବିରତି ପାଇଁ ସଙ୍ଗେ ସଙ୍ଗେ ରାଜି ହୋଇଯାଇଥିଲେ ବୋଲି ଟ୍ରମ୍ପ କହିଥିଲେ। ରାଷ୍ଟ୍ରପତି ଟ୍ରମ୍ପ ମଧ୍ୟ ଆହୁରି କହିଥିଲେ ଯେ, ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ତାଙ୍କୁ ଏଥିପାଇଁ ସର୍ବସାଧାରଣରେ ଧନ୍ୟବାଦ ଦେଇଥିଲେ ଓ ୨୫ ନିୟୁତ ଜୀବନ ବଞ୍ଚେଇ ଦେଇଥିବା ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ ବୋଲି ଟ୍ରମ୍ପ କହିଥିଲେ। ଟ୍ରମ୍ପ ତାଙ୍କର ତଥାକଥିତ ମଧ୍ୟସ୍ଥତା ଦକ୍ଷତା ବିଷୟରେ ଆଲୋଚନା କରିବା ସମୟରେ ସରିଫ୍‌ଙ୍କୁ ଛିଡ଼ା ହେବାକୁ କହିଥିଲେ, ଯାହାକି ତାଙ୍କ ପାଇଁ ଖୁବ୍ ଅପମାନଜନକ ଥିଲା।

## ଟାୟାର ଜାଳି ବିକ୍ଷୋଭ, ତୃଣମୂଳର ରାସ୍ତା ଅବରୋଧ

**କୋଲକାତା, ୨୦।୨ (ସଂଚାର ବ୍ୟୁରୋ):** ସିଉଡିରେ ୭ ନମ୍ବର ଫର୍ମ ପୂରଣ କରି ସଂଖ୍ୟାଲଘୁ ବହୁଳ ବୁଥ୍‌ରୁ ନାମ ବାଦ ଦେବାକୁ ବିଜେପି ଷଡ଼ଯନ୍ତ୍ର କରୁଛି। ଏପରି ଅଭିଯୋଗ ଆଣି ତୃଣମୂଳ କଂଗ୍ରେସ ସିଉଡି ଥାନାର କରିଧ୍ୟ ଗ୍ରାମରେ ସିଉଡି ରାଜନଗର ରାସ୍ତା ଅବରୋଧ କରିଥିଲା। ସେମାନେ ରାସ୍ତାରେ ଟାୟାର ଜାଳି ପ୍ରତିବାଦ କରିଥିଲେ। ଅଭିଯୋଗ ହୋଇଛି ଯେ ସିଉଡି-୧ ବ୍ଲକର ବାସିନ୍ଦା ନୁହଁନ୍ତି ଜଣେ ବିଜେପି ନେତା ତାଙ୍କ ନିଜ ଗ୍ରାମ ରାଜନଗରର ତନ୍ତିପଡାରେ କରିଧ୍ୟ ପଞ୍ଚାୟତର ତିନୋଟି ସଂଖ୍ୟାଲଘୁ ବହୁଳ ବୁଥ୍‌ରେ ଅନେକ ଲୋକଙ୍କ ବିରୁଦ୍ଧରେ ଅଭିଯୋଗ କରିଛନ୍ତି। ପ୍ରତିବାଦକାରୀମାନେ ଦାବି କରିଛନ୍ତି ଯେ ଅଭିଯୋଗଗୁଡ଼ିକ ମିଥ୍ୟା। ସେମାନେ ସେହି ବିଜେପି ନେତାଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି।

## ସ୍କଟିସ୍ ଚର୍ଚ୍ଚ କଲେଜ ଅଧ୍ୟକ୍ଷାଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର

**କୋଲକାତା, ୨୦।୨ (ସଂଚାର ବ୍ୟୁରୋ):** ସ୍କଟିସ୍ ଚର୍ଚ୍ଚ କଲେଜର ଅଧ୍ୟକ୍ଷା ଡକ୍ଟର ମଧୁମଞ୍ଜରୀ ମଣ୍ଡଳଙ୍କୁ ଭକ୍ତିବେଦାନ୍ତ ଗବେଷଣା କେନ୍ଦ୍ର, କୋଲକାତା ଦ୍ୱାରା ପ୍ରତିଷ୍ଠିତ ଏ.ସି. ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦ ଜୀବନବ୍ୟାପୀ ସାଧନା ପୁରସ୍କାରରେ ସମ୍ମାନିତ କରାଯାଇଛି। ଗତ ୧୩ରେ ସ୍କଟିସ୍ ଚର୍ଚ୍ଚ କଲେଜରେ ଆୟୋଜିତ ଏକ ଛୋଟ ସମାରୋହରେ ବିଆରସିର ଡିନ୍ (ଶିକ୍ଷାବିଦ) ଏବଂ ଟ୍ରଷ୍ଟି ଡକ୍ଟର ସୁମନ୍ତ ରୁଦ୍ର ଏହି ପୁରସ୍କାର ପ୍ରଦାନ କରିଥିଲେ। କଲେଜର ପ୍ରଗତି ଏବଂ ପ୍ରତିଷ୍ଠାକୁ ନୂତନ ଉଚ୍ଚତାରେ ପହଞ୍ଚାଇବା ପାଇଁ ତାଙ୍କର ଅକ୍ଲାନ୍ତ ପ୍ରୟାସ ପାଇଁ ଡକ୍ଟର ମଣ୍ଡଳଙ୍କୁ ସମ୍ମାନିତ କରାଯାଇଥିଲା। ତାଙ୍କ ନେତୃତ୍ୱରେ, କଲେଜଟି ଏନ୍‌ଏଏସି ଦ୍ୱାରା 'ଏ' ଗ୍ରେଡ୍ ହାସଲ କରିଥିଲା ଏବଂ ଏନ୍‌ଆଇଆର୍‌ଏଫ୍ ଦ୍ୱାରା ଦୁଇ ଥର ଭାରତର ଶ୍ରେଷ୍ଠ ୧୦୦ କଲେଜ ମଧ୍ୟରେ ସ୍ଥାନ ପାଇଥିଲା।

## ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ବ୍ଲକ କର୍ମଚାରୀ



**କଟକ, ୨୦।୨ (ସଂଚାର ବ୍ୟୁରୋ) :** ଲାଞ୍ଚ ନେବାବେଳେ ବ୍ଲକ କର୍ମଚାରୀଙ୍କୁ ଧରିଲା ଭିଜିଲାନ୍ସ। ଟାଙ୍ଗୀ ଚୌଦ୍ୱାର ବ୍ଲକ କର୍ମଚାରୀ ଭାରତ ଭୂଷଣ ମିଶ୍ର । ୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ମାଡି ବସିଲା ଭିଜିଲାନ୍ସ। ଭଟିମୁଣ୍ଡା ଗ୍ରାମ ପଞ୍ଚାୟତ ପିଇଓ ଅଛନ୍ତି ଭାରତ । ଜଣେ ମେକାନିକଙ୍କ ବକେୟା ଦରମା ଦେବାକୁ ମାଗିଥିଲେ ଲାଞ୍ଚ। ଟ୍ରାପ ପରେ ଆୟ ବର୍ହିଭୁତ ସମ୍ପତ୍ତି ଯାଞ୍ଚ କରୁଛି ଭିଜିଲାନ୍ସ।

## କିସ୍‌ରେ ପୁଣି ଛାତ୍ର ଆତ୍ମହତ୍ୟା

**ଭୁବନେଶ୍ୱର, ୨୦।୨ (ସଂଚାର ବ୍ୟୁରୋ):** ସ୍ଥାନୀୟ କିସ୍‌ର ଜଣେ ଯୁକ୍ତ ଦୁଇ ଛାତ୍ର ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଉକ୍ତ ଛାତ୍ର ଜଣଙ୍କ କିସ୍‌ରେ ଯୁକ୍ତ ଦୁଇ କଳାର ଛାତ୍ର ଥିଲେ। ଏହି ୧୭ ବର୍ଷୀୟ ଛାତ୍ରଙ୍କ ଘର ନୂଆପଡ଼ାରେ ହୋଇଥିବା ବେଳେ ତାଙ୍କ ନାମ ଶିବ ଶବର ବୋଲି ସୂଚନା ମିଳିଛି। ତେବେ ଏ ସମ୍ପର୍କରେ କିସ୍ କର୍ତ୍ତୃପକ୍ଷ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। କିଛି ଦିନ ତଳେ କିସ୍‌ରେ କେନ୍ଦୁଝରର ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ସନ୍ଦେହଜନକ ସ୍ଥିତିରେ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ପରିବାର ଲୋକଙ୍କୁ ଏନେଇ ଅନ୍ଧାରରେ ରଖାଯାଇଥିବା ଅଭିଯୋଗ ହୋଇଥିଲା।

## ୨୩ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି

**ଭୁବନେଶ୍ୱର, ୨୦।୨ (ସଂଚାର ବ୍ୟୁରୋ):** ଆସନ୍ତା ସୋମବାର ଅର୍ଥାତ୍ ୨୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ବନ୍ଦ ରହିବ। ସମ୍ପ୍ରତି ସପ୍ତଦଶ ବିଧାନସଭାର ଷଷ୍ଠ ଅଧିବେଶନ ବଳବତ୍ତର ଥିବାରୁ ଆସନ୍ତା ସୋମବାର ଜନଅଭିଯୋଗ ଶୁଣାଣିରେ ମୁଖ୍ୟମନ୍ତ୍ରୀ ଯୋଗଦେଇପାରିବେ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣ ମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି।

# କଟକ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ



**କଟକ, , ୨୦।୨ (ସଂଚାର ବ୍ୟୁରୋ) :** ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗତ ବୈଠକରେ ସଡକ ସୁରକ୍ଷା ନିମନ୍ତେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟାନୁଷ୍ଠାନର ନିଷ୍ପତ୍ତି ଅନୁଯାୟୀ ଅଗ୍ରଗତି ଏବଂ ନୂତନ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ବିଶ୍ୱଜିତ ଦାଶ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ ପରିଚାଳନା କରିଥିଲେ। ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଧାର୍ଯ୍ୟ କାର୍ଯ୍ୟାନୁଷ୍ଠାନ ଅନୁପାଳନ ଉପରେ ବିବୃତି ରଖିବାକୁ କହିବା ସହ ଅସମ୍ପୂର୍ଣ୍ଣ ଥିବା କାର୍ଯ୍ୟ ଗୁଡିକ ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ଦିଗରେ ନିର୍ଦ୍ଦେଶ ଦେଇଥିଲେ। ଇତି ମଧ୍ୟରେ ମଙ୍ଗୁଳି ଠାରେ ଦୁର୍ଘଟଣା ଏଡାଇବାକୁ ରାସ୍ତାରେ କ୍ରାସ୍ ବ୍ୟାରିଅରର ଉଚ୍ଚତା ବୃଦ୍ଧି କରିବା ସହ କ୍ରାସ୍ ବ୍ୟାରିଅର ପରିବର୍ତ୍ତେ କଣ୍ଟା ଜାତୀୟ ଫୁଲ ଗଛ ଲଗାଇବାକୁ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। କଟକ ନେତାଜୀ ବସ୍ ଷ୍ଟାଣ୍ଡ ନିକଟରେ "ବସ ରଖିବା ନିଷେଧ" ବୋର୍ଡ ଲଗାଇବା ଏବଂ ନୂତନ ପାର୍କିଂ ସ୍ଥାନ ଚିହ୍ନଟ କରିବା ନେଇ ଆରକ୍ଷୀ ଅଧୀକ୍ଷକ ଟ୍ରାଫିକ୍ ଓ ଆଞ୍ଚଳିକ ପରିବହନ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକ ସ୍ଥାନରେ ଜେବ୍ରା କ୍ରସିଙ୍ଗ ରଙ୍ଗ କରିବା ଓ ଅନଧିକୃତ ହମ୍ପସ୍, ରମ୍ବଲର୍ସ ଅପସାରଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖରାପ ଅବସ୍ଥାରେ ଥିବା ଟ୍ରାଫିକ୍ ପୋଷ୍ଟ ଗୁଡିକର ନବୀକରଣ ଓ ଟ୍ରାଫିକ୍ ନିକଟରେ ସ୍ଥାୟୀ ଶୌଚଳୟ ନିର୍ମାଣ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ବାଲିଘାଟ ନିକଟରେ ବାଲି ଅପସାରଣ ସମୟରେ ଅତ୍ୟଧିକ ବାଲି ବୋଝେଇ ଗାଡି ଗୁଡିକ ୪୦ହଜାର ଟଙ୍କାର ଜୋରିମାନା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ହୋଇଥିବା ଉଚ୍ଛେଦ ସ୍ଥାନରେ ପୁନର୍ବାର ଜବରଦଖଲ ନେଇ ନିୟମିତଭାବେ ସମୀକ୍ଷା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାସ୍ତା ଅବରୋଧ କରୁଥିବା ବ୍ୟବସାୟୀଙ୍କୁ ଅପସାରଣ କରି ଦୁର୍ଘଟଣାକୁ ଆହୁରି ହ୍ରାସ କରାଯାଇପାରିବ ବୋଲି ମତାପ୍ରକାଶ ପାଇଥିଲା। ଅମାନିଆ ଗାଡିଚାଳକ, ମଦ୍ୟପାନ କରି ଗାଡିଚଳାଉଥିବା ଚାଳକମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରପ୍ରାପ୍ତ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରକାଶଥାଉକି ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ ସଡକ ଦୁର୍ଘଟଣା ଅପେକ୍ଷାକୃତ ଭାବେ ହ୍ରାସ ପାଇଛି। ସେହିପରି ନିୟମ ଭଙ୍ଗକାରୀ ଚାଳକଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ପୂର୍ବବର୍ଷ ଜାନୁୟାରୀରେ ୨୭୯ ଥିବାବେଳେ ଚଳିତବର୍ଷ ୪୦୦ କୁ ବୃଦ୍ଧିପାଇଛି। ଏଥିସହ ଚଳିତବର୍ଷ ଜାନୁୟାରୀ ମାସରେ ୫ ଲକ୍ଷ ୯୦ ହଜାର ଟଙ୍କାର ଜୋରିମାନା ଆଦାୟ କରାଯାଇଛି। ବୈଠକରେ କଟକ ଜିଲ୍ଲା ବସ ମାଲିକ ସଂଘ ଏବଂ ଟ୍ରକ ମାଲିକ ସଂଘର କର୍ମକର୍ତ୍ତାମାନେ ଭାଗନେଇ ଆଲୋଚନାରେ ଅଂଶଗ୍ରହଣ ପୂର୍ବକ ନିଜ ନିଜର ସୁଚିନ୍ତିତ ମତାମତ ରଖିଥିଲେ। ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ନିଜ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ବୈଠକରେ ନିଆଯାଉଥିବା ନିଷ୍ପତ୍ତି ଗୁଡିକୁ ତ୍ୱରିତ କାର୍ଯ୍ୟକାରୀ କରିବା ଦିଗରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଉପଆୟୁକ୍ତ ପୁଲିସ କମିଶନରେଟ୍ ଶ୍ରୀ ଅମରେନ୍ଦ୍ର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଉନ୍ନୟନ ଡଃ. ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ସହକାରୀ ଆୟୁକ୍ତ ଟ୍ରାଫିକ ଶ୍ରୀ ଜୟନ୍ତ କୁମାର ଢ଼ୋରା ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପ୍ରଗତି...

ଯୋଜନା ପାଇଁ ୬୩୦୯ କୋଟି, ଜାତୀୟ ସ୍ୱାସ୍ଥ୍ୟ ମିଶନ ବାବଦରେ ୧୯୫୮ କୋଟି, ନିରାମୟ ଯୋଜନାରେ ୭୮୭ କୋଟି, ନିଦାନ ପାଇଁ ୩୭୧ କୋଟି, ଜରୁରୀକାଳୀନ ଚିକିତ୍ସା ଆମ୍ବୁଲାନ୍ସ ସେବା ପାଇଁ ୧୧୮ କୋଟି, ଆଶାକର୍ମୀଙ୍କ କଲ୍ୟାଣ ପାଇଁ ସ୍ୱାସ୍ଥ୍ୟ ସହାୟ ଯୋଜନା ଅଧିନରେ ୧୮୩ କୋଟିର ବ୍ୟୟ ବରାଦ କରାଯାଇଛି। ରାଜ୍ୟର ସବୁ ମେଡିକାଲ କଲେଜରେ ରକ୍ତଭଣ୍ଡାର ପ୍ରତିଷ୍ଠା ଓ ଉନ୍ନତିକରଣ ପାଇଁ ଅଟଳ ରକ୍ତଦାନ ଅଭିଯାନ ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା ଅଭିଯାନ ପାଇଁ ୩୧୧ କୋଟି, ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ, ଟ୍ରାନ୍ସଜେଣ୍ଡର ଓ ଭିକାରୀଙ୍କ ପାଇଁ ଆବାସ ଓ ସହାୟକ ସୁବିଧା ପାଇଁ ୧୦୯କୋଟିର ବ୍ୟୟ ବରାଦ କରାଯାଇଛି। ସମଗ୍ର ଶିକ୍ଷାକୁ ରାଜ୍ୟ ସହାୟତା ବାବଦରେ ୧୧୩୧ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ବେଳେ ସମଗ୍ର ଶିକ୍ଷା ପାଇଁ ୩୮୦୫ କୋଟି, ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନା ପାଇଁ ୩୮୫ କୋଟି, ଓଡିଶା ଆଦର୍ଶ ବିଦ୍ୟାଳୟ ପାଇଁ ୧୨୨୪ କୋଟି, ମଦ୍ରାସା ଶିକ୍ଷା ପାଇଁ ୨୩ କୋଟି, ପିଏମଶ୍ରୀ ଯୋଜନା ପାଇଁ ୫୩୬ କୋଟିର ବ୍ୟୟ ବରାଦ କରାଯାଇଛି। ସେହିଭଳି ବଜେଟରେ କ୍ରୀଡ଼ା କ୍ଷେତ୍ର ପାଇଁ ୧୩୫୯ କୋଟିର ବ୍ୟୟବରାଦ କରାଯାଇଛି। କ୍ରୀଡା ଓ ଅନ୍ୟାନ୍ୟ ଭିତ୍ତିଭୂମିର ବିକାଶ ଓ ପରିଚାଳନା ପାଇଁ ୯୦୦ କୋଟି, କ୍ରୀଡା ପାଇଁ ଅନୁଦାନ ବାବଦରେ ୬୦ କୋଟି, ଉତ୍କୃଷ୍ଟ କ୍ରୀଡାବିତଙ୍କୁ ଆର୍ଥିକ ସହାୟତା ପାଇଁ ୧୦ କୋଟିର ବଜେଟ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ମହିଳା ଓ ଶିଶୁ କେନ୍ଦ୍ରିକ ନୀତି ଓ କଲ୍ୟାଣମୂଳକ ପଦକ୍ଷେପ ପାଇଁ ୧୮ ହଜାର ୯୫୭ କୋଟିର ବ୍ୟୟବରାଦ ହୋଇଛି। ସେଥିରୁ ମମତା ଯୋଜନା ପାଇଁ ୩୨୦ କୋଟି, ସୁଭଦ୍ରା ପାଇଁ ୧୦ ହଜାର ୧୪୫ କୋଟି, ସମୃଦ୍ଧ ଅଙ୍ଗନୱାଡି ପାଇଁ ୬୩୫ କୋଟି, ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ପାଇଁ ୫୫୨ କୋଟିର ବ୍ୟୟବରାଦ କରାଯାଇଛି। ଭିନ୍ନକ୍ଷମ ବ୍ୟକ୍ତିଙ୍କ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ପାଇଁ ୨୫ ହଜାର ୨୦୮ କୋଟିର ବ୍ୟୟବରାଦ କରାଯାଇଛି।

## ବିକଶିତ ଓଡ଼ିଶା...

ଆକାଂକ୍ଷାକୁ ପୂରଣ କରିବ। ବଜେଟରେ ଡବଲ ଇଞ୍ଜିନ ସରକାରର ବିକାଶମୂଳକ ଦୂରଦୃଷ୍ଟିର ପ୍ରତିଫଳନ ହୋଇଛି। ଚଳିତ ବଜେଟରୁ ରାଜ୍ୟର ଗରିବ, ଚାଷୀ, ମହିଳା, ଯୁବ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ବଞ୍ଚିତ ବର୍ଗର ଲୋକେ ବିଶେଷଭାବେ ଉପକୃତ ହେବେ। ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟସେବା, ଖାଦ୍ୟ ସୁରକ୍ଷା, କ୍ରୀଡ଼ା, ସାମାଜିକ ଓ ଯୋଗାଯୋଗ କ୍ଷେତ୍ରରେ ଓଡ଼ିଶାର ଭବିଷ୍ୟତକୁ ସୁଦୃଢ଼ କରିବ।

ଚଳିତ ବଜେଟରେ ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଓ ଝାରସୁଗଡ଼ୋ ଜିଲ୍ଲାରେ ନୂତନ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା, ପାରାଦୀପ ଓ ବଲାଙ୍ଗୀରରେ ଦୁଇଟି ନୂତନ ସରକାରୀ ଇଞ୍ଜିନିୟରିଂ କଲେଜ୍, ଚିପିଲିମାରେ ପଶୁଚିକିତ୍ସା ବିଜ୍ଞାନ ମହାବିଦ୍ୟାଳୟ ଏବଂ ସମ୍ବଲପୁର ଓ ବ୍ରହ୍ମପୁରରେ ୨୭୮ କୋଟି ଟଙ୍କା ବିନିଯୋଗରେ 'ବିଶ୍ୱ ଦକ୍ଷତା କେନ୍ଦ୍ର'ର ଦୁଇଟି ନୂତନ କ୍ୟାମ୍ପସ ପ୍ରତିଷ୍ଠା ପାଇଁ ଘୋଷଣା ହୋଇଛି। ଏସସିବି, ଭିମସାର ଓ ଏମକେସିଜି ମେଡିକାଲର ପୁନଃର୍ବିକାଶ ସହ ନୟାଗଡ଼ ଓ ଖୋର୍ଦ୍ଧାଠାରେ ଫାର୍ମା ଓ ମେଡଟେକ୍ ପାର୍କ ସହ ଓଡ଼ିଶା ବାୟୋଟେକ୍ନୋଲୋଜି ରିସର୍ଚ୍ଚ ସେଣ୍ଟର ପ୍ରତିଷ୍ଠା କରାଯିବ। ବୁର୍ଲା ରିଙ୍ଗ୍ ରୋଡ୍ ନିର୍ମାଣ ସହ ଜମାଦରପାଲିରେ ଏୟାରଷ୍ଟ୍ରିପକୁ ବିମାନବନ୍ଦରରେ ବିକଶିତ କରାଯିବା ସମ୍ବଲପୁରର ଗମନାଗମନ ଓ ଯୋଗାଯୋଗ ଭିତ୍ତିଭୂମିକୁ ସୁଦୃଢ଼ କରିବ। ରେୟାର୍ ଆର୍ଥ କରିଡର ଅଧୀନରେ ପଦକ୍ଷେପଗୁଡ଼ିକୁ ଆଗକୁ ବଢ଼ାଇବା ପାଇଁ ୧୦ କୋଟି ଟଙ୍କାର ଆବଣ୍ଟନ ପ୍ରସ୍ତାବ ପ୍ରଶଂସନୀୟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଏଥିସହ ନାନୋ ଉଦ୍ୟୋଗୀଙ୍କ ପାଇଁ 'ଉଦ୍ୟମୀ ଯୋଜନା', 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା', ଦୁର୍ଦ୍ଦଶାଜନିତ ସ୍ଥାନାନ୍ତରଣ ସମସ୍ୟାର ସମାଧାନ ପାଇଁ 'ଡାଲଖାଇ ଯୋଜନା' ଓ ଖଣି ପ୍ରଭାବିତ ଅଞ୍ଚଳ ପାଇଁ 'ସିଏମ ସମ୍ପଦ ଯୋଜନା', କେନ୍ଦୁପତ୍ର ତୋଳାଳିଙ୍କ ସୁବିଧା ପାଇଁ ପ୍ରୋତ୍ସାହନ ଭଳି ଲୋକକଲ୍ୟାଣକାରୀ କାର୍ଯ୍ୟକ୍ରମ ପ୍ରଚଳନ କରାଯାଇଥିବା ବେଳେ ରାଜ୍ୟ ଏଆଇ ମିଶନ ଭଳି ଯୋଜନା ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତର ୨୦୪୭ର ଲକ୍ଷ୍ୟକୁ ସାକାର କରିବ ବୋଲି ଶ୍ରୀ ପ୍ରଧାନ 'ଏକ୍ସ'ରେ ମତ ଦେଇଛନ୍ତି।

## ୧୫ ଶହ ଏକରରେ...

ଗନ୍ତବ୍ୟସ୍ଥଳରେ ପରିଣତ କରିବା ପାଇଁ ପ୍ରାୟ ୧୫ ଶହ ଏକର ପରିମିତ ଅଞ୍ଚଳରେ ଶାମୁକା ପ୍ରକଳ୍ପର ପରିକଳ୍ପନା କରାଯାଇଛି। ପୁରୀର ଶାମୁକାଠାରେ ପ୍ରସ୍ତାବିତ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର (ଡବ୍ଲ୍ୟୁଟିସି) ଆଲୋଚନା, ନବସୃଜନ, ଗବେଷଣା, ସମ୍ମିଳନୀ ଏବଂ ପ୍ରଦର୍ଶନୀ ଇତ୍ୟାଦି କାର୍ଯ୍ୟକଳାପ ପାଇଁ ଏକ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବ, ଯାହା ଓଡ଼ିଶାର ଅନ୍ତର୍ଜାତୀୟ ସ୍ଥିତିକୁ ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ଜଳଭଣ୍ଡାର-କ୍ଷେତ୍ର ବିକାଶ ପାଇଁ ୯୯ କୋଟି ଟଙ୍କା ପୂର୍ବରୁ ଅନୁମୋଦନ କରାଯାଇଛି। ସେହିପରି ଚିଲିକା ପୁନରୁଦ୍ଧାର ନାମରେ ଏକ ନୂତନ ଯୋଜନା ଘୋଷଣ କରାଯାଇଛି। ହୀରାକୁଦର ସମନ୍ୱିତ ପର୍ଯ୍ୟଟନ ବିକାଶର ଲକ୍ଷ୍ୟ ହେଉଛି ଡ୍ୟାମ୍ ଅଞ୍ଚଳ, ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ, ଦ୍ୱୀପସମୂହ ଏବଂ ଆଖପାଖ ଜିଲ୍ଲାଗୁଡ଼ିକୁ ଅନ୍ତର୍ଭୁକ୍ତ କରି ଏକ ବ୍ୟାପକ ମାଷ୍ଟର ପ୍ଲାନ୍ ମାଧ୍ୟମରେ ଏହି ଅଞ୍ଚଳକୁ ଏକ ସ୍ଥାୟୀ, ବିଶ୍ୱସ୍ତରୀୟ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳରେ ପରିଣତ କରିବା। ଭୁବନେଶ୍ୱରରେ ଏକ ବିଶ୍ୱମାନର ସଂଗ୍ରହାଳୟ ନିର୍ମାଣ କରାଯିବ। ସାମରିକ କଳା କୌଶଳ ଛଉ ଆମର ଗର୍ବ। ବାରିପଦାଠାରେ ମୟୂରଭଞ୍ଜ ଛଉ ଏକାଡେମୀ ପ୍ରତିଷ୍ଠା କରାଯିବ, ଯାହା ପାଇଁ ବଜେଟରେ ୧୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି।

## କୃଷି...

ଚାଷ ବାବଦକୁ ୫୭ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଉଦ୍ୟାନ କୃଷି ମିଶନ ପ୍ଲସ ପାଇଁ ୫୪୪ କୋଟି ଏବଂ ମତ୍ସ୍ୟ ଓ ପ୍ରାଣି ସମ୍ପଦନ ବିକାଶ ପାଇଁ ୨ହଜାର ୧୯ କୋଟିର ବଜେଟ ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ପାଇଁ ୨୦୧ କୋଟିର ବ୍ୟୟ ଅଟକଳ କରାଯାଇଛି। ମୟୂରଭଞ୍ଜରେ ଏକ ନୂଆ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ୨୦ କୋଟିର ବ୍ୟୟ ବରାଦ ସହ ଚିପିଲିମାରେ ପଶୁଚିକିତ୍ସା ବିଜ୍ଞାନ ମହାବିଦ୍ୟାଳୟ, ବଲାଙ୍ଗିରରେ କୃଷି ମହାବିଦ୍ୟାଳୟ ଓ ସୋନପୁରରେ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ୩୦ କୋଟିର ବଜେଟ ବ୍ୟବସ୍ଥା କରାଯାଇଛି।

ଏଥିସହିତ ବ୍ୟାନ ନିୟନ୍ତ୍ରଣ ଏବଂ ଜଳ ଉପଲବ୍ଧତାରେ ଉନ୍ନତି ଆଣିବାକୁ ଅନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ଯୋଜନା ପାଇଁ ୧୦କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ମହାନଦୀ ତଟ ସୁରକ୍ଷା ପାଇଁ ୮୦ କୋଟି, ବନ୍ୟା ପରିଚାଳନା ପାଇଁ ୫୩୦ କୋଟି, ଇନ-ଷ୍ଟ୍ରିମ ଷ୍ଟୋରେଜ ପାଇଁ ହଜାରେ କୋଟିର ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ମେନ୍ୟୁ ଫୁଲ୍...

ନାହିଁ, ଏ ବର୍ଷ ପୁଣି କଳେବର ବଢ଼ିଛି। ହାତୀ ଭଳି ବଜେଟକୁ ଜନ୍ଦା ପରି ଖର୍ଚ୍ଚ କରିବେ। ଏହି ବଜେଟ ପବନ ପଶି ବଡ଼ ବେଲୁନ ପରି ହୋଇଛି। ହେଲେ ଏଥିରେ ଓଜନ ନାହିଁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ବଜେଟ ଅଭିଭାଷଣ ସମୟରେ ବିରୋଧୀ କଂଗ୍ରେସ ଦଳର ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏନେଇ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘ ଭାଷଣ ଥିଲା, ଯାହା ରାଜ୍ୟବାସୀଙ୍କ ପାଇଁ ନୈରାଶ୍ୟଜନକ। ବଡ ବଜେଟ କରୁଛନ୍ତି କିନ୍ତୁ ଖର୍ଚ୍ଚ କରିପାରୁନାହାଁନ୍ତି। ବଜେଟ ଆକାର ବଢାଇବାକୁ କେବଳ ଋଣ ବଢ଼ାଇବାରେ ଲାଗିଛନ୍ତି। ସାମାଜିକ ନ୍ୟାୟ, ଆଦିବାସୀ ବିକାଶ ପାଇଁ ବଜେଟରେ କିଛି ନାହିଁ ତେଣୁ କଂଗ୍ରେସ ବଜେଟକୁ ବଏକଟ କରିଛି ବୋଲି ସେ କହିଛନ୍ତି।

## ସ୍ୱର୍ଣ୍ଣିମ...

ଓ ଦୀପଶିଖା ସଦୃଶ। ଏହି ଭିଜନକୁ ସାକାର କରିବା ପାଇଁ ଆମେ ଭିତ୍ତିଭୂମି ବିକାଶ, ପୁଞ୍ଜି ନିବେଶ, ନଗର ଉନ୍ନୟନ, ବନ୍ଦର ଭିତ୍ତିକ ବିକାଶ, ଶିଳ୍ପାୟନ, ଏବଂ କୃଷି ଓ ଜଳସେଚନ ଭଳି କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦେଇ ଏହି ବଜେଟ୍ ପ୍ରସ୍ତୁତ କରିଛୁ। ଏହାସହିତ, ଶିକ୍ଷା, ସ୍ୱାସ୍ଥ୍ୟସେବା, ସାମାଜିକ ସୁରକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ସର୍ବାଙ୍ଗୀନ ବିକାଶ ତଥା ମହିଳା ଓ ଶିଶୁ କଲ୍ୟାଣକୁ ବିଶେଷ ଗୁରୁତ୍ୱ ଦେବା ସହିତ ସୁଦକ୍ଷ ଜନସେବା ମାଧ୍ୟମରେ ଓଡ଼ିଶାବାସୀଙ୍କ ସାମଗ୍ରିକ ଉନ୍ନତି ପାଇଁ ଆମ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି। ମଧୁବାବୁ ପେନସନ ଯୋଜନା ଏବଂ ଏଏସଏପି ଯୋଜନାରେ ୫୭ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ବର୍ଦ୍ଧିତ ହାରାରେ ସାମାଜିକ ନିରାପତ୍ତା ଭତ୍ତା ପ୍ରଦାନ କରାଯାଉଛି। ରାଜ୍ୟ ସରକାର ମହିଳାଙ୍କ ମର୍ଯ୍ୟାଦା ଓ ସଶକ୍ତିକରଣ ଏବଂ ଶିଶୁ କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ, ଏବଂ ଚଳିତ ବର୍ଷର ବଜେଟ୍‌ରେ ମହିଳା ଓ ଶିଶୁ ବିକାଶ ପାଇଁ ଅନେକ ପରିବର୍ତ୍ତନକାରୀ ପଦକ୍ଷେପ ନେଇଛନ୍ତି। ମହିଳା ସଶକ୍ତିକରଣ ଅଧୀନରେ ଆମ ସରକାରଙ୍କ ଏକ ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଝିଅ ସ୍ନାତକ ପର୍ଯ୍ୟନ୍ତ ଶିକ୍ଷା ସମାପ୍ତ କରିବା। ଏହି ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ନାମରେ ଏକ ନୂତନ ଯୋଜନା ଆରମ୍ଭ କରିଛନ୍ତି। ସମୃଦ୍ଧ କୃଷକ ଯୋଜନା ଅଧୀନରେ ଧାନ କ୍ରୟ ସୁନିଶ୍ଚିତ କରିବା ପାଇଁ ୬୦୮୮ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି ଏବଂ ଚାଷୀଙ୍କୁ ସମୟୋପଯୋଗୀ ଦେୟ ପ୍ରଦାନ ପାଇଁ ୫ହଜାର କୋଟିର ଟଙ୍କାର ଆବର୍ତ୍ତନ ପାଣ୍ଠି ଗଠନ ପ୍ରସ୍ତାବ ରହିଛି। କେନ୍ଦ୍ର ସରକାରଙ୍କ ଭିବି ଜି-ରାମ-ଜି ଯୋଜନା କାର୍ଯ୍ୟକାରୀ କରିଛନ୍ତି। କେନ୍ଦ୍ରୀୟ ବଜେଟରେ ଭିବି ଜି-ରାମ-ଜି ପାଇଁ ୯୫ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟ ବରାଦ କରାଯାଇଛି। ତେଣୁ ରାଜ୍ୟ ସରକାର ମଧ୍ୟ ଗ୍ରାମୀଣ ପରିବାରଙ୍କ ଆୟକୁ ସୁଦୃଢ଼ କରିବା ଲାଗି ୧୨୫ ଦିନର ରୋଜଗାରର ଗ୍ୟାରେଣ୍ଟି ପାଇଁ ଏହି ଯୋଜନାରେ ଆବଶ୍ୟକ ଅର୍ଥ ବ୍ୟୟ ବରାଦ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ, ଏହି ବଜେଟ୍ ଓଡ଼ିଶାର ସାଢେ ଚାରି କୋଟି ଜନସାଧାରଣଙ୍କ ସ୍ୱପ୍ନ ଓ ସଂକଳ୍ପର ପ୍ରତିଫଳନ। ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ ପରିଚାଳନା ଅଧିନିୟମର ମାର୍ଗଦର୍ଶିକାକୁ ପାଥେୟ କରି ଏକ ସମତୁଲ ଏବଂ ଦୂରଦୃଷ୍ଟିସମ୍ପନ୍ନ ଆର୍ଥିକ ରଣନୀତି ପ୍ରସ୍ତୁତ କରାଯାଇଛି। ସମ୍ବଳର ସୁବିନିଯୋଗ ମାଧ୍ୟମରେ ପ୍ରତିଟି ଗାଁରେ ବିକାଶକୁ ପହଞ୍ଚାଇବା ଏବଂ ପ୍ରତିଟି ପରିବାରରେ ସମୃଦ୍ଧିକୁ ଲକ୍ଷ୍ୟ ରଖି ବଜେଟ ପ୍ରସ୍ତୁତ କରାଯାଇଛି।

## ମୁଣ୍ଡପିଛା...

ବଜାରରୁ ଚଢା ସୁଧରେ ୧୧,୪୬୩ କୋଟି ଋଣ ଉଠାଇଥିଲେ ସରକାର। ୨୦୨୪-୨୫ରେ ସରକାର ଖୋଲା ବଜାରରୁ ୨୦,୭୮୦ କୋଟି ସହ ମୋଟ ୪୨,୭୩୨ କୋଟି ଋଣ କରିଥିଲେ। ୨୦୨୩-୨୪ରେ ସରକାର ମୋଟ ୧୮,୧୨୩ କୋଟି ଋଣ କରିଥିବା ବେଳେ ଖୋଲା ବଜାରରୁ ମାତ୍ର ୧ କୋଟି ୨୫ ଲକ୍ଷ ଟଙ୍କା ଋଣ କରିଥିଲେ।

# ଅବକାରୀ ବିଭାଗ ଦ୍ୱାରା ମହୁଲ ବୋଝେଇ ଗାଡ଼ି ଜବତ, ଜଣେ ଗିରଫ



ବୋରିଗୁମ୍ମା, ୨୦।୨ (ସଂଚାର ବ୍ୟୁର): ବୋରିଗୁମ୍ମା ଅବକାରୀ ବିଭାଗ ବୋରିଗୁମ୍ମା ଥାନା ଅନ୍ତର୍ଗତ ଆଉଁଳି ଗ୍ରାମ ଛକ ନିକଟରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ବିନା କାଗଜପତ୍ର ରେ ଯାଉଥିବା ମହୁଲ ବୋଝେଇ ଗାଡି କୁ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି।ଗିରଫ ଜଣକ ହେଲେ ନବରଙ୍ଗପୁର ଜିଲ୍ଲା ପଢାଲଗୁଡା ଗ୍ରାମର ରିଙ୍କୁ ପୂଜାରୀ (୩୯ ବର୍ଷ)। ଜବତ ମହୁଲ ର ଓଜନ ୨୧୦୦ କିଲୋ ହୋଇଥିବା ବେଳେ ଏହାର ବଜାର ମୂଲ୍ୟ ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ବୋରିଗୁମ୍ମା ଅବକାରୀ ଥାନା ଏଏସଆଇ ସନୁ ସେଠିଆ ସୂଚନା ଦେଇଛନ୍ତି।ଏଥିସହ ମହୁଲ ବୋଝେଇ ମହିନ୍ଦ୍ରା ଗାଡି କୁ ଜବତ କରାଯାଇଛି। ଏନେଇ ଅବକାରୀ ଥାନାରେ କେସ ନମ୍ବର-୨୫୫ /୨୬ ରୁଜୁ କରାଯାଇଥିବା ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ।ଗିରଫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଏସଏନ ବିବେକାନ୍ଦନ ଶିକ୍ଷା କେନ୍ଦ୍ରରେ ବାର୍ଷିକ ଉତ୍ସବ



ଆନନ୍ଦପୁର, ୨୦।୨ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ କଣ୍ଟିପାଳ ପଞ୍ଚାୟତର ବିରିଡିଆ ଗ୍ରାମରେ ଅବସ୍ଥିତ ଏସ୍.ଏନ୍ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ନବମ ବାର୍ଷିକ ଉତ୍ସବ ଗତକାଲି ମହା ଆଡମ୍ବର ଓ ଉତ୍ସାହ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ସ୍ୱର୍ଣ୍ଣଲତା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷାକେନ୍ଦ୍ରର ସଭାପତି ମଳୟ କୁମାର ସାହୁ ସୁଚାରୁ ଭାବେ ପରିଚାଳନା କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ମ୍ୟୁନିସିପାଲଟିର ପୂର୍ବତନ ପୌରାଧ୍ୟକ୍ଷ ରାମଚନ୍ଦ୍ର ସାହୁ ଯୋଗଦେଇଥିବାବେଳେ, ମୁଖ୍ୟ ବକ୍ତା ଭାବେ ଆନନ୍ଦପୁର ବ୍ଲକ ର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମେନ୍ଦ୍ରନାଥ ମହାନ୍ତି ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ଟୁକୁନା ମହାନ୍ତ, ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ଶରତ ଚନ୍ଦ୍ର ରାଉତ, ଓଡ଼ିଶା ଶିକ୍ଷା ପରିଷଦ ସଂଯୋଜକ ସୁଦର୍ଶନ ପ୍ରଧାନ ଓ ଦାମୋଦର ସାହୁ ଉପସ୍ଥିତ ଥିଲେ। ଅତିଥିମାନେ ପ୍ରଥମେ ସ୍ୱାମୀ ବିବେକାନନ୍ଦ ଙ୍କ ଫଟୋଚିତ୍ରରେ ଧୂପ, ଦୀପ ଓ ପୁଷ୍ପମାଲ୍ୟ ଅର୍ପଣ କରି ଉତ୍ସବର ଔପଚାରିକ ଉଦ୍ଘାଟନ କରିଥିଲେ। ପରବର୍ତ୍ତୀରେ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନେ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ଆକର୍ଷଣୀୟ ସାଙ୍ଗୀତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରି ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ ପ୍ରଧାନ ଶିକ୍ଷୟତ୍ରୀ ସୋର୍ଣ୍ଣଲତା ବେହେରା ପ୍ରଦାନ କରିଥିଲେ।

# ଜାତୀୟ ରାଜପଥ ପାର୍ଶ୍ୱ ପାଲଟିଛି ଡ଼ମ୍ପିଂୟାର୍ଡ଼

## ସମାଧାନ ହେଉନି ଡ଼ମ୍ପିଂୟାର୍ଡ଼ ସମସ୍ୟା; ତେଜୁଛି ଅସନ୍ତୋଷ



ବୋରିଗୁମ୍ମା, ୨୦।୨ (ସଂଚାର ବ୍ୟୁର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ସହରରେ ଡମ୍ପିଂୟାର୍ଡକୁ ନେଇ ଲାଗି ରହିଥିବା ସମସ୍ୟାର ସମାଧାନ ହୋଇପାରୁନଥିବା ବେଳେ ଜାତୀୟ ରାଜପଥ ସହର ଉପକଣ୍ଠ ରାସ୍ତା ପାର୍ଶ୍ୱ ପାଲଟି ଥିବା ଡ଼ମ୍ପିଂୟାର୍ଡ଼କୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପଟେ ନୂଆ ଡ଼ମ୍ପିଂୟାର୍ଡ଼ ପାଇଁ ସ୍ଥାନ ନିରୂପଣ ହୋଇ ପାରିନଥିବା ଜଣାପଡ଼ିଛି।ଗାଁ ଗୁଡ଼ିକୁ ସରସ ସୁନ୍ଦର କରିବାକୁ ସରକାରଙ୍କ ତରଫରୁ ପ୍ରତି ପଞ୍ଚାୟତରେ କୋଟି କୋଟି ଟଙ୍କା ଖର୍ଚ୍ଚରେ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିର୍ମାଣ କରାଯାଇଛି ଶତ କିନ୍ତୁ ତାହା କାର୍ଯ୍ୟକ୍ଷମ ହେଉନାହିଁ, ସହର ଉପକଣ୍ଠ ରାସ୍ତା ପାର୍ଶ୍ୱ, ବିଦ୍ୟାଳୟ ସମ୍ମୁଖରେ ପଡ଼ି ରହିଛି କୁଢ଼ କୁଢ଼ ଅଳିଆ ଆବର୍ଜନା ଯାହା ଫଳରେ ଏକ ପୂତିଗନ୍ଧମୟ ଦୁର୍ଗନ୍ଧ ପରିବେଶ ସୃଷ୍ଟି ହେବା ସହ ଅପ୍ରାକୃତିକ ଡ଼ମ୍ପିଂୟାର୍ଡ଼ ସୃଷ୍ଟି ହୋଇଛି। ଏହା ପ୍ରତି ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟ ଦୃଷ୍ଟି ପଡୁନାହିଁ। ବୋରିଗୁମ୍ମାରେ ସ୍ଥାନ ଅଭାବ ଯୋଗୁଁ ଏବେ ଜୟପୁର, କୋଟପାଡ଼ ଓ ନବରଙ୍ଗପୁରକୁ ଯାଉଥିବା ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଖାଲି ସ୍ଥାନରେ ଆବର୍ଜନା ପକାଯାଉଛି। ଯାହାଦ୍ୱାରା ଜାତୀୟ ରାଜପଥ ଦେଇ ଯାଉଥିବା ଯାତ୍ରୀମାନଙ୍କ ନିମନ୍ତେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି ବୋଲି ଯାତ୍ରୀ, ସ୍ଥାନୀୟ ବୁଦ୍ଧିଜୀବି, ଓ ଜନସାଧାରଣ କହିଛନ୍ତି। ଏପରିକି ନୂତନ ସ୍ଥାନ ମଧ୍ୟ ନିରୂପଣ ହୋଇପାରୁନାହିଁ। ଏହା ବୋରିଗୁମ୍ମା ସହର ପାଇଁ ଲଜ୍ୟାକର କଥା ଅଟେ ବୋଲି କହିବା ସହ ଜନବସତି ମଧ୍ୟରେ ଆବର୍ଜନା ପକାଇବା ବେଆଇନ ବୋଲି କହିଛନ୍ତି। ଏପରି କଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ତୀବ୍ରତର ହେବ ବୋଲି କହିବା ସହ ଜନବସତି ଠାରୁ ଦୂରରେ ସ୍ଥାନ ନିରୂପଣ କରିବାକୁ ତହସିଲଦାର ଦୃଷ୍ଟି ଦେଇ ଖୁବଶୀଘ୍ର ନୂତନ ଡ଼ମ୍ପିଂୟାର୍ଡ଼ ପାଇଁ ସ୍ଥାନନିରୂପଣ କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଏବଂ ବୋରିଗୁମ୍ମାରେ ଗୋଟିଏ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର ନିର୍ମାଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ଏବଂ ତୁରନ୍ତ ଏହାର ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ଚଢ଼ାଉରେ ଟ୍ରକ ସହ ଗଞ୍ଜେଇ ଜବତ, ୨ ଜଣ ଗିରଫ

ଫୁଲବାଣୀ, ୨୦।୨ (ସଂଚାର ବ୍ୟୁରୋ): ବର୍ଷ ତମାମ କନ୍ଧମାଳ ଜିଲ୍ଲାରୁ ବାହାର ଜିଲ୍ଲା ରାଜ୍ୟକୁ ଗଞ୍ଜେଇ ଚାଲାଣ ହେଉଛି। ପୋଲିସ ଅବକାରୀ ବିଭାଗ ଯେତେ ଧରୁଛନ୍ତି ଆହୁରି ଅଧିକରୁ ଅଧିକ ଚାଲାଣ ହେବାରେ ଲାଗିଛି। ଗଞ୍ଜେଇ ଚାଲାଣ କାରୀ ଓ ମାଫିଆ ଠୁ ଯେତେ ନୂଆ ଗଞ୍ଜେଇ ଚାସ ସରିଲା ଅମଳ ମଧ୍ୟ ସରିଲା ଏବେ ଚାଲାଣ ଋତୁ ଆସିଛି। ଏହାକୁ ଆଖି ଆଗରେ ରଖି ପୋଲିସ ସୁଯୋଗ ନେଇ ଗଞ୍ଜେଇ ମାଫିଆ ଙ୍କୁ ମାଡ଼ି ବସିବାକୁ ସଜାଗ ହୋଇ ରହିଛି। ଏହି ପରିପ୍ରେକ୍ଷୀରେ ଆଜି ଏକ ବଡ଼ ଗଞ୍ଜେଇ ମାଫିଆକୁ ପୋଲିସ ଧରିବାରେ ସଫଳ ହୋଇଛି। ଖବରରୁ ପ୍ରକାଶ ଯେ ଆଜି ଫୁଲବାଣୀ ଅଞ୍ଚଳରୁ ରାଜସ୍ଥାନ ଅଞ୍ଚଳକୁ ଏକ ଟ୍ରକ ଗାଡ଼ି ନଂ ଅରଜେ୧୪ ଜିଜି୪୦୫୬ ରେ ୧୨ ବସ୍ତା ଗଞ୍ଜେଇ ଯାହାର ଆକଳନ ୨ କୁଇଣ୍ଟାଲ ୯୦ କେଜି ଗଞ୍ଜେଇ ମୂଲ୍ୟ ୧ କୋଟି ପାଖାପାଖି ହେବ ଚାଲାଣ ହେଉଥିବା କୌଣସି ସୂତ୍ରରୁ ସଦର ଥାନା ପୋଲିସ ସବଇନସ୍ପେକ୍ଟର ସମ୍ବିଦ ବେହେରା ଖବର ପାଇ ନିଜେ ଧରିବା ପାଇଁ ଗୁଡେ଼ଇ ଥିବା ସହିତ ଟିକାବାଲି ଥାନାକୁ ଅଧିକାରୀଙ୍କୁ ଖବର ଦେଇଥିଲେ। ଉଭୟ ସମ୍ବିଦ ବେହେରା ଓ ଟିକାବାଲି ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ର କର ଙ୍କ ମିଳିତରେ ଚଢ଼ାଉ କରି ଚାଲାଣ ହେଉଥିବା ଗଞ୍ଜେଇ କୁ ଟିକାବାଲି ଥାନା ଅନ୍ତର୍ଗତ କୁଚୁଲାଗଡ଼ ଠାରେ ଧରିବାରେ ସଫଳ ହେଇଚି ଓ ଟ୍ରକରେ ଚାଲାଣ ହେଉଥିବା ଗଞ୍ଜେଇ ସହିତ ଟ୍ରକ କୁ ଜବଦ କରି ୨ ଜଣ ଙ୍କୁ ଗିରଫ କରିଛନ୍ତି। ଗିରଫ ୨ ଜଣ ଅଭିଯୁକ୍ତ ରାଜସ୍ଥାନ ସୱାଇ ମାଧପୁର ଜିଲ୍ଲା ଅନ୍ତର୍ଗତ ବାମାବାଦ୍ ଥାନା ଅଞ୍ଚଳର ଅଭିଯୁକ୍ତ ରାଜେନ୍ଦ୍ର କୁମାର ମୀନା (୨୮) ଓ ଟ୍ରକ ଡ୍ରାଇଭର ପାଇଲଟ ମୀନା (୩୦) ବୋଲି ପୋଲିସ ପ୍ରକାଶ କରିଛି।

# ରେଲୱେ ବୋର୍ଡ ବୈଠକ କଲିକତାରେ ଅନୁଷ୍ଠିତ

## ଶହେରୁ ଉର୍ଦ୍ଧ୍ୱ ଦାବି ଉପସ୍ଥାପନ କଲେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ



ନୀଳଗିରି, ୨୦।୨ (ସଂଚାର ବ୍ୟୁରୋ): କଲିକତା ଠାରେ ମାନ୍ୟବର ସାଂସଦ ଶତ୍ରୁଘ୍ନ ସିନ୍ହା ଙ୍କ ଅଧ୍ୟକ୍ଷତାରେ ଏବଂ ରେଳ ବିଭାଗର ସର୍ବୋଚ୍ଚ ଅଧିକାରୀଙ୍କ ଉପସ୍ଥିତିରେ ରେଲୱେ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବାଲେଶ୍ୱର ସଂସଦୀୟ କ୍ଷେତ୍ର ସମ୍ବନ୍ଧୀୟ ବିଭିନ୍ନ ରେଲୱେ ଉନ୍ନୟନ କାର୍ଯ୍ୟକୁ ନେଇ ଦାବୀ ଉତ୍ଥାପନ କରିଛନ୍ତି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ବିଶେଷ ଭାବେ ବାଲେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ରେଳ ଢାଞ୍ଚା ଏବଂ ଯାତ୍ରୀ ସୁବିଧା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ରେଲୱେ ବୋର୍ଡ଼ ବୈଠକରେ ଉପସ୍ଥାପନ କରାଯାଇଛି। ଏହି ସମସ୍ତ ବିଷୟରେ ସ୍ଥିତିଗତ ସୂଚନା ଓ ଆବଶ୍ୟକ କାର୍ଯ୍ୟଗତ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ଦାବି କରିଥିଲେ। ସୂଚନା ଯୋଗ୍ୟ ବାଲେଶ୍ୱର ରେ ନିର୍ମାଣ ହେଉଥିବା ମୁଖ୍ୟ ରେଳ ଷ୍ଟେସନ୍ ରେ ରେଲୱେ ଭବନ ନିର୍ମାଣ କାର୍ଯ୍ୟର ବର୍ତ୍ତମାନ ସ୍ଥିତି ଓ ସମ୍ପୂର୍ଣ୍ଣ ପ୍ରଗତି ର ବିବରଣୀ ଓ କେବେ କାର୍ଯ୍ୟକ୍ଷମ ହବ ତାର ସମୟସୀମା ସୂଚିତ କରିବାକୁ ଦାବୀ କରିଥିଲେ। ବାଲେଶ୍ୱର ରୁ ଆହମଦାବାଦ ଓ ମୁମ୍ବାଇ କୁ ସିଧାସଳଖ ଟ୍ରେନ୍ ସେବା ପାଇଁ ଦୀର୍ଘଦିନ ଧରି ଚାହିଦା ରହିଛି। ଏହି ମାର୍ଗଗୁଡ଼ିକ ଚାକିରି ପ୍ରାର୍ଥୀ, ବ୍ୟବସାୟୀ, ଛାତ୍ରଛାତ୍ରୀ ଓ ପ୍ରବାସୀ କର୍ମୀଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ।

# ଅଗ୍ନିକାଣ୍ଡରେ ଘର ଭସ୍ମ



ନୀଳଗିରି, ୨୦।୨ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ନୀଳଗିରି ଏନଏସି ୮ ନମ୍ବର ୱାର୍ଡ଼ ଷ୍ଟେସନ ସାହି ରେ ଆଜି ପୂର୍ବାହ୍ନ ୧୦ ଘଟିକା ସମୟରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଏକବଖରା ଘର ଭସ୍ମିଭୁତ ହୋଇଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ଉକ୍ତ ୱାର୍ଡ଼ ର ରବୀନ୍ଦ୍ର ମୁର୍ମୁ ଓ ସଲମା ମୁର୍ମୁ ରହିଆସୁଥିବା ବେଳେ ଆଜି ଏହି ଅଗ୍ନିକାଣ୍ଡ ଘଟିଥିଲା। ଖବର ଦେବାରୁ ନୀଳଗିରି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଆସବାବପତ୍ର ସବୁ ଜଳିପୋଡିପାଉଁଶହୋଇଯାଇଥିଲା। ଖବର ପାଇ ନୀଳଗିରି ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ନଗର ସଭାପତି ଅଚ୍ୟୁତ ପ୍ରଧାନ, ନଟୁ ସରକାର, ମାନସସ୍ୱାଇଁଅଗ୍ନିବିପନ୍ନଙ୍କ ଘରେପହଞ୍ଚିସମବେଦନାଜଣାଇବା ସହିତ କମଳ ବଣ୍ଟନ କରିଥିଲେ। ପରେ ସଦର ଆର, ଆଇ, ଜୟରାମ ଶିଅଳ ପହଞ୍ଚି ପଲିଥିନଦେବାସହିତ ତୁରନ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ପଦକ୍ଷେପ ନେବେବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଗ୍ନି କାଣ୍ଡ ର କାରଣ ଅସ୍ପଷ୍ଟ।

# ଗୋ ମାଂସ ଜବତ, ମହିଳା ଅଟକ





ସୁନ୍ଦରଗଡ଼, ୨୦।୨ (ସଂଚାର ବ୍ୟୁରୋ): ଜିଲ୍ଲା ବଡ଼ଗାଁ ମୁସଲିମ ପଡ଼ା ର ଜଣେ ମହିଳା ଙ୍କ ଘରକୁ ଯାଇ ଗୋ ମାଂସ କିଣିବାକୁ ଜଣେ ମହିଳା କହିବା ପରେ ସେଠାରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଘଟଣା ଅନୁଯାୟୀ ବନ୍ଧଡ଼ିପା ପଡ଼ା ର ପ୍ରେମଲତା ରୋହିଦାସ ତିନିଟି ପଲିଥିନ ରେ ଗୋ ମାଂସ ନେଇ ଆଜି ଅପରାହ୍ନରେ ମୁସଲିମ ପଡ଼ା ର କଲକତି ମୁଖି ଙ୍କ ଘରକୁ ଯାଇଥିଲେ। ତାଙ୍କୁ ଗାଈ ମାଂସ କିଣିବାକୁ କହିବାରୁ ସେ ଗାଈ ମାଂସ ଖାଉନଥିବା କହିଥିଲେ। ଏହାପରେ ବଜରଙ୍ଗ ଦଳ ର କର୍ମକର୍ତ୍ତା ରାଜେଶ ଦାସ, ରାଜବୀର କରସେଲ, ଆଦିତ୍ୟ ମୁଖୀ, ନୀତେଶ ଭଞ୍ଜ, ଅଭିଷେକ ସେଠୀ, ଅଙ୍ଗଦ କାନ୍ତ, ଦୁର୍ଗା ବାହିନୀ ର କାର୍ଯ୍ୟକର୍ତ୍ତା ଠାକୁରାଣୀ ନାଏକ, ଶ୍ରାବଣୀ ନାଗ ଙ୍କ ସହିତ ସ୍ଥାନୀୟ ଲୋକେ ମହିଳା ଙ୍କୁ ରାସ୍ତା ରେ ଅଟକ ରଖି ପୋଲିସ କୁ ଜଣାଇଥିଲେ। ଥାନା ଏଏସଆଇ ବିଜୟ କୁମାର କର ଘଟଣାସ୍ଥଳ କୁ ଯାଇ ମହିଳା ଙ୍କୁ ଥାନା କୁ ଆଣି ପଚରାଉଚରା କରୁଛନ୍ତି।

ପୋଲିସ, ଗ୍ରାମବାସୀ ଓ ଗଣ ମାଧ୍ୟମ ପ୍ରତିନିଧି ଙ୍କ ସମ୍ମୁଖ ରେ ସଂପୃକ୍ତ ମହିଳା ବଜାରଦାଣ୍ଡ ଠାରେ ମରି ପଡ଼ିଥିବା ଏକ ଗାଈ ର ମାଂସ ଆଣି ତାଙ୍କ ପରିଚିତ ଲୋକଙ୍କୁ ବିକ୍ରି କରୁଥିବ। କହିଥିଲେ। ଏ ସଂପର୍କ ରେ ଏଏସଆଇ ବିଜୟ କୁମାର କର ଙ୍କୁ ପଚାରିବାରୁ ସେ ଗାଈ ମାଂସ ଜବତ୍ କରି ମହିଳା ଙ୍କୁ ଅଟକ ରଖାଯାଇଥିବା ଓ ତଦନ୍ତ କରାଯାଉଥିବା କହିଛନ୍ତି।

# ସରକାରୀ ଆଇଟିଆଇରେ ନୂତନ ଅଧ୍ୟକ୍ଷ ଭାବେ ଯୋଗଦେଲେ ପ୍ରଦୀପ



ଫୁଲବାଣୀ, ୨୦।୨ (ସଂଚାର ବ୍ୟୁରୋ): ପ୍ରଦୀପ କୁମାର ସାହୁଙ୍କୁ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ ର ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିବା ସହିତ ଫୁଲବାଣୀରେ କୌଶଳ ଶିକ୍ଷା କ୍ଷେତ୍ରରେ ଏକ ନୂତନ ସୁବର୍ଣ୍ଣ ଅଧ୍ୟାୟର ଆରମ୍ଭ ହୋଇଛି। ସେ ପୂର୍ବରୁ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ, ଭବାନୀପାଟଣା ରୁ ବଦଳି ହୋଇ ଫୁଲବାଣୀରେ ଯୋଗଦାନ କରିଛନ୍ତି। ଭବାନୀପାଟଣା ଆଇ.ଟି.ଆଇ ରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ପ୍ରଶାସନିକ କ୍ଷେତ୍ରରେ ଦୃଢ଼ ଏବଂ ସାହସିକ ପଦକ୍ଷେପ ଗ୍ରହଣ କରି ସଂସ୍ଥାର ସମଗ୍ର ପରିବେଶକୁ ପରିବର୍ତ୍ତନ କରିଦେଇଥିଲେ। ପ୍ରାଙ୍ଗଣର ସୌନ୍ଦର୍ଯ୍ୟୀକରଣ, ଶୃଙ୍ଖଳାବଦ୍ଧ ପରିଚାଳନା, ହୋଷ୍ଟେଲରେ ଉଚ୍ଚମାନ ସୁବିଧା ସୁନିଶ୍ଚିତକରଣ ଓ ପ୍ରଶିକ୍ଷୁମାନଙ୍କ ପାଇଁ ସୁସଜ୍ଜିତ ପରିବେଶ ତିଆରି କରି ସେ ସମସ୍ତଙ୍କର ଆଦର ଓ ସମ୍ମାନ ଅର୍ଜନ କରିଥିଲେ। ଶ୍ରୀ ସାହୁ ଗଣ ମାଧ୍ୟମକୁ କହିଥିଲେ ଯେ, "କୌଶଳ ବିକାଶ ହେଉଛି ଦେଶର ଶିଳ୍ପ ଓ ଶିଳ୍ପାୟନର ମୂଳ ଭିତ୍ତି। ଆଇ.ଟି.ଆଇ ପ୍ରଶିକ୍ଷୁମାନେ ହେଉଛନ୍ତି 'ମେକ୍ ଇନ୍ ଇଣ୍ଡିଆ'ର ପ୍ରକୃତ ନିର୍ମାତା।" ତାଙ୍କ ଭବିଷ୍ୟତ ଲକ୍ଷ୍ୟ ହେଉଛି ଫୁଲବାଣୀ ଆଇ.ଟି.ଆଇର ପ୍ରଶିକ୍ଷୁମାନେ କେବଳ ଓଡ଼ିଶା କିମ୍ବା ଭାରତରେ ନୁହେଁ, ବରଂ ସମଗ୍ର ବିଶ୍ୱରେ ନିଜ କୌଶଳର ଛାପ ରଖିବେ। "ସ୍କିଲ୍ଡ ଇନ୍ ଓଡ଼ିଶା ଗୋ ଗ୍ଲୋବାଲ୍' ଏହାକୁ ସାକାର କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି ସେ ଉଲ୍ଲେଖ କରିଛନ୍ତି।

# ଜଳିଗଲା ଟ୍ରକ, କାରଣ ଅସ୍ପଷ୍ଟ



ଯାଜପୁର, ୨୦।୨ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ବିଜୁ ପଟ୍ଟନାୟକ ମାର୍ଗ ର ଯଖପୁରା ଗାଁ ନିକଟରେ ଏକ ଟ୍ରକ ଜଳିଯାଇଛି। ଏ ସମ୍ପର୍କରେ ଦମକଳବାହିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଟ୍ରକରେ ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ନିଆଁ ଲିଭାରେ ଭିସା କାରଖାନାର ଦମକଳ ବାହିନୀ ସହାୟତା କରିଥିଲେ। ସୂଚନା ମୁତାବକ ଆଜି ସନ୍ଧ୍ୟା ସମୟରେ ଏଭଳି ଘଟଣା ଘଟିଥିଲା। ସବୁଠୁ ଗୁରୁତ୍ୱ ପୂର୍ଣ୍ଣ କଥା ହେଉଛି, ଗତ ଏକ ବର୍ଷ ମଧ୍ୟରେ କଳିଙ୍ଗନଗର ଶିଳ୍ପାଞ୍ଚଳର ତେଲିବାହାଳୀ ଛକ। ମିଲିଟାରୀ ଛକ ନିକଟରେ ଟ୍ରକ ଏବଂ ବସ ଜଳିଯାଇଥିବା ନଜିର ରହିଛି। ତେବେ ବାରମ୍ବାର ଗାଡି ଜଳିଯିବା ପଛରେ କଣ ରହସ୍ୟ ଲୁଚି ରହିଛି ତାହା ସାଧାରଣରେ ପ୍ରଶ୍ନବାଚୀ ହୋଇଛି। ତେଣୁ ଏହା ତଦନ୍ତ ସାପେକ୍ଷ।

# ରାସ୍ତା ମରାମତି ପାଇଁ ବିଧାୟକଙ୍କୁ କୃତଜ୍ଞତା ଜଣାଇଲେ



ନିଶ୍ଚିନ୍ତକୋଇଲି, ୨୦।୨ (ସଂଚାର ବ୍ୟୁରୋ): ରାଜ୍ୟ ରାଜପଥ କଟକ ଚାନ୍ଦବାଲି ରାସ୍ତା(ପିଡ଼ବ୍ଲୁଡ଼ି) ରାସ୍ତା ଠାରୁ ନଟରା ପର୍ଯ୍ୟନ୍ତ ରାସ୍ତାର ମରାମତି କାର୍ଯ୍ୟ ଶେଷ ହୋଇଛି। ଦୀର୍ଘ ଦିନ ପୂର୍ବରୁ ଏହି ରାସ୍ତାଟି ନିର୍ମାଣ ହୋଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଶେଷ ହେବାର ୫ବର୍ଷ ଅବଧି ଯାଏଁ ଠିକା ସଂସ୍ଥା ପକ୍ଷରୁ ପ୍ରତ୍ୟେକ ବର୍ଷ ରାସ୍ତାର ମରାମତି କରିବା ପାଇଁ ଅର୍ଥର ବ୍ୟବସ୍ଥା ହୋଇଥିଲେ ମଧ୍ୟ ସଠିକ୍ ଢଙ୍ଗରେ ରାସ୍ତାର ମରାମତି କାର୍ଯ୍ୟ ନହୋଇଥିବାରୁ ଉକ୍ତ ରାସ୍ତାରେ ଗୋଡ଼ି ଉଠି ଅନେକ ସ୍ଥାନରେ ଖାଲ ଖମା ସୃଷ୍ଟି ହୋଇ ଗମନାଗମନ ଅନୁପଯୋଗୀ ହୋଇଥିଲା। ଗମନାଗମନର ସୁବିଧା ପାଇଁ ମାନ୍ୟବର ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ଶାରଦାପ୍ରସାଦ ପ୍ରଧାନ ଗ୍ରାମ୍ୟ ଉନ୍ନୟନ ବିଭାଗ ଓଡ଼ିଶା ସରକାରଙ୍କ ସହ ଯୋଗାଯୋଗ କରି ଉକ୍ତ ରାସ୍ତାର ମରାମତି କାର୍ଯ୍ୟ ପାଇଁ ଗତ ତା.୦୫.୦୨.୨୦୨୬ରିଖରେ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୧୦/୧୨ଦିନ ମଧ୍ୟରେ ଉକ୍ତ ରାସ୍ତାର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାରୁ ଏବେ ଲୋକମାନେ ସୁବିଧାରେ ଯାଆସ କରିପାରୁଛନ୍ତି। ରାସ୍ତାର ତୁରନ୍ତ ମରାମତି କାର୍ଯ୍ୟ ହୋଇଥିବାରୁ ନଟରା ଓ ରିଷୋ ଗ୍ରାମର ବହୁ ଜନସାଧାରଣ ବିଧାୟକ ଶ୍ରୀଯୁକ୍ତ ପ୍ରଧାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଶିଶୁ ସୁରକ୍ଷା ୟୁନିଟ୍ ବୁଲିଲେ ଶିଶୁ ଯତ୍ନ ଅନୁଷ୍ଠାନ ଅନ୍ତେବାସୀ



ଖୋର୍ଦ୍ଧା, ୨୦।୨ (ସଂଚାର ବ୍ୟୁରୋ): ଖୋର୍ଦ୍ଧା ଜିଲ୍ଲା ରେ ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନ ରେ ରହିଆସୁଥିବା ଶିଶୁ ମାନଙ୍କ ମଧ୍ୟରୁ ଯେଉଁ ମାନେ ଯୁକ୍ତ ଦୁଇ ଏବଂ ଯୁକ୍ତ ତିନି ରେ ଅଧ୍ୟୟନ କରୁଛନ୍ତି ତତ୍ ସହିତ ଅଣ ଆନୁଷ୍ଠାନିକ ଯତ୍ନର ସେବା ଯଥା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଓଡ଼ିଶା ସରକାରଙ୍କ ଅଧୀନରେ ଥିବା ପୃଷ୍ଟପୋଷକିୟ ସହାୟତା, ଆଶିର୍ବାଦ ଏବଂ ଗ୍ରିନ ପ୍ୟାସେଜ୍ ରୁ ସହାୟତା ପାଉଥିବା ପିଲାମାନେ ସେମାନଙ୍କର ଭବିଷ୍ୟତ ପାଇଁ ଆଜି ଜିଲ୍ଲାପାଳ ଖୋର୍ଦ୍ଧା ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଖୋର୍ଦ୍ଧା ର ଆନୁକୁଲ୍ୟରେ ଭୁବନେଶ୍ୱର ସ୍ଥିତ ଆଇ ଏଚ ଏମ ଏବଂ ଜଟଣୀ ସ୍ଥିତ ସାଇ ଏକ୍ସପର୍ଟ୍ ପରିଦର୍ଶନ କରିବା ସହିତ ବିଭିନ୍ନ ବିଭାଗ ପରିଦର୍ଶନ କରିଛନ୍ତି। ଆଇ ଏଚ ଏମ ର ଅଧ୍ୟକ୍ଷା ସାରଦା ଘୋଷ ଏହି ପିଲାମାନଙ୍କୁ ସ୍ୱାଗତ କରିବା ସହିତ ଏହି ବୟସରେ ସାଧାରଣତଃ ପିଲାମାନଙ୍କ ଦିଗହରା ହୋଇଯାଆନ୍ତି ଯାହାଫଳରେ ସେମାନେ ତାଙ୍କ ଲକ୍ଷ୍ୟରେ ପହଞ୍ଚି ପାରନ୍ତି ନାହିଁ ଏବଂ ପିତା ମାତା ଓ ସମାଜ ଉପରେ ବୋଝ ହୋଇ ରହି ଯାଆନ୍ତି। ହୋଟେଲ ମ୍ୟାନେଜମେଣ୍ଟ କୋର୍ସ କରି କିପରି ସ୍ୱାବଲମ୍ବୀ ହୋଇପାରିବ ଆଇ ଏଚ୍ ଏମ ର ପରାମର୍ଶଦାତା ଅବିନାଶ ଦାଶ ଏବଂ ପରାମର୍ଶଦାତ୍ରି ଜ୍ୟୋତିର୍ମୟୀ ପଣ୍ଡା ସଚେତନ କରାଇଥିଲେ। ଏହି ପରିଦର୍ଶନ ରେ ଅତିରିକ୍ତ ଶିଶୁ ମଙ୍ଗଳ ସମିତି ର ଅଧ୍ୟକ୍ଷା ବାଗ୍ମୀଶ୍ରୀ ଦାଶ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଖୋର୍ଦ୍ଧା ର ସାମାଜିକ କର୍ମୀ ରଞ୍ଜନ କୁମାର ଗୋଛାୟତ, ପରାମର୍ଶଦାତ୍ରୀ ମନସ୍ୱିନୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାର ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଢେଙ୍କାନାଳ, ୨୦।୨ (ସଂଚାର ବ୍ୟୁରୋ): ଜିଲ୍ଲା ପରିଷଦ ସମ୍ମିଳନୀ ସଭାଗୃହରେ ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାର ସ୍ଥାୟୀ ବିକାଶ ଲକ୍ଷ୍ୟର ସଫଳ ରୂପାୟନ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସାମଗ୍ରିକ ବିକାଶ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ୧୭ଟି ଦିଗ ଉପରେ ସଫଳତା ପାଇଁ ବିଭାଗୀୟ ଅଧିକାରୀ, ନିର୍ବାଚିତ ଲୋକପ୍ରତିନିଧି ଓ ଲୋକଙ୍କ ସହଯୋଗ ପାଇଁ ଆହ୍ୱାନ ଦେଇଥିଲେ। ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ରାଜବଲ୍ଲଭ କର ପ୍ରାରମ୍ଭରେ ଲୋକଙ୍କ କଲ୍ୟାଣପାଇଁ ୧୭ଟି ଯୋଜନା ମଧ୍ୟରୁ ବିଶ୍ୱର ବିଭିନ୍ନ ଦେଶ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା କହିଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରଫେସର ସତ୍ୟଜିତ ଆର୍ଯ୍ୟ ବିଶେଷଜ୍ଞଭାବେ ଯୋଗଦେଇ ୨୦୩୦ ସୁଦ୍ଧା ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରିଥିଲେ। ଯୋଜନା ଓ ପର୍ଯ୍ୟବେକ୍ଷଣର ସହକାରୀ ନିର୍ଦ୍ଦେଶକ ମନୋଜ କୁମାର ନାୟକ ଏହି ୧୭ଟି ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟସଭ୍ୟା, ସମସ୍ତ ବିଡିଓ, ତହସିଲଦାର, ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ।

# ଖଜୁରୀପଡ଼ାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କଲେ ଜିଲ୍ଲାପାଳ



ଫୁଲବାଣୀ, ୨୦।୨ (ସଂଚାର ବ୍ୟୁରୋ): ଗୁରୁବାର ଦିନ କନ୍ଧମାଳ ଜିଲ୍ଲାର ଜିଲ୍ଲାପାଳ ଶ୍ରୀ ବେଦଭୂଷଣ ଖଜୁରୀପଡ଼ା ବ୍ଲକ ଗସ୍ତ କରିଥିଲେ। ଖଜୁରୀପଡ଼ା ବ୍ଲକ ଅଞ୍ଚଳରେ ହୋଇଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ତଦାରଖ କରିଥିଲେ।କେତେକ କାର୍ଯ୍ୟ ଦେଖି ଜିଲ୍ଲାପାଳ ଖୁସି ହୋଇଥିବା କେତେକ କାର୍ଯ୍ୟ ଦେଖି ବିରକ୍ତି ହୋଇଛନ୍ତି।ମିଳିଥିବା ସୂଚନା ଅନୁଯାୟୀ ଖଜୁରୀପଡ଼ାରେ ନିର୍ମାଣ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଶିଶୁ ଉଦ୍ୟାନ, ମାର୍କେଟ କମ୍ପ୍ଲେକ୍ସ ଘର, ହନୁମାନ ମନ୍ଦିର ଭୋଗ ମଣ୍ଡପ, ସୋମନାଥ ମନ୍ଦିର ସମ୍ପ୍ରେପଦର୍, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାଇଖୋଲ, ଜୈବ ସାଧନା କେନ୍ଦ୍ର ସିଦୀଙ୍ଗୀ, ୩୦ ରୁ ଅଧିକ ମଡୁଲ୍ ଛେଳି ଗୃହ ସିଦିଙ୍ଗି, ଦୃତି ପଡା ୟୁ. ପି ସ୍କୁଲ ଏବଂ ସାକାଡ଼ି ୟୁ. ପି ସ୍କୁଲ ସୁଡୁଲି ଖମାର କଂକ୍ରିଟ ଫିଲ୍ଡ ଚେନାଲ, ୟୁ. ପି ସ୍କୁଲ ମୂଳ ଗୁଦାରିର କାର୍ଯ୍ୟ ତଦାରଖ କରିଥିଲେ। ଛାତ୍ର ଛାତ୍ରୀ ମାନଙ୍କୁ ସ୍କୁଲରେ ପାଠ ପଢେଇଲେ ସେହିପରି କଲ୍ୟାଣ ମଣ୍ଡପ ଖଜୁରୀପଡ଼ାର କାମ ଦେଖିବା ବେଳେ ବିରକ୍ତି ହୋଇ ଫେରିଥିବା ସୂଚନା ମିଳିଛି।

# ଗୋ-ହତ୍ୟା ଅଭିଯୋଗକୁ ନେଇ ଉତ୍ତେଜନା, ମାଂସ ଧରି ଥାନା ସମ୍ମୁଖରେ ଧାରଣା



ବିଷମକଟକ, ୨୦।୨ (ସଂଚାର ବ୍ୟୁରୋ): ରାୟଗଡ଼ା ଜିଲା ବିଷମ କଟକ ଥାନା ଅଞ୍ଚଳରେ ଗୋ-ହତ୍ୟା ଅଭିଯୋଗକୁ କେନ୍ଦ୍ର କରି ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ଦୁର୍ଗୀ ଅଞ୍ଚଳରେ ଗୋ-ମାଂସ ଚାଲାଣ ହେଉଥିବା ଖବର ପାଇ ଗୋ-ସୁରକ୍ଷା ସମିତିର ସଦସ୍ୟମାନେ ଚଢ଼ାଉ କରିବା ସହ ଥାନା ସମ୍ମୁଖରେ ଦୀର୍ଘ ସମୟ ଧରି ଧାରଣାରେ ବସିଛନ୍ତି। ସୂଚନାନୁଯାୟୀ, ବିଷମ କଟକ ଥାନା ଅନ୍ତର୍ଗତ ଦୁର୍ଗୀ ସଦର ପଞ୍ଚାୟତ ଶୁଣ୍ଡି ମଶାଣି ନିକଟରେ ଗୁରୁବାର ସକାଳେ ଗୋଟିଏ ଗାଈକୁ ହତ୍ୟା କରାଯାଇ ତାର ମାଂସକୁ ଗୁଣପୁର, ରାୟଗଡ଼ା ଓ ମୁନିଗୁଡ଼ା ଅଞ୍ଚଳକୁ ବିକ୍ରି ପାଇଁ ପଠାଯାଉଥିଲା। ଏହି ସମୟରେ ଗୋ-ସୁରକ୍ଷା ସମିତି ଓ ଭାଜପା ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ମାଂସ ଜବତ କରିବା ସହ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ପୋଲିସର କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ଅଭିଯୋଗ କରି ସେମାନେ ଜବତ ମାଂସକୁ ଥାନା ସମ୍ମୁଖରେ ରଖି ପ୍ରାୟ ୫ ଘଣ୍ଟା ଧରି ଧାରଣା ଦେଇଛନ୍ତି। ଯେପର୍ଯ୍ୟନ୍ତ ସେମାନଙ୍କୁ ଗିରଫ କରାଯାଇନାହିଁ ସେ ଯାଏ ଧାରଣାରୁ ଉଠିବେ ନାହିଁ ବୋଲି ଅଡ଼ି ବସିଛନ୍ତି।

# ୬ ବର୍ଷ ବିତିଲା, ମେସ୍କୋ ଷ୍ଟିଲ୍‌ରୁ ହଟୁନି ତାଲା

## ଜୀବିକା ହରାଇ ଆର୍ଥିକ ଅନଟନରେ ବିସ୍ଥାପିତ, ଶ୍ରମିକ ଓ କର୍ମଚାରୀ




ଯାଜପୁର, ୨୦।୨ (ସଂଚାର ବ୍ୟୁରୋ): ଆଜକୁ ଠିକ ୬ ବର୍ଷ ହେଲା ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ମେସ୍କୋ ଷ୍ଟିଲରେ ତାଲା ଝୁଲୁଛି। ସେହିଦିନ ଠାରୁ ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଶ୍ରମିକ - କର୍ମଚାରୀଙ୍କୁ ଦରମା ମିଳୁନି। ଫଳରେ କାରଖାନାର ଶ୍ରମିକ - କର୍ମଚାରୀ ମାନେ ଜୀବିକା ହରାଇ ଆର୍ଥିକ - ଅନଟନରେ ଗତି କରୁଛନ୍ତି। ମେସ୍କୋ ଖୋଲିବାକୁ ବହୁବାର ଶ୍ରମିକ - କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି, ହେଲେ ଫଳ ଶୁନ। କାରଣ ପ୍ରଶାସନ ଠାରୁ ମିଳିଛି କେବଳ ମିଥ୍ୟା ପ୍ରତିଶ୍ରୁତି। ଏପରିକି ଗତ୨୦୨୬ ସାଧାରଣତନ୍ତ୍ର ଦିବସକୁ ଶ୍ରମିକ - କର୍ମଚାରୀମାନେ କଳା ଦିବସ ଭାବେ ପାଳନ କରିଥିବା ନଜିର ରହିଛି। ୨୦୨୪ ଜୁନ ମାସରେ ବିଜେପି ସରକାର ଆସିବା ପରେ ମୁଖ୍ୟ ମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଟରେ ମଧ୍ୟ ଶ୍ରମିକ ୟୁନିଅନ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଆଶା କରାଯାଉଥିଲା ଖୁବ ଶିଘ୍ର ମେସ୍କୋ ଚାଲିବ, କିନ୍ତୁ ସେ ଆଶା ଶ୍ରମିକ - କର୍ମଚାରୀଙ୍କ ନିରାଶରେ ପରିଣତ ହୋଇଛି। ଏଥିନେଇ ଶ୍ରମିକ - କର୍ମଚାରୀଙ୍କ ଜୀବନ ଜୀବିକା ପ୍ରଭାବିତ ହେବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ହୋଇଛି। ଉଲ୍ଲେଖ ଯୋଗ୍ୟ ଯେ, ଯାଜପୁର ଜିଲାରେ ମେସ୍କୋ ଗ୍ରୁପର ମିଡ-ଇଷ୍ଟ ଇଂଟିଗ୍ରେଟେଡ ଷ୍ଟିଲ ଲିଃ. ପ୍ରଥମ ଇସ୍ପାତ କାରଖାନା। ୧୯୯୩ ମସିହାରେ ଏହିଁ କାରଖାନା କଳିଙ୍ଗନଗରରେ ପାଦ ଥାପିଥିଲା। ଏଥିପାଇଁ ସୁକିନ୍ଦା ଏବଂ ଦାନଗଦୀ ବ୍ଲକ ଅନ୍ତର୍ଗତ ସିଆରିଆ, ଖୁରୁଣ୍ଟି ଓ ମାନଗୋବିନ୍ଦପୁର ଗ୍ରାମର ୧୫୨ ରୁ ଉର୍ଦ୍ଧ୍ୱ ପରିବାର ବାସଚ୍ୟୁତ ହୋଇ ନିଜ ଘରବାରୀ ହରାଇଥିଲେ। ଏହିଁ କାରଖାନା ପାଇଁ ରାଜ୍ୟ ସରକାରଙ୍କ ଇଡ଼କୋ ସଂସ୍ଥା ଦ୍ୱାରା ୬୫୦ ଏକର ଜମି ଅଧିଗ୍ରହଣ କରାଯାଇଥିଲା।

# ବୃତ୍ତି ପରୀକ୍ଷାରେ ସ୍କୁଲର କୃତିତ୍ୱ



ଫୁଲବାଣୀ, ୨୦।୨ (ସଂଚାର ବ୍ୟୁରୋ): ଚଳିତ ବର୍ଷ ୨୦୨୫-୨୬ ଶିକ୍ଷାବର୍ଷର ବୃତ୍ତି ପରୀକ୍ଷାରେ କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ପାଟ୍ଟଖଣ୍ଡା ପବ୍ଲିକ ସ୍କୁଲର ପଞ୍ଚମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ସୁଲଗ୍ନା ପଣ୍ଡା ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ତୃତୀୟ ଶ୍ରେଣୀର ଛାତ୍ର ଶ୍ରୀବର୍ଦ୍ଧନ ମଲ୍ଲିକ ଷଷ୍ଠ ସ୍ଥାନ ଅଧିକାର କରି କୃତିତ୍ୱ ଅର୍ଜନ କରିଛନ୍ତି। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରେରଣା ଓ ଅଭିଭାବକଙ୍କ ଆଶ୍ରିବାଦ ହିଁ ଶ୍ରେୟ ଅଟେ ଦୁହେଁ ନିଜ ମତ ପ୍ରକାଶ କରିଛନ୍ତି। ଏହି ଦୁହିଁଙ୍କର ଉଜ୍ଜଳ ଭବିଷ୍ୟତ କାମନା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ମହାପାତ୍ର ମାଁ ପାଟ୍ଟଖଣ୍ଡାଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।













୧) ବଜେଟ୍ ଉପସ୍ଥାପନ ପାଇଁ ଯିବା ପୂର୍ବରୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦହି ଚିନି ଖୁଆଇ ଦେଉଛନ୍ତି। ୨) ବାଚସ୍ପତି ସୁରମା ପାଢ଼ୀଙ୍କୁ ବଜେଟ୍ ବାକ୍ସ ଦେଉଛନ୍ତି ମୁଖ୍ୟମନ୍ତ୍ରୀ। ୩)ଗୃହରେ ମୁଖ୍ୟମନ୍ତ୍ରୀଙ୍କ ବଜେଟ୍ ଅଭିଭାଷଣ। ୪) ସାମ୍ବାଦିକ ସମ୍ମିଳନୀରେ ବଜେଟ୍ ସମ୍ପର୍କରେ ସୂଚନା ଦେଉଛନ୍ତି ମୁଖ୍ୟମନ୍ତ୍ରୀ, ପାଖରେ ଅଛନ୍ତି ଦୁଇ ଉପମୁଖ୍ୟମନ୍ତ୍ରୀ

## ରାସ୍ତାରେ ପଡ଼ିଛି ନବଜାତ ଶିଶୁର ମୃତଦେହ

**ରାୟଗଡ଼ା, ୨୦।୨ (ସଂଚାର ବ୍ୟୁରୋ) :** ରାୟଗଡ଼ାରେ ପୁଣି ଦେଖିବାକୁ ମିଳିଛି ଏକ ହୃଦୟ ବିଦାରକ ଦୃଶ୍ୟ। ସହରର ଗୋଦାବରୀଶ ନଗର ତଥା ରାୟଗଡ଼ା କଲେଜ ପଛ ପାର୍ଶ୍ୱ ରାସ୍ତାରେ ଏକ ନବଜାତକର ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି। ଶିଶୁ ଜନ୍ମ ହେବା ପରେ କେହି ମୃତଶିଶୁକୁ ସେଠାରେ ଛାଡ଼ି ଚାଲିଯାଇଥିବା କିଛି ଲୋକ କହୁଥିବାବେଳେ ଆଉ କିଛି ଲୋକ ଅନ୍ୟ କିଛି ଚର୍ଚ୍ଚା କରୁଛନ୍ତି। ତେବେ ସକାଳୁ ସ୍ଥାନୀୟ ଲୋକେ ଏହା ଦେଖି ପୋଲିସକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ରାୟଗଡ଼ା ଟାଉନ ଥାନା ପୋଲିସ ପହଞ୍ଚି ମୃତ ଶିଶୁପୁତ୍ରକୁ ଉଦ୍ଧାର କରିବା ସହିତ ଘଟଣାର ତଦନ୍ତ କରୁଛି। କିଏ କାହିଁକି ଏଭଳି କରିଛି ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ କହିଛି।

## ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର

**ବ୍ରଜରାଜନଗର, ୨୦।୨ (ସଂଚାର ବ୍ୟୁରୋ) :** ଝାରସୁଗୁଡ଼ା ଜିଲା ଓରିଏଣ୍ଟ ଥାନା ଅନ୍ତର୍ଗତ ସାନଯୋବ ହନୁମାନ ମନ୍ଦିରପଡ଼ାରେ ରହୁଥିବା ଜଣେ ମହିଳାଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଗୋବିନ୍ଦ ଭୋଇ(୬୧)ଙ୍କ ସ୍ତ୍ରୀ ରୁକ୍ମିଣୀ ଭୋଇ(୫୫)। ଖବର ପାଇ ବ୍ରଜରାଜନଗର ଏସ୍‌ଡ଼ିପିଓ ଚିନ୍ତାମଣି ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଉକ୍ତ ପଡ଼ାର ଗୋବିନ୍ଦ ଏବଂ ତାଙ୍କ ସ୍ତ୍ରୀ ରୁକ୍ମିଣୀ ଉକ୍ତ ଘରେ ରହୁଥିଲେ। ହେଲେ ୪ଦିନ ହେଲା ଘର ଭିତର ପଟୁ କବାଟ ବନ୍ଦ ରହିଥିଲା । ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ରୁକ୍ମିଣୀଙ୍କ ଭଉଣୀ ଆସି ବାହାରପଟୁ କବାଟ ବାଡେଇଥିଲେ। ଗୋବିନ୍ଦ ଭିତର ପଟୁ ଆସି କବାଟ ଖୋଲିଥିଲେ। ସେ ଘରକୁ ଯାଇ ଦେଖିଲା ବେଳକୁ ଭଉଣୀର ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚିବା ଦେଖି ଗୋବିନ୍ଦ ଚେତାଶୂନ୍ୟ ହୋଇ ପଡିଥିଲେ। ପୋଲିସ ତୁରନ୍ତ ଗୋବିନ୍ଦଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ପଠାଇଥିଲା। ଅନ୍ୟପକ୍ଷେ ରୁକ୍ମିଣୀଙ୍କ ୩ ଦିନ ତଳେ ମୃତ୍ୟୁ ଘଟିଥିବା ପୋଲିସ ପକ୍ଷରୁ ଅନୁମାନ କରାଯାଉଛି। ପୋଲିସ ମୃତଦେହ ଜବତ କରିଛି। ଅନ୍ୟପକ୍ଷେ ମହିଳାଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି। ପୋଲିସ ଘଟଣାର ସଠିକ ତଦନ୍ତ କରି ରହସ୍ୟ ଉନ୍ମୋଚନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସୂଚନା ଯୋଗ୍ୟ, ଗୋବିନ୍ଦ ଜଣେ ଅବସର ପ୍ରାପ୍ତ ଏମ୍‌ସିଏଲ କର୍ମଚାରୀ।

## ଯୁବକଙ୍କୁ ବୀଭତ୍ସ ହତ୍ୟା

**ଛତ୍ରପୁର, ୨୦।୨ (ସଂଚାର ବ୍ୟୁରୋ) :** ଯୁବକଙ୍କୁ ବୀଭତ୍ସ ହତ୍ୟା!। ଗଞ୍ଜାମ ଜିଲ୍ଲା ଛତ୍ରପୁର ରିକାପଲ୍ଲୀ ଗେଟ ପାଖରେ ପଡିଛି ପଡିଛି ମୃତଦେହ । ମୃତ ଯୁବକ ଛତ୍ରପୁର ଥାନା ଅଧୀନ ଅରୁଗୁଣୀ ଗାଁର ଆର. ରାଜା ରାଓ । ଗତକାଲି ରାତିରେ ହତ୍ୟା କରାଯାଇଥିବା ସୂଚନା ମିଳିଛି। ଆଜି ସକାଳୁ ଚିକେନ ଦୋକାନ ପଛପଟେ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ଛତ୍ରପୁର ପୋଲିସକୁ ଖବର ଦେଇଥିଲେ । ଛତ୍ରପୁର ଏସଡ଼ିପିଓ ଓ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ କରୁଛନ୍ତି। ସାଇଣ୍ଟିଫିକ ଟିମ୍ ମଧ୍ୟ ତଦନ୍ତରେ ସହଯୋଗ କରୁଛି । ତେବେ କିଏ ଓ କାହିଁକି ହତ୍ୟା କଲା କାରଣ ଅସ୍ପଷ୍ଟ ରହିଛି ।

● ଜଗତପୁର ବାଣ ବିସ୍ଫୋରଣ ଘଟଣା

## ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି



**କଟକ, ୨୦।୨ (ସଂଚାର ବ୍ୟୁରୋ) :** କଟକ ଜଗତପୁର ପାଗାରେ ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି । ଏସ୍‌ସିବିରେ ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କର ମୃତ୍ୟୁ ହୋଇଛି । ଗତକାଲି ବିସ୍ଫୋରଣରେ ମାଆ ଓ କୁନି ଝିଅର ମୃତ୍ୟୁ ହୋଇଥିଲା। ଘରେ ବାଣ ଭିଡ଼ିବା ବେଳେ ଘଟିଥିଲା ବିସ୍ଫୋରଣ । ବିସ୍ଫୋରଣ ସମୟରେ ଘରେ କେହି ପୁରୁଷ ସଦସ୍ୟ ନଥିଲେ । ଜାନୁୟାରୀ ୨୬ରେ ଭୁବନେଶ୍ୱର ସୁନ୍ଦରପଦାରେ ବୋମା ଫୁଟିବା ଘଟଣାକୁ ପ୍ରଥମ ବାଣ ବିସ୍ଫୋରଣ କୁହାଯାଉଥିଲା । ପରେ ଏନ୍‌ଆଇଏ ଏହି ଘଟଣାର ତଦନ୍ତ ଭାର ହାତକୁ ନେଇଥିଲା । ଏବେ ଏନ୍‌ଆଇଏ ନଜରରେ ରହିଛି ପାଗା ବିସ୍ଫୋରଣ । ଭୁବନେଶ୍ୱର ସୁନ୍ଦରପଦା ବ୍ଲାଷ୍ଟ ଘଟଣାରେ ଟ୍ରାଇନାଇଟ୍ରୋ ଟ୍ରିଆଜିନ ନାମକ ରସାୟନ ଘଟଣାସ୍ଥଳରୁ ପାଇଥିଲା ତଦନ୍ତକାରୀ ଟିମ୍ । ଯାହା ବଡ ଧରଣର ବିସ୍ଫୋରଣ ଘଟାଇବା ପାଇଁ ବ୍ୟବହାର କରାଯାଏ ।

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି




**କୋରାପୁଟ, ୨୦।୨ (ସଂଚାର ବ୍ୟୁରୋ) :** କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସୁନାବେଡ଼ାଠାରେ ଶୁକ୍ରବାର ସକାଳେ ଛାତ୍ର ଅଶାନ୍ତି ଦେଖିବାକୁ ମିଳିଛି। କୋରାପୁଟ ଜିଲାର ସୁନାବେଡ଼ାଠାରେ ଥିବା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ୍‌ରେ ତାଲା ଠୁଙ୍କିଛନ୍ତି ଛାତ୍ରୀଛାତ୍ର। ମେଧାବୃତ୍ତି ନ ମିଳିବା ଓ ବିଭିନ୍ନ ବିଭାଗର ପରୀକ୍ଷାଫଳ ୨ ବର୍ଷ ହେବ ପ୍ରକାଶିତ ନ ହେବା, ହଷ୍ଟେଲ ସମସ୍ୟା ପ୍ରଫେସର ଅଭାବ ଏବଂ ଦୁର୍ବଳ ଭିତ୍ତିଭୂମିକୁ ନେଇ ତାତିଛନ୍ତି ଛାତ୍ରୀଛାତ୍ର। ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଧାରଣାରେ ବସିବେ ବୋଲି ଛାତ୍ରନେତାମାନେ ପ୍ରକାଶ କରିଛନ୍ତି।

## ୪୮ ଘଣ୍ଟାରେ ସୃଷ୍ଟି ହେବ ଲଘୁଚାପ କ୍ଷେତ୍ର!

### ୨୩ରୁ ବିଜୁଳି ଓ ଘଡ଼ଘଡ଼ି



**ଭୁବନେଶ୍ୱର, ୨୦।୨ (ସଂଚାର ବ୍ୟୁରୋ):** ଆସନ୍ତା ୪୮ ଘଣ୍ଟା ମଧ୍ୟରେ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ବିଷୁବୀୟ ଭାରତ ମହାସାଗର ଓ ସଲଂଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ନେଇ ଆଜି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୪୮ ଘଣ୍ଟାରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେହେଲ ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରିପାରେ। ଏହାର ପ୍ରଭାବରେ ଆସନ୍ତା ୨୩ ତାରିଖରୁ ରାଜ୍ୟରେ ବିଜୁଳି ଓ ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି। ଉକ୍ତ ଜିଲ୍ଲାଗୁଡ଼ିକ ହେଲା ମାଲକାନାଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ପୁରୀ, କଟକ, ଖୋର୍ଦ୍ଧା, ବାଲେଶ୍ୱର, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ମୟୂରଭଞ୍ଜ ଓ କେଉଁଝର। ସେହିପରି ଆସନ୍ତା ୨୪ ତାରିଖ ପାଇଁ ଖୋର୍ଦ୍ଧା, କଟକ ଓ ମୟୂରଭଞ୍ଜରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପାଇଁ ଆଲର୍ଟ କରାଯାଇଛି। ଏବେ ବିଭିନ୍ନ ଜିଲ୍ଲାରେ ପାଗ ଶୁଖିଲା ରହିଥିବା ବେଳେ ରାତି ସମୟରେ ତାପମାତ୍ରା ପ୍ରାୟ ୨ରୁ ୩ ଡିଗ୍ରୀ ସେଲସିୟସ୍ ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି।

ପ୍ରେସ କଲୋନୀ ହତ୍ୟାକାଣ୍ଡର ପର୍ଦ୍ଦାଫାସ

## ମୁଖ୍ୟ ଅଭିଯୁକ୍ତ ସମେତ ୫ ଗିରଫ



ଥଟ୍ଟାମଜାରୁ ଯୁକ୍ତିତର୍କ ଓ ଶେଷରେ ଗୁଳିକାଣ୍ଡ

**କଟକ, ୨୦।୨ (ସଂଚାର ବ୍ୟୁରୋ):** ଗତ ବୁଧବାର କଟକ ପ୍ରେସ କଲୋନୀରେ ଜନୈକ ଯୁବକଙ୍କୁ ଗୁଳି କରି ହତ୍ୟା କରାଯାଇଥିବା ବେଳେ ଆଜି ଏହା ଉପରୁ ପରଦା ହଟିଛି। ମୁଖ୍ୟ ଅଭିଯୁକ୍ତ ସମେତ ମୋଟ ୫ ଜଣଙ୍କୁ ଗିରଫ କରିଥିବା ବେଳେ ସେମାନେ ପୁଲିସ୍ ଆଗରେ ବଖାଣିଛନ୍ତି ହତ୍ୟାକାଣ୍ଡର ରହସ୍ୟ। ତେବେ ସେମାନଙ୍କ ବୟାନରୁ ଯାହା ସାମ୍ନାକୁ ଆସିଛି, ତା' ବେଶ୍ ସାଙ୍ଘାତିକ। କାରଣ ସାମାନ୍ୟ ଥଟ୍ଟାମଜାରୁ ଯୁକ୍ତିତର୍କ ଓ ପରେ ସୌମ୍ୟରଞ୍ଜନ ଜେନା ଓରଫ୍ ରିଙ୍କୁଙ୍କୁ ଗୁଳି କରାଯାଇଥିଲା। ଉତ୍କଳ କେଶରୀ ପଶାୟତ୍ ଓରଫ୍ ନାଣ୍ଟୁ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ। ସେ ରିଙ୍କୁ ଉପରକୁ ଗୁଳି ଚଳାଇଥିବା ବେଳେ ଉକ୍ତ ବନ୍ଧୁକଟି ଅଭିଜିତ ମହାନ୍ତି ଓରଫ୍ ନାଣ୍ଟୁର ବୋଲି ଜଣାପଡ଼ିଛି। ଏହି ହତ୍ୟାକାଣ୍ଡର ତଦନ୍ତ ପାଇଁ ସ୍ଥାନୀୟ ପୁଲିସ୍ ପକ୍ଷରୁ ଏକାଧିକ ଟିମ୍ ଗଠନ କରାଯାଇଥିଲା।

ସୂଚନାନୁଯାୟୀ, ଗତ ୧୮ ତାରିଖରେ ଭୋଜିରେ ୬ ଜଣ ସାଙ୍ଗ ଏକାଠି ହୋଇଥିଲେ। ସେମାନେ ମଦ୍ୟପାନ କରିବା ପରେ ପୂରା ନିଶାରେ ଚୂର୍ ଥିଲେ। ଏହି ସମୟରେ ସେମାନଙ୍କ ମଧ୍ୟରେ କୌଣସି କଥାକୁ ନେଇ ପ୍ରଥମେ ଥଟ୍ଟାମଜା ଓ ପରେ ଯୁକ୍ତିତର୍କ ହୋଇଥିଲା। ଗୁଳିମାଡ଼ ପରେ ଅନ୍ୟ ଅଭିଯୁକ୍ତମାନେ ତୁରନ୍ତ ରିଙ୍କୁଙ୍କୁ ହସ୍ପିଟାଲ ନେଇ ନ ଥିଲେ। ପରେ ନାଣ୍ଟୁ ଓ ଓମ ରିଙ୍କୁଙ୍କୁ ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଗିରଫ ୫ଜଣ ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ବିଭିନ୍ନ ଥାନାରେ ଅପରାଧିକ ମାମଲା ରହିଛି। ଗିରଫ ସମୟରେ ପୁଲିସ୍ ସେମାନଙ୍କ ନିକଟରୁ ୨ଟି ସ୍କୁଟି, କାର ଓ କେତେକ ମୋବାଇଲ ଜବତ୍ କରାଯାଇଛି।

ଭାରତ-ସ୍ପେନ୍ ଉଚ୍ଚ ଶିକ୍ଷା ସମ୍ମିଳନୀ ଉଦ୍‌ଯାପନୀରେ କେନ୍ଦ୍ର ମନ୍ତ୍ରୀ

## ସୁଦୃଢ଼ ହେବ ଦ୍ୱିପାକ୍ଷିକ ଏକାଡେମିକ ଓ ଗବେଷଣା ସହଯୋଗ



**ନୂଆଦିଲ୍ଲୀ, ୨୦।୨ (ସଂଚାର ବ୍ୟୁରୋ):** ନୂଆଦିଲ୍ଲୀରେ ଆୟୋଜିତ ଦୁଇଦିନିଆ 'ଭାରତ-ସ୍ପେନ୍ ଉଚ୍ଚଶିକ୍ଷା ସମ୍ମିଳନୀ' ଆଜି ଉଦ୍‌ଯାପିତ ହୋଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିଭାଷଣ ଦେଇଥିବା ବେଳେ ଭାରତରେ ଅବସ୍ଥିତ ସ୍ପେନ୍ ଦୂତାବାସ ସହଯୋଗରେ ଗତକାଲିଠାରୁ ଆରମ୍ଭ ହୋଇଥିବା ବେଳେ ଏହା 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଟ-୨୦୨୬' ସହ ସମାନ୍ତରାଳ ଭାବେ ଅନୁଷ୍ଠିତ ହୋଇଥିଲା।

ଶ୍ରୀ ପ୍ରଧାନ କହିଛନ୍ତି ଯେ ୨୦୨୬ ବର୍ଷଟି 'ସ୍ପେନ୍-ଭାରତ ଦ୍ୱୈତ ବର୍ଷ' ଭାବେ ପାଳନ କରାଯାଉଛି, ଯାହା ଦୁଇ ଦେଶର ୭୦ ବର୍ଷର କୂଟନୈତିକ ସମ୍ପର୍କକୁ ଦର୍ଶାଉଛି। ଶିକ୍ଷା, ଗବେଷଣା ଏବଂ ଯୁବ ବିନିମୟ କାର୍ଯ୍ୟକ୍ରମ ଏହି ସମ୍ପର୍କର ମୂଳଦୁଆ। ଜାତୀୟ ଶିକ୍ଷା ନୀତି - ୨୦୨୦ ମାଧ୍ୟମରେ ଭାରତ ବିଶ୍ୱସ୍ତରୀୟ ଶୈକ୍ଷିକ ସହଯୋଗ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ସେ ପ୍ରକାଶ କରିବା ସହ ସ୍ପେନର ବିଶ୍ୱବିଦ୍ୟାଳୟଗୁଡ଼ିକୁ ଭାରତରେ କ୍ୟାମ୍ପସ ଖୋଲିବା ପାଇଁ ନିମନ୍ତ୍ରଣ କରିଛନ୍ତି। ସେ କହିଛନ୍ତି ଯେ ଏଆଇ କେବେ ହେଲେ ମାନବିକ ନିଷ୍ପତ୍ତି ବା ସୃଜନଶୀଳତାର ବିକଳ୍ପ ହେବା ଉଚିତ ନୁହେଁ, ବରଂ ଏହାକୁ ଅଧିକ ଶକ୍ତିଶାଳୀ କରିବା ଆବଶ୍ୟକ। ଭାରତ ଓ ସ୍ପେନ୍ ଦାୟିତ୍ୱବାନ ନବସୃଜନ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରତିବଦ୍ଧ। ଏହି ସମ୍ମିଳନୀ କେବଳ ଆଲୋଚନା ମଧ୍ୟରେ ସୀମିତ ନ ରହି କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ସମ୍ମିଳନୀରେ ସ୍ପେନର ୩୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟର ବରିଷ୍ଠ ଶୈକ୍ଷିକ ନେତୃତ୍ୱ ଓ ଭାରତର ପ୍ରାୟ ୭୦ଟି ଉଚ୍ଚଶିକ୍ଷା ଅନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ଯୁଗ୍ମ ଗବେଷଣା, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଗତିଶୀଳତା ଓ ଷ୍ଟାର୍ଟଅପ୍ ସହଯୋଗ ଉପରେ ଏଥିରେ ବିସ୍ତୃତ ଆଲୋଚନା ହୋଇଥିଲା।

## ଇଟାଭାଟି ମାଲିକ କବଳରୁ ୯ ଶିଶୁ ଶ୍ରମିକ ସମେତ ୧୪ ଶ୍ରମିକ ଉଦ୍ଧାର



**ଯାଜପୁର, ୨୦।୨ (ସଂଚାର ବ୍ୟୁରୋ) :** ଉଦ୍ଧାର ହେଲେ ୧୪ ଜଣ ଶ୍ରମିକ। ଯାଜପୁର ଜିଲ୍ଲା କୋରେଇ ଥାନା ବେଣାପୁର ଛକ ନିକଟରେ ଥିବା ଏକ ଇଟା ଫ୍ୟାକ୍ଟ୍ରିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ଏଠାରେ ବନ୍ଧକ ରହିଥିବା ୯ ଶିଶୁ ଶ୍ରମିକଙ୍କ ସମେତ ମୋଟ ୧୪ ଜଣଙ୍କୁ ଉଦ୍ଧାର କରାଯାଇଛି। ଇଣ୍ଟରନ୍ୟାସନାଲ ଜଷ୍ଟିସ ମିଶନ୍ ସଦସ୍ୟଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଚଢ଼ାଉ କରାଯାଇଥିଲା। ମିଳିଥିବା ସୂଚନାନୁସାରେ, ବେଣାପୁର ଛକ ନିକଟରେ ଥିବା ଜଗନ୍ନାଥ ଫ୍ଲାଏ ଆଶ୍ ବ୍ରିକ୍ସ ନାମକ ଇଟା ଫ୍ୟାକ୍ଟ୍ରିରେ କିଛି ଶ୍ରମିକଙ୍କୁ ବନ୍ଧକ ରଖାଯାଇଥିବା ନେଇ ଜିଲ୍ଲାପାଳ ଓ ଶ୍ରମ ଆୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବ୍ୟାସନଗର ତହସିଲଦାର, ଶ୍ରମ ବିଭାଗ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଚାଇଲ୍ଡ ହେଲ୍ପଲାଇନର ସଦସ୍ୟ, ପୁଲିସ ଓ ମିଶନର ସଦସ୍ୟଙ୍କୁ ନେଇ ଗଠିତ ଏକ ଟିମ୍ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଥିଲା। ଉଦ୍ଧାର ହୋଇଥିବା ୯ ଶିଶୁ ଶ୍ରମିକଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ କମିଟିରେ ହାଜର କରାଯିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁହାଯାଇଛି।

## ହୋଟେଲ୍‌ରୁ ଯୁବକଙ୍କ ମୃତଦେହ ଉଦ୍ଧାର

### ଲିଭ୍ ଇନ୍‌ରେ ରହୁଥିଲେ, ପ୍ରେମିକା ଫେରାର୍



**ଭୁବନେଶ୍ୱର, ୨୦।୨ (ସଂଚାର ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱରର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପୋଖରୀପୁଟ ଅଞ୍ଚଳରୁ ଏକ ଚାଞ୍ଚଲ୍ୟକର ଖବର ସାମ୍ନାକୁ ଆସିଛି। ଏକ ହୋଟେଲ୍ ମଧ୍ୟରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଯୁବକଙ୍କ ମୃତ୍ୟୁ ପରେ ତାଙ୍କ ପ୍ରେମିକା ଏବେ ଫେରାର୍ ଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ମୃତ ଯୁବକ ପୁରୁଣା ଭୁବନେଶ୍ୱର ଅଞ୍ଚଳର। ସେ ଉକ୍ତ ଯୁବତୀଙ୍କ ସହ ଦୀର୍ଘ ୬ ମାସ ହେବ 'ଲିଭ୍-ଇନ୍ ରିଲେସନସିପ୍'ରେ ରହୁଥିଲେ। ବିଳମ୍ବିତ ରାତିରେ ପୋଖରୀପୁଟର ଏକ ହୋଟେଲ୍ ରୁମ୍‌ରୁ ତାଙ୍କର ଝୁଲନ୍ତା ମୃତଦେହ ମିଳିଛି। ଘଟଣାସ୍ଥଳରେ ଏୟାରଫିଲ୍ଡ ଥାନା ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ଏହା ହତ୍ୟା ନା ଆତ୍ମହତ୍ୟା, ସେ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଯୁବକଙ୍କ ମୃତ୍ୟୁ ପରେ ତାଙ୍କ ପ୍ରେମିକା କୁଆଡ଼େ ଗଲେ ଓ ଉଭୟଙ୍କ ମଧ୍ୟରେ କୌଣସି ବିବାଦ ଥିଲା କି ନାହିଁ, ସେ ନେଇ ହୋଟେଲ୍ କର୍ମଚାରୀ ଓ ପରିବାର ଲୋକଙ୍କୁ ପଚରାଉଚରା କରାଯାଉଛି।

## ୩୯ ଶିକାରୀଙ୍କୁ ଧରିଲା ଏଆଇ କ୍ୟାମେରା

**ବାରିପଦା, ୨୦।୨ (ସଂଚାର ବ୍ୟୁରୋ):** ଶିକାରୀଙ୍କୁ ଧରିଲା ଏଆଇ କ୍ୟାମେରା। ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଅଞ୍ଚଳରେ ଶିକାର ପାଇଁ କେତେକ ଶିକାରୀ ପଶିଥିବା ବେଳେ ସେମାନଙ୍କ ମଧ୍ୟରୁ ୩୯ ଜଣଙ୍କୁ ବନ ବିଭାଗ ପକ୍ଷରୁ ଗିରଫ କରାଯାଇଛି। ଏଥିସହ ସେମାନଙ୍କ ନିକଟରୁ ୯ଟି ଦେଶୀ ବନ୍ଧୁକ, ୨୦ଟି ଧନୁତୀର ସହ ବିପୁଳ ପରିମାଣର ବନ୍ଧୁକ ପାଉଡର ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଗତକାଲି ରାତିରେ ଶିକାରୀଙ୍କର ଏକ ଦଳ ଶିମିଳିପାଳ ଅଭୟାରଣ୍ୟରେ ପ୍ରବେଶ କରିଥିଲେ। ତେବେ ଜଙ୍ଗଲରେ ଏଆଇ କ୍ୟାମେରା ସେମାନଙ୍କୁ ଚିହ୍ନଟ କରିଥିଲା। ଶିମିଳିପାଳ ଦକ୍ଷିଣ କର୍ମଚାରୀଙ୍କ ୨୪ ଘଣ୍ଟାର ଅପରେସନ ପରେ ଉକ୍ତ ସମସ୍ତ ଶିକାରୀଙ୍କୁ ଗିରଫ କରାଯାଇଛି। ଏନେଇ ଜେନାବିଲ ପଶ୍ଚିମ ବଙ୍ଗଳା ରେଞ୍ଜରେ



ଏକ ମାମଲା ରୁଜୁ କରାଯାଇ ତଦନ୍ତ ପ୍ରକ୍ରିୟା ଜାରି ରହିଛି। ଅସ୍ତ୍ରଶସ୍ତ୍ର ଆଇନ ଉଲ୍ଲଂଘନ ପାଇଁ ମଧ୍ୟ ଶିକାରୀଙ୍କ ବିରୋଧରେ ଥାନାରେ ମାମଲା ରୁଜୁ କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

'ଅପରେସନ ସାଇବର କବଚ'

## ଗିରଫ ହେଲେଣି ୧୧୮; ୩୫୪ ଜଣଙ୍କୁ ନୋଟିସ୍




**ଭୁବନେଶ୍ୱର, ୨୦।୨ (ସଂଚାର ବ୍ୟୁରୋ):** ସାଇବର ଅପରାଧ ନେଟୱର୍କକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିବା ଉଦ୍ଦେଶ୍ୟରେ ଓଡ଼ିଶା ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା 'ଅପରେସନ ସାଇବର କବଚ'ର ଅଷ୍ଟମ ଦିନ ସୁଦ୍ଧା ସମଗ୍ର ରାଜ୍ୟରେ ୧୪୫୬ଟି ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି। ମ୍ୟୁଲ୍ ଆକାଉଣ୍ଟ ସମ୍ପର୍କିତ ୯୭ଟି ସାଇବର ମାମଲା, ଚେକ୍ ଉଠାଣ ସମ୍ପର୍କିତ ୬ଟି ମାମଲା, ନକଲି ସିମ୍ ପିଓଏସ୍ ସମ୍ପର୍କିତ ୭ଟି ମାମଲା ରୁଜୁ କରାଯାଇଛି। ଏଥିସହ ସମୁଦାୟ ୧୧୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ୩୫୪ ଜଣ ସନ୍ଦିଗ୍ଧ ସହାୟକ ଓ ଆକାଉଣ୍ଟଧାରୀଙ୍କୁ ଆଇନଗତ ନୋଟିସ୍ ବି ଜାରି କରାଯାଇଛି।

ଏହି ଅଭିଯାନରେ ପୁରୀ ଜିଲ୍ଲା ପୁଲିସ ୨ଟି ଆକାଉଣ୍ଟ ଯାଞ୍ଚ କରି ଗୋଟିଏ ମାମଲା ରୁଜୁ କରିଛି। ସେହିପରି ଝାରସୁଗୁଡ଼ା ଜିଲ୍ଲା ପୁଲିସ ୪ଟି ଆକାଉଣ୍ଟ ଯାଞ୍ଚ କରି ଗୋଟିଏ ମାମଲା ରୁଜୁ କରିବା ସହ ଏନେଇ ୩ ଜଣଙ୍କୁ ଗିରଫ କରିଛି। ରାଉରକେଲା ଜିଲ୍ଲା ପୁଲିସ ୭୦ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧୦ଟି ମାମଲା ରୁଜୁ କରି ୬ ଜଣଙ୍କୁ ଗିରଫ କରିଛି। ସେହିପରି ସମ୍ବଲପୁର ଜିଲ୍ଲା ପୁଲିସ ୮୧ଟି ଆକାଉଣ୍ଟ ଯାଞ୍ଚ କରି ୨ଟି ପୁରୁଣା ମାମଲାରେ ୧୪ ଜଣଙ୍କୁ ଗିରଫ କରିଛି। କଳାହାଣ୍ଡି ଜିଲ୍ଲା ପୁଲିସ ୧୨ଟି ଆକାଉଣ୍ଟ ଯାଞ୍ଚ କରି ଚେକ୍ ଉଠାଣ ସମ୍ପର୍କିତ ଗୋଟିଏ ଓ ନକଲି ସିମ୍ ପିଓଏସ୍ ସମ୍ପର୍କିତ ୪ଟି ମାମଲା ରୁଜୁ କରିଥିବା ଜଣାପଡ଼ିଛି।

ନବରଙ୍ଗପୁର, ରାୟଗଡ଼ା, କେନ୍ଦୁଝର, କଟକ (ୟୁପିଡି), ବୌଦ୍ଧ, ଅନୁଗୁଳ, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ବ୍ରହ୍ମପୁର, ଗଞ୍ଜାମ, କନ୍ଧମାଳ, ଢେଙ୍କାନାଳ, କୋରାପୁଟ, ମାଲକାନଗିରି ଆଦି ଜିଲ୍ଲାରେ ମଧ୍ୟ ବେନାମୀ ଆକାଉଣ୍ଟ ଯାଞ୍ଚ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଅଭିଯାନ ସମ୍ପୃକ୍ତ ଜିଲ୍ଲାର ଏସ୍‌ପି ଓ ଡିସିପିମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର ଟିମ୍‌ମାନଙ୍କ ସକ୍ରିୟ ସହଯୋଗରେ ସଫଳତାର ସହ ପରିଚାଳିତ ହୋଇଛି। ସାଇବର ଅପରାଧୀଙ୍କ ଆର୍ଥିକ ଢାଞ୍ଚାକୁ ସମୂଳେ ଧ୍ୱଂସ କରିବା 'ଅପରେସନ ସାଇବର କବଚ'ର ମୁଖ୍ୟ ଉଦ୍ଦେଶ୍ୟ ହୋଇଥିବା ବେଳେ ଜନସାଧାରଣଙ୍କ ଡିଜିଟାଲ ସୁରକ୍ଷା ପାଇଁ ଓଡ଼ିଶା ପୁଲିସ ସାଇବର ଅପରାଧୀଙ୍କ ଆର୍ଥିକ କାରବାରକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିବା ପାଇଁ ଏହି ଅଭିଯାନକୁ ଆଗାମୀ ଦିନରେ ଆହୁରି ବ୍ୟାପକ କରାଯିବ ବୋଲି ଡିଜିପି ୱାଇବି ଖୁରାନିଆ ସୂଚନା ଦେଇଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଟାଟା ପଞ୍ଚ ଇଭି ଫେସ୍‌ଲିଫ୍ଟର ବଜାର ପ୍ରବେଶ




ମୁମ୍ବାଇ, ୨୦।୨ଃ ଟାଟା ମୋଟର୍ସ ଭାରତର ସବୁଠାରୁ ବଡ଼ କାର୍ କମ୍ପାନୀ ମଧ୍ୟରୁ ଗୋଟିଏ। କମ୍ପାନୀ ବିଭିନ୍ନ ସେଗମେଣ୍ଟରେ ଅନେକ ଦମଦାର୍ ଗାଡ଼ି ଉପସ୍ଥାପନ କରିଛି। ଟାଟା ଏବେ ଏହାର ପପୁଲାର ଇଲେକ୍ଟ୍ରିକ୍ ଏସୟୁଭି, ପଞ୍ଚ ଇଭିର ଏକ ନୂଆ ଫେସଲିଫ୍ଟେଡ୍ ମଡେଲ୍ ଆଜି ଅର୍ଥାତ୍ ଫେବୃଆରୀ ୨୦, ୨୦୨୬ ରେ ଲଞ୍ଚ କରୁଛି। ଏହି ନୂଆ ମଡେଲରେ ଡିଜାଇନ୍, ଫିଚର୍ସ ଏବଂ ଲୁକ୍ ରେ ବଡ଼ ପରିବର୍ତ୍ତନ ଆସିବାର ଆଶା କରାଯାଉଛି। ଲୋକମାନେ ବହୁତ ଦିନ ଧରି ଏହି ଗାଡ଼ି ପାଇଁ ଅପେକ୍ଷା କରିଥିଲେ, ଏବଂ ବର୍ତ୍ତମାନ କମ୍ପାନୀ ଏହାକୁ ଆନୁଷ୍ଠାନିକ ଭାବରେ ଲଞ୍ଚ କରୁଛି। ଟାଟା ପଞ୍ଚ ଇଭି ଫେସ୍‌ଲିଫ୍ଟ ର ବାହାର ଡିଜାଇନ୍ ପୂର୍ବ ଅପେକ୍ଷା ଅଧିକ ଆକର୍ଷଣୀୟ ହୋଇପାରେ। କମ୍ପାନୀ ନୂଆ ଏଲଇଡି ହେଡଲାଇଟ୍ ଏବଂ ରିୟର କନେକ୍ଟେଡ ଏଲଇଡି ଟେଲଲାଇଟ୍ ପ୍ରଦାନ କରିପାରେ। ଏଥିସହ ନୂଆ ଆଲୟ ହୁଇଲ୍ ମଧ୍ୟ ଉପଲବ୍ଧ ହୋଇପାରେ, ଯାହା ଗାଡ଼ିର ଲୁକ୍ ଏବଂ ଷ୍ଟାଇଲକୁ ବୃଦ୍ଧି କରିବ। ଫ୍ରଣ୍ଟ ଗ୍ରୀଲ୍ ଏବଂ ବମ୍ପରରେ ମଧ୍ୟ ସାମାନ୍ୟ ପରିବର୍ତ୍ତନ ଦେଖାଯାଇପାରେ। ଏହି ପରିବର୍ତ୍ତନଗୁଡ଼ିକ ଯାନକୁ ପୂର୍ବ ଅପେକ୍ଷା ଅଧିକ ମର୍ଡନ ଏବଂ ସ୍ମାର୍ଟ କରିବ।

ନୂଆ ପଞ୍ଚ ଇଭିରେ ଅନେକ ପାୱାରଫୁଲ୍ ଫିଚର୍ସ ମିଳିପାରେ। ଏକ ୩୬୦ ଡିଗ୍ରୀ କ୍ୟାମେରା ସାମିଲ୍ ହୋଇପାରେ, ଯାହା ପାର୍କିଂକୁ ସହଜ କରିଥାଏ। ଏଥିସହ ଏକ ବଡ଼ ୧୨.୩-ଇଞ୍ଚ ଟଚସ୍କ୍ରିନ୍ ଇନଫୋଟେନମେଣ୍ଟ ସିଷ୍ଟମ ଏବଂ ଏକ ୧୦.୨୫-ଇଞ୍ଚ ଡିଜିଟାଲ୍ ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର ରହିବ ବୋଲି ଆଶ କରାଯାଉଛି। ଭେଣ୍ଟିଲେଟେଡ୍ ଫ୍ରଣ୍ଟ ସିଟ୍, ଏକ ୱାୟାରଲେସ୍ ଫୋନ୍ ଚାର୍ଜର, ଏକ ଅଟୋ-ଡିମିଂ ଆଇଆରଭିଏମ ଏବଂ ଆମ୍ବିଏଣ୍ଟ ଲାଇଟ୍ ଭଳି ଦମଦାର୍ ଫିଚର୍ସଗୁଡ଼ିକ ମଧ୍ୟ ରହିପାରେ। କମ୍ପାନୀ ଲେଭଲ-୨ ଏଡିଏଏସ ସେଫ୍ଟି ଫିଚର୍ସଗୁଡ଼ିକ ମଧ୍ୟ ପ୍ରଦାନ କରିପାରେ, ଯାହା ଡ୍ରାଇଭିଂକୁ ସୁରକ୍ଷିତ କରିଥାଏ।

ଟାଟା ପଞ୍ଚ ଇଭି ଫେସ୍‌ଲିଫ୍ଟ ରେ ଘଣ୍ଟା ପ୍ରତି ୨୫ କିମି ଏବଂ ଘଣ୍ଟା ପ୍ରତି ୩୫ କିମି ବ୍ୟାଟେରୀ ଅପ୍ସନ ସହିତ ଉପଲବ୍ଧ ହେବ ବୋଲି ଆଶା କରାଯାଉଛି। ବଡ ବ୍ୟାଟେରୀ ସହିତ, ଗାଡ଼ିଟି ୩୬୫ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜ ପ୍ରଦାନ କରିପାରିବ। ଗାଡ଼ିଟିରେ ବିଶେଷ ପରିବର୍ତ୍ତନ ହେବାର ଆଶା ନାହିଁ, ଏବଂ ଏହା ପୂର୍ବରୁ ଥିବା ୮୨ ହର୍ସପାୱାର ଏବଂ ୧୧୪ ଏନଏମ ଟର୍କ ମୋଟର ମିଳିପାରିବ। ଏଥିସହ ଜାଣିରଖନ୍ତୁ ଯେ, ବର୍ତ୍ତମାନର ମଡେଲର ମୂଲ୍ୟ ୯.୯୯ ଲକ୍ଷରୁ ଆରମ୍ଭ ହୋଇ ୧୪.୪୪ ଲକ୍ଷ ପର୍ଯ୍ୟନ୍ତ ଯାଏ। ଆଶା କରାଯାଉଛି ଯେ ନୂଆ ମଡେଲଟି ପାଖାପାଖି ଏହି ମୂଲ୍ୟରେ ଲଞ୍ଚ ହେବ।



# ଦେଶର ଖଣିଜ ଉତ୍ପାଦନକୁ ଓଡ଼ିଶାର ଯୋଗଦାନ ୪୩.୭%

ଭୁବନେଶ୍ୱର,୨୦।୨ଃ ଦେଶର ଅର୍ଥନୀତିର ଚକକୁ ଗତିଶୀଳ କରିବାରେ ଓଡ଼ିଶାର ଖଣି ସମ୍ପଦ ସବୁଠାରୁ ବଡ଼ ଭୂମିକା ଗ୍ରହଣ କରିଛି। ଦେଶର ମୋଟ ଖଣିଜ ଉତ୍ପାଦନରେ ଓଡ଼ିଶାର ଅବଦାନ ଏବେ ୪୩.୭ ପ୍ରତିଶତରେ ପହଞ୍ଚିଛି। ଗତ କିଛି ବର୍ଷ ମଧ୍ୟରେ ରାଜ୍ୟର ଖଣିଜ ରାଜସ୍ୱ ଏବଂ ରପ୍ତାନି କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଦେଖିବାକୁ ମିଳିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ରାଜ୍ୟରେ ଉତ୍ତୋଳିତ ଖଣିଜ ପଦାର୍ଥର ମୂଲ୍ୟ ୩୦,୦୪୪ କୋଟି ଟଙ୍କା ଥିବାବେଳେ, ୨୦୨୪-୨୫ରେ ଏହା ୬୪,୭୮୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହା ଓଡ଼ିଶାର ଅର୍ଥନୈତିକ ସମୃଦ୍ଧିର ଏକ ସ୍ପଷ୍ଟ ଚିତ୍ର ପ୍ରଦାନ କରୁଛି। ରାଜ୍ୟର ମୋଟ ଅଣ-ଟିକସ ରାଜସ୍ୱକୁ ଖଣି କ୍ଷେତ୍ରର ଅବଦାନ ଏକ ବିଶାଳ ୮୦ ପ୍ରତିଶତ ରହିଛି। ସେହିପରି ରାଜ୍ୟ ଜିଭିଏ (ଜିଭିଏ) କୁ ଖଣି କ୍ଷେତ୍ର ୯.୫ ପ୍ରତିଶତ ଏବଂ ଶିଳ୍ପ ଜିଭିଏକୁ ପ୍ରାୟ ୨୩.୧ ପ୍ରତିଶତ ଯୋଗଦାନ ଦେଉଛି। ସେହିପରି ୨୦୨୪-୨୫ରେ ଓଡ଼ିଶାରୁ ମୋଟ ୮୫,୫୦୦ କୋଟି ଟଙ୍କାର ସାମଗ୍ରୀ ରପ୍ତାନି କରାଯାଇଛି। ୨୦୧୯-୨୦ ପରଠାରୁ ରପ୍ତାନି ହାର ବାର୍ଷିକ ୧୨.୬ ପ୍ରତିଶତ ହାରରେ ବଢ଼ୁଥିବା ବେଳେ ଏଥିରେ ଧାତବ ଓ ଖଣିଜ ପଦାର୍ଥର ଅବଦାନ ପ୍ରାୟ ୮୫ ପ୍ରତିଶତ ରହିଛି।

# ୧୦ ଟ୍ରେନର ଭଡ଼ା ପରିବର୍ତ୍ତନ କଲା ରେଳ ବିଭାଗ




ନୂଆଦିଲ୍ଲୀ,୨୦।୨ଃ ଭାରତରେ ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ଟ୍ରେନରେ ଯାତ୍ରା କରନ୍ତି। ତେଣୁ, ଏହି ଖବର ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ପ୍ରାସଙ୍ଗିକ। ରେଳବାଇ 10ଟି ଟ୍ରେନରେ ଭଡା ହ୍ରାସ କରୁଛି। ପ୍ରକୃତରେ, ରେଳବାଇ ଏହି ୧୦ଟି ଟ୍ରେନରୁ ସୁପରଫାଷ୍ଟ ଟ୍ୟାଗ ହଟାଇ ଭଡା ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି। ନୂତନ ଭଡା ଏପ୍ରିଲରୁ କାର୍ଯ୍ୟକାରୀ ହେବ। ଏହାର ଅର୍ଥ ହେଉଛି ଦେଶର ୧୦ଟି ପ୍ରମୁଖ ଟ୍ରେନର ସୁପରଫାଷ୍ଟ ମାନ୍ୟତା ଏପ୍ରିଲରୁ ହଟିଯିବ। ଏହି ଟ୍ୟାଗ ହଟାଇବା ମାତ୍ରେ, ଭଡା ସ୍ୱୟଂଚାଳିତ ଭାବରେ ହ୍ରାସ ପାଇବ, କାରଣ ଆଉ ଅତିରିକ୍ତ ସୁପରଫାଷ୍ଟ ଚାର୍ଜ ନିଆଯିବ ନାହିଁ। ଏହି ସମସ୍ତ ଟ୍ରେନଗୁଡ଼ିକ ଏବେ ସାଧାରଣ ଏକ୍ସପ୍ରେସ ବର୍ଗରେ ଚାଲିବ ଏବଂ ନୂତନ ଟ୍ରେନ ନମ୍ବର ପାଇବ। ସେଗୁଡ଼ିକ ହେଲା-ପ୍ରୟାଗରାଜ ରାମବାଗ-ହାଓଡା, ବିଭୂତି ଏକ୍ସପ୍ରେସ, ହାଓଡା-ପ୍ରୟାଗରାଜ ରାମବାଗ, ବିଭୂତି ଏକ୍ସପ୍ରେସ, ହାଓଡା-କାଲକା ନେତାଜୀ ଏକ୍ସପ୍ରେସ, କାଲକା-ହାଓଡା ନେତାଜୀ ଏକ୍ସପ୍ରେସ, ହାଓଡା-ଡେରାଡୁନ ଉପାସନା ଏକ୍ସପ୍ରେସ, ଡେରାଡୁନ-ହାଓଡା ଉପାସନା ଏକ୍ସପ୍ରେସ, ହାଓଡା-ଡେରାଡୁନ କୁମ୍ଭ ଏକ୍ସପ୍ରେସ, ଡେରାଡୁନ-ହାଓଡା କୁମ୍ଭ ଏକ୍ସପ୍ରେସ, ହାଓଡା-ଜମ୍ମୁ ତାୱି ହିମଗିରି ଏକ୍ସପ୍ରେସ, ଜମ୍ମୁ ତାୱି-ହାଓଡା ହିମଗିରି ଏକ୍ସପ୍ରେସ।

ରେଳବାଇର ଏହି ନୂତନ ଭଡା ନୀତି ୧୩ ଏପ୍ରିଲରୁ ୧୬ ତାରିଖ ମଧ୍ୟରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ହେବ। ଯେଉଁ ଟ୍ରେନଗୁଡିକରୁ ସୁପରଫାଷ୍ଟ ଟ୍ୟାଗ ହଟାଯାଉଛି ସେମାନଙ୍କ ମଧ୍ୟରେ ପ୍ରୟାଗରାଜ ରାମବାଗରୁ ହାଓଡା ଯାଉଥିବା ବିଭୂତି ଏକ୍ସପ୍ରେସ ଏବଂ ପ୍ରୟାଗରାଜ ଜଙ୍କସନ ଦେଇ ହାଓଡା ଯାଉଥିବା ନେତାଜୀ ଏକ୍ସପ୍ରେସ ଅନ୍ତର୍ଭୁକ୍ତ। ବିଭୂତି ଏକ୍ସପ୍ରେସ ରାମବାଗ ଏବଂ ହାଓଡା ମଧ୍ୟରେ ପ୍ରାୟ ୩୧ ଟି ଷ୍ଟେସନରେ ଅଟକିଥାଏ।

ନେତାଜୀ ଏକ୍ସପ୍ରେସ ପ୍ରୟାଗରାଜ ଜଙ୍କସନ ସମେତ ମୋଟ 38ଟି ଷ୍ଟେସନରେ ଅଟକିଥାଏ। ଅଧିକ ଷ୍ଟପ ସହିତ ଏହି ଟ୍ରେନଗୁଡ଼ିକରୁ ସୁପରଫାଷ୍ଟ ସରଚାର୍ଜ ହଟାଇବା ଦ୍ୱାରା ଟିକେଟ ମୂଲ୍ୟ ହ୍ରାସ ପାଇବ, ଯାହା ସିଧାସଳଖ ଦୂରଗାମୀ ଯାତ୍ରୀମାନଙ୍କୁ ଲାଭ ଦେବ। ନୂତନ ଭଡ଼ା ଏପ୍ରିଲ ମାସରୁ ବୁକିଂ ପାଇଁ ପ୍ରଯୁଜ୍ୟ ହେବ।

ଏହି ନିଷ୍ପତ୍ତି ପୂର୍ବ ଭାରତରୁ ଉତ୍ତର ଭାରତକୁ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ସବୁଠାରୁ ଅଧିକ ଲାଭ ଦେବ। ହାଓଡ଼ାରୁ ପ୍ରୟାଗରାଜ, କାଲକା, ଡେରାଡୁନ ଏବଂ ଜମ୍ମୁ ତାୱି ରୁଟରେ ଚାଲୁଥିବା ବିଭୂତି ଏକ୍ସପ୍ରେସ, ନେତାଜୀ ଏକ୍ସପ୍ରେସ, ଉପାସନା ଏକ୍ସପ୍ରେସ, କୁମ୍ଭ ଏକ୍ସପ୍ରେସ ଏବଂ ହିମଗିରି ଏକ୍ସପ୍ରେସ ଭଳି ଟ୍ରେନଗୁଡ଼ିକ ପ୍ରତି ମାସରେ ହଜାର ହଜାର ଯାତ୍ରୀଙ୍କୁ ପରିବହନ କରନ୍ତି। ସୁପରଫାଷ୍ଟ ସ୍ଥିତି ହଟାଇବା ସହିତ, ଏହି ଟ୍ରେନଗୁଡ଼ିକରେ ଭଡ଼ା ହ୍ରାସ ପାଇବ, ଯାହା ସିଧାସଳଖ ଦୂରଗାମୀ ଯାତ୍ରୀମାନଙ୍କୁ ଲାଭବାନ କରିବ। ପରିବାର ସହିତ ଯାତ୍ରା କରିବା ଦ୍ୱାରା ଟିକେଟ ସଞ୍ଚୟ ହେବ। ଏହି ପରିବର୍ତ୍ତନ ଛାତ୍ର, ତୀର୍ଥଯାତ୍ରୀ ଏବଂ ନିୟମିତ ଯାତ୍ରୀମାନଙ୍କ ପାଇଁ ବଜେଟ ଅନୁକୂଳ ପ୍ରମାଣିତ ହେବ।

# ଆଳୁ ଉତ୍ପାଦନରେ ବିଫଳ ଓଡ଼ିଶା

## କେତେ ଦିନ ଦିଦି ଓ ଯୋଗୀଙ୍କ ଉପରେ ନିର୍ଭର କରିବେ ସରକାର ?

ଭୁବନେଶ୍ୱର, ୨୦।୨ଃ ଆଳୁ ଚାଷରେ ଓଡ଼ିଶା ପଛୁଆ। ରାଜ୍ୟ ବାହାରୁ ଆମଦାନୀରେ କିନ୍ତୁ ଢେର୍ ଅଧିକ ନିର୍ଭରଶୀଳ। ବିଧାନସଭା ରିପୋର୍ଟ କହୁଛି ଓଡ଼ିଶା ଏବେବି ରାଜ୍ୟବାସୀଙ୍କ ଆଳୁ ଖାଇବା ଚାହିଦାକୁ ମେଣ୍ଟାଇବାରେ ୯୦ ପ୍ରତିଶତ ବିଫଳ ହୋଇଛନ୍ତି। ଓଡ଼ିଶା ପାଣିପାଗ ପ୍ରତିକୂଳ,ବୈଜ୍ଞାନିକ ଉପଯୋଗୀତା,ଚାଷୀର ସାହସ ଥାଇ ବି ୱେଷ୍ଟ ବେଙ୍ଗଲ ଓ ଉତ୍ତର ପ୍ରଦେଶ ଉପରେ ପୂରା ନିର୍ଭର କରୁଛି। ହେଲେ ବିରୋଧୀ ନେତା,କୃଷି ବୈଜ୍ଞାନିକ,ରାଜ୍ୟ ବ୍ୟବସାୟୀ କିନ୍ତୁ ଏନେଇ ସରକାରଙ୍କ ଉଦାସୀନତାକୁ ଦାୟୀ କରିଛନ୍ତି। ରାଜନୈତିକ ଇଚ୍ଛାଶକ୍ତିର ଘୋର ଅଭାବ ଯୋଗୁ ସରକାର ଆଳୁ ଚାଷ,ଉତ୍ପାଦନ ଓ ଶୀତଳଭଣ୍ଡାରରେ ସଂରକ୍ଷଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଆଳୁ ଅଭାବକୁ ନେଇ ନ୍ୟୁଜ-୭ର ସ୍ୱତନ୍ତ୍ର ରିପୋର୍ଟ ପଢ଼ନ୍ତୁ। ଆଳୁ ପିଆଜ ଉତ୍ପାଦନରେ ଓଡ଼ିଶା ବହୁ ପଛରେ। ରାଜ୍ୟରେ ଉତ୍ପାଦନ କମ୍ ଆମଦାନୀ ଉପରେ ବେଶୀ ନିର୍ଭର କରୁଛି ଓଡ଼ିଶା। ଏବେ ବି ଦିଦି ଓ ଯୋଗୀ ଆଳୁ ଉପରେ ନିର୍ଭର କରୁଛି ଓଡ଼ିଶା। ଉତ୍ପାଦନ ଓ ଆମଦାନୀ ଭିତରେ ରହିଛି ବଡ଼ ବ୍ୟବଧାନ। ବିଧାନସଭା ପ୍ରଶ୍ନୋତ୍ତରରୁ ଏଭଳି ନିରାଶାଜନକ ତଥ୍ୟ ସାମ୍ନାକୁ ଆସିଛି। ବିଧାୟକ ଅରୁଣ ସାହୁଙ୍କ ପ୍ରଶ୍ନର ଉତ୍ତରରେ କୃଷି ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ଉତ୍ତର ରଖିଛନ୍ତି। ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ଜାରି କରାଯାଇଥିବା ତଥ୍ୟ ଅନୁସାରେ,୨୦୨୪-୨୦୨୫ ଆର୍ଥିକ ବର୍ଷରେ ରାଜ୍ୟରେ ବାର୍ଷିକ ହାରାହାରି ୧୪.୨୫ ଲକ୍ଷ ମେଟ୍ରିକ ଟନ ଆଳୁ ଏବଂ ୩.୮୫ ଲକ୍ଷ ମେଟ୍ରିକ ଟନ ପିଆଜର ଆବଶ୍ୟକତା ରହିଥିଲା। ହେଲେ ଉତ୍ପାଦିତ ହୋଇଥିଲା ପ୍ରାୟ ୪.୯୦ ଲକ୍ଷ ମେଟ୍ରିକଟନ ଆଳୁ ଏବଂ ୪.୪୮ ଲକ୍ଷ ମେଟ୍ରିକ ଟନ ପିଆଜ। ସରକାର ପରୋକ୍ଷରେ ମାନିଛନ୍ତି ଯେ ଏବେ ରାଜ୍ୟରେ ୯.୩୫ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଆବଶ୍ୟକତାକୁ ରାଜ୍ୟ ସରକାର ପୂରଣ କରିପାରୁ ନାହାଁନ୍ତି। ଆଳୁ ମିଶନକୁ ବଳ ଦେବା ସତ୍ତ୍ୱେ ନିଅଣ୍ଟିଆ ଚାହିଦା ଆଳୁ ପୂରଣ ହୋଇପାରି ନାହିଁ। ୯.୩୫ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ପାଇଁ ପଡୋଶୀ ରାଜ୍ୟ ପଶ୍ଚିମ ବଙ୍ଗ ଓ ଉତ୍ତର ପ୍ରଦେଶ ଉପରେ ପୂରା ନିର୍ଭର କରିଥାନ୍ତି ରାଜ୍ୟ ବିଜେପି ସରକାର। ସେହିଭଳି ପିଆଜ ଉତ୍ପାଦନରେ ଆବଶ୍ୟକତା ୩.୮୫ ଲକ୍ଷ ମେଟ୍ରିକ ଟନ ପିଆଜର ଆବଶ୍ୟକତା ରହିଥିବା ବେଳେ ୪.୪୮ ଲକ୍ଷ ମେଟ୍ରିକ ଟନ ପିଆଜ ଉତ୍ପାଦିତ ହୋଇଥିଲା। ତେବେ ଗ୍ରାଉଣ୍ଡ ଜିରୋ କହୁଛି ଓଡ଼ିଶାର ସବୁ



କିଚେନରେ ନାସିକ ପିଆଜରେ ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ। ଏଭଳି ତଥ୍ୟ ଦେଇ ରାଜ୍ୟବାସୀଙ୍କୁ ବିଭ୍ରାନ୍ତି କରୁଛନ୍ତି ବୋଲି କହିଛନ୍ତି ବିଧାୟକ ଅରୁଣ ସାହୁ।

ରାଜ୍ୟସ୍ତରୀୟ ଆଳୁ ଉତ୍ପାଦନ ଓ ଆମଦାନୀ ତଥ୍ୟ ଜାଣିଲେ। ଏବେ ଆସନ୍ତୁ ଜାଣିବା ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା କୁହାଯାଇଥିବା କଟକ ଜିଲ୍ଲାର ସାମଗ୍ରିକ ଆଳୁ ଚାଷର ତଥ୍ୟ। ବାରଙ୍ଗ, ନିଆଳି, ସାଲେପୁର , ମାହାଙ୍ଗା, ବାଙ୍କୀ ଭଳି ୧୪ ବ୍ଲକରେ ୬୬୫.୬୬ ହେକ୍ଟର ଆଳୁ ଚାଷ କରାଯାଉଛି। ୧୬୭ ହେକ୍ଟରରେ ପିଆଜ ଉତ୍ପାଦନ ହେଉଛି। ବାରଙ୍ଗ, ନିଶ୍ଚିନ୍ତକୋଇଲି, ମାହାଙ୍ଗା ବ୍ଲକରେ ସର୍ବନିମ୍ନ ୪୦ ହେକ୍ଟର ଜମିରେ ଚାଷ କରାଯାଉଥିବା ବେଳେ ବାଙ୍କୀରେ ନଗଣ୍ୟ ୪୨ ହେକ୍ଟରରେ ଆଳୁ ଚାଷ ହେଉଛି। ରାଜ୍ୟରେ କଟକ ଜିଲ୍ଲାର ରାଜନୀତିକ ଓ କୃଷିଗତ ଦୃଷ୍ଟିରୁ ଅନେକ ଗୁରୁତ୍ୱ ରହିଛି। କଟକ ଜିଲ୍ଲା ର ଜନସଂଖ୍ୟା ଦୃଷ୍ଟିରୁ ଏହି ଚାଷ ର ପରିମାଣ କେତେ କମ୍ ରହିଥିବା ଜଳଜଳ ଦେଖା ଯାଉଛି। କଟକ ଦେଇ ମହାନଦୀ ଓ କାଠଯୋଡି ଭଳି ପ୍ରମୁଖ୍ୟ ନଦୀ ପ୍ରବାହିତ ସତ୍ତ୍ୱେ ସରକାରୀ ତତ୍ପରତା ଓ ପ୍ରୋତ୍ସାହନ ଯୋଗୁ ଆଳୁ ଓ ପିଆଜ ଉତ୍ପାଦନ ଅତି ନଗଣ୍ୟ ଥିବା ଅଭିଯୋଗ କରିଛନ୍ତି ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା।

ସେପଟେ ଆଳୁ ଚାଷ ପାଇଁ କଟକ ମାଟି ପ୍ରକୃଷ୍ଟ ଜମି। ଉର୍ବର ଜମି ଅଛି। ଖାଲି କଟକ ନୁହେଁ ବରଂ ଉପକୂଳ ସମେତ କୋରାପୁଟ ଓ ଫୁଲବାଣୀ ଭଳି ଜିଲ୍ଲାରେ ଆଳୁ ଚାଷ ବେଶ୍ ଭଲ ହୋଇ ପାରିବ। ଓୟୁଏଟିରେ ଏଥିପାଇଁ ଢେର୍ ଗବେଷଣା କରାଯାଇ ଉତ୍ପାଦନ କ୍ଷମତା ଓ ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି କରାଯାଇଛି। ଗବେଷଣା ଓ ବୈଷୟିକ ଜ୍ଞାନର ସୁଫଳ ରାଜ୍ୟ ସରକାର ଓ ଚାଷୀ ନେବା ଉଚିତ୍। ସବୁଠୁ ବଡ଼ କଥା ହେଲା ସାରା ବିଶ୍ୱରେ ଆଳୁର ପ୍ରମୁଖ ରୋଗ ପତ୍ରପୋଡା ହୋଇଥିବା ବେଳେ ଏଭଳି ସାଙ୍ଘାତିକ ରୋଗ ଓଡ଼ିଶାରେ ଦେଖା ଯାଇ ନାହିଁ। କାରଣ ଗବେଷଣା ଓ ମାଟିର କ୍ୱାଲିଟି ଯୋଗୁ ଏହା ସମ୍ଭବ ହୋଇ ପାରିଛି। ଓଡ଼ିଶାରେ ଆଳୁ ପାଇଁ ଯେତିକି ଶୀତ ହେବା କଥା ତାହା ହେଉଛି। ତେଣୁ ସ୍ୱଳ୍ପ ଅବଧି ମାନେ ୭୦-୮୦ ଦିନିଆ ଆଳୁ ନଭେମ୍ବର ୧୦-୧୫ ପରଠୁ ଲଗାଇବା ଉଚିତ୍। ଖାଲି ଚାଷୀ କିଛି କରି ପାରିବେ ନାହିଁ। ସରକାରୀ ସିଷ୍ଟମ ବର୍ଷେ ପୂର୍ବରୁ ପ୍ଲାନ୍ କରି ପଶ୍ଚିମ ବଙ୍ଗ ଓ ଉତ୍ତର ପ୍ରଦେଶ ରୁ ଭଲ ବିହନ ଆଣି ଚାଷୀଙ୍କୁ ଠିକ୍ ସମୟ ପୂର୍ବରୁ ଯୋଗାଇବା କଥା। ଯାହା ହୋଇ ପାରୁ ନାହିଁ। ଅମଳ ପରେ ଆଳୁ କୁ ରଖିବା ପାଇଁ ଆବଶ୍ୟକତା ଅନୁସାରେ ଷ୍ଟୋରେଜ ବି ନଥିବା ଯୋଗୁ ଚାଷୀ ସାହସ ଯୁଟେଇ ଚାଷ କରି ପାରୁ ନାହାଁନ୍ତି।

ମୋଟାମୋଟି କହିବାକୁ ଗଲେ ସରକାର - ବୈଜ୍ଞାନିକ - ଚାଷୀ - ଜଳବାୟୁର ତାଳମେଳରେ ସର୍ବାଧିକ ୮-୯ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଉତ୍ପାଦନ କରିପାରିବ ଓଡ଼ିଶା। ଯାହା ସମନ୍ୱୟ ଅଭାବରୁ ହୋଇପାରୁ ନାହିଁ ବୋଲି କହିଛନ୍ତି କୃଷି ବୈଜ୍ଞାନିକ ସୁରେନ୍ଦ୍ରନାଥ ପଶୁପାଳକ। ଉତ୍ପାଦନ କମ୍ ଯୋଗୁ ଆମଦାନୀକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ବାଧ୍ୟ ହେଉଛନ୍ତି ରାଜ୍ୟ ବିଜେପି ସରକାର। ସରକାର ୪.୯୦ ଲକ୍ଷ ମେଟ୍ରିକ ଟନ ଆଳୁ ଉତ୍ପାଦନ କହୁଥିବା ବେଳେ ସତ୍ୟତା ଆଉ କିଛି ରହିଛି ବୋଲି କହିଛନ୍ତି ରାଜ୍ୟ ବ୍ୟବସାୟୀ ମହାସଂଘ ସଭାପତି ସୁଧାକର ପଣ୍ଡା। ଏହି ପରିମାଣ ୪.୯୦ ଲକ୍ଷ ମେଟ୍ରିକଟନ ନୁହେଁ ବରଂ ଆହୁରି କମ୍ ହେବ ବୋଲି ସେ କହିଛନ୍ତି। ତେଣୁ ୯.୩୫ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଆବଶ୍ୟକତା ନୁହେଁ ବରଂ ୧୨-୧୩ ଲକ୍ଷ ମେଟ୍ରିକ୍ ଟନରୁ କମ ହେବ ନାହିଁ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

ଆଳୁ ଚାଷ ନେଇ ସରକାରଙ୍କ ଦୂରଦୃଷ୍ଟି ଓ ଆନ୍ତରିକତା ଅଭାବ ଯୋଗୁ ଏପରି ଦଶା ହୋଇଥିବା କହିଛନ୍ତି ସୁଧାକର ପଣ୍ଡା। ତେବେ ଆଳୁ ଉତ୍ପାଦନ ଓ ଆମଦାନୀକୁ ନେଇ ବିରୋଧୀ ଉଠାଉ ଥିବା ଅଭିଯୋଗକୁ ବିଜେପି ବିଧାୟକ ଅଗସ୍ତି ବେହେରା ଖଣ୍ଡନ କରିଛନ୍ତି। ଗତ ୨୪ ବର୍ଷ ହେଲା ବିଜେଡି ସରକାର ଆଳୁ ସମସ୍ୟା ସମାଧାନ କରି ପାରି ନାହାଁନ୍ତି। ମୋହନ ସରକାର ଆଳୁ ଆତ୍ମନିର୍ଭରଶୀଳ ହେବା ପାଇଁ ଚେଷ୍ଟା କରୁଛନ୍ତି। ଖୁବ୍ ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ସେ କହିଛନ୍ତି। ଆଳୁ ଚାଷ ପାଇଁ ଚାଷୀ ବାପୁଡ଼ା ଅଣ୍ଟା ଭିଡ଼ି ତୟାର୍ ଅଛି। କିନ୍ତୁ ଉନ୍ନତ ବିହନ, ଶୀତଳଭଣ୍ଡାର ଓ ଉଚିତ୍ ଦାମ ଯୋଗୁ ନିୟମିତ ଆଳୁ ଚାଷ ପାଇଁ ସାହସ ଜୁଟେଇ ପାରୁ ନାହିଁ। ଚାଷୀଙ୍କୁ ସାହସ କେବଳ ରାଜ୍ୟ ସରକାର ହିଁ ଦେଇ ପାରିବେ। ନଚେତ୍ ଦିଦି ଓ ଯୋଗୀ ଆଳୁ ପାଇଁ ସବୁବେଳେ ଚାହିଁ ବସିବେ ମୋହନ ସରକାର।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୫,୭୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୨,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୫,୭୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୨,୮୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୫,୭୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୨,୮୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୫,୯୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୨,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୭,୦୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୪,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୫,୭୮୦ ଓ ୧,୪୨,୮୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୦୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୦ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୯୨ ଟଙ୍କା ୬୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୮୭.୬୭ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୭ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି ।

## ସୁନା ଚୋରି ମାମଲାରେ ୬ମହିଳା କୋର୍ଟ ଚାଲାଣ

**ଲାଞ୍ଜିଗଡ଼,୨୦।୨ (ସଂଚାର ବ୍ୟୋରୋ):** ଓଡ଼ିଶା ରାଜ୍ୟକୁ ବିଭିନ୍ନ ରାଜ୍ୟର ଲୋକେ ବିଭିନ୍ନ ବ୍ୟବସାୟ ପାଇଁ ଆସିଥାନ୍ତି। ହେଲେ ସରଳ ଓ ନିରୀହର ସୁଯୋଗ ନେଇ ଟଙ୍କା ପଇସା ଓ ସୁନା ଗହଣା ଲୁଟି ନେଇ ଥାନ୍ତି ସେହି ବାହାର ରାଜ୍ୟର ଅଣ ଓଡ଼ିଆ ତଥା ବ୍ୟବସାୟୀ ମାନେ। ଏଭଳି ଏକ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତ ଅଞ୍ଚଳରେ।କିଛି ଅଣ ଓଡ଼ିଆ ମହିଳା ମାନେ ଚୁଡ଼ି ଶଙ୍ଖା ବିକ୍ରି କରିବା ସହିତ ପୁରୁଣା ସୁନାକୁ ନୂଆଁ ଲୁକ୍ ସହିତ ଚମକ ଦେବା ଓ ପୁରୁଣା ମଙ୍ଗଳ ସୁତ୍ରକୁ ନୂଆ ସୁତାରେ ଗୁନ୍ଥି ଦେବା ବାହାନାରେ ଲୋକଙ୍କ ଶୁଦ୍ଧ ଅସଲି ସୁନା ବଦଳରେ ନକଲି ସୁନା ଦେଇ ଚକମା ଦେଉଥିବା ଖବର ଅଞ୍ଚଳରେ ଏବେ ବଡ଼ ଚାଞ୍ଚଲ୍ୟ ଖେଳିଯାଇଛି।ଅଞ୍ଚଳବାସୀ ତିନ ଜଣ ମହିଳାଙ୍କୁ କାବୁ କରି ନିର୍ଦ୍ଧୁମ ମାଡ଼ ମାରି ବିଶ୍ୱନାଥପୁର ପୋଲିସକୁ ଯିମା ଦେଇଥିବାବେଳେ ଆଉ କିଛି ମହିଳାଙ୍କୁ ମଧ୍ୟ ପୁଲିସ ଅଟକ ରଖି ପଚରା ଉଚରା କରିଥିଲା। ତେବେ ଉକ୍ତ ଅଞ୍ଚଳର ଲୋକେ ଅନେକ ଠକାମୀରେ ସ୍ୱୀକାର ହେବାପରେ ବେନଗାଁ ପଞ୍ଚାୟତ ଧଡେଲ ଗାଁରେ ତିନି ଜଣ ମହିଳାଙ୍କୁ ଲୋକେ କାବୁ କରି ବାରେ ସକ୍ଷମ ହୋଇ ନିର୍ଦ୍ଧୁମ ମଧ୍ୟମ ଉତ୍ତମ ଦେଉଥିବା ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରଲ ହେବାରେ ଲାଗିଛି।ଏହାକୁ ନେଇ ଭାଇରାଲ ଭିଡିଓ ସହିତ ବିଶ୍ୱନାଥପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ଅଞ୍ଚଳ ବାସୀ।ଅଭିଯୋଗକୁ ଭିତ୍ତିକରି ତଦନ୍ତ ପରେ ୬ଜଣ ମହିଳାଙ୍କୁ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଜଣା ପଡ଼ିଛି।ସୂଚନା ଅନୁସାରେ ଛତିଶଗଡ଼ ସରଗୁଜା ଜିଲ୍ଲା କେପୀ ଜିରମା ଗ୍ରାମ କଟୁଆଲି ଥାନାର ବୁଟି ଗିରି, ଉଦେପୁର ଥାନା ଅଞ୍ଚଳର କିରଣ ଗିରି, ମମତା ଗିରି, ବଶମତି ଗିରି, ସୁନିତା ଗିରି ରାମ କୁମାରୀ ଗିରିଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଉମା ଗିରି ଗର୍ଭବତୀ ଅବସ୍ଥାରେ ରହିଥିବା ଯୋଗୁଁ ତାଙ୍କୁ ଭବାନୀପାଟଣା ସଖି ଗୃହକୁ ସ୍ଥାନାନ୍ତରିତ କରିଥିବା ଏସ୍.ଆଇ ଭାରତ ଭୂଷଣ ସାହୁ ସୁଚନା ଦେଇଛନ୍ତି।

## ଦଶମ ପରୀକ୍ଷା ଦେଲେ ୧୫୧୬, ଅନୁପସ୍ଥିତ ୨୯

**ବାଲିପାଟଣା,୨୦।୨ (ସଂଚାର ବ୍ୟୁରୋ):** ରାଜ୍ୟରେ ଆରମ୍ଭ ହୋଇଛି ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା।ବାଲିପାଟଣା ରେ ସମୁଦାୟ ୧୫୧୬ ଜଣ ପରୀକ୍ଷା ଦେଇଥିବା ବେଳେ ୨୯ ଜଣ ଅନୁପସ୍ଥିତ ଥିବା ସୂଚନା ମିଳିଛି।ବାଲିପାଟଣା ବ୍ଲକ୍ ଅଧିନରେ ସମୁଦାୟ ୮ ଟି ପରୀକ୍ଷା କେନ୍ଦ୍ର ହୋଇଛି। ନୋଡାଲ୍ କେନ୍ଦ୍ର ଶ୍ରୀ ବୃନ୍ଦନାଥ ଉଚ୍ଚବିଦ୍ୟାଳୟ ସମେତ ଅନ୍ୟ ୭ଟି କେନ୍ଦ୍ର ଗୁଡିକ ହେଲା ବନମାଳିପୁର ସରକାରୀ ଉଚ୍ଚ ବିଦ୍ୟାଳୟ, କୁଶଭଦ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ପଞ୍ଚାୟତ ସରକାରୀ ଉଚ୍ଚବିଦ୍ୟାଳୟ ନରିଶୋ, ବରାହୀ ସରକାରୀ ଉଚ୍ଚ ବିଦ୍ୟାଳୟ ଅଭୟମୁଖୀ, ପିପୁଲ୍ଲ ସରକାରୀ ଉଚ୍ଚ ବିଦ୍ୟାଳୟ ଚଣାହାଟ, ବିପିନ ବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ବାଗଲପୁର ଓ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ରାଜସ ରେ ସମୁଦାୟ ୧୫୪୫ ଜଣ ପରୀକ୍ଷା ଦେବାପାଇଁ ଫର୍ମ ପୂରଣ କରିଥିବା ବେଳେ ୨୯ ଜଣ ଅନୁପସ୍ଥିତ ରହିଥିଲେ। ପରୀକ୍ଷା ଦେଇଥିଲେ ୧୫୧୬ ଜଣ। ଆଜି ପରୀକ୍ଷା ଶାନ୍ତି ଶୃଙ୍ଖଳା ସହିତ ପରୀକ୍ଷା ସମାପନ କରାଯାଇଥିବା ବିଇଓ ଡ.ପ୍ରଭାତ କୁମାର ରଥ ସୂଚନା ଦେଇଛନ୍ତି। ଶାନ୍ତି ଶୃଙ୍ଖଳାର ସହିତ ପରୀକ୍ଷା ପରିଚାଳନା ପାଇଁ ବାଲିପାଟଣା ପୋଲିସ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି।

## ଧର୍ମପରାୟଣା ମହିଳା ପରଲୋକ



**ସୁବର୍ଣ୍ଣପୁର,୨୦।୨ (ସଂଚାର ବ୍ୟୁରୋ):** ଆଜି ସକାଳ ଭୋର ୫ ଟା ବେଳେ ତରଭା ସହର ନିବାସୀ ଦ୍ରୌପଦୀ ମିଶ୍ର (୭୫)ଙ୍କ ଦେହାନ୍ତ ହୋଇଯାଇଛି। ସେ ସ୍ୱର୍ଗତ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୋମନାଥ ମିଶ୍ର ଙ୍କ ଧର୍ମପତ୍ନୀ ଅଟନ୍ତି। ସେ ଦୀର୍ଘଦିନ ଧରି କର୍କଟ ରୋଗ ରେ ପୀଡ଼ିତ ଥିଲେ। ଆଜି ଭୋର ସକାଳ ୫ ଟା ବେଳେ ସେ ତାଙ୍କ ବଡ଼ ଝିଅ ଶୋଭାରାଣୀ ମିଶ୍ର ତଥା ଜ୍ୱାଇଁ ଆଇନ ବିଭାଗ ର ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ ଜୀବନ ବଲ୍ଲଭ ମିଶ୍ର ଙ୍କ ଭୁବନେଶ୍ୱର ସ୍ଥିତ ବାସଭବନ ରେ ପ୍ରାଣତ୍ୟାଗ କରିଥିବା ସୂଚନା ମିଳିଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳ ତଥା ବନ୍ଧୁବାନ୍ଧବ ମହଲ ରେ ଶୋକ ର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କ ଅନ୍ତିମ ସଂସ୍କାର କରଯାଇଥିବା ବେଳେ ତାଙ୍କ ବଡ ପୁଅ ମନରଞ୍ଜନ ମିଶ୍ର ମୁଖାଗ୍ନୀ ଦେଇଥିଲେ।

## ମୂଷାନାଲ ମହାବୀର ୱାରୀୟର କ୍ରିକେଟ ଟୁର୍ନାମେଣ୍ଟ



**ଲାଞ୍ଜିଗଡ଼,୨୦।୨ (ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତ ଅନ୍ତର୍ଗତ ମୂଷାନାଲ ହାଇସ୍କୁଲ ଖେଳପଡ଼ିଆ ଠାରେ ମହାବୀର ୱାରୀୟର କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦଘାଟିତ ହୋଇଯାଇଛି।ଏଥିରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ଜୋନ-୨ ଜିଲ୍ଲାପରିଷଦ ସଦସ୍ୟ ପରକ୍ଷିତ ନାଏକ ଯୋଗ ଦେଇଥିଲେ।ସମ୍ମାନୀତି ଅତିଥି ଭାବେ ଲାଞ୍ଜି ପଞ୍ଚାୟତ ସରପଞ୍ଚ ଯମୁନା ମାଝୀ, ସମିତି ସଭ୍ୟ ବେଣୁଧର ବାଗ, ମନିଷ ସାହୁ, ପବିତ୍ର ବାଗ, ମନିଷ ମିଶ୍ର, ଯୁବ ସମ୍ବାଦିକ ଧର୍ମେନ୍ଦ୍ର ପଣ୍ଡା, ଜଗତ ପାତ୍ର ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ଆଜିର ଏହି ଉଦଘାଟିତ ପ୍ରଥମ ମ୍ୟାଚ କୁମଖାଲ ଓ ବନ୍ଦପାରି ମଧ୍ୟରେ ଅନୁଷ୍ଠିତ ହୋଇଥିଲା।କୁମଖାଲ ଦଳ ପ୍ରଥମେ ବ୍ୟାଟିଙ୍ଗ କରି ୧୨ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୪୯ କରିଥିଲା।ଜବାବରେ ବନ୍ଦପାରି ଦଳ ୧୨ ଓଭର ଖେଳି ୭ ଉଇକେଟ ହରାଇ ୧୫୦ ରନ କରି ବିଜୟ ହାସଲ କରିଥିଲା। ଦ୍ୱିତୀୟ ମ୍ୟାଚ ମାଳିଯୁବାଙ୍ଗ ଓ ମେଲଘୁଟୁ ୱାରୀୟର ମଧ୍ୟରେ ହୋଇଥିଲା।ମାଳିଯୁବାଙ୍ଗ ଦଳ ପ୍ରଥମେ ବ୍ୟାଟିଙ୍ଗ କରି ୧୨ ଓଭର ଖେଳି ୭ ଉଇକେଟ ହରାଇ ୧୨୩ ରନ କରିଥିଲା। ଜବାବରେ ମେଲଘୁଟୁ ୱରିୟର ୧୨ ଓଭର ଖେଳି ସମସ୍ତ ଉଇକେଟ ହରାଇ ୯୪ ରନ କରିଥବା ବେଳେ ମାଳିଯୁବାଙ୍ଗ ଦଳ ଠାରୁ ପରାଜୟ ହୋଇଥିଲା। ମାଳିଯୁବାଙ୍ଗ ଦଳ ୨୯ ରନରେ ମେଲଘୁଟୁ ଦଳ ଠାରୁ ବିଜୟ ହାସଲ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ନିରଞ୍ଜନ ଦୋରା ଉବୁଜଲାଲ ହରିଜନ ସାମ୍ବା ମାଝୀ କୁମଖାଲ ଦଳର ରାଜାକୁ ମ୍ୟାନ ଅଫ 'ଦ'ମ୍ୟାଚ ଭାବେ ପୁରୁସ୍କୃତ କରାଯାଇଥିଲା।

## ଏଣିକି ନିଜ ଲଢ଼େଇ ନିଜର



**ଦିଗପହଣ୍ଡି,୨୦।୨ (ସଂଚାର ବ୍ୟୁରୋ):** ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜରେ ଛାତ୍ରୀ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଛି। ଅଧ୍ୟାପିକା ଅଞ୍ଜଳୀ ମଣ୍ଡଳଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ. ଅସିତ କୁମାର ଷଡଙ୍ଗୀ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣ ଶିବିରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥିତ ଛାତ୍ରୀ ମାନଙ୍କୁ ସଚେତନ କରିଥିଲେ। ନାରୀ ମାନଙ୍କ ଉପରେ ବଢ଼ି ଚାଲିଥିବା ଶାରୀରିକ ଆକ୍ରମଣରୁ କିପରି ନିଜକୁ ସୁରକ୍ଷିତ ରଖିପାରିବେ ସେ ନେଇ ଅଧ୍ୟକ୍ଷ ଉଦବୋଧନ ଦେଇଥିଲେ। ଇଂରାଜୀ ବିଭାଗ ଅଧ୍ୟାପକ ହର୍ଷ ଚନ୍ଦ୍ର ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସମୟରେ ଘଟିଯାଇଥିବା କିଛି ଅଘଟଣର ଉଦାହରଣ ଦେଇ ଛାତ୍ରୀ ଆତ୍ମ ସୁରକ୍ଷା ପ୍ରଶିକ୍ଷଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଶିକ୍ଷିକା ଏସ୍ . ଉଷାରାଣୀ ଦୋରା ଏବଂ ରାକ୍ଷୀ କୁମାରୀ ସାହୁ ୩ ଶହରୁ ଉଦ୍ଧର୍‌ବ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା ସମ୍ବନ୍ଧିତ ବିଭିନ୍ନ କଳା କୌଶଳ ଶିକ୍ଷା ନିମନ୍ତେ ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ ଶିବିର ଗୁରୁବାର ଉଦ୍ୟାପିତ ହେବ ।

## ୨୧୮ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା

**ଦିଗପହଣ୍ଡି/ପାଟପୁର,୨୦।୨ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ସମଗ୍ର ଶିକ୍ଷା ଅଭିଯାନ ଓ ଜିଲା ଦୃଷ୍ଟି ବାଧିତ ନିୟନ୍ତ୍ରଣ କାର୍ଯ୍ୟାଳୟ ଆନୁକୂଲ୍ୟରେ ରାଜ୍ୟ ସରକାରଙ୍କ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ସହାୟତାରେ ସାନଖେମୁଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମହାନଳା ଗ୍ରାମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚକ୍ଷୁ ଚିକିତ୍ସା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଦୃଷ୍ଟି ଶକ୍ତି ନିରୂପଣ ଓ ଚିକିତ୍ସା ପାଇଁ ଉଦ୍ଦିଷ୍ଟ ଏହି ଶିବିରକୁ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶୁ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଶୁକଦେବ ମଲ୍ଲିକ, ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜିକା ରୀତାଞ୍ଜଳି ରଥ, ଚକ୍ଷୁ ପରୀକ୍ଷଣ ଅଧିକାରୀ ଡ଼. ସିଲା ସୀତାରମଣଙ୍କ ସମେତ ଭବାନୀ ଶଙ୍କର ପାତ୍ର, ଦୀପ୍ତିମୟୀ ଦାସ, ସୃଷ୍ଟି ସାହୁ ପ୍ରମୁଖ

### ନିଘୋଡ଼ ନିଦ୍ରାରେ ଭଦ୍ରକ ଯୋଗାଣ ଅଧିକାରୀ

# ଘରୋଇ ଜାଳେଣି ଗ୍ୟାସର କଳାବଜାରୀ



**ଧାମନଗର,୨୦।୨ (ସଂଚାର ବ୍ୟୁରୋ):** ସରକାର ଗାଁ ଗହଳିରେ ବସବାସ କରୁଥିବା ସମସ୍ତ ଗୃହିଣୀମାନଙ୍କର ପ୍ରମୁଖ ସମସ୍ୟାର ସମାଧାନ କରିବା ପାଇଁ ସରକାର ପ୍ରତ୍ୟେକଟି ପରିବାର ପାଖରେ ଇନ୍ଧନ ଗ୍ୟାସ ସିଲିଣ୍ଡର ପହଞ୍ଚାଇବାକୁ ବିଭିନ୍ନ ଯୋଜନା କରିଛନ୍ତି। ଗରୀବ ପରିବାର ପାଇଁ ଉଜ୍ଜ୍ୱଳା ଯୋଜନାରେ କମ ଦାମରେ ଅଧିକ ରିହାତି ରେ ଇନ୍ଧନ ଗ୍ୟାସ ଯୋଗାଉଛନ୍ତି। ଯାହାର ସରକାରୀ ମୂଲ୍ୟ ୧୪.୨କେଜିକୁ ୮୯୦ ଟଙ୍କା ରଖାଯାଇଛି।ଏହାକୁ ଜଣେ ସାଧାରଣ ଉପଭୋକ୍ତା ନେଲେ ଯାହାର ସବସିଡ ୨୩ ଟଙ୍କା ବ୍ୟାଙ୍କ ଖାତାକୁ ଯାଇଥାଏ। ଠିକ ସେହିପରି ଉକ୍ତ ଗ୍ୟାସ ସିଲିଣ୍ଡରକୁ ଜଣେ ଉଜ୍ଜ୍ୱଳା ଉପଭୋକ୍ତା ନେଲେ ତାର ବ୍ୟାଙ୍କ ଖାତାକୁ ୩୩୦ ଟଙ୍କା ରିହାତି ଯାଇଥାଏ। ସେହିପରି ବ୍ୟବସାୟ ଉଦ୍ଦେଶ୍ୟରେ ବ୍ୟବହାର କରିବା ପାଇଁ ସରକାର ୧୯କେଜି ଓଜନର ସିଲିଣ୍ଡର ବ୍ୟବସ୍ଥା ରଖିଛନ୍ତି। ଯାହାର ମୂଲ୍ୟ ୧୮୮୨ଟଙ୍କା ରଖିଛନ୍ତି। କିନ୍ତୁ ଏକ ଦୁଃଖର ବିଷୟ ସରକାର ଯେଉଁ ଉଦ୍ଦେଶ୍ୟ ପାଇଁ ସାଧାରଣ ଲୋକଙ୍କ ସୁବିଧା ପାଇଁ ବିଭିନ୍ନ ଯୋଜନା କରିବା ସହିତ ବିଭିନ୍ନ ସବସିଡର ସୁବିଧା ଦେବା ସହିତ ତାହାର ଅତିରିକ୍ତ ବୋଝର ଭାର ସରକାର ନିଜ ମୁଣ୍ଡରେ ମୁଣ୍ଡାଉଥିବାବେଳେ। କିଛି ଅସାଧୁ ଅଫିସର ଓ କିଛି ଅସାଧୁ ବ୍ୟବସାୟୀ ଅସଦ ବାଟରେ ନିଜର ପକେଟ ଗରମ କରିବା ପାଇଁ ବିଭିନ୍ନ ଅସାଧୁ ବାଟ ଅବଲମ୍ବନ କରିଥାନ୍ତି।ଯେପରି ଭଦ୍ରକ ଜିଲାର ଧାମନଗର ବ୍ଲକ ସମେତ ସମସ୍ତ ବ୍ଲକମାନଙ୍କରେ ଥିବା ସଦର ମହକୁମା ଓ ଗାଁଗହଳିରେ ଥିବା ବଜାର ମାନଙ୍କରେ ଥିବା ହୋଟେଲ, ରେଷ୍ଟୁରାଣ୍ଟ, ବିଭିନ୍ନ ମିଠା ଦୋକାନ, ଚା ଷ୍ଟଲ ଭଳି ବ୍ୟବସାୟିକ ପ୍ରତିଷ୍ଠାନ ମାନଙ୍କରେ ଖୁଲମ ଖୁଲା ଦିନ ଦ୍ୱିପହରେ ବିନା ଦ୍ୱିଧାରେ ସାଧାରଣ ଲୋକଙ୍କ ପାଇଁ ବ୍ୟବହୃତ ହେବାକୁ ଥିବା ଘରୋଇ ଗ୍ୟାସ ସିଲିଣ୍ଡରକୁ ବିଭିନ୍ନ ଗ୍ୟାସ ଏଜେନ୍ସି ପ୍ରତ୍ୟେକ ଛକ ବଜାର ମାନଙ୍କରେ ନିଜେ ଗୋଟେ ଗୋଟେ ଏଜେନ୍ସି ତିଆରି କରି ନିର୍ଦ୍ଧାରିତ ଦାମ ଠାରୁ ୮୦ ରୁ ୧୦୦ଟଙ୍କା ଅଧିକ ରଖି ଚଢ଼ା ଦରରେ ବିକ୍ରିକରି ଲାଭବାନ ହେଉଛନ୍ତି।ଯାହାଫଳରେ ପରୋକ୍ଷରେ ଉପଭୋକ୍ତାମାନେ ବହୁ ସମୟରେ ଏଜେନ୍ସିରୁ ଗ୍ୟାସ ନପାଇ ନିରାଶ ହେବା ସହିତ ଚଢ଼ା ଦରରେ ତାଙ୍କ ଦ୍ୱାରା ପରୋକ୍ଷରେ ତିଆରି ହୋଇଥିବା ସବ ଡିଲରଙ୍କ ପାଖରୁ କିଣିବାକୁ ବାଧ୍ୟ ହେଉଛନ୍ତି। ଯାହାଫଳରେ ସରକାରଙ୍କ ବିଭିନ୍ନ ଜନମଙ୍ଗଳ ଯୋଜନା ବାଟବଣା ହେଉଛି।ଏହି ବିଷୟରେ ଜିଲ୍ଲା ସହକାରୀ ଯୋଗାଣ ଅଧିକାରୀଙ୍କ ପାଖରେ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ଅସାଧୁ ବ୍ୟବସାୟୀଙ୍କ ଉପରେ ଚଢ଼ାଉ କରିବା ତ ଦୁରର କଥା, ଏଥିପ୍ରତି କୌଣସି ଦୃଷ୍ଟି ଦେଉ ନାହାନ୍ତି।

## ଲକ୍ଷପତି ଓ ମହା ଲକ୍ଷପତି ଦିଦି ସୃଷ୍ଟି କରିବା ପାଇଁ ତାଲିମ ବା ମାର୍ଗଦର୍ଶନ କର୍ମଶାଳା



**ସୁବର୍ଣ୍ଣପୁର,୨୦।୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସଂସ୍କୃତି ଭବନ ଠାରେ ଜିଲ୍ଲା ର ୬ ଗୋଟି ବ୍ଲକ୍ ର ଲକ୍ଷପତି ଦିଦି ଏବଂ ମହା ଲକ୍ଷପତି ଦିଦି, ଡି.ଏଲ୍.ଏଫ୍ ଲିଡର, ଏମ ବିକେ, ସିଆର୍ ପି, ବ୍ୟାଙ୍କ୍ ମିତ୍ର ଓ ବିଭିନ୍ନ ଜିଲ୍ଲା ସ୍ତରୀୟ ବିଭାଗ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ନେଇ ଅଧିକ ସଂଖ୍ୟକ ଲକ୍ଷପତି ଓ ମହାଲକ୍ଷପତି ଦିଦି ସୃଷ୍ଟି କରିବା ପାଇଁ ମହିଳା କିଷାନ ସଶକ୍ତିକରଣ ପରିଯୋଜନା କାର୍ଯ୍ୟକ୍ରମ ମାଧ୍ୟମରେ ଓଡିଶା ଜୀବିକା ମିଶନ, ମିଶନ ଶକ୍ତି ବିଭାଗ ପକ୍ଷରୁ ଏକ ତାଲିମ ବା ମାର୍ଗଦର୍ଶନ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲପାଳ ଅଞ୍ଜଳିନା ପ୍ରଧାନ ଏବଂ ସମ୍ମାନୀତ ଅତିଥି ଭାବରେ ଜିଲ୍ଲାପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଉଷାରାଣୀ ଦାସ, ଲିଡ ବ୍ୟାଙ୍କ୍ ମ୍ୟାନେଜର, ଓ ସାଧାରଣ ପରିଚାଳକ, ଜିଲ୍ଲା ଶିଳ୍ପ କେନ୍ଦ୍ର, ସୁବର୍ଣ୍ଣପୁର ପ୍ରମୁଖ ମଞ୍ଚାସିନ ଥିଲେ।ଏହି ପରିପ୍ରେକ୍ଷୀରେ, ଜିଲ୍ଲା ସ୍ତରୀୟ ସରକାରୀ ବିଭାଗିୟ ଅଧିକାରୀ ମାନେ ସେମାନଙ୍କ ବିଭାଗ ଦ୍ୱାରା ସମ୍ପାଦିତ ହେଉଥିବା ବିଭିନ୍ନ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ବିଷୟରେ ଉପସ୍ଥିତ ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଏମ.ବି.କେ, ସି. ଆର୍, ପି ଓ ଓଡ଼ିଶା ଜିବିକା ମିଶନ ଓ ମିଶନ ଶକ୍ତି ବିଭାଗ ର ଅଧିକାରୀ ଓ କର୍ମଚାରୀ ମାନଙ୍କ ଅବଗତି ନିମନ୍ତେ ତାଲିମ ମାଧ୍ୟମରେ ସଚେତନ ଓ ଅବଗତ କରିଥିଲେ। ଫଳରେ ସଂପୃକ୍ତ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସହିତ ଏକତ୍ରିକରଣ ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଓ ସାଧାରଣ ମହିଳା ମାନେ ଅଧିକ ଲାଭବାନ ହେବା ସଙ୍ଗେ ସଙ୍ଗେ ଲକ୍ଷପଟି ଓ ମହାଲକ୍ଷପତି ହେବା ପାଇଁ ସହାୟତା ଓ ସହାୟକ ହୋଇପାରିବ। ଏହି ତାଲିମ ବା ମାର୍ଗଦର୍ଶନ କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ସାମାଜିକ ବିକାଶ ସଚେତନତା, ଆର୍ଥିକ ପରିଚାଳନା / ଆର୍ଥିକ ସାକ୍ଷରତା / ଲିଙ୍ଗ ସମାନତା / ଡିଜିଟାଲ ସଚେତନତା ଉପରେ କ୍ଷମତା ନିର୍ମାଣ, ଦକ୍ଷତା ବିକାଶ, ଆତ୍ମନିଯୁକ୍ତି, ଉତ୍ପାଦନ ୟୁନିଟ୍ ସ୍ଥାପନ ଏବଂ ମାର୍କେଟିଂ ଭଳି ବିଭିନ୍ନ କାର୍ଯ୍ୟକ୍ରମ ସୁଭଦ୍ରା ଶକ୍ତି କେନ୍ଦ୍ର ବିଷୟ ରେ ଆଲୋଚନା କରାଯାଇଥିଲା।

## ପଞ୍ଚାୟତବାସିଙ୍କ ଦୁଃଖ ବୁଝିଲେ ପୂର୍ବତନ ବିଧାୟକ



**ନୀଳଗିରି,୨୦।୨ (ସଂଚାର ବ୍ୟୁରୋ):** ଔପଦା ବ୍ଲକ କାଣ୍ଡ ଗରଡ଼ି ପଞ୍ଚାୟତ ର କାନପୁର, ନୟାପାଟଣା ଖୋଲିଆ କାଣ୍ଡଗରଡ଼ି ଗ୍ରାମ ର ନୂତନ ରାସ୍ତା ପାଇଁ ଗ୍ରାମ୍ୟ ଉନୟନବିଭାଗ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଥିଲା। ଉକ୍ତ ଅର୍ଥ ରେ ନିର୍ମିତ ରାସ୍ତା କାମ ନିମ୍ନମାନର ହୋଇଥିବାରୁ ଦୀର୍ଘ ୬ ମାସ ଧରି ଅଭିଯୋଗ ହୋଇ ଆସୁଥିଲା। ଆଜି ପୂର୍ବାହ୍ନ ୧୧. ୩୦ ମିନିଟ ରେ ନୀଳଗିରି ପୂର୍ବତନ ବିଧାୟକ ସୁକାନ୍ତ ନାୟକ, କାଣ୍ଡଗରଡ଼ି ୱାର୍ଡ ନମ୍ବର ୭ ମାଙ୍କଡାଗଡିଆ ଗ୍ରାମ ରେ ପହଁଞ୍ଚି ଗ୍ରାମବାସୀ ଙ୍କ ସହିତ ଆଲୋଚନା କରିବା ପରେ ନିଜେ ରାସ୍ତା ର ମାନ ଯାଞ୍ଚ କରିଥିଲେ ।ଖବର ପାଇ ଔପଦା ବ୍ଲକ ଯନ୍ତ୍ରୀ ପହଁଞ୍ଚି ପୂର୍ବତନ ବିଧାୟକ ଏବଂ ଗ୍ରାମବାସୀ ସହିତ ରାସ୍ତା କାମ କୁ ଯାଞ୍ଚ କରିଥିଲେ।ଯେଉଁ ସ୍ଥାନ ରେ କାମ ନିମ୍ନ ମାନର ହୋଇଛି ଉକ୍ତ ଜାଗା କୁ ମରାମତି କରିବାର ପ୍ରତିଶୃତି ଦେବା ସହିତ ଆବଶ୍ୟକ ସ୍ଥଳେ ଯେଉଁ ପୋଖରୀ, ଗଡିଆ ଏବଂ କେନାଲ ସ୍ୱିଚ ସ୍ଥାନ ରେମରାମତି କରିବା ପାଇଂ ଉପରିସ୍ଥ ଅଧିକାରୀ ଙ୍କୁ ଅବଗତ କରି ନୂତନ ଗାର୍ଡୱାଲ ନିର୍ମାଣ କରିପାରିବେ ବୋଲି ମଧ୍ୟ ପୂର୍ବତନ ବିଧାୟକ ଙ୍କ ଆଗରେ ଗ୍ରାମବାସୀ ମାନଙ୍କୁପ୍ରତିଶ୍ରୁତିଦେଇଥିବା ଜଣାପଡ଼ିଛି ।

## ନବବଧୂଙ୍କୁ ପିଟି ପିଟି ହତ୍ୟା ମାମଲା, ଗର୍ଭବତୀ ଥିଲେ ପୀଡିତା



**ସୁବର୍ଣ୍ଣପୁର,୨୦।୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ସହର ର ରାମକୃଷ୍ଣ ନଗର ଠାରେ ଭଡ଼ାରେ ରହୁଥିବା ବୌଦ୍ଧ ଜିଲ୍ଲା ବାଉଁଶୁଣି ଥାନା ସାନ ଯାଲୋଇ ଗାଁ ର ଉତ୍ତମ ପାଣିଗ୍ରାହୀ ଙ୍କ ପୁଅ ଲିଙ୍କନ ପାଣିଗ୍ରାହୀ ତାଙ୍କ ସ୍ତ୍ରୀ ରୁନୁ କୁ ଯୌତୁକ ପାଇଁ ପିଟି ପିଟି ହତ୍ୟା ମାମଲାର ପର୍ଦ୍ଦା ଫାଶ ହେବା ପରେ ଆଜି ସୁବର୍ଣ୍ଣପୁର ଏସପି ଶ୍ରୀ ନାରାୟଣ ନାଏକ ସାମ୍ବାଦିକ ସମ୍ମିଳନୀ ରେ ସମସ୍ତ ସୂଚନା ପ୍ରଦାନ କରିଛନ୍ତି। ମନମୁଣ୍ଡା ଥାନା ବ୍ରାହ୍ମଣୀ ଗାଁ ର ଦାମୋଦର ମିଶ୍ର ବୌଦ୍ଧ ଜିଲ୍ଲା ବାଉଁଶୁଣି ଥାନା ଯାଲୋଇ ଗାଁ ରେ ଉତ୍ତମ ପାଣିଗ୍ରାହୀ ଙ୍କ ପୁଅ ଲିଙ୍କନ ପାଣିଗ୍ରାହୀ ଙ୍କ ସହିତ ନିଜ ଝିଅ ରୁନୁ କୁ ବୈଦିକ ରୀତି ନିତି ରେ ୨୦୨୫ ରେ ଏପ୍ରିଲ ରେ ବାହା ଘର କରିଥିବା ଓ ଗତ ୧୮-୦୨ - ୨୬ ରେ ଝିଅ କୁ ସ୍ୱାମୀ ଲିଙ୍କନ ପାଣିଗ୍ରାହୀ ଝିଅ ର ଶାଶୂ ଶାନ୍ତିଲତା ପାଣିଗ୍ରାହୀଙ୍କ ସହଯୋଗରେ ହତ୍ୟା କରିଥିବା ବିଷୟ ଏସପି ସୂଚନା ଦେଇଥିଲେ। ଗତକାଲି ସାଇଣ୍ଟିଫିକ ଟିମ୍ ଲିଙ୍କନ୍ ରହୁଥିବା ରାମକୃଷ୍ଣ ନଗର ସ୍ଥିତ ଭଡା ଘରେ ଛାନଭିନ କରିଥିବା ବେଳେ ସମସ୍ତ ପ୍ରମାଣ ଯୋଗାଡ କରିଛି । ମୃତ ରୁନୁ ମିଶ୍ର ଙ୍କ ଦେହ ସାରା ଅନେକ କ୍ଷତ ଚିହ୍ନ ଥିବା ଶବ ବ୍ୟବଚ୍ଛେଦ ବେଳେ ଦେଖିବାକୁ ମିଳିଥିବା ଓ ପାରିପାର୍ଶ୍ୱିକ ପ୍ରମାଣ ଆଧାରରେ ଗତକାଲି ସ୍ୱାମୀ ଓ ଶାଶୂ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି କହିଥିଲେ। ଏବଂ ମୃତ ରୁନୁ ମିଶ୍ର ଙ୍କ ପେଟ ରେ ଏକ ମୃତ ଶିଶୁ ପୁତ୍ର ଥିବା କଥା ମଧ୍ୟ ସୂଚନା ଦେଇ ତାହା ଦୁର୍ଭାଗ୍ୟ ଜନକ ବୋଲି କହିଥିଲେ ।

## ରିପୋର୍ଟ ଆଦାନ ପ୍ରଦାନ ପାଇଁ ଜିଲ୍ଲାସ୍ତରୀୟ ବୈଠକ



**ସୁନ୍ଦରଗଡ଼,୨୦।୨ (ସଂଚାର ବ୍ୟୁରୋ):** ସ୍ଥାନୀୟ ବିକାଶ ଭବନ ଠାରେ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ, ଜଳ ଶକ୍ତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ, ଦକ୍ଷିଣ- ପୂର୍ବ ଅଞ୍ଚଳ, ଭୁବନେଶ୍ୱର ଦ୍ୱାରା ସୁନ୍ଦରଗଡ଼ରେ ଭୂଗର୍ଭ ଜଳ ତଥ୍ୟର ପ୍ରଚାର ଓ ଜାତୀୟ ଜଳ ଭଣ୍ଡାର ମାନ ଚିତ୍ରଣ ଏବଂ ପରିଚାଳନା ରିପୋର୍ଟ ଆଦାନ- ପ୍ରଦାନ ପାଇଁ ଜିଲ୍ଲାରେ ଏକ ଜିଲ୍ଲା ସ୍ତରୀୟ ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକର ମୂଳ ଉଦ୍ଦେଶ୍ୟ ଥିଲା ଭୂଗର୍ଭ ଜଳ ସମ୍ବନ୍ଧୀୟ ବୈଜ୍ଞାନିକ ତଥ୍ୟ ଓ ଅଧ୍ୟୟନ ଫଳାଫଳକୁ ଜିଲ୍ଲା ପ୍ରଶାସନ ସହ ଅଂଶୀଦାର କରି ସ୍ଥାୟୀ ଏବଂ ବୈଜ୍ଞାନିକ ଭୂଗର୍ଭ ଜଳ ପରିଚାଳନା କୁ ପ୍ରୋତ୍ସାହନ ଦେବା। ଏହି ଅବସରରେ ଏକ ପ୍ରମାଣଭିତ୍ତିକ ପୁସ୍ତକକୁ ଜିଲ୍ଲାପାଳ ଡ଼ଃ ଶୁଭଙ୍କର ମହାପାତ୍ରଙ୍କ ଅନୁମୋଦନ କ୍ରମେ ଉନ୍ମୋଚନ କରାଯାଇଥିଲା। ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ସୁରଞ୍ଜନ ସାହୁ, ଅଧିକ୍ଷଣ ଯନ୍ତ୍ରୀ କ୍ଷୁଦ୍ର ଜଳ ସେଚନ ଧୀରେନ୍ଦ୍ର ସେଠୀ ଏବଂ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ, ଦକ୍ଷିଣ ପୂର୍ବ ଅଞ୍ଚଳ ଭୁବନେଶ୍ୱରର ବୈଜ୍ଞାନିକ ସତ୍ୟମ୍ ଶୁକ୍ଲା ଏବଂ ଆଶୁତୋଷ ଚୌଧୁରୀ ଉପସ୍ଥିତ ଥିଲେ। ସେହିଭଳି ଏହି ଅବସରରେ ଜାତୀୟ ଜଳ ଭଣ୍ଡାର ମାନ ଚିତ୍ରଣ ଏବଂ ପରିଚାଳନା ରିପୋର୍ଟ ଅଧ୍ୟୟନର ବିସ୍ତୃତ ରିପୋର୍ଟ ଜିଲ୍ଲା ପ୍ରଶାସନଙ୍କୁ ହସ୍ତାନ୍ତର କରାଯାଇ ଥିଲା। ଏହି ରିପୋର୍ଟରେ ନିମ୍ନଲିଖିତ ମୁଖ୍ୟ ଦିଗ ଗୁଡ଼ିକ ରହିଛି ଯଥା - ଭୂଗର୍ଭ ଜଳ ଉପଲବ୍ଧତା, ଜଳର ଗୁଣଗତ ଅବସ୍ଥା, ପୁନର୍ଭରଣ କ୍ଷମତା, ପରିଚାଳନା କୌଶଳ ଓ ସୁପାରିଶ ଆଦି। ଏହି ଅବସରରେ ବୈଜ୍ଞାନିକ ଶ୍ରୀ ଶୁକ୍ଲା ଓ ଶ୍ରୀ ଚୌଧୁରୀ ସୁନ୍ଦରଗଡ଼ ଜିଲ୍ଲାର ଭୂଗର୍ଭ ଜଳ ପରିସ୍ଥିତି, ଜଳଭୃତ ମାନଚିତ୍ରଣର ମୁଖ୍ୟ ନିଷ୍କର୍ଷ,ସମ୍ଭାବ୍ୟ ଚ୍ୟାଲେଞ୍ଜ, କାର୍ଯ୍ୟକାରୀ ପରିଚାଳନା ପାଇଁ ପ୍ରସ୍ତାବ ଉପରେ ଆଲୋକପାତ କରିଥିଲେ। ସେହିଭଳି ବିଭିନ୍ନ ବିଭାଗ ସହ ସମନ୍ୱୟ ସ୍ଥାପନ କରି ଜଳ ସଂରକ୍ଷଣ ଓ କୃତ୍ରିମ ପୁନର୍ଭରଣ ଉପାୟ ଅବଲମ୍ବନ କରାଯିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

## ପ୍ରଧାନଶିକ୍ଷକଙ୍କ ନିଲମ୍ବନକୁ ନେଇ ଛାତ୍ରଛାତ୍ରୀଙ୍କ ଧାରଣା



**ମାହାଙ୍ଗା ,୨୦।୨ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ମାହାଙ୍ଗା ପଞ୍ଚାୟତ ସ୍ଥିତ ଯଶୁଆପୁର ଗୋପବନ୍ଧୁ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ଦେହୁରୀଙ୍କ ନିଲମ୍ବନ ପ୍ରତିବାଦରେ ବିଦ୍ୟାଳୟ ମୁଖ୍ୟଫାଟକରେ ତାଲା ପକାଇ ଧାରଣାରେ ବସିଲେ ଛାତ୍ରଛାତ୍ରୀ ଓ ଅଭିଭାବକ। ସୂଚନା ମୁତାବକ ଗତ ଫେବୃୟାରୀ ୧୬ ତାରିଖ ସୋମବାର ଦିନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତପନ ସିଂହଙ୍କ ମା ଙ୍କ ଦଶାହ କାର୍ଯ୍ୟ ଥିଲା। ବିଦ୍ୟାଳୟ ଅବସ୍ଥିତ ସମସ୍ତ ଅଧିବାସୀ ଗୋଟିଏ କୁଟୁମ୍ବର ହୋଇଥିବା ହେତୁ ଉକ୍ତ ଦିନ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ନ କରିବା ପାଇଁ ପରିଚାଳନା କମିଟି ସଭାପତି ଶନିବାର ଦିନ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଲିଖିତ ଭାବେ ଅନୁରୋଧ କରିଥିଲେ। ଅପର ପକ୍ଷରେ ରୋଷେଇଆ ସମ୍ପୃକ୍ତ ମୃତକଙ୍କ ବଂଶଧର ହୋଇଥିବାରୁ ସେମାନେ ରୋଷେଇ ନ କରିବା ପାଇଁ ଜଣାଇଥିଲେ। ସେହିପରି ଛାତ୍ରଛାତ୍ରୀମାନେ ରନ୍ଧନ ଖାଦ୍ୟ ଖାଇବା ପାଇଁ ମଧ୍ୟ ମନା କରିଥିଲେ। ପ୍ରଧାନଶିକ୍ଷକ ଶ୍ରୀ ଦେହୁରୀ ସୋମବାର ଦିନ ଛୁଟିରେ ଥିବାରୁ ଦାୟିତ୍ୱରେ ଥିବା ସହକାରୀ ଶିକ୍ଷକ ଅରକ୍ଷିତ ପ୍ରଧାନ ଛାତ୍ରଛାତ୍ରୀମାନଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ। ଉକ୍ତ ପରିଚାଳନା କମିଟି ଓ ସ୍ଥାନୀୟ ଗ୍ରାମବାସୀଙ୍କ ପରାମର୍ଶରେ ବିଦ୍ୟାଳୟର ଶିକ୍ଷକ ଏଭଳି କାର୍ଯ୍ୟ କରିଥିଲେ। ଉକ୍ତ କ୍ଲଷ୍ଟର ସିଆରସିସି ମାହାଙ୍ଗା ବିଇଓ ମୋନାଲିସା ସରକାରଙ୍କୁ ମଧ୍ୟାହ୍ନଭୋଜନ ହୋଇନଥିବା ଦର୍ଶାଇଥିଲେ। ଯାହା ଫଳରେ ବିଇଓ ମୋନାଲିସା ସରକାର ସିଆରସିସି ଶୈଳବାଳା ଜେନାଙ୍କ ରିପୋର୍ଟ ଆଧାରରେ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରୀ କରିଥିଲେ। କାରଣ ଦର୍ଶାଅ ନୋଟିସର ଜବାବ ଦାଖଲ ପରେ ବିଇଓ ଶ୍ରୀମତୀ ସରକାର ଘଟଣାର ପୁଙ୍ଖନାପୁଙ୍ଖ ତଦନ୍ତ ନ କରି ବେପରୁଆ ଭାବରେ ଛୁଟିରେ ଥିବା ପ୍ରଧାନଶିକ୍ଷକ ଶ୍ରୀ ଦେହୁରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରିବା ସହ ସହକାରୀ ଶିକ୍ଷକ ଶ୍ରୀ ପ୍ରଧାନଙ୍କ ଗୋଟିଏ ଦିନର ଦରମା ବନ୍ଦ କରିଥିଲେ।

## ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନୀଳଗିରି,୨୦।୨ (ସଂଚାର ବ୍ୟୁରୋ):** ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଗୁଡିଖୋଳା ସ୍ଥିତ ଗୁଡିଖୋଳା ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଜି ୧୧ଟା ୩୦ ମିନିଟ ଠାରୁ ଦିବସ ବ୍ୟାପୀ ବିର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀସୁକାନ୍ତି ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶ୍ୟାମସୁନ୍ଦରପୁର ପଞ୍ଚାୟତର ସରପଞ୍ଚ ପୁରୁଷୋତ୍ତମ ସେଠୀ, ମୁଖ୍ୟ ବକ୍ତା ଅତିରିକ୍ତ ଶିକ୍ଷାଧିକାରୀ ସୀତା ହାଁସଦା, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟ ଭୋଳାନାଥ ମାଝୀ, ଯୁବ କବି ସୁନିଲ ମିଶ୍ର, ବିଦ୍ୟାଳୟର ଶିକ୍ଷା କମିଟିର ସଭାପତି ଜୟନ୍ତୀ ମୁର୍ମୁ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଭିଭାବକ ତଥା ଗ୍ରାମବାସୀମାନେ ସଚେତନ ହେଲେ ଏ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଆହୁରି ଆଗକୁ ଯାଇ ପାରିବେ ବୋଲି ମଞ୍ଚାସିନ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ସିଂ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଶିକ୍ଷୟିତ୍ରୀ ସସ୍ମାଲି ଦାସ ଓ ସବିତା ରାଉତ ମଞ୍ଚ ଆହ୍ୱାନ କରିଥିଲେ।

# ମଣ୍ଡିରେ ଧାନ ବିକିବା ନେଇ ଚାଷୀ ଚିନ୍ତିତ



**କଳାହାଣ୍ଡି,୨୦।୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାରେ ଖରିପ ମଣ୍ଡି ଅଡୁଆ ଏପର୍ଯ୍ୟନ୍ତ ତୁଟିବାର ନା' ଧରୁନି। ଜିଲ୍ଲାରେ ଏପର୍ଯ୍ୟନ୍ତ ୬୨ ଲକ୍ଷ ୮୬ ହଜାର ୪୭୭ କ୍ରିଣ୍ଟାଲ ଧାନ ଉଠିଥିବା ବେଳେ ଯୋଗାଣ ବିଭାଗ ପକ୍ଷରୁ ଅଧିକ ୩ ଲକ୍ଷ କ୍ୟୁଣ୍ଟାଲ ଟାର୍ଗେଟ୍ ପାଇଁ ବିଭାଗକୁ ଚିଠି ଲେଖାଯାଇଥିଲା। କିନ୍ତୁ ଏଥିରୁ ଦେଢ଼ଲକ୍ଷ କ୍ଵିଣ୍ଟାଲ ଟାର୍ଗେଟ ଆସିଥିବା ବେଳେ ବନ୍ଦ ଥିବା କିଛି ମଣ୍ଡି ଖୋଲିଥିବା ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଜାତା ମିଶ୍ର କହିଛନ୍ତି। ପ୍ରଥମରୁ ଜିଲ୍ଲାରେ ଖରିଫ ମଣ୍ଡି ପାଇଁ ୬୪ ଲକ୍ଷ ୫୮ ହଜାର କୁଇଣ୍ଟାଲ ଟାର୍ଗେଟ ଆସିଥିଲା। ତୃତୀୟ ପର୍ଯ୍ୟାୟ ଟୋକନ ଆସିବା ପରେ ବିଭାଗ ପକ୍ଷରୁ ଆହୁରି ଅଧିକ ୩ ଲକ୍ଷ କ୍ୟୁଣ୍ଟାଲ ଧାନ କିଣିବା ନିମନ୍ତେ ଟାର୍ଗେଟ ପାଇଁ ଅନୁରୋଧ କରାଯାଇଥିଲା। ଟାର୍ଗେଟ୍ ନଥିବାରୁ ଜିଲ୍ଲାର ୨୩୦ଟି ମଣ୍ଡିରୁ ୧୩୮ଟି ମଣ୍ଡି ବନ୍ଦ ହୋଇସାରିଥିଲା। କିନ୍ତୁ ନୂଆ ଟାର୍ଗେଟ ଆସିବା ପରେ ବର୍ତ୍ତମାନ ପ୍ରାୟ ୫୦ଟି ମଣ୍ଡି ଖୋଲିଥିବା ଜଣାପଡ଼ିଛି। ଏଯାଏ ଚାଷୀଙ୍କ ଖରିଫ୍ ଧାନକିଣା ସରିନଥିବା ବେଳେ ରବି ଚାଷ କିଭଳି କରିବେ ସେନେଇ ଚାଷୀମାନେ ଚିନ୍ତାରେ ପଡ଼ି ଯାଇଛନ୍ତିଲୁ ସେପଟେ, ଜିଲ୍ଲାର ଅନେକ ବଡ ବଡ଼ ଚାଷୀ ସେମାନଙ୍କ ଉତ୍ପାଦନରୁ କମ୍ ପରିମାଣର ଟୋକନ ପାଇଛନ୍ତି। ଜଳସେଚିତ ଜମି ପାଇଁ ଏକରପିଛା ୧୯ କ୍ୟୁଣ୍ଟାଲ ଧାନ ବିକ୍ରି କରିବେ ବୋଲି ସରକାର ନିଷ୍ପତ୍ତି ନେଇଥିବା ବେଳେ ବଡ଼ ଚାଷୀମାନେ ଏକର ପିଛା ୨୫ରୁ ୩୦ କ୍ୟୁଣ୍ଟାଲ ଉତ୍ପାଦନ କରିଛନ୍ତି। ଫଳରେ ବଳକା ଧାନ ବିକ୍ରି କରିବା ଚାଷୀଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି।କୋକସରା ବ୍ଲକର ଲଡୁଗାଁ ଅଞ୍ଚଳରେ ଫକ୍ସ ଏଣ୍ଟ୍ରି ଜରିଆରେ ମିଛ ଧାନ କିଣାବିକା ହେଉଥିବା ଅଭିଯୋଗ ହେଉଛି।ରାଜ୍ୟ ସରକାର ମିଲର୍‌ମାନଙ୍କ ଷ୍ଟକ ଯାଞ୍ଚ କଲେ ବହୁ ଗୁମର ଫିଟନ୍ତା ବୋଲି ଚାଷୀ ମହଲରେ ଦାବି ହେଉଛି।

SANCHAR
ସଂଚାର
ଶନିବାର ୨୧ ଫେବୃଆରୀ ୨୦୨୬




# ଖରାଦିନେ ଜଳୀୟ ଅଂଶ ଅଭାବ ପାଇଁ ଫଳ ଖାଆନ୍ତୁ



ଗ୍ରୀଷ୍ମ ଋତୁରେ ଶରୀରକୁ ଥଣ୍ଡା ଏବଂ ହାଇଡ୍ରେଟେଡ୍ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହି ଦିନରେ ମସଲାଯୁକ୍ତ ଖାଦ୍ୟଠାରୁ ଦୁରେଇ ରହିବା ଆବଶ୍ୟକ। ଯାହାଦ୍ୱାରା ଅନେକ ସମସ୍ୟାକୁ ରୋକାଯାଇପାରିବ। କିଛି ଫଳ ଅଛି ଯାହା ଆପଣଙ୍କ ପେଟ ପାଇଁ ବିଶେଷ ଭାବରେ ଲାଭଦାୟକ ଏବଂ ଖରାଦିନେ ଆପଣଙ୍କ ଶରୀରକୁ ସତେଜ କରିଥାଏ। ଯାହା ଖରାଦିନ ପାଇଁ ସର୍ବୋତ୍ତମ ହୋଇଥାଏ। ଗରମ ଏବଂ ଗୁଲୁଗୁଲି ବଢ଼ିବା ଆରମ୍ଭ ହୋଇଯାଇଛି। ଏହି ଋତୁରେ ନିଜକୁ ଫିଟ୍ ରଖିବା ଏକ ଚ୍ୟାଲେଞ୍ଜଠାରୁ କମ୍ ନୁହେଁ। ତାପମାତ୍ରାରେ ନିରନ୍ତର ବୃଦ୍ଧି ଯୋଗୁଁ ଶରୀରରେ ଜଳର ଅଭାବ ଅର୍ଥାତ୍ ଡିହାଇଡ୍ରେସନ୍ ହୋଇଯାଇଥାଏ। ପାଣି ଅଭାବରୁ ଥକ୍କାପଣ, ମୁଣ୍ଡ ବୁଲାଇବା, ଡଲ୍ ସ୍କିନ୍ ଏବଂ କେତେକ ସମୟରେ ହିଟ୍ ଷ୍ଟ୍ରୋକ ଭଳି ଗମ୍ଭୀର ସମସ୍ୟା ହୋଇପାରେ। ଏପରି ପରିସ୍ଥିତିରେ, କେବଳ ପାଣି ପିଇବା ଯଥେଷ୍ଟ ନୁହେଁ, କିଛି ଫଳ ଯାହା ପାଣିରେ ଭରପୂର ଥାଏ, ତାହାକୁ ଡାଏଟରେ ସାମିଲ କରିବା ଉଚିତ। ତେବେ ଆସନ୍ତୁ ସେହି ଫଳ ବିଷୟରେ ଜାଣିବା। ଯାହା କେବଳ ପାଣିର ଅଭାବକୁ ଦୂର କରେ ନାହିଁ ବରଂ ଶରୀରକୁ ଶକ୍ତି ମଧ୍ୟ ଯୋଗାଇଥାଏ।

**ତରଭୁଜ:** ଗ୍ରୀଷ୍ମ ଋତୁର ରାଜା ତରଭୁଜ ହେଉଛି ପାଣିର ସର୍ବୋତ୍ତମ ଉତ୍ସ। ଏଥିରେ ୯୦% ରୁ ଅଧିକ ଜଳ ଥାଏ। ତରଭୁଜ ଖାଇବା ଦ୍ୱାରା ଶରୀର ଥଣ୍ଡା ରହିଥାଏ ଏବଂ ଡିହାଇଡ୍ରେସନ ରୋକାଯାଇପାରିବ। ଏହା ସହିତ ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ସି ମଧ୍ୟ ପ୍ରଚୁର ପରିମାଣରେ ମିଳିଥାଏ।

**କମଳା:** ଗ୍ରୀଷ୍ମ ଋତୁରେ କମଳା ଖାଇବା ମଧ୍ୟ ଲାଭଦାୟକ। ଏଥିରେ ଭିଟାମିନ୍ ସି ଏବଂ ପାଣି ଉଭୟ ଭରପୂର। ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିବା ସହିତ, ଏହା ଶରୀରରେ ଜଳ ଅଭାବକୁ ମଧ୍ୟ ଦୂର କରେ। ଏହାର ରସ ଗ୍ରୀଷ୍ମ ଋତୁରେ ଏକ ନ୍ୟାଚୁରାଲ୍ ଏନର୍ଜି ଡ୍ରିଙ୍କ ଭାବରେ କାମ କରେ।

**ସପୁରି:** ସପୁରିରେ ପ୍ରାୟ ୮୫% ପାଣି ଥାଏ। ଏହାର ସ୍ୱାଦ ମିଠା ଏବଂ ଖଟା, ଯାହା କେବଳ ଶରୀରକୁ ସତେଜ କରେ ନାହିଁ ବରଂ ପ୍ରଚୁର ଜଳ ମଧ୍ୟ ଯୋଗାଇଥାଏ। ପାଚନ କ୍ରିୟାକୁ ଉନ୍ନତ କରୁଥିବା ଏନଜାଇମ ମଧ୍ୟ ଏଥିରେ ମିଳିଥାଏ।

**ଷ୍ଟ୍ରବେରୀ:** ଷ୍ଟ୍ରବେରୀରେ ୯୧% ପର୍ଯ୍ୟନ୍ତ ପାଣି ମିଳିଥାଏ। ଏହି ଛୋଟ ଦେଖାଯାଉଥିବା ବେରି ପ୍ରକୃତରେ ପାଣିର ଏକ ମହାନ ଉତ୍ସ। ଏହା କେବଳ ଶରୀରକୁ ହାଇଡ୍ରେଟ୍ ରଖେ ନାହିଁ ବରଂ ସ୍କିନ୍ ଏବଂ କେଶ ପାଇଁ ମଧ୍ୟ ବହୁତ ଲାଭଦାୟକ।

# ଫ୍ରିଜ୍‌ରେ ଆଦୌ ରଖନ୍ତୁନି ଖାଦ୍ୟ



ପ୍ରାୟ ଗୃହିଣୀ ବିଭିନ୍ନ ଖାଦ୍ୟ ପଦାର୍ଥ ଯେପରିକି ରନ୍ଧାଭାତ ଓ କଟା ପରିବା ମଧ୍ୟ ଫ୍ରିଜରେ ରଖି ଦେଇଥାନ୍ତି। କିନ୍ତୁ ଜାଣନ୍ତି କି? ରନ୍ଧା ଭାତ ଫ୍ରିଜରେ କେତେ ସମୟ ରଖିବା ଆବଶ୍ୟକ। ସେହି ନିର୍ଦ୍ଦିଷ୍ଟ ସମୟ ପରେ ସେଥିରେ ମାଇକ୍ରୋ ଫଙ୍ଗସ୍ ହୋଇଯାଇଥାଏ। ପରିବା, ଦୁଗ୍ଧ ଓ ଅଣ୍ଡା ଆଦିକୁ ସତେଜ ରଖିବା ପାଇଁ ଫ୍ରିଜ୍ର ବ୍ୟବହାର କରାଯାଇଥାଏ। କିନ୍ତୁ ଭାରତୀୟ ଗୃହିଣୀମାନେ ଦିନର ବଳକା ଖାଦ୍ୟକୁ ଷ୍ଟିଲ୍ ବାସନରେ ଭରି ଫ୍ରିଜ୍ରେ ସାଇତିବା ପରମ୍ପରା ହୋଇଯାଇଛି।ଆମେ ଅନେକ ସମୟରେ ଫ୍ରିଜରେ ଏମିତି ଖାଦ୍ୟ ରଖି ଦେଇଥାଉ, ଯାହା ରଖିବା କ୍ଷତିକାରକ ହୋଇ ହୋଇପାରେ। ଚାଲନ୍ତୁ ଜାଣିବା ଏମିତି ଖାଦ୍ୟ ବିଷୟରେ, ଯାହା ଫ୍ରିଜରେ ସଂରକ୍ଷଣ କରିବା ଅନୁଚିତ୍। ଆୟୁର୍ବେଦିକ୍ ଡାକ୍ତର ତଥା ହେଲଥ୍ କୋଚ୍ ଡିମ୍ପଲ୍ଙ୍କ କହିବା ଅନୁସାରେ ନିମ୍ନ ଖାଦ୍ୟଗୁଡିକରେ ଜଲ୍ଦୀ ଫଙ୍ଗସ୍ ଲାଗିଥାଏ। ଏହି ଫଙ୍ଗସ୍ କାରଣରୁ କେବଳ ପେଟରେ ବ୍ୟାକ୍ଟେରିଆଁ ହୋଇନଥାଏ, ବରଂ ଅନ୍ୟାନ୍ୟ ରୋଗ ମଧ୍ୟ ହୋଇଥାଏ।

**ରସୁଣ:** ଡିମ୍ପଲଙ୍କ କହିବା ଅନୁସାରେ ଚୋପାଛଡା ରସୁଣକୁ ଫ୍ରିଜ୍ରେ ଆଦୌ ରଖିବା ଉଚିତ୍ ନୁହେଁ। କାରଣ ଫ୍ରିଜ୍ର କମ୍ ତାପମାତ୍ରା ଯୋଗୁ ରସୁଣରେ ଖୁବ୍ଶୀଘ୍ର ଫଙ୍ଗସ୍ ଲାଗିଯାଇଥାଏ। ରସୁଣରେ ଲାଗୁଥିବା ଫଙ୍ଗସ୍କୁ କର୍କଟ ସହ ଲିଙ୍କ୍ କରାଯାଇଥାଏ। ତା'ସହିତ ଫ୍ରିଜ୍ ମଧ୍ୟ ରସୁଣ ଗନ୍ଧ ହୋଇଥାଏ।

**ଅଦା:** ଅଦା ପ୍ରାୟ ସମସ୍ତଙ୍କ ଘର ଫ୍ରିଜ୍ରେ ଦେଖିବାକୁ ମିଳିଥାଏ। କିନ୍ତୁ ଜାଣନ୍ତି କି ଅଦାକୁ ଘରର ତାପମାତ୍ରାରେ ଗଚ୍ଛିତ ରଖିବା ଉଚିତ୍। କାରଣ ଥଣ୍ଡାରେ ରହିବା ଦ୍ୱାରା ଏଥିରେ ଶୀଘ୍ର ଫଙ୍ଗସ୍ ହୋଇଥାଏ। ଫଳରେ ଅଦାକୁ ଫ୍ରିଜରେ ରଖିବା ଦ୍ୱାରା ଏହା ଅସ୍ୱାସ୍ଥ୍ୟକର ହୋଇଥାଏ। ଅଦାରେ ଲାଗୁଥିବା ଫଙ୍ଗସ୍ କିଡନୀ ଓ ଲିଭର୍ ଫୋଲିୟୋରର କାରଣ ସାଜିଥାଏ।

**ରନ୍ଧା ଭାତ:** ଅନେକ ମହିଳା ରନ୍ଧାଭାତକୁ ମଧ୍ୟ ଫ୍ରିଜ୍ରେ ରଖିଥାନ୍ତି, ଯାହା ଆଦୌ ଠିକ୍ ନୁହେଁ। ରନ୍ଧାଭାତରେ ଖୁବ୍ଶୀଘ୍ର ଫଙ୍ଗସ୍ ଲାଗିଥାଏ। ତେଣୁ ଯଦି ରନ୍ଧାଭାତକୁ ଫ୍ରିଜ୍ରେ ରଖୁଥାନ୍ତି, ତେବେ ୨୪ଘଣ୍ଟାରୁ ଅଧିକ ରଖନ୍ତୁନାହିଁ।

# ଡେଲିଭରି ପରେ କେଉଁ ଖାଦ୍ୟ ଖାଇବେ ?



ଗର୍ଭାବସ୍ଥାରେ ଉଭୟ ମା' ଓ ଶିଶୁଙ୍କୁ ସୁସ୍ଥ ରହିବା ଜରୁରୀ। ତେଣୁ ଗର୍ଭାବସ୍ଥାରେ ମହିଳାଙ୍କ ଖାଦ୍ୟପେୟ ଉପରେ ବିଶେଷ ଧ୍ୟାନ ଦିଆଯାଇଥାଏ। ତେବେ ଆପଣ କ'ଣ ଏହା ଜାଣନ୍ତି କେବଳ ଗର୍ଭାବସ୍ଥା ସମୟରେ ନୁହେଁ ବରଂ ପିଲା ଜନ୍ମ ପରେ ମଧ୍ୟ ଖାଦ୍ୟପେୟ ଉପରେ ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ ହୋଇଥାଏ। ତେବେ ଅନେକ ମହିଳା ଡେଲିଭରି ପରେ ଖାଦ୍ୟପେୟ ପ୍ରତି ଦୃଷ୍ଟି ନ ଦେବାରୁ ଏହା ଜନିତ ଅନେକ ସମସ୍ୟା ସାମ୍ନାକୁ ଆସିଥାଏ। ତେବେ ଜାଣନ୍ତୁ ଡେଲିଭରି ପରେ କେଉଁସବୁ ଖାଦ୍ୟ ଖାଇବା ଆବଶ୍ୟକ।

**ଯଅ:** ଏଥିରେ ପ୍ରୋଟିନ ଓ ଫାଇବର ଭରପୂର ହୋଇଥାଏ। ଏହା ମହିଳାମାନଙ୍କଠାରେ ଆଇରନର ମାତ୍ରା ବଢ଼ାଇଥାଏ। ଏହଛଡା ଚିନ୍ତାମୁକ୍ତ କରିଥାଏ।

**ଅଣ୍ଡା:** ଏଥିରୁ ସବୁଠୁ ଅଧିକ ପ୍ରୋଟିନ ମିଳିଥାଏ। ଶରୀରକୁ ଶକ୍ତି, ଭିଟାମିନ ଡି ମଧ୍ୟ ମିଳିଥାଏ।

**ପାଳଙ୍ଗ:** ଆଇରନ୍ ପାଇଁ ପାଳଙ୍ଗ ବରଦାନ ସଦୃଶ। ଏଥିରୁ ପ୍ରଚୁର ପରିମାଣରେ ଭିଟାମିନ ବି ମିଳିଥାଏ। ଏହାର ଜୁସ୍ ଅଧିକ ଉପକାରୀ ହୋଇଥାଏ।

**କ୍ଷୀର:** ଡେଲିଭରି ପରେ କ୍ଷୀର ଓ କ୍ଷୀର ସମ୍ବନ୍ଧୀୟ ଖାଦ୍ୟ ଖାଇବା ନିହାତି ଜରୁରୀ ହୋଇ ଥାଏ। ଏଥିରୁ ପ୍ରଚୁର ପରିମାଣରେ କ୍ୟାଲ୍‌ସିୟମ ମିଳିଥାଏ।

**ଡ୍ରାଏ ଫୁଡ୍‌ସ:** ପ୍ରଚୁର ପରିମାଣର କାର୍ବୋହାଇଡେଟ୍, ଭିଟାମିନ ଇ, ମ୍ୟାଗ୍ନେସିୟମ, କପର ପ୍ରଚୁର ପରିମାଣରେ ମିଳିଥାଏ।



# ଖରାଦିନେ କେଉଁ ଖାଦ୍ୟ ଖାଇଲେ ଶରୀରକୁ ଶକ୍ତି ଆସିଥାଏ

**ଖରାଦିନରେ ଥକ୍କି ପଡୁଛନ୍ତି କି? ଏଥିରୁ ମୁକ୍ତି ପାଇଁ ଖାଦ୍ୟପେୟ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଅନ୍ତୁ। ନଚେତ ନାନା ରୋଗର ଶିକାର ହେବା ସମ୍ଭାବନା ଥାଏ। ଜାଣନ୍ତୁ ଖରାଦିନେ କେଉଁ ଖାଦ୍ୟ ଖାଇଲେ ଶରୀର ପାଇଁ ଲାଭଦାୟକ ହେବା ସହ ଶକ୍ତି ଆସିଥାଏ...**

ଖରାଦିନେ ଗଜା ଜାତୀୟ ଖାଦ୍ୟ ଖାଇବା ଶରୀର ପାଇଁ ବହୁ ଉପକାରୀ। ଏଥିସହିତ ପ୍ରତିଦିନ ଟମାଟୋ ଖାଆନ୍ତୁ। ଏଥିରେ ଥିବା ଲାଇକୋପିନ ନାମକ ଆଣ୍ଟିଅକ୍ସିଡାଣ୍ଟ ଅଛି ଯାହା ଶରୀରକୁ ସୁସ୍ଥ ରଖେ। ଏହା ସହ ଟମାଟୋରେ ଥିବା ଭିଟାମିନ 'କେ', ଭିଟାମିନ 'ଡି' ଏବଂ ଫାଇବର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିରେ ସାହାଯ୍ୟ କରିଥାଏ। ସେହିପରି କମଳା, ଲେମ୍ବୁ, ଅଁଳା ପରି ଫଳ ଖରାଦିନେ ଖାଆନ୍ତୁ। ଏଥିରେ ପ୍ରଚୁରମାତ୍ରାରେ ଭିଟାମିନ 'ସି'ରହିଥାଏ। ତେଣୁ ଏହିସବୁକୁ ଖାଦ୍ୟରେ ସାମିଲ କରିବା ଆବଶ୍ୟକ। ଖରାଦିନେ ମଧ୍ୟ ରସୁଣ ଖାଆନ୍ତୁ। ଏହା ଶରୀର ପାଇଁ ଲାଭଦାୟକ ହୋଇଥାଏ। ଏଥିରେ ଏଲିସିନ୍ ନାମକ ଏକ ତତ୍ତ୍ୱ ରହିଛି, ଯାହା ବ୍ୟାକ୍ଟେରିଆ ସହ ଲଢ଼ିବାର କ୍ଷମତା ଦେଇଥାଏ। ତେଣୁ ଖାଦ୍ୟରେ ପ୍ରତିଦିନ ରସୁଣକୁ ସାମିଲ କଲେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହେବା ସହ ଅଲସର ଓ କ୍ୟାନସର ଭଳି ରୋଗର ଆଶଙ୍କା ଦୂର ହୋଇଥାଏ। ରସୁଣ ଖାଇଲେ ରକ୍ତଚାପ ମଧ୍ୟ ନିୟନ୍ତ୍ରଣ ହୋଇଥାଏ। ସେହିପରି ଖରାଦିନେ ବାଦାମ ଖାଇବାକୁ ଆଦୌ ଭୁଲନ୍ତୁ ନାହିଁ। ବାଦାମ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ବାଦାମରେ ଥିବା ଭିଟାମିନ 'ଇ' ଶରୀର ପାଇଁ ବହୁ ଉପକାରୀ।

# ଡେଙ୍ଗୁରୁ ଦୂରେଇ ରଖେ ଗଙ୍ଗଶିଉଳି ପତ୍ର

ଖରାଦିନେ ମଶା ବଂଶ ବୃଦ୍ଧି ପାଇବା ଯୋଗୁ ଡେଙ୍ଗୁ, ଚିକେନଗୁନିଆ ଆଦି ରୋଗ ହେବାର ଆଶଙ୍କା ରହିଥାଏ। ତେବେ କେତେକ ଘରୋଇ ଚିକିତ୍ସା ଦ୍ୱାରା ଏସବୁ ସମସ୍ୟାରୁ ସହଜରେ ମୁକ୍ତି ମିଳିଥାଏ। ଏଥି ପାଇଁ ପ୍ରତିଦିନ ସକାଳେ ଗଙ୍ଗଶିଉଳି ଗଛର କଅଁଳିଆ ପତ୍ର ୭ଟି ସହିତ ୩ଟି ଗୋଲମରିଚ ବାଟି ପିଇଲେ ସୁଫଳ ମିଳିଥାଏ। ଏହାଦ୍ୱାରା ବ୍ରେନ୍ ମ୍ୟାଲେରିଆ ମଧ୍ୟ ଭଲ ହୋଇଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି। ଏହାର ପତ୍ରକୁ ସିଝାଇ ଏହାର ପାଣି ପିଇଲେ ମଧ୍ୟ ସୁଫଳ ମିଳେ। ଏଥିରେ ମହୁ ମିଶାଇ ପିଇଲେ ଥଣ୍ଡା କାଶ ଓ ସାଧାରଣ ଜ୍ୱର ଭଲ ହୋଇଥାଏ।



# ନିୟମିତ ଖାଆନ୍ତୁ ଅମୃତଭଣ୍ଡା

ଅମୃତଭଣ୍ଡାରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏହାକୁ ନିୟମିତ ଖାଇଲେ ତାହା ହଜମ କ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ। ଏଥିରେ ଭିଟାମିନ୍-ସି ଭରି ରହିଛି। ତେଣୁ ଏହାକୁ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ଅମୃତଭଣ୍ଡାରେ ପୋଟାସିୟମ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରି ରହିଛି। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଉଚ୍ଚ ରକ୍ତଚାପକୁ ମଧ୍ୟ ନିୟନ୍ତ୍ରଣରେ ରଖିଥାଏ। ଏହା ମଧ୍ୟ ଚର୍ମରେ ଚମକ ଆଣିଥାଏ। ନିୟମିତ ଅମୃତଭଣ୍ଡା ଖାଇଲେ ତାହାର ଆଉ ଏକ ଉପକାରୀ ଗୁଣ ରହିଛି। ତାହା କ'ଣ ଜାଣନ୍ତି? ଏହାଦ୍ୱାରା ଦୃଷ୍ଟିଶକ୍ତି ଆହୁରି ପ୍ରଖର ହୋଇଥାଏ। ଏଥିରେ ଥିବା ପପେନ୍ ଏନ୍‌ଜାଇମ୍ ଆମ ଶରୀରର ଓଜନ କମାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ସବୁଠାରୁ ଖାସ୍ କଥା ହେଲା ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା କ୍ୟାନ୍‌ସର ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ। ପାଚିଲା ଅମୃତଭଣ୍ଡା ଆମ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।



# ଅଙ୍ଗନବାଡ଼ି କେନ୍ଦ୍ରରେ ପାଣି ସମସ୍ୟା



**କନ୍ଧମାଳ,୨୦।୨(ସଂଚାର ବ୍ୟୁରୋ)ଃ** କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ସାରଙ୍ଗଡ଼ ପଞ୍ଚାୟତ ଅନ୍ତର୍ଗତ ବାହାଡ଼ାପଦା ଅଙ୍ଗନବାଡ଼ି କେନ୍ଦ୍ରରେ ପାନୀୟ ଜଳ ସମସ୍ୟା। ଅଙ୍ଗନବାଡ଼ି କେନ୍ଦ୍ରରେ ଏକମାତ୍ର ବୋରିଂ ଦୀର୍ଘ ତିନି ବର୍ଷ ହେଲା ଅଚଳ ଅବସ୍ଥାରେ ପଡ଼ିରହିଛି। ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ବୋରିଂ ମରାମତି ପାଇଁ ଦାବି କରିଥିଲେ ମଧ୍ୟ ଏଯାଏଁ ମରାମତି ହୋଇ ପାରିଲା ନାହିଁ ପାନୀୟ ଜଳ ସମସ୍ୟା ସମାଧାନ ହୋଇପାରୁ ନଥିବା କହିଛନ୍ତି। କୁନି କୁନି ପିଲାମାନେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିସହ ମଧ୍ୟାହ୍ନ ଭୋଜନ ପାଇଁ ରୋଷେଇ କରିବା ପିଲାଙ୍କ ଅନ୍ୟ କୂପରୁ ପିଇବା ପାଣି ବୋହି ଆଣି ଦେବାକୁ ପଡୁଛି। ବହୁ ଦିନ ଧରି ବୋରିଂ ଅଚଳ ଅବସ୍ଥାରେ ଥିଲେ ମଧ୍ୟ ମରାମତି କରାଯାଇ ନାହିଁ। ଅଙ୍ଗନବାଡ଼ି କେନ୍ଦ୍ର ମୋଟ ୧୩ ଜଣ ଛାତ୍ର ଛାତ୍ରୀ ରହୁଥିବା ବେଳେ ପାନୀୟ ଜଳ ସମସ୍ୟା ଯୋଗୁଁ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ବାହାଡ଼ାପଦା ଅଙ୍ଗନବାଡ଼ି କେନ୍ଦ୍ର ଠାରେ ପାନୀୟ ଜଳ ସୁବିଧା ପାଇଁ ଅଙ୍ଗନୱାଡି ପାଚିକା ସମେତ ଗ୍ରାମ ବାସୀ ଦାବି କରିଛନ୍ତି।

# ବିଭାଗ ପକ୍ଷରୁ ଉଦ୍ୟାନ କୃଷି କର୍ମଶାଳା



**ମ.ରାମପୁର,୨୦।୨(ସଂଚାର ବ୍ୟୁରୋ)ଃ** କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଆଜି ମଦନପୁର ଠାରେ ଏକ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଭବାନୀପାଟଣା ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ କୃଷି ଅଧିକାରୀ ପୂଜାରାଣୀ ବାଗ, ମୃତ୍ତିକା ସଂରକ୍ଷଣ ବିଭାଗର ଜିତେନ୍ଦ୍ର, ମତ୍ସ୍ୟ ବିଭାଗ ରୁଦ୍ର ଶବର, କର୍ଲାମୁଣ୍ଡା ସହକାରୀ ଉଦ୍ୟାନ କୃଷି ଅଧିକାରୀ ରୀଙ୍କୁ ପଧାନ, ମ. ରାମପୁର ବ୍ଲକ ଉଦ୍ୟାନ କୃଷି ଅଧିକାରୀ ସୌରଭ ରାଉତ୍, ଅବସର ପ୍ରାପ୍ତ ଉଦ୍ୟାନ କୃଷି ଅଧି ଦର୍ଶକ କୁମାର ମଣି ନାଗ ପ୍ରମୁଖ ଯୋଗ ଦେଇ ବିଭାଗ ଅଧୀନ ରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନ ବିଷୟରେ ଅବଗତ କରାଇବା ସହ, ଚାଷୀ ମାନେ ବିଭିନ୍ନ ବିଭାଗ ତରଫରୁ ଯଥା କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ଭଳି କିଛି ବିଭାଗ ରୁ କିପରି ସରକାରୀ ଆର୍ଥିକ ସହାୟତା, କୃଷି ଯନ୍ତ୍ରପାତି, ରୋଗ ପୋକ ପରାମର୍ଶ, ଓ ଆଧୁନିକ ଜ୍ଞାନ କୌଶଳ ପାଇବା ସହ କୃଷି କାର୍ଯ୍ୟର ଆନୁଷଙ୍ଗିକ ବ୍ୟବସ୍ଥା କୁ ସୁଦୃଢ଼ କରି ପାରିବେ ତାହା ଜଣେଇ ଥିଲେ। ଏଥିରେ ବ୍ଲକ ଅଞ୍ଚଳର ଅନେକ ଚାଷୀ ଅଂଶ ଗ୍ରହଣ କରିଥିବା ବେଳେ ମ. ରାମପୁର ବ୍ଲକ ଉଦ୍ୟାନ କୃଷି ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଟାଟା ଷ୍ଟିଲ୍ ପକ୍ଷରୁ ରକ୍ତଦାନ ଶିବିର ୫୩୦ ୟୁନିଟ୍ ରକ୍ତ ସଂଗୃହୀତ



**ଯାଜପୁର ରୋଡ଼,୨୦।୨(ସଂଚାର ବ୍ୟୁରୋ)ଃ** ସାମାଜିକ ପ୍ରତିବଦ୍ଧତା ଓ ମାନବିକ ସେବାର ଏକ ଅନନ୍ୟ ଉଦାହରଣ ସ୍ୱରୂପ ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ) ର ଲଜିଷ୍ଟିକ୍ସ ବିଭାଗ ଅଧୀନସ୍ଥ ଗ୍ରୀନ୍ ଟ୍ରାନ୍ସପୋର୍ଟ ପାର୍କ ପରିସରରେ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି।'ସମ୍ବାଦ ଆମ ଓଡ଼ିଶା' ରକ୍ତଦାନ ଅଭିଯାନର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ କଟକ ରେଡକ୍ରସ୍ ରକ୍ତ ଭଣ୍ଡାର ସହାୟତା ପ୍ରଦାନ କରିଥିଲେ। ଏହି ଶିବିରକୁ ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍ ତଥା 'ଆମ ଓଡ଼ିଶା'ର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ଟାଟା ଷ୍ଟିଲ୍ କଳିଙ୍ଗନଗରର ଉପାଦକ୍ଷ ଉତ୍ତମ ସିଂହ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ୍, ସମ୍ବାଦ, ରକ୍ତ ଭଣ୍ଡାର ଏବଂ ଅନ୍ୟାନ୍ୟ ସହଯୋଗୀ ସଂଗଠନର ଅଧିକାରୀମାନେ ଉପସ୍ଥିତ ଥିଲେ।ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଥିଲା, ଯାହାଫଳରେ ମୋଟ ୫୩୩ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି। ପ୍ରମୁଖ ସ୍ୱାସ୍ଥ୍ୟଅନୁଷ୍ଠାନ ଗୁଡ଼ିକର ସହଭାଗିତାରେ ଆୟୋଜିତ ଏହି ଶିବିର ମାଧ୍ୟମରେ ସଂଗୃହିତ ରକ୍ତ ରାଜ୍ୟର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଜରୁରୀକାଳୀନ ପରିସ୍ଥିତିରେ ରୋଗୀଙ୍କ ଜୀବନ ରକ୍ଷା କରିବାରେ ସହାୟକ ହେବ। ଏହି ଅବସରରେ ୬୭ ଥର ରକ୍ତଦାନ କରିଥିବା ସୁକୁମାର ଜେନା ଏବଂ ୫୩ ଥର ରକ୍ତଦାନ କରିଥିବା ଅଜିତ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ଅନ୍ୟ ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ଏବଂ ଗୋଟିଏ ଲେଖାଏଁ ଚାରା ପ୍ରଦାନ କରାଯାଇଥିଲା।ଚଳିତ ଆର୍ଥିକ ବର୍ଷରେ ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ଏପର୍ଯ୍ୟନ୍ତ ମୋଟ ୫ ଟି ରକ୍ତଦାନ ଶିବିର ଆୟୋଜନ କରାଯାଇ ମୋଟ ୧୬୪୪ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି।

# ବାଲିଆପାଳ ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀ ଗଣେଶ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ



**ବାଲିଆପାଳ,୨୦।୨(ସଂଚାର ବ୍ୟୁରୋ)ଃ** ବାଲିଆପାଳ ଶ୍ରଦ୍ଧାକ୍ଷେତ୍ର ଶ୍ରଦ୍ଧାପତି ଜଗନ୍ନାଥ ମନ୍ଦିର ପରିସର ରେ ଅବସର ପ୍ରାପ୍ତ ଅଧକ୍ଷ ଡ଼ ହୃଦୟ ରଞ୍ଜନ ତ୍ରିପାଠୀ ଙ୍କ ଆର୍ଥିକ ଅନୁଦାନ ରେ ଗଣପତି ଦେବ ଙ୍କ ଏକ ଭବ୍ୟ ମନ୍ଦିର ଭୂମି ପୂଜନ କାର୍ଯ୍ୟ ସମ୍ପୂର୍ଣ୍ଣ ହୁଇ ଯାଇଛି . ଏଥିରେ ଡ଼ ହୃଦୟରଞ୍ଜନ ତ୍ରିପାଠୀଙ୍କ ଦ୍ୱାରା ମନ୍ଦିର ପୂଜକ ଓ ଅନ୍ୟ ପୂଜକ ଙ୍କ ସହଯୋଗ ରେ କାର୍ଯ୍ୟ ଟି ଶେଷ କରାଯାଇଛି .ମନ୍ଦିର ପରିଚାଳନା କମିଟି ର ସଭାପତି ବ୍ରଜ କିଶୋର ଭୂୟାଁ, ସମ୍ପାଦକ ପ୍ରଫୁଲ୍ଲ ସାହୁ, ବରିଷ୍ଠ ସଦସ୍ୟ ମୁରଲୀ ମୋହନ ସାହୁ, ମଧୁସୁଧନ ବାରିକ, ମଧୁସୁଧନ ସାହୁ, ପ୍ରିୟନାଥ ସେଠି, କାଳିଚରଣ ଦେ, ସୁଶାନ୍ତ କୁମାର ଚକ୍ରବର୍ତୀ ଓ ଦିବ୍ୟକାମ ମହାନ୍ତି ସହଯୋଗ କରିଥିଲେ।

# ଛତ୍ରପତି ଶିବାଜୀଙ୍କ ଜୟନ୍ତୀ ପାଳିତ



**ବୈଶିଙ୍ଗା,୨୦।୨(ସଂଚାର ବ୍ୟୁରୋ)ଃ** ଦମୟନ୍ତୀ କଲ୍ୟାଣ ମଣ୍ଡପ ପରିସରରେ ବେତନଟୀ ଶିବାଜୀ କ୍ଲବ ଆନୁକୂଲ୍ୟରେ ଛତ୍ରପତି ଶିବାଜୀଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି। ଭାରତୀୟ ରେଡ଼କ୍ରସ ସୋସାଇଟିର ଭାଇସ ପେଟ୍ରୋନ ତଥା ରାଜ୍ୟ ଜୁନିୟର ରେଡକ୍ରସର ସିନିୟର ରିଶୋର୍ସ ପାର୍ଶନ ଡକ୍ଟର ରମାକାନ୍ତ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପଦ୍ମମାଳୀ ମହିଳା ସଙ୍ଗଠନର କାର୍ଯ୍ୟକାରୀ ସଭାପତି ଗୀତାଞ୍ଜଳୀ ଭୂୟାଁ, ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ ଶିକ୍ଷାବିତ ଗଙ୍ଗାଧର ମହାନ୍ତ, ସମ୍ମାନିତ ଅତିଥି ଭାବରେ କବୟିତ୍ରୀ ସୁମତି ମହାନ୍ତ, ସହିଦ କାଳିଆ ମହାନ୍ତ ଯୁବକ ସଂଘର ସମ୍ପାଦକ ତ୍ରିନାଥ ମହାନ୍ତ, ଶିବାଜୀ କ୍ଲବର ସଦସ୍ୟ କରୁଣାକର ମହାନ୍ତ ଓ ଦାମୋଦର ମହାନ୍ତ ପ୍ରମୁଖ ମଞ୍ଚାସୀନ ହୋଇ ଛତ୍ରପତି ଶିବାଜୀଙ୍କ ଜୀବନୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିବାଜୀ କ୍ଲବର କୋଷାଧ୍ୟକ୍ଷ ଉପେନ୍ଦ୍ର ନାଥ ମହାନ୍ତ, ସଦସ୍ୟ ସଞ୍ଜିବ କୁମାର ମହାନ୍ତ, ଆଡଭୋକେଟ କୃଷ୍ଣଚନ୍ଦ୍ର ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, କମଳଲୋଚନ କର, ସହିଦ କାଳିଆ ମହାନ୍ତ ଯୁବକ ସଂଘର କୋଷାଧ୍ୟକ୍ଷ ସଞ୍ଜିତ କୁମାର ମହାନ୍ତ, ସଦସ୍ୟ ବିକାଶ ମହାନ୍ତ, ବିଶ୍ୱରଞ୍ଜନ ମହାନ୍ତ, ହିମାଂଶୁ ମହାନ୍ତ, ସୁନିଲ ମହାନ୍ତ ଓ ପଦ୍ମମାଳୀର ସଦସ୍ୟା କୁମୁଦିନୀ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ମୌଳିକ ସୁବିଧା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ୪ଟି ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା



**କନ୍ଧମାଳ,୨୦।୨(ସଂଚାର ବ୍ୟୁରୋ)ଃ** କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ବେହେରାଗାଁ ପଞ୍ଚାୟତ ର ଚାରୋଟି ଗ୍ରାମର ମହିଳାମାନେ ମୌଳିକ ସୁବିଧା ପାଇଁ ବାରମ୍ବାର ବିଡ଼ିଓଙ୍କ ନିକଟରେ ଗୁହାରି କରି ନିରାଶ ହେବାପରେ ଆଜି କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ ନିକଟକୁ ଆସି ଗୁହାରି ଜଣାଇଛନ୍ତି। ବେହେରାଗାଁ ପଞ୍ଚାୟତ ସୁନାପାଙ୍ଗା, ଲଦା, ତାର୍ଜେରୀ, କାମବାକେତା ଚାରୋଟି ଗ୍ରାମ ରେ ନା ଅଛି ପାନୀୟଜଳର ସୁବିଧା ନା ଅଛି ମୋବାଇଲ ନେଟୱର୍କ, ନା ଅଛି ଲକ୍ଷ୍ମୀ ବସ ସେବା, ଏହି ଠାରେ ଛୁଆଁ, କୂଅ ପାନୀୟଜଳ ଭରସା। ଘର ଘରକୁ ପାନୀୟଜଳ ଯୋଗାଇବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଲୋକ କିନ୍ତୁ ଆଜିବି ଛୁଆଁ ନାଳ ଉପରେ ଭରସା କରୁଛନ୍ତି। ଦୂଷିତ ପାଇଁ ପିଇ ରୋଗାକ୍ରାନ୍ତ ମଧ୍ୟ ହେଉଛନ୍ତି। ଏନେଇ ସ୍ଥାନୀୟ ୱାର୍ଡ ମେମ୍ବର ସୌଭାଗ୍ୟ କାହଁରଙ୍କ ସମେତ ଶତାଧିକ ମହିଳା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବାରମ୍ବାର ଚକାପାଦ ବିଡିଓ ଙ୍କୁ ଗୁହରି କରିଥିଲେ କିନ୍ତୁ ଲୋକଙ୍କୁ ସରକାରୀ ସୁବିଧା ଯୋଗାଇଦେବା ପରିବର୍ତ୍ତେ ମହିଳାମାନଙ୍କୁ ଦୃବ୍ୟବହାର କରି ଏଠାକୁ କାହିଁକି ଆସିଛ କହି, ତଡି ଦେଇ କହିଥିଲେ ଜିଲ୍ଲାପାଳଙ୍କ ନିକଟକୁ ଯାଅ ନେଇ ଅଭିଯୋଗ କାଟିଛନ୍ତି ମହିଳାମାନେ। ଏନେଇ ଜିଲ୍ଲାପରିଷଦ ନିର୍ବାହୀ ଆଧିକାରୀ(ସିଡିଓ ଜିଲ୍ଲାପରିଷଦ) ସେଭୁନାଥ ନନ୍ଦୀ କହିଛନ୍ତି ଲୋକଙ୍କ ପାଣି, ବସ୍ ସମସ୍ୟା ରହିଛି ତୁରନ୍ତ ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି କହିଛନ୍ତି।

# ଚାଷୀ ସମସ୍ୟା ନେଇ ତେଜିଲା ରାଜନୀତି, ୨୧ରେ ବିକ୍ଷୋଭ ପ୍ରଦର୍ଶନ



**ବାଲିକୁଦା,୨୦।୨(ସଂଚାର ବ୍ୟୁରୋ)ଃ** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ତା ୨୧/୦୨/୨୦୨୬ ତାରିଖରେ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯିବ ବୋଲି ସ୍ଥିର କରାଯାଇଛି।ରାଜ୍ୟ ସରକାରଙ୍କ ତଥା କଥିତ ଚାଷୀ ମାରଣ ନୀତିକୁ ବିରୋଧ କରି ଏହି ବିକ୍ଷୋଭ ଆୟୋଜନ କରାଯିବ। ଚାଷୀଙ୍କ ଠାରୁ ଧାନ ସଠିକ ସମୟରେ କ୍ରୟ ନକରାଯିବା, ମିଲର୍ସମାନଙ୍କ ମନମୁଖୀ କଟନୀ ଛଟନୀ, ଏବଂ ଆବଶ୍ୟକ ଅନୁଯାୟୀ ସାର ଯୋଗାଣରେ ବିଫଳତା ସହିତ ଅନ୍ୟାନ୍ୟ ଚାଷୀ ସମସ୍ୟାକୁ ନେଇ ଦଳ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସୂଚନା ମିଳିଛି। ଏହା ପୂର୍ବରୁ ଆମ୍ବଶାଳ କଲ୍ୟାଣ ମଣ୍ଡପ ଠାରେ ବାଲିକୁଦା ବିଜୁ ଜନତା ଦଳ ସଭାପତି ରତ୍ନାକର ନାୟକଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀର ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ଚାଷୀ ସମସ୍ୟା ନେଇ ସରକାରଙ୍କ ନୀତିକୁ କଟାକ୍ଷ କରିଥିଲେ ଏବଂ ଆଗାମୀ ଆନ୍ଦୋଳନକୁ ସଫଳ କରିବାକୁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନଙ୍କ ସମେତ ଚାରିଟି ଜୋନର ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ-ସଭ୍ୟା ଏବଂ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଦଳ ପକ୍ଷରୁ କୁହାଯାଇଛି, ଯେ ପର୍ଯ୍ୟନ୍ତ ଚାଷୀଙ୍କ ନ୍ୟାୟସଙ୍ଗତ ଦାବୀ ପୂରଣ ନ ହୋଇଛି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ।

# ଅସାହାୟ ନାରଣଙ୍କୁ ନାରାୟଣ ସାହା

**ଢେଙ୍କାନାଳ,୨୦।୨(ସଂଚାର ବ୍ୟୁରୋ)ଃ** ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଲୁଚାପଲୀ ଗ୍ରାମର ଭିନକ୍ଷମ ବ୍ୟକ୍ତି ନାରଣ ପ୍ରଧାନ।ଯିଏ ଜନ୍ମରୁ ବିକ୍ୟାଳଙ୍ଗ ହୋଇଥିଲା ପରେବି ମାତ୍ର ୮୦% ବିକ୍ୟାଳଙ୍ଗ ସାଟିଫିକେଟ ପାଇ ରାଜ୍ୟ ସରକାରଙ୍କ ଠାରୁ କେବଳ ଭତା ଟିକିଏ ପାଇବା ଛଡା ଅନ୍ୟ ସରକାରି ଯୋଜନାରୁ ବଞ୍ଚିତ ଅଛନ୍ତି ନାରଣ ପ୍ରଧାନ। ଆବାସ ଯୋଜନାରେ ଘର ଖଣ୍ଡେ ପାଇବା ପାଇଁ ସରପଞ୍ଚ ଠାରୁ ସରକାରି ଅଫିସର ପର୍ଯ୍ୟନ୍ତ ଅଭିଯୋଗ କଲାପରେ ବି କୌଣସି ସଫଳ ନ ମିଳିବାରୁ ପରିବାର ଚଳାଇବା ପାଇଁ ଭଙ୍ଗା ଚାଳ ଛପର ତଳେ ସାଇକେଲେ ଦୋକାନ ଟେ ଦେଇ ପେଟ ପୋସିବା କଷ୍ଟକର ହୋଉପଡ଼ିଛି। ସରକାରଙ୍କର ଏତେ ଯୋଜନା ଥିଲା ପରେବି ଭିନ୍ନକ୍ଷମ ନାରଣ ପ୍ରଧାନ ପାଇଁ ଏ ସବୁ ଯୋଜନା ସାତ ସ୍ୱପ୍ନ ବୋଲି କହିଛନ୍ତି। ତେଣୁ ସରକାରଙ୍କୁ ଅନୁରୋଧ କରିଛନ୍ତି ଯେତେ ଜଳଦି ବ୍ୟାଟେରି ଚାଳିତ ସାଇକେଲ ଟେ ଦେଲେ ଭଲରେ ଚଳିବେ ବୋଲି ମତ ପ୍ରକାଶ କରିଛନ୍ତି।



# ଉପମହାନିରୀକ୍ଷକଙ୍କ ଥାନା ପରିଦର୍ଶନ



**ସୁନ୍ଦରଗଡ଼,୨୦।୨(ସଂଚାର ବ୍ୟୁରୋ)ଃ** ପୁଲିସ ଉପ ମହାନିରୀକ୍ଷକ ବ୍ରିଜେଶ କୁମାର ରାୟ ଭଷ୍ମା ଥାନା ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ଥାନାର ବିଭିନ୍ନ ସ୍ଥଳକୁ ନିରୀକ୍ଷଣ କରିଥିଲେ। ଉପସ୍ଥିତ ଥିବା ଜନସାଧାରଣଙ୍କ ସହିତ ଏକ ସଭାଗୃହରେ ବସି ସେମାନେ ଦେଇଥିବା ଅନେକ ପ୍ରସ୍ତାବ ଗୁଡ଼ିକୁ ଗମ୍ଭୀରତାର ସହ ନେଇ ଏଦିଗରେ ଦୃଷ୍ଟି ଦେବା ପାଇଁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେପରିକି ଗାଁ ମାନଙ୍କରେ ନିୟମିତ ପେଟ୍ରୋଲିଂ, ବଢ଼ିବଢ଼ି ଯାଉଥିବା ନିଶା କାରବାର ଉପରେ ଲଗାମ ଲଗାଇବା, ଚୋରା ବାଲି ପରିବହନ ରୋକିବା, ଅଭିଯୋଗ ନେଇ ଥାନାକୁ ଆସୁଥିବା ଲୋକଙ୍କ ଅଭିଯୋଗକୁ ଥାନା ପରିସରରେ ଲେଖିବା ପାଇଁ ଥାନାର ସହଯୋଗ ପ୍ରଦାନ ଆଦି ଅନେକ ଦାବି ଉପସ୍ଥାପନା କରା ଯାଇଥିଲା। ଲୋକଙ୍କ ଏହି ଦାବି ଗୁଡିକ ଉପରେ ଡିଆଇଜି ଶୁଣି ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ଉପରେ ମଧ୍ୟ ପଚାରି ବୁଝିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରଗଡ଼ ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ କୌର, ପୁଲିସ ଉପଖଣ୍ଡ ଅଧିକାରୀ ନିର୍ମଳ ମହାପାତ୍ର, ଭଷ୍ମା ଥାନା ଅଧିକାରୀ ଅମର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ କଲେ ବିଇଓ

**ବାଲିପାଟଣା,୨୦।୨(ସଂଚାର ବ୍ୟୁରୋ)ଃ** ବାଲିପାଟଣା ବ୍ଲକ ଶିକ୍ଷାଧିକାରୀ ଡଃ ପ୍ରଭାତ କୁମାର ରଥ ଗୁରୁବାର ଦିନ ତୁରିନ୍ତିରା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ରେ ଅଚାନକ ପହଂଚି ତଦାରଖ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ରେ ଥିବା ପ୍ରତିମା ଷଡଙ୍ଗୀ ବିଦ୍ୟାଳୟ ରେ ଅନୁପସ୍ଥିତ ଥିବା ଦେଖିବାକୁ ପାଇଥିଲେ। ଏଥିସହିତ ବିଦ୍ୟାଳୟ ର ପରିବେଶ କୁ ନେଇ ଡକ୍ଟର ରଥ ଅସନ୍ତୁଷ୍ଟ ପ୍ରକାଶ କରିବା ସହିତ ଦାୟିତ୍ୱ ରେ ଅବହେଳା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ଙ୍କ ଗୋଟିଏ ଦିନର ଦରମା ବନ୍ଦ କରିଛନ୍ତି। ସୂଚନା ଅନୁଯାୟୀ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱରେ ଥିବା ପ୍ରତିମା ଷଡଙ୍ଗୀ ପ୍ରାୟ ସମୟରେ ବିଦ୍ୟାଳୟ କୁ ବିଳମ୍ବରେ ଆସୁଥିବା ନେଇ ପରିଚାଳନା କମିଟି ସମେତ ଗ୍ରାମବାସୀ ମାନେ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି, ଏପରିକି ଏସମ୍ପର୍କରେ ଜିଲ୍ଲାପାଳଙ୍କ ଜନ ଶୁଣାଣୀ ଶିବିରରେ ମଧ୍ୟ ଅଭିଯୋଗ ହୋଇଥିଲା।

ବାରମ୍ବାର ଗଣମାଧ୍ୟମ ରେ ବି ଖବର ପ୍ରକାଶ ପାଇଥିଲା। ଗୁରୁବାର ଦିନ ଡକ୍ଟର ରଥ ବିଦ୍ୟାଳୟ ରେ ସକାଳ ଦଶ ଘଟିକା ରେ ପହଞ୍ଚିବା ସମୟରେ ବିଦ୍ୟାଳୟ ଗେଟରେ ଚାବି ପଡ଼ିଥିବା ଦେଖିବାକୁ ପାଇଥିଲେ, ପରେ ଡକ୍ଟର ରଥ ଗେଟ୍ ଖୋଲିବା ସହିତ ପିଲାମାନଙ୍କ ର ପ୍ରାର୍ଥନା କରାଇଥିଲେ, ପରେ ପ୍ରଧାନ ଶିକ୍ଷୟିତ୍ରୀ ପନ୍ଦର ମିନିଟ ବିଳମ୍ବରେ ପହଞ୍ଚିଥିଲେ। ସୂଚନା ଅନୁଯାୟୀ ଏହି ବିଦ୍ୟାଳୟରେ ପଚାଶ ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଦୁଇଜଣ ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଛନ୍ତି କିନ୍ତୁ ପ୍ରଧାନ ଶିକ୍ଷୟିତ୍ରୀ ଙ୍କ ବ୍ୟତୀତ ଅନ୍ୟ ଶିକ୍ଷୟିତ୍ରୀ ତାଲିମ ପାଇଁ ଯାଇଥିବା ବେଳେ କେବଳ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ରେ ଅଛନ୍ତି। ତେବେ ବି ଇ ଓ ଙ୍କ ଅଚାନକ ଗସ୍ତ ନେଇ ଗ୍ରାମବାସୀ ମାନେ ଖୁସି ବ୍ୟକ୍ତ କରିବା ସହିତ ପ୍ରଧାନ ଶିକ୍ଷୟିତ୍ରୀ ଙ୍କ ବିପକ୍ଷରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

# କ୍ୟାନ୍ସର ପୀଡିତ ସ୍ୱାମୀ ସହଯୋଗ ଅପେକ୍ଷାରେ ସ୍ତ୍ରୀ



**କଳିଙ୍ଗନଗର,୨୦।୨(ସଂଚାର ବ୍ୟୁରୋ)ଃ** ଦାନଗଦୀ ବ୍ଲକ ଚିତ୍ରୀ ପଞ୍ଚାୟତର ନୂଆଗାଁ ଗ୍ରାମର ଆନନ୍ଦ ମୁଣ୍ଡାଙ୍କର ପୁଅ ସୁବାଷ ମୁଣ୍ଡା (୩୩) ମୁଖ ଗହ୍ୱର କ୍ୟାନ୍ସର ରୋଗରେ ଦୀର୍ଘ ଦିନ ହେବ ପୀଡିତ, ଗରିବ ଆଦିବାସୀ ଦିନ ମଜୁରିଆ ସୁବାଷ ବେଙ୍ଗାଲୁରରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ବେକ ଦରଜ ହେଲା ଖାଦ୍ୟ ଖାଇଲା ସମୟରେ ତଣ୍ଟିରେ କଷ୍ଟ ହେଲା ଡାକ୍ତରଖାନା ଯାଇ ଔଷଧ ଖାଇଲା ପରେ କୌଣସି ଉପଶମ ମିଳିଲା ନାହିଁ, କଟକ ବଡ଼ ଡାକ୍ତର ଖାନାରେ ପରୀକ୍ଷା କଲା ପରେ କ୍ୟାନ୍ସର ହୋଇଥିବା ଆଜକୁ ଚାରି ମାସ ତଳୁ ଜଣା ପଡ଼ିଥିଲା। ସେହିଦିନ ରୁ ଚିକିତ୍ସା ପାଇଁ ଧାର କରଜ କରି ଯାହା ଅର୍ଥ ଥିଲା ସବୁ ଶେଷ ହୋଇଗଲାଣି, ପରିବାରର ସେ ଜଣେମାତ୍ର ରୋଜଗାର କରନ୍ତି। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ, ବର୍ତମାନ ସୁବାଷ ଖାଦ୍ୟ ଖାଇବା ପାଇଁ କଷ୍ଟ ହେଉଛି। ପାଇପ ଦ୍ୱାରା ତରଳ ଖାଦ୍ୟ ବହୁତ କଷ୍ଟରେ ଖାଉଛନ୍ତି, ଉନ୍ନତ ଚିକିତ୍ସା ପାଇଁ ଅଧିକ ଅର୍ଥ ଯୋଗାଡ଼ କରିବାକୁ ସମ୍ଭବ ନ ହେବାରୁ ସ୍ତ୍ରୀ ବିଜିଲି ମୁଣ୍ଡା ସହାୟତା ଭିକ୍ଷା କରିଛନ୍ତି। ଗରିବ ପରିବାର ରେ ତାଙ୍କର ଏକମାତ୍ର ଛୋଟ ପୁଅ ବ୍ୟତୀତ ଆଉ କେହି ନାହାନ୍ତି, ସୁବାଷ ଙ୍କର ଚିକିତ୍ସା ରେ ସବୁ ସମ୍ବଳ ସରିଗଲା ପରେ ସ୍ତ୍ରୀ ମୁଣ୍ଡରେ ବଜ୍ର ପଡ଼ିଛି। କିପରି ଦାମୀ ଔଷଧ କିଣିବ ପରିବାର ଚଳାଇବ ସେ ଚିନ୍ତାରେ ଭାଙ୍ଗି ପଡ଼ିଛି। କିଛି ଆର୍ଥିକ ସହାୟତା ପ୍ରଦାନ କରିବାକୁ ସେ ସରକାର କି କୌଣସି ଅନୁଷ୍ଠାନ, ବଦାନ୍ୟ ବ୍ୟକ୍ତିଙ୍କୁ ଆକୁଳ ନିବେଦନ କରିଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଲେ ଗରିବ ଖଟିଖିଆ ସୁବାଷ ସୁସ୍ଥ ହୋଇ ପାରନ୍ତା ତାଙ୍କ ଉଜୁଡି ଯାଉଥିବା ପରିବାର ମୁହଁରେ ହସ ଫୁଟିପାରନ୍ତା ।

# ଯୁବ ଛାତ୍ର ବିଜେଡ଼ି ପକ୍ଷରୁ ଥାନା ଅଧିକାରିଣୀଙ୍କୁ ସମ୍ବର୍ଦ୍ଧନା

**ନିଶ୍ଚିନ୍ତକୋଇଲି,୨୦।୨(ସଂଚାର ବ୍ୟୁରୋ)ଃ** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନାରେ ନୂତନ ଭାବେ କାର୍ଯ୍ୟରେ ଯୋଗଦାନ କରିଥିବା ଥାନା ଅଧିକାରିଣୀ ଶ୍ରୀମତୀ ଅନିତା ସାହୁଙ୍କୁ ନିଶ୍ଚିନ୍ତକୋଇଲି ବ୍ଲକ ଯୁବ ଛାତ୍ର ବିଜେଡ଼ି ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଜେଡ଼ି ଯୁବ ସଂଗଠକ ପ୍ରିୟବ୍ରତ ସାହୁଙ୍କ ସଂଯୋଜନାରେ ରୁଦ୍ର ନାରାୟଣ ମହାନ୍ତି, ସୂର୍ଯ୍ୟକାନ୍ତ ସାହୁ, ଜୟପ୍ରକାଶ ନାୟକ, ସତ୍ୟରଞ୍ଜନ ଦାସ, ନିତ୍ୟାନନ୍ଦ ସ୍ୱାଇଁ, ଜ୍ୟୋତିରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ସମ୍ବର୍ଦ୍ଧିତ କରିବା ସହ ଥାନା ଅଧିକାରିଣୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏଠାରେ ସୂଚନାଥାଉକି ଏଥି ପୂର୍ବରୁ ଶ୍ରୀମତୀ ସାହୁ ସାଲେପୁର ଆଦର୍ଶ ଥାନାର ଅଧିକାରିଣୀ ଭାବେ ସୂଚାରୁ ରୂପେ କାର୍ଯ୍ୟ ତୁଲାଇ ସେଠାରେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସଠିକ୍ ବୁଝାମଣା ଓ ସହଯୋଗରେ କାର୍ଯ୍ୟ କରିବା ପାଇଁ ଶ୍ରୀମତୀ ସାହୁ ବିଜେଡ଼ି ଯୁବ ନେତୃବୃନ୍ଦଙ୍କୁ ଆହ୍ୱାନ ଦେଇଥିଲେ।

# ଛାତ୍ରଛାତ୍ରୀଙ୍କ ଆତ୍ମସମ୍ମାନ ଓ ଶାରୀରିକ ଆତ୍ମବିଶ୍ୱାସ ବୃଦ୍ଧି ଉପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ବାରିପଦା,୨୧।୨(ସଂଚାର ବ୍ୟୁର)ଃ** ବାରିପଦା ମୁନିସିପାଲିଟି ଅନ୍ତର୍ଗତ ପୋଲିସ ଉଚ୍ଚ ବିଦ୍ୟାଳୟ ପରିସରରେ ୟୁନିସେଫ ସହାୟତାରେ କିଶୋର ଅବସ୍ଥାରେ ଛାତ୍ରଛାତ୍ରୀମାନଙ୍କର ଆତ୍ମସମ୍ମାନ ଓ ଶାରୀରିକ ଆତ୍ମବିଶ୍ୱାସ ବୃଦ୍ଧି କରିବା ଦିଗରେ ଶିକ୍ଷକମାନଙ୍କ ପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଡଃ ଅଭିମନ୍ୟୁ ସେଠିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ପର୍ଯ୍ୟାୟ କ୍ରମେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୋଟ ୨୭୧ ଜଣ ଶିକ୍ଷକ/ଶିକ୍ଷୟତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । କିଶୋର ଅବସ୍ଥାରେ ଶାରୀରିକ ଗଠନରେ ହେଉଥିବା ପରିବର୍ତ୍ତନ ଛାତ୍ରଛାତ୍ରୀଙ୍କ ମନରେ ଦ୍ୱନ୍ଦ ସୃଷ୍ଟି କରିଥାଏ। ଏହି ଦ୍ୱନ୍ଦ୍ୱକୁ ଦୂରକରିବା ସହ ସେମାନଙ୍କ ମଧ୍ୟରେ ସକାରାତ୍ମକ ମନୋଭାବ ସୃଷ୍ଟି କରି ବ୍ୟକ୍ତିତ୍ୱର ବିକାଶ କରିବା ଏହି ପ୍ରଶିକ୍ଷଣ ଶିବିରର ମୂଳ ଉଦ୍ଦେଶ୍ୟ ଥିଲା । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବି ଆର ସି ସି ତପସ୍ୱିନୀ ଦାଶଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ୩ ଜଣ ଦକ୍ଷ ସାଧନ କର୍ମୀ ଚିତ୍ତରଞ୍ଜନ ମହାପାତ୍ର, ତ୍ରିଶା ପ୍ରଧାନ ଓ କାର୍ତ୍ତିକ ଚନ୍ଦ୍ର ପ୍ରଧାନ ପ୍ରଶିକ୍ଷଣ ଦେଇଥିଲେ ।

# ପ୍ରତିଷ୍ଠା ହେବ ବିଶ୍ୱବିଦ୍ୟାଳୟ, ଖୁସୀ ମନାଇଲେ ବିଜେପି କର୍ମୀ



**ଜଗତସିଂହପୁର, ୨୧।୨(ସଂଚାର ବ୍ୟୁର)ଃ** ଜଗତସିଂହପୁର ଜିଲ୍ଲା ରେ ହେବ ବିଶ୍ୱ ବିଦ୍ୟାଳୟ ପାରାଦ୍ୱୀପ ରେ ହେବ ଇଞ୍ଜିୟରିଂ କଲେଜ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ ଅଧିବେଶନ ରେ ଘୋଷଣା କରିଛନ୍ତି। ଏହି ପରିପେକ୍ଷୀରେ ଜଗତସିଂହପୁର ବିଧାୟକ ଙ୍କ ସମର୍ଥକ ଭାରତୀୟ ଜନତା ପାର୍ଟି ର କର୍ମକର୍ତ୍ତା, ଯୁବ ଛାତ୍ର ସଂଗଠନ ର ପ୍ରମୁଖ କର୍ମକର୍ତ୍ତା ଜଗତସିଂହପୁର ଥାନା ଛକ ରେ ବାଣ ଫୁଟାଇ ଖୁସୀ ମନାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଙ୍କୁ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମ ରେ ଜଗତସିଂହପୁର ପୌର ପରିଷଦ ର ବିଧାୟକ ଙ୍କ ପ୍ରତିନିଧି ସୁଶାନ୍ତ ସ୍ୱାଇଁ, ବରିଷ୍ଠ ନେତା ଶ୍ରୀକାନ୍ତ ଚୌଧୁରୀ, ସୌମ୍ୟକାନ୍ତ ଦାସ, ଅଶ୍ୱିନୀ ବାରିକ, କୃଷ୍ଣ ଚନ୍ଦ୍ର ସେଠୀ, ସୌମ୍ୟ ରଞ୍ଜନ ସାହୁ, ସେକ ନାସିର ଉଦ୍ଦିନ, ମନୋଜ ସିଂ ନିହାର ବାରିକ, ଲିପୁ ମହାନ୍ତି, ସମୀର ପଟ୍ଟନାୟକ, ସାଇଦତ୍ତ ମହାନ୍ତି, ରାହୁଲ ସ୍ୱାଇଁ, ଅଭିମନ୍ୟୁ ସ୍ୱାଇଁ।

# ଆର୍‌ଟିଆଇ ଅବମାନନା ଅଭିଯୋଗରେ ବିଡିଓଙ୍କୁ ଦଣ୍ଡ



**ଧାମନଗର,୨୦।୨(ସଂଚାର ବ୍ୟୁରୋ)ଃ** ଧାମନଗର ବ୍ଲକରେ ୩ ବର୍ଷରୁ ଅଧିକ ସମୟ ଧରି ଇନ୍ଦ୍ର, ଚନ୍ଦ୍ର ମାନୁ ନଥିବା ବାହୁବଳି ବିଡ଼ିଓ ବନବିହାରୀ ଦିନ୍ଦା ସୂଚନା ଅଧିକାର ଆଇନର ନିୟମ ଅନୁସରଣରେ ଅବହେଳା ଓ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତଥ୍ୟ ପ୍ରଦାନ ନକରିବା ଅଭିଯୋଗରେ ଓଡିଶା ସୂଚନା ଆୟୋଗ ପକ୍ଷରୁ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକର ୪ବିଭାଗର ଅଧିକାରୀଙ୍କୁ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଆୟୋଗଙ୍କ ଏହି କଡ଼ା ପଦକ୍ଷେପ ପ୍ରଶାସନିକ ମଞ୍ଚରେ ଚର୍ଚ୍ଚାକୁ ଜୋର ଦେଇଛି। ସୂଚନା ଅନୁଯାୟୀ ୨୦୨୩ ଅପ୍ରେଲ ୧୦ ତାରିଖରେ ସୂଚନା ଅଧିକାର କର୍ମୀ ଭଦ୍ରକର ବିକାଶ ଧଳ ଧାମନଗର ବ୍ଲକ ଜନ ସୂଚନା ଅଧିକାରୀଙ୍କୁ ଆବେଦନ କରି 'ମୋ ପୋଖରୀ' 'ପ୍ରଧାନମନ୍ତ୍ରୀ/ଇନ୍ଦିରା ଆବାସ' 'ମଧୁବାବୁ ପେନସନ(ଭତ୍ତା)' ଓ 'ସ୍ୱଚ୍ଛ ଭାରତ ମିଶନ(ପାଇଖାନା)' ଯୋଜନାରେ ଗତ ୧୦ ବର୍ଷ ମଧ୍ୟରେ ଉପକୃତ ହୋଇଥିବା ହିତାଧିକାରୀଙ୍କ ସଂପୂର୍ଣ୍ଣ ବିବରଣୀ ଚାହିଁଥିଲେ। କିନ୍ତୁ ନିର୍ଦ୍ଦିଷ୍ଟ ସମୟରେ ତଥ୍ୟ ନ ମିଳିବାରୁ ସେ ୨୦୨୩ ମେ ୨୨ ତାରିଖରେ ପ୍ରଥମ ଅପିଲ ଓ ପରେ ୨୦୨୩ ଜୁଲାଇ ୧୪ ତାରିଖରେ ଦ୍ୱିତୀୟ ଅପିଲ ଆୟୋଗଙ୍କ ଠାରେ ଦାଖଲ କରିଥିଲେ। ଦ୍ୱିତୀୟ ଅପିଲ ସଂଖ୍ୟା (୨୬୨୬/୨୩) ରେ ଆୟୋଗ ମାମଲାକୁ ଗ୍ରହଣ କରି ୨୦୨୫ ନଭେମ୍ବର ୨୭ ତାରିଖରେ ବିଚାର କରିଥିଲେ। ବିଚାର ସମୟରେ ଆବେଦକ ଉପସ୍ଥିତ ଥିବା ବେଳେ ବ୍ଲକ ପକ୍ଷରୁ ଜନ ସୂଚନା ଅଧିକାରୀ, ବିଏସଏସଓ ଯଶୋଦା ସାହୁ ଓ ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଶର୍ମିଷ୍ଠା ମଲ୍ଲିକ ଉପସ୍ଥିତ ହୋଇଥିଲେ। ସମ୍ପୃକ୍ତ ବିଭାଗମାନଙ୍କୁ ପୁନଃପୁନଃ ଚିଠି ମାଧ୍ୟମରେ ଅବଗତ କରାଯାଇଥିଲେ ମଧ୍ୟ ତଥ୍ୟ ଦାଖଲ ହୋଇନଥିବା ଆୟୋଗଙ୍କ ସୂଚନାଯୋଗ୍ୟ ହୋଇଥିଲା। ଏହା ପରେ ଆୟୋଗ କାରଣ ଦର୍ଶାଅ ନୋଟିସ ଜାରୀ କରିଥିଲେ। ଗତ ଜାନୁଆରୀ ୭ ତାରିଖରେ ଉତ୍ତର ବିଚାର କରି ଏପିଓ ପୀୟୂଷ ରାଉତ (ଏନଆରଇଜିଏ), ବିପିସି (ରୁରାଲ ହାଉସିଂ) ପ୍ରସାନ୍ତ ବାରିକ୍, ଭାରପ୍ରାପ୍ତ ବିଏସଏସଓ ଅରୁଣ ବାସନ୍ତିଆ ଓ ବିଆରସି (ସ୍ୱଚ୍ଛ ଭାରତ ମିଶନ) ଲକ୍ଷ୍ମୀଧର ରାଉଳଙ୍କୁ ସୂଚନା ଅଧିକାର ଆଇନ ଅବମାନନାରେ ପ୍ରତ୍ୟେକଙ୍କୁ ୪ ହଜାର ଟଙ୍କା ଅର୍ଥଦଣ୍ଡ ଜରିମାନା କରାଯାଇ ମୋଟ ୧୬ ହଜାର ଟଙ୍କା ଦେବାଲାଗି ୧୭ ତାରିଖ ଧାମନଗର ବିଡିଓଙ୍କୁ ନିର୍ଦ୍ଦେଶ ପହଞ୍ଚିଛି। ଚିଠି ପାଇବାର ୩୦ ଦିନ ମଧ୍ୟରେ ଜୋରିମାନା ପୈଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦିଷ୍ଟ ସମୟରେ ଅର୍ଥ ପୈଠ ନ କରାଗଲେ, ଆସନ୍ତା ମାର୍ଚ୍ଚ ୨୦୨୬ରୁ ସମ୍ପୃକ୍ତ ଅଧିକାରୀଙ୍କ ବେତନରୁ ୨ଟି କିସ୍ତିରେ ଅର୍ଥ ଆଦାୟ କରି ଏହାର ରିପୋର୍ଟ ଆୟୋଗଙ୍କ ରେଜିଷ୍ଟ୍ରାରଙ୍କୁ ଦାଖଲ କରିବାକୁ ବ୍ଲକ ଉନ୍ନୟନ ଅଧିକାରୀ ବନ ବିହାରୀ ଦିନ୍ଦାଙ୍କୁ ଆୟୋଗ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଅଧିକାର ଆଇନର ପାଳନ ନିମନ୍ତେ ଆୟୋଗଙ୍କ ଏହି ପଦକ୍ଷେପକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରିଥିବା ଦେଖାଯାଉଛି।